78th YEAR OF PUBLICATION

ପ୍ରଜାତନ୍ତ୍ର ପ୍ରଚାର ସମିତି

ପ୍ରତିଷ୍ଠାତା-ଉତ୍କଳକେଶରୀ ଡକ୍ଟର ହରେକୃଷ୍ଣ ମହତାବ

# ପ୍ରଜାତନ୍ତ୍ର
The Prajatantra

ମୀନାବଜାର

ମୂଲ୍ୟ: ୨୦ଟଙ୍କା ମାତ୍ର

ପ୍ରଜାତନ୍ତ୍ର ପ୍ରଚାର ସମିତିପକ୍ଷରୁ ପ୍ରକାଶିତ

fb.com/prajatantra.pracharsamity.9 @the_prajatantra theprajatantra@yahoo.com www.theprajatantra.org

୭୮ବର୍ଷ ■ ସଂଖ୍ୟା-୩୪୨● କଟକ● ଗୁରୁବାର ● ୧୭ ଜୁଲାଇ-୨୦୨୫● କର୍କଟ- ୬ ●ସାଲ୍ ୧୪୩୧

CUTTACK• THURSDAY • 17 July-2025 • RNI Regd.No.4001/57

ମୂଲ୍ୟ: ₹ ୫ ଟଙ୍କା

## ରାଜ୍ୟ କ୍ୟାବିନେଟ୍‌ରେ ୧୩ ପ୍ରସ୍ତାବକୁ ମଞ୍ଜୁରି



ଭୁବନେଶ୍ୱର,(ପିପିଏସ୍): ରାଜ୍ୟ କ୍ୟାବିନେଟ୍ ବୈଠକରେ ୧୧ଟି ବିଭାଗର ୧୩ଟି ଗୁରୁତ୍ୱପୂର୍ଣ୍ଣ ପ୍ରସ୍ତାବକୁ ମଞ୍ଜୁରୀ ମିଳିଛି। ବୈଠକ ପରେ ମୁଖ୍ୟସଚିବ ଏହି ସୂଚନା ପ୍ରଦାନ କରିଛନ୍ତି। ମଞ୍ଜୁର ହୋଇଥିବା ପ୍ରସ୍ତାବ ମଧ୍ୟରେ ମୟୂରଭଞ୍ଜ ଜିଲାର ରାଇରଙ୍ଗପୁରରେ ଏକ ନୂତନ ପୁଲିସ ଜିଲା ଖୋଲିବା ନିଷ୍ପତ୍ତି ଅନ୍ୟତମ। ଏହା ସହିତ ଏମର୍ଜେନ୍ସି ରେସପନ୍ସ ସପୋର୍ଟ ସିଷ୍ଟମ ପାଇଁ ମଞ୍ଜୁରୀ ମିଳିଛି, ଯାହା ଅଧୀନରେ ୪,୧୯୫ଟି ନୂତନ ପୋଷ୍ଟ ସୃଷ୍ଟିହେବ। ଏହି ସିଷ୍ଟମ ଜରୁରୀ ସେବାକୁ ଅଧିକ ସୁଦୃଢ଼ କରିବ। ଓଡ଼ିଶା ଆଦର୍ଶ ବିଦ୍ୟାଳୟଗୁଡ଼ିକରେ ମାସିକ ହଷ୍ଟେଲ ଫି’ ୨,୦୦୦ ଟଙ୍କା ଛାଡ଼ କରାଯାଇଛି। ଏହା ଛାତ୍ରଛାତ୍ରୀଙ୍କ ପାଇଁ ଆର୍ଥିକ ବୋଝକୁ ହ୍ରାସ କରିବ। ଏହା ସହିତ, ‘ସମୃଦ୍ଧ ସହର ଯୋଜନା’କୁ କ୍ୟାବିନେଟ୍‌ରେ ଅନୁମୋଦନ ମିଳିଛି। ଏହି ଯୋଜନା ପାଇଁ ୪,୮୭୯.୩୦ କୋଟି ଟଙ୍କା ବ୍ୟୟ ଅଟକଳ କରାଯାଇଛି। ୨୦୩୬ ସୁଦ୍ଧା ବିକଶିତ ଓଡ଼ିଶା ଗଠନ ଲକ୍ଷ୍ୟରେ ଏହି ଯୋଜନା ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ। ମୁଖ୍ୟ ଶାସନ ସଚିବ କହିଛନ୍ତି ଯେ ଏହି ନିଷ୍ପତ୍ତିଗୁଡ଼ିକ ରାଜ୍ୟର ସୁରକ୍ଷା, ଶିକ୍ଷା ଓ ନଗର ବିକାଶକୁ ଅଧିକ ସୁଦୃଢ଼ କରିବ।

### ଏଫ୍‌ଏମ କଲେଜ ଛାତ୍ରୀଙ୍କ ଆତ୍ମାହୁତିଜନିତ ମୃତ୍ୟୁ ପ୍ରତିବାଦ

# ବିଜେଡିର ‘ଆହତ’ ନାଟକ !

## କୌଣସିପ୍ରକାରର ରବର ବୁଲେଟ୍ ଫାୟାର କରାଯାଇନି: ଡିଜିପି

ଭୁବନେଶ୍ୱର,(ପିପିଏସ୍):

ବାଲେଶ୍ୱର ଏଫଏମ କଲେଜ ଛାତ୍ରୀଙ୍କ ଆତ୍ମାହୁତିଜନିତ ମୃତ୍ୟୁ ପ୍ରତିବାଦରେ ବିଜେଡି ପକ୍ଷରୁ ବୁଧବାର ‘ସଚିବାଳୟ ଘେରଉ’ ଉଦ୍ୟମକୁ ପୁଲିସ ବିଫଳ କରିଛି। ବ୍ୟାରିକେଡ୍ ଭାଙ୍ଗିବା ପାଇଁ ପ୍ରୟାସବେଳେ ପୁଲିସ ସହ ମୁହାଁମୁହିଁ ଓ ଧସ୍ତାଧସ୍ତିବେଳେ ପୁଲିସର ପାଣିମାଡ଼, ଟିୟର ଗ୍ୟାସ୍ ଓ ରବର ବୁଲେଟ୍ ପ୍ରୟୋଗବେଳେ କିଛି ବିଜେଡି ନେତା-କର୍ମୀ ଆହତ ହୋଇଥିବା ସୂଚନା ମିଳିଛି । ତେବେ ଯାଜପୁର ଜିଲ୍ଲାର ୩ଜଣ ବିଜେଡି ନେତା ପ୍ରଣବପ୍ରକାଶ ଦାସ(ବବି), ପ୍ରୀତିରଞ୍ଜନ ଘଡ଼େଇ(ଡାନି) ଓ ସୁଲତା ଦେଓ ସତରେ ରବର ବୁଲେଟ୍ ମାଡ଼ରେ ଗୁରୁତର ହୋଇଛନ୍ତି ନା ଦଳରେ ନିଜର ପ୍ରଭାବ ବୃଦ୍ଧି ଓ ବାହାବା ସାଉଁଟିବାକୁ ହସ୍ପିଟାଲର ଆଇସିୟୁରେ ଭର୍ତ୍ତି ହେବାର ରାଜନୀତିକ ନାଟକବାଜି କରୁଛନ୍ତି ତାକୁ ନେଇ ସାଧାରଣରେ ପ୍ରଶ୍ନ ଉଠିଛି। ଏହି ଘେରାଉ କାର୍ଯ୍ୟକ୍ରମରେ ପୁଲିସର ପାଣିମାଡ଼, ଲୁହବୁହା ଗ୍ୟାସ ଓ ରବର ବୁଲେଟ୍ ମାଡ଼ରେ ବିଜେଡିର ୧୦୦ରୁ ଅଧିକ କର୍ମୀ-ନେତା ଆହତ ହୋଇଥିବା ନେଇ ଦଳ ପକ୍ଷରୁ ଦାବି କରାଯାଉଥିବାବେଳେ ଏହି ୩ଜଣ ନେତାଙ୍କ ମଧ୍ୟରୁ ୨ଜଣ ଘରୋଇ ହସ୍ପିଟାଲର ଆଇସିୟୁରେ ଭର୍ତ୍ତି ହେବା ସୋସିଆଲ ମିଡିଆରେ ଚର୍ଚ୍ଚାର ବିଷୟ ପାଲଟିଛି। ତେବେ କୌଣସିପ୍ରକାରର ରବର ବୁଲେଟ୍ ଫାୟାର କରାଯାଇନି ବୋଲି ନିଜେ ପୁଲିସ କମିଶନର ଦେବଦତ୍ତ ସିଂ ସ୍ପଷ୍ଟ କରିଥିବାବେଳେ ବିଜେଡି ନେତାମାନେ କିଭଳି ବୁଲେଟ୍ ଲାଗିଛି ବୋଲି ଦାବିକରୁଛନ୍ତି ତାହା ଆଶ୍ଚର୍ଯ୍ୟ କରିଛି। ରାଜ୍ୟର ବିଜେପି ସରକାର ଯଦି ଏହି ନେତାମାନଙ୍କ ‘ଆହତ’ର ଡାକ୍ତରୀ ରିପୋର୍ଟକୁ ସାର୍ବଜନୀନ କରନ୍ତେ ନିଶ୍ଚିତ ଭାବେ ସେମାନଙ୍କର ଅସଲ ମୁଖା ପଦାରେ ପଡ଼ିପାରନ୍ତା ବୋଲି ସାଧାରଣରେ ଚର୍ଚ୍ଚା।

ଏଫଏମ ଛାତ୍ରୀଙ୍କ ମୃତ୍ୟୁ ଘଟଣାର ବିଚାରବିଭାଗୀୟ ତଦନ୍ତ ଦାବି, ଉଚ୍ଚଶିକ୍ଷା ମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀଙ୍କ ଇସ୍ତଫା ଏବଂ ମୃତକଙ୍କ ପରିବାରକୁ ୨କୋଟି ଟଙ୍କା କ୍ଷତିପୂରଣ ପ୍ରଦାନ ଆଦି ଦାବିରେ ବିଜେଡି ପକ୍ଷରୁ ଆଜି ପୂର୍ବାହ୍ନରେ ସଚିବାଳୟ ଘେରାଉ ପାଇଁ ଉଦ୍ୟମ କରାଯାଇଥିଲା। ଦଳର ପ୍ରାୟ ୨ରୁ ୩ହଜାର କର୍ମୀ-ନେତା ରାଜଧାନୀ ଭୁବନେଶ୍ୱରର ମହାତ୍ମାଗାନ୍ଧି ମାର୍ଗରେ ଏକଜୁଟ ହୋଇ ସଚିବାଳୟ ବା ଲୋକସେବା ଭବନ ଆଡ଼କୁ ଯିବା ପାଇଁ ଉଦ୍ୟମ କରୁଥିବାବେଳେ ପୁଲିସ ସହ ମୁହାଁମୁହିଁ ଓ ଧସ୍ତାଧସ୍ତି ହୋଇଥିଲେ। ବ୍ୟାରିକେଡ୍ ଭାଙ୍ଗିବା ପାଇଁ ଉଦ୍ୟମବେଳେ ପୁଲିସ ସେମାନଙ୍କୁ ପ୍ରଥମେ ବୁଝାସୁଝା ଓ ପରେ ଘଉଡ଼ାଇବାକୁ ପାଣିମାଡ଼, ଟିୟର ଗ୍ୟାସ୍ ଓ ରବର ବୁଲେଟ୍ ମାଡ଼ କରିଥିଲା। ପୁଲିସର ତ୍ୱରିତ୍ କାର୍ଯ୍ୟାନୁଷ୍ଠାନ ଯୋଗୁ ବିଜେଡିର ଏହି ଘେରାଉ କାର୍ଯ୍ୟକ୍ରମ ଦେଢ଼ ଘଣ୍ଟାରୁ ବି ଅଧିକ ସମୟ ଚାଲିବା ସମ୍ଭବପର ହୋଇପାରିନଥିଲା। ପୁଲିସର କାର୍ଯ୍ୟାନୁଷ୍ଠାନ ପରେ ବିଜେଡି କର୍ମୀ-ନେତାମାନେ ଛତ୍ରଭଙ୍ଗ ଦେଇଥିଲେ। କିଛି ବରିଷ୍ଠ ନେତା-କର୍ମୀଙ୍କୁ ପୁଲିସ ପ୍ରଥମେ ଅଟକ ରଖି ପରେ ଛାଡ଼ି ଦେଇଥିବା ଜଣାପଡ଼ିଛି। ଦଳ ପକ୍ଷରୁ ଶଙ୍ଖଭବନରେ ବୟାନ କରାଯାଇ ପୁଲିସର ଏଭଳି କାର୍ଯ୍ୟାନୁଷ୍ଠାନକୁ ନିନ୍ଦା କରାଯାଇଛି। ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକ ଶାନ୍ତିପୂର୍ଣ୍ଣ ଆନ୍ଦୋଳନକାରୀଙ୍କ ଉପରେ ପୁଲିସର ଅତ୍ୟାଚାରକୁ ବର୍ବୋରୋଚିତ ବୋଲି କହିବା ସହ ବବି-ଡାନି ଓ ସୁଲତାଙ୍କ ସହ ଫୋନରେ କଥା ହୋଇଛନ୍ତି। ମାତ୍ର ଦଳର ଅନ୍ୟ ଆହତ କର୍ମୀମାନଙ୍କୁ ଭୁଲି ଯାଇଥିବା ଜଣାପଡ଼ିଛି। ବବି ଆପୋଲୋ ହସ୍ପିଟାଲର ଆଇସିୟୁରେ ଓ ଡାନି ନିଜ ପରିବାର ମାଲିକାନାରେ ଥିବା ଉତ୍କଳ ହସ୍ପିଟାଲର ଆଇସିୟୁରେ ଏବଂ ସୁଲତା ଏବେ କ୍ୟାପିଟାଲ ହସ୍ପିଟାଲରେ ଚିକିତ୍ସାଧୀନ ଥିବା ସୂଚନା ମିଳିଛି। ତେବେ ଯାଜପୁରର ଏହି ୩ନେତା ଆହତ ହୋଇ ହସ୍ପିଟାଲରେ ଭର୍ତ୍ତି ହେବା ଘଟଣାକୁ ନେଇ ସୋସିଆଲ ମିଡିଆରେ ନାନାଦି ଚର୍ଚ୍ଚା ଜୋରଧରିଛି। ଦଳରେ ନିଜର ଗୁରୁତ୍ୱ ବୃଦ୍ଧି କରିବା, ଆଜିର ଆନ୍ଦୋଳନର ନେତୃତ୍ୱ ସେମାନେ ନେଉଥିବାର ଦର୍ଶାଇବା ଆଦି ପାଇଁ ‘ଆହତ’ର ନାଟକ ସେମାନେ କରୁଥିବା ନେଇ ସୋସିଆଲ ମିଡିଆରେ ପ୍ରତିକ୍ରିୟା ଦେଖିବାକୁ ମିଳିଛି। ପ୍ରତ୍ୟକ୍ଷଦର୍ଶୀଙ୍କ ବୟାନ, ବିଜେଡି ଓ ହସ୍ପିଟାଲ ସୂତ୍ର ଅନୁସାରେ ଏହି ୩ ନେତା କେବଳ ଗଣମାଧ୍ୟମରେ ଚର୍ଚ୍ଚାରେ ରହିବା, ନିଜର ଗୁରୁତ୍ୱ ବୃଦ୍ଧି ଓ ପୁଲିସର ମାତ୍ରାଧିକ କାର୍ଯ୍ୟାନୁଷ୍ଠାନର ସନ୍ଦେଶ ଦେବା ପାଇଁ ହସ୍ପିଟାଲରେ ଭର୍ତ୍ତି ହୋଇଛନ୍ତି। ପ୍ରତ୍ୟକ୍ଷଦର୍ଶୀ ଓ ବିଜେଡି ସୂତ୍ର ଅନୁସାରେ, ମହାତ୍ମା ଗାନ୍ଧି ମାର୍ଗରେ ବିକ୍ଷୋଭବେଳେ ପୁଲିସର ରବର ବୁଲେଟ୍ ତାଙ୍କ ବାମ ଗୋଡ଼ରେ ବାଜି ଆହତ ହୋଇଥିବା ନେଇ ସୂଚନା ମିଳିଥିଲା । ଆହତ ହେବାପରେ ବବି ବିକ୍ଷୋଭସ୍ଥଳରୁ କଂଗ୍ରେସ ଭବନ ପର୍ଯ୍ୟନ୍ତ ପ୍ରାୟ ୩୦୦ମିଟର ପାଦରେ ଚାଲି ଚାଲି ନିଜ ଗାଡ଼ି ପାଖକୁ ଆସିଥିଲେ । ସମସ୍ତେ ଭାବିଥିଲେ ଆହତ ବବି ହସ୍ପିଟାଲ ଗଲେ । ମାତ୍ର ବବି ନିଜ ସୂର୍ଯ୍ୟନଗରସ୍ଥିତ ବାସଭବନକୁ ଯାଇ ସେଠାରୁ ଆପୋଲୋ ହସ୍ପିଟାଲ ଯାଇଥିଲେ। ଆଉ ଆପୋଲୋ ହସ୍ପିଟାଲରେ ତାଙ୍କୁ ସଙ୍ଗେସଙ୍ଗେ ଆଇସିୟୁରେ ଭର୍ତ୍ତି କରାଯାଇ ବିଭିନ୍ନ ପ୍ରକାରର ସ୍ୱାସ୍ଥ୍ୟ ପରୀକ୍ଷାନିରୀକ୍ଷା କରାଯାଇଥିଲା। ତେବେ ପ୍ରଶ୍ନ ଉଠୁଛି, ବବି କ’ଣ ସତରେ ରବର ବୁଲେଟ ମାଡ଼ରେ ଏତେ ଗୁରୁତର ହୋଇପଡ଼ିଲେ ଯେ ୩୦୦ମିଟର ଚାଲିଚାଲି ଯାଇଥିବା ବବିଙ୍କୁ ସରକାରୀ ହସ୍ପିଟାଲ ଛାଡ଼ି ଘରୋଇ ହସ୍ପିଟାଲରେ ଭର୍ତ୍ତି ହେବାକୁ ପଡ଼ିଲା । ଦଳରେ ନିଜର ଗ୍ରହଣୀୟତା ବଢ଼ାଇବା, ଗୁରୁତ୍ୱ ବୃଦ୍ଧି ଓ ଗଣମାଧ୍ୟମର ଦୃଷ୍ଟି ଆକର୍ଷଣ କରି ସହାନୁଭୂତି ଓ ବାହାବା ସାଉଁଟିବା ପାଇଁ ଏହା କ’ଣ ବବିଙ୍କ ଚାଲ୍ ନା ବାସ୍ତବରେ ସେ ଗୁରୁତର ଅଛନ୍ତି । ଯଦି ପୁଲିସର ରବର ବୁଲେଟ୍ ମାଡ଼ରେ ବବିଙ୍କ ଭଳି ବିରୋଧୀ ଦଳର ଜଣେ ପ୍ରଭାବଶାଳୀ ନେତା ଗୁରୁତର ଅଛନ୍ତି ତା’ହେଲେ ମୋହନ ସରକାର ତୁରନ୍ତ ଏକ ଡାକ୍ତରୀ ଟିମ୍ ଗଠନ କରି ତାଙ୍କର ସ୍ୱାସ୍ଥ୍ୟ ପରୀକ୍ଷା କରିବାର ଆବଶ୍ୟକତା ରହିଥିବା ସାଧାରଣରେ ଦାବି ହେଉଛି। ବିଜେଡିର ସଚିବାଳୟ ଘେରାଉ ଓ ଏହି ନେତାମାନଙ୍କର ‘ଆହତ’ ଘଟଣାକୁ ନେଇ ଦଳ ନିଜର ରାଜନୀତିକ ଗୋଟିଚାଳନା କରିବାକୁ ରଣନୀତି ପ୍ରସ୍ତୁତ କରିଥିବା ଜଣାପଡ଼ିଛି । ସଂସଦ ପରିସରରେ ଗତବର୍ଷ ଡିସେମ୍ବର ମାସରେ ବିଜେପି ସାଂସଦ ପ୍ରତାପ ଷଡ଼ଙ୍ଗୀ ପଡ଼ି ଆହତ ହେବା ଘଟଣାକୁ ରାଜନୀତିକ ଡ୍ରାମା ବୋଲି କଟାକ୍ଷ କରୁଥିବା ବିଜେଡି ନେତାମାନେ ଏବେ ନିଜ ଦଳର ନେତାମାନଙ୍କର ଏହି ନାଟକବାଜିକୁ କ’ଣ କହିବେ ବୋଲି ସାଧାରଣରେ ପ୍ରଶ୍ନଉଠିଛି।

## ଆଜି କଂଗ୍ରେସର ୧୨ଘଣ୍ଟିଆ ବନ୍ଦ

ଭୁବନେଶ୍ୱର,(ପିପିଏସ୍): ଏଫଏମ୍ କଲେଜ ଛାତ୍ରୀ ମୃତ୍ୟୁ ଘଟଣାରେ ସରକାରଙ୍କ ବିଫଳତା ପ୍ରତିବାଦରେ ଗୁରୁବାର ୧୨ଘଣ୍ଟିଆ ଓଡ଼ିଶା ବନ୍ଦ ପାଳନହେବ। କଂଗ୍ରେସ ନେତୃତ୍ୱରେ ଏହି ବନ୍ଦକୁ ୮ଟି ରାଜନୀତିକ ଦଳ ସମେତ ବିଭିନ୍ନ କୃଷକ ସଂଗଠନ, ଟ୍ରେଡ ୟୁନିଅନ, ସ୍ୱେଚ୍ଛାସେବୀ ସଂଗଠନ ଆଦି ସମର୍ଥନ କରିବେ। ଏହି ବନ୍ଦକୁ ବିଜେଡି ନୈତିକ ସମର୍ଥନ ଦେବାକୁ ଘୋଷଣା କରିଛି। ସକାଳ ୬ଟାରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ରାଜ୍ୟବ୍ୟାପୀ ପାଳନ ହେବାକୁ ଥିବା ଏହି ବନ୍ଦକୁ ଦୃଷ୍ଟିରେ ରଖି ପ୍ରଦେଶ କଂଗ୍ରେସ ସଭାପତି ଭକ୍ତଚରଣ ଦାସ ଜନସାଧାରଣଙ୍କୁ ଅପିଲ୍ କରିବା ସହ ଯେଉଁ ଅସୁବିଧା ହେବ ସେଥିପାଇଁ ଆଗୁଆ କ୍ଷମା ପ୍ରାର୍ଥନା କରିଛନ୍ତି। ଅତ୍ୟାବଶ୍ୟକ ସେବାକୁ ବାଦ୍ ଦେଇ ରାଜ୍ୟରେ ଉଭୟ ସରକାରୀ-ବେସରକାରୀ ପରିବହନ ସେବା, ଟ୍ରେନ ସେବା, ସରକାରୀ-ବେସରକାରୀ ଅଫିସ୍ , ଶିକ୍ଷାନୁଷ୍ଠାନ, ବ୍ୟାଙ୍କ ଆଦିକୁ ଠପ୍ କରିଦିଆଯିବ ବୋଲି କଂଗ୍ରେସ ସୂଚନା ଦେଇଛି। ରାଜ୍ୟରେ ନାରୀ ସୁରକ୍ଷା ଓ ଆଇନର ଶାସନ ପ୍ରତିଷ୍ଠା ନ ହେବା ଯାଏ, ସଡ଼କରୁ ସଂସଦ ଯାଏ ଏହି ଲଢ଼େଇ ଜାରି ରହିବ ବୋଲି ମଧ୍ୟ ବନ୍ଦକୁ ସମର୍ଥନ କରୁଥିବା ରାଜନୀତିକ ଦଳଗୁଡ଼ିକ ସୂଚନା ଦେଇଛନ୍ତି। ସକାଳ ୬ଟାରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ରାଜ୍ୟବ୍ୟାପୀ ବନ୍ଦ ପାଳନ ହେବ। ରାଜନୀତିକ ଦଳଗୁଡ଼ିକର ଅପିଲ ଓ ପିକେଟିଂକୁ ଦୃଷ୍ଟିରେ ରଖି ରାଜ୍ୟରେ ଦୋକାନ, ବଜାର ଓ ବ୍ୟାବସାୟିକ ପ୍ରତିଷ୍ଠାନ, ବସ୍, ଅଟୋ ଓ ଅନ୍ୟାନ୍ୟ ସାର୍ବଜନୀନ ପରିବହନ ସେବା ବନ୍ଦ ରହିବ। ସରକାରୀ-ବେସରକାରୀ ପରିବହନ ସେବା ବାଧାପ୍ରାପ୍ତ ହେବାର ଆଶଙ୍କା ରହିଛି। ପେଟ୍ରୋଲ ପମ୍ପଗୁଡ଼ିକ ବନ୍ଦ ରହିବ ବୋଲି ଏହାର ସଂଘ ଘୋଷଣା କରିସାରିଥିବାବେଳେ ସରକାରୀ ଓ ବେସରକାରୀ ସ୍କୁଲ,କଲେଜ ଓ ଶିକ୍ଷାନୁଷ୍ଠାନ ମଧ୍ୟ ବନ୍ଦ ରହିବ। କୋର୍ଟ , ବ୍ୟାଙ୍କ, ବୀମା ଓ ରାଷ୍ଟ୍ରାୟତ ଉଦ୍ୟୋଗ ମଧ୍ୟ ବନ୍ଦ ରହିବ। ତେବେ ଏହି ବନ୍ଦରୁ ଅତ୍ୟାବଶ୍ୟକ ସେବା ଯଥା- ଆମ୍ବୁଲାନ୍ସ, ହସ୍ପିଟାଲ, ଔଷଧ ଦୋକାନ ଓ ଅଗ୍ନିଶମ ସେବା ବାଦ୍ ରହିବ। ୧୨ଘଣ୍ଟିଆ ବନ୍ଦରେ ରାଜ୍ୟର ପ୍ରମୁଖ ବିରୋଧୀ ଦଳ ବିଜେଡି ସିଧାସଳଖ ସାମିଲ ହୋଇନଥିଲେ ମଧ୍ୟ ନୈତିକ ସମର୍ଥନ ଦେବ ବୋଲି ସଙ୍କେତ ଦେଇଛି।




ଶ୍ରୀ ନରେନ୍ଦ୍ର ମୋଦୀ
ପ୍ରଧାନମନ୍ତ୍ରୀ



ଶ୍ରୀ ମୋହନ ଚରଣ ମାଝୀ
ମୁଖ୍ୟମନ୍ତ୍ରୀ, ଓଡ଼ିଶା

ସତ୍ୟମେବ ଜୟତେ

ଆନ୍ତର୍ଜାତିକ ସମବାୟ ବର୍ଷ ୨୦୨୫

## ୨୦୨୫ ଖରିଫ୍ ଋତୁ ପାଇଁ ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନା (PMFBY) ରେ ପଞ୍ଜିକରଣ

### ଏତଦ୍ୱାରା ରାଜ୍ୟର ସମସ୍ତ କୃଷକ ଭାଇଭଉଣୀମାନଙ୍କୁ ସୂଚିତ କରାଯାଉଅଛି ଯେ ଚଳିତ ଖରିଫ୍ ଫସଲର ବୀମା ପଞ୍ଜିକରଣ ଯଥାଶୀଘ୍ର କରାଇ ନିଅନ୍ତୁ

- ବିଜ୍ଞାପିତ ଅଞ୍ଚଳରେ ଚାଷ ହୋଇଥିବା ୮ ଗୋଟି ଫସଲ ଯଥା - **ଧାନ, ମକା, ଚିନାବାଦାମ, ମାଣ୍ଡିଆ, କପା, ହରଡ଼, ଅଦା ଓ ହଳଦୀ** ପାଇଁ ବୀମା କରାଯାଇପାରିବ ।
- ପ୍ରାକୃତିକ ଦୁର୍ବିପାକ ଦ୍ୱାରା ଫସଲ ଅମଳରେ କ୍ଷତି ହେଲେ ଏହି ଯୋଜନାରେ ଚାଷୀ ଭାଇଭଉଣୀମାନେ କ୍ଷତିପୂରଣ ପାଇପାରିବେ ।
- ଭାଗ ଚାଷୀ ମଧ୍ୟ ନିର୍ଦ୍ଧାରିତ ଫର୍ମରେ ଜମି ମାଲିକଙ୍କଠାରୁ ସହମତି ଆଣି ନିଜ ଫସଲର ପଞ୍ଜିକରଣ କରିପାରିବେ ।
- ଋଣୀ ଚାଷୀମାନେ ଋଣ ନେଇଥିବା ଅନୁଷ୍ଠାନ ଯଥା- **ପ୍ରାଥମିକ କୃଷି ସମବାୟ ସମିତି (PACS)**, **ବୃହଦାକାର ଆଦିବାସୀ ବହୁମୁଖୀ ସମବାୟ ସମିତି (LAMPCS)** ଓ **ବ୍ୟାଙ୍କ ଶାଖାରେ** ଏହି ପଞ୍ଜିକରଣ କରାଇପାରିବେ ।
- ଅଣଋଣୀ ଚାଷୀମାନେ **ଜନସେବା କେନ୍ଦ୍ର (CSC)**, **ସମବାୟ ବ୍ୟାଙ୍କ ଶାଖା ତଥା ଅନ୍ୟାନ୍ୟ ବ୍ୟାଙ୍କ ଶାଖାରେ** ଆବଶ୍ୟକୀୟ କାଗଜ ପତ୍ର ଦେଇ ଏହି ପଞ୍ଜିକରଣ କରାଇ ପାରିବେ ।
- ଏହି ପଞ୍ଜିକରଣ ପାଇଁ **ଆଧାର କାର୍ଡ (Aadhar Card)** ବାଧ୍ୟତାମୂଳକ ଅଟେ ।
- ଜଣେ ଚାଷୀ ପାଇଁ ସର୍ବାଧିକ **୫ ଏକର** ପର୍ଯ୍ୟନ୍ତ ଚାଷ ଜମିର ପଞ୍ଜିକରଣ **ବିନା କୌଣସି ଦେୟରେ** କରାଯିବ । ବ୍ୟାଙ୍କ ଆକାଉଣ୍ଟ **Validation** ପାଇଁ ଆବେଦନ ପତ୍ର ପିଛା କେବଳ ୧ ଟଙ୍କା ଦେବାକୁ ପଡ଼ିବ ।
- ଅଧିକ ବିବରଣୀ ପାଇଁ ନିକଟସ୍ଥ **କୃଷି ସମବାୟ ସମିତି (PACS/ LAMPCS)**, **ବ୍ୟାଙ୍କ ଶାଖା** କିମ୍ବା **ARCS, DRCS, CDAO** ଅଫିସରେ ଯୋଗାଯୋଗ କରନ୍ତୁ ।

**ଶେଷ ତାରିଖ ପୂର୍ବରୁ ନିଜ ଫସଲର ପଞ୍ଜିକରଣ କରାଇଦେବାକୁ ଅନୁରୋଧ**

**ପଞ୍ଜିକରଣର ଶେଷ ତାରିଖ**
**୩୧ ଜୁଲାଇ ୨୦୨୫**

ସମବାୟ ବିଭାଗ, ଓଡ଼ିଶା ସରକାର

DSPL-174 OIPR-39001/13/0028/2526




# ଆଜିର ରାଶିଫଳ

**ମେଷ** ବିଭିନ୍ନ ସୂତ୍ରରୁ ଧନଲାଭର ସୁଯୋଗ ସୃଷ୍ଟି ହୋଇଛି। ସ୍ୱରୂପ ସୌନ୍ଦର୍ଯ୍ୟପୂର୍ଣ୍ଣ ଓ ଗଠନ ପ୍ରଣାଳୀ ସୁଢ଼ଳ ହୋଇପାରେ। ପ୍ରଜ୍ଞାଶୀଳ ହେବେ। ଜଣେ ମହାମନୁଷ୍ୟର ପରିଚୟ ସୃଷ୍ଟି କରିବେ।

**ବୃଷ** ଅତି ଚତୁର ହେବେ। ପରୋପକାରୀ ହୋଇପାରନ୍ତି। ଜଣେ ବିଶିଷ୍ଟ କଥାକାରଭାବେ ସମାଜରେ ପରିଚିତ ହେବେ। ଆଚାର, ବ୍ୟବହାର ଓ ସଚ୍ଚରିତ୍ର ପାଇଁ ପୂଜ୍ୟ ପୂଜାର ଆସନ ଅଳଙ୍କୃତ କରିବେ।

**ମିଥୁନ** ଜଣେ ଦକ୍ଷ ପ୍ରଶାସକର ସକଳ ଗୁଣ ଆପଣଙ୍କ କାର୍ଯ୍ୟ କଳାପରୁ ସ୍ପଷ୍ଟ ପ୍ରତୀୟମାନ ହେଉଛି। ଜଣେ ଚରିତ୍ରବାନ୍ ବ୍ୟକ୍ତିଭାବେ ସୁଜନାନୁରକ୍ତ ହୋଇପାରନ୍ତି। ପ୍ରଣୟିନୀଙ୍କଠାରେ ଲାଭଦାୟିକା ଗୁଣ ରହିଛି।

**କର୍କଟ** ବ୍ୟାପୁଥିବା ଅଜଣା ରୋଗ କବଳରୁ ରକ୍ଷା ପାଇବା ପାଇଁ ପ୍ରତିଶେଧକ ବ୍ୟବସ୍ଥା ଗ୍ରହଣ କରିବାକୁ ପଡ଼ିବ। ଚଞ୍ଚଳମନା ହେବେ। ଚଞ୍ଚଳ ମନର ନିଗ୍ରହ କଠିନ ହୋଇପାରେ; ମାତ୍ର ଅସମ୍ଭବ ନୁହେଁ। ସୁସ୍ଥ ରହିବେ।

**ସିଂହ** ସାଧୁମାନଙ୍କ ପ୍ରତି ଅନୁରକ୍ତ ହେବେ। ଛନ୍ଦ, କପଟ ଓ ମାୟା ବିହୀନ ବ୍ୟକ୍ତିବିଶେଷ ହେବେ। ଗୁରୁମାନଙ୍କର ହିତକାରୀ ସେବକ ହେବେ। ସୂର, ବୀରମାନଙ୍କ ନିକଟରେ ପ୍ରଣୀତ ହେବେ। ସୁସ୍ଥ ରହିବେ।

**କନ୍ୟା** ଶତ୍ରୁକୁ ନିର୍ବଳ ଭାବି ହେୟ ଜ୍ଞାନ କରିବା ଉଚିତ ନୁହେଁ। ଆପଣ କଳେ, ବଳେ, କୌଶଳେ ଶତ୍ରୁ ବିନାଶ କରିପାରନ୍ତି; ମାତ୍ର ପାଉଁଶ ତଳେ ନିଆଁ ଥିବାରୁ ଅବିଶ୍ୱାସ କରି ହେବନି। ଋଣ ପରିଶୋଧ କରିପାରନ୍ତି।

**ତୁଳା** ଫଳର ଆଶା ନ ରଖି କେବଳ କର୍ମର ସମ୍ମାର୍ଗକୁ ଆଦରି ନେଇପାରନ୍ତି। ନିର୍ଭୟ ଚିତ୍ତସମ୍ପନ୍ନ ହୋଇ ପ୍ରାପ୍ତ ପରାମର୍ଶକୁ ପାଥେୟ କରି କାର୍ଯ୍ୟ କରିଚାଲିବେ। ସନ୍ତାନମାନେ ସାହାଯ୍ୟକାରୀ ହେବେ।

**ବିଛା** ଶାନ୍ତ, ସରଳ ସ୍ୱଭାବସମ୍ପନ୍ନ ହୋଇପାରନ୍ତି। ନାରୀ ହୋଇଥିଲେ ଜଣେ ମମତାମୟୀ ମାତାର ପରିଚୟ ସୃଷ୍ଟି କରିବେ। ଚତୁର ସ୍ୱଭାବସମ୍ପନ୍ନ ହୋଇପାରନ୍ତି। ସାଥୀ, ସହକର୍ମୀ ଓ ଅନୁଗତଙ୍କ ଆଜ୍ଞାକାରୀ ହେବେ।

**ଧନୁ** କର୍ମକ୍ଷେତ୍ରରେ ପ୍ରଭାବ ବିସ୍ତାର କରି ବିଶୃଙ୍ଖଳିତ ଅବସ୍ଥାକୁ ଶୃଙ୍ଖଳିତ କରିପାରନ୍ତି। ଜନସାଧାରଣଙ୍କ ହିତାକାଂକ୍ଷୀ ହୋଇପାରନ୍ତି। ବିନୀତ ସ୍ୱଭାବ ଓ ବିତ୍ତବାନ ହେବେ। ଧାର୍ମିକ ପ୍ରବୃତ୍ତିର ହୋଇପାରନ୍ତି।

**ମକର** ଧୀର ସ୍ଥିର ସ୍ୱଭାବ ପ୍ରଦର୍ଶନ କରି ଜନସାଧାରଣଙ୍କ ପ୍ରିୟପାତ୍ର ହେବେ। ସତ୍ୟନିଷ୍ଠ ମନୋଭାବର ଯଦିଓ ହେବେ; ତଥାପି କିଛିଟି ସ୍ୱାର୍ଥ ତ୍ୟାଗ କରିବାକୁ ପଡ଼ିବ। ବହୁ କଷ୍ଟରେ ଧନାଗମ ହୋଇପାରେ।

**କୁମ୍ଭ** ସଦାସର୍ବଦା ବିନୀତ ସ୍ୱଭାବସମ୍ପନ୍ନ ହୋଇପାରନ୍ତି। ଆଧାତ୍ମମାର୍ଗ ତିଥିମାନଙ୍କରେ ଧର୍ମଧ୍ୱଜାଧାରୀ ହୋଇପାରନ୍ତି। ପ୍ରଭୂତ ବିତ୍ତର ଅଧିକାରୀ ହେବାର ସୂଚନା ମିଳୁଛି। ପ୍ରଥିତ ପ୍ରଭାବ ସମ୍ପନ୍ନ ହେବ।

**ମୀନ** ବେଳେ ବେଳେ ମତିଗତି ବିକ୍ଷିପ୍ତ ହୋଇପାରେ। ଆଳସ୍ୟ ପରାୟଣ ହେବାର ସୂଚନା ମିଳୁଛି। ଚକ୍ଷୁରେ ସାମାନ୍ୟ ପୀଡ଼ା ଉପୁଜିବାର ସମ୍ଭାବନା ଅଛି। ବହୁ ବ୍ୟୟକାରୀ ହେବେ। ଧାର୍ମିକ ପ୍ରବୃତ୍ତିର ହେବେ।

# ଫଟା ଜିନ୍ସ ପିନ୍ଧୁଛନ୍ତି କି ?



ଜଣେ ବ୍ୟକ୍ତିର ପରିଚୟ ତାର ପୋଷାକରୁ ମିଳିଥାଏ। ପୋଷାକ ଶରୀରକୁ ଘୋଡ଼ାଇ ରଖିବା ସହ ଆମ ବ୍ୟକ୍ତିତ୍ୱ, ଚରିତ୍ର, ବ୍ୟବହାର ଓ ଆତ୍ମବିଶ୍ୱାସକୁ ଦର୍ଶାଇଥାଏ। ହେଲେ ଧୀରେ ଧୀରେ ଭାରତୀୟ ସଂସ୍କୃତି ଉପରେ ପାଶ୍ଚାତ୍ୟ ସଂସ୍କୃତିର ପ୍ରଭାବ ପଡ଼ିବା ଦ୍ୱାରା ଆମ ଜୀବନ ଶୈଳୀରେ ମଧ୍ୟ ପରିବର୍ତ୍ତନ ଆସିଛି।ଆଜିକାଲି ଯୁବପିଢ଼ିମାନେ ଫଟା ଜିନ୍ସ ଓ ଟପ୍ ପିନ୍ଧିବାକୁ ବେଶ୍ ପସନ୍ଦ କରୁଛନ୍ତି। ଏପରି ପୋଷାକ ପିନ୍ଧିବା ଆମ ସଂସ୍କୃତିରେ ଶୁଭ ବୋଲି ଗ୍ରହଣ କରାଯାଇ ନଥାଏ। ଏହିପରି ପୋଷାକ ପିନ୍ଧିବା ଦ୍ୱାରା ଶୁକ୍ର ଗ୍ରହଙ୍କ ଖରାପ ଦୃଷ୍ଟି ପଡ଼ିଥାଏ ବୋଲି ଜ୍ୟୋତିଷ ଶାସ୍ତ୍ରରେ ଉଲ୍ଲେଖ ରହିଛି। ଜ୍ୟୋତିଷଶାସ୍ତ୍ର ଅନୁସାରେ, ଫଟା ପୋଷାକ ପିନ୍ଧିବା ଦ୍ୱାରା ଶାରୀରିକ କ୍ଷମତା ଏବଂ ଶକ୍ତି ନଷ୍ଟ ହୋଇଥାଏ। ଏମିତିକି ଶରୀରକୁ ଅନେକ ରୋଗ ମଧ୍ୟ ମାଡି ଆସିଥାଏ। ଶୁକ୍ର ଗ୍ରହକୁ ଆମ ଜୀବନରେ ପ୍ରେମ, ରୋମାନ୍ସ ଓ ଦାମ୍ପତ୍ୟରେ ମଧୁରତା ପାଇଁ ଉତ୍ତରାଦାୟୀ ଗ୍ରହ ବୋଲି ଗ୍ରହଣ କରାଯାଇଥାଏ। ସେହିପରି ଜ୍ୟୋତିଷ ଶାସ୍ତ୍ର ଅନୁସାରେ କଟା ଓ ଫଟା ଜିନ୍ସ ପିନ୍ଧିବା ଉଚିତ ନୁହେଁ । ଏପରି ପୋଷାକ ପିନ୍ଧିବା ଦ୍ୱାରା ସକାରାତ୍ମକ ଶକ୍ତି ନଷ୍ଟ ହେବା ସହ ନକାରାତ୍ମକ ଶକ୍ତି ଘରକୁ ପ୍ରବେଶ କରିଥାଏ।ଏହାସହିତ କଟା-ଫଟା ଜିନ୍ସ ଓ ଶାର୍ଟ ପିନ୍ଧିବା ଦ୍ୱାରା ମା’ ଲକ୍ଷ୍ମୀ ଅସନ୍ତୁଷ୍ଟ ହୋଇଥାନ୍ତି। ଧନର ଦେବୀ ଫଟା ଓ ଭଙ୍ଗା ଜିନିଷକୁ ଭଲ ପାଇ ନଥାନ୍ତି। ଏଥିପାଇଁ ଅଭାବ ଓ ଦାରିଦ୍ରତା ଦେଖାଯାଇଥାଏ।

# ଜଣ୍ଡିସ୍ କ’ଣ ? କ’ଣ ଖାଇବେ ଓ କ’ଣ ନାହିଁ ?

ଜଣ୍ଡିସ୍ ହେଉଛି ଏକ ଏଭଳି ରୋଗ ଯେଉଁଥିରେ ଆଖିର ଚର୍ମ ଧଳା ରଙ୍ଗରୁ ହଳଦିଆ ହୋଇଯାଏ । ଯେତେବେଳେ ଲାଲ ରକ୍ତ କଣିକା ଭାଙ୍ଗିବା ଆରମ୍ଭ କରେ ସେତେବେଳେ ରକ୍ତରେ ବିଲିରୁବିନର ସ୍ତର ବଢିଯାଏ । ଜଣ୍ଡିସ୍ ହେବା ମାତ୍ରେ ଖାଦ୍ୟ ପାନୀୟରେ ବିଶେଷ ଯତ୍ନ ନେବା ଆବଶ୍ୟକ । ଜଣ୍ଡିସ୍ ହେଉଛି ଏପରି ଏକ ରୋଗ ଯାହା ଯକୃତରେ ପରିବର୍ତ୍ତନ ଏବଂ ରକ୍ତରେ ବିଲିରୁବିନର ସ୍ତରକୁ ବଢାଇଥାଏ । ଏହି କାରଣରୁ ଚର୍ମ ଏବଂ ଆଭ୍ୟନ୍ତରୀଣ ଅଙ୍ଗ ହଳଦିଆ ପଡିଯାଏ ।



ଜଣ୍ଡିସ୍ ର କେତେକ ସାଧାରଣ ଲକ୍ଷଣ ରହିଛି । ସେଥିମଧ୍ୟରୁ ଚର୍ମ ଆଭ୍ୟନ୍ତରୀଣ ଅଙ୍ଗ ହଳଦିଆ ପଡିବା, ପେଟ ଯନ୍ତ୍ରଣା, ପେଟ ଖରାପ, ବାନ୍ତି, କାଶ, ଥକାପଣ, ପେଟ ଫୁଲିବା । ଭାଇରସ୍ ସଂକ୍ରମଣ, ଯକୃତ ରୋଗ, ଗଳା ଦରଜ ହେବା, ମଦ୍ୟପାନ କିମ୍ବା ଅନ୍ୟାନ୍ୟ ଜୀବାଣୁ ସଂକ୍ରମଣ ଭଳି ଅନେକ କାରଣରୁ ଏହି ରୋଗ ହୋଇଥାଏ । ଏଭଳି ଲକ୍ଷଣ ଦେଖାଗଲେ ଡାକ୍ତରଙ୍କ ପରାମର୍ଶ ଅନୁଯାୟୀ ମେଡିସିନ ଖାଇବା ଜରୁରୀ ।

କଣ ଖାଇବେ: ପାଣି, ଜୁସ୍, ପଇଡ ପାଣି ପ୍ରଚୁର ପରିମାଣରେ ପିଇବେ । ଫଳ ମଧ୍ୟରେ ସେଓ, ତରଭୁଜ, କମଳା, ଅଙ୍ଗୁର ଏବଂ ଡାଳିମ୍ବ ଖାଇଲେ ସ୍ୱାସ୍ଥ୍ୟ ପ୍ରତି ହିତକର ହୋଇଥାଏ । ସେହିପରି ପନିପରିବା ମଧ୍ୟରେ ଗାଜର, ଭେଣ୍ଡି, ପାଳଙ୍ଗ, ଟମାଟର ଏବଂ ଧନିଆ ଖାଇବା ଜରୁରୀ । ପ୍ରୋଟିନ ପାଇଁ ଡାଲି, ମାଛ ଏବଂ ଅଣ୍ଡା ଖାଇପାରିବେ । ସେହିଭଳି ଗାଜର ଜୁସ୍, ଟମାଟର ଜୁସ୍ ପିଇବା ଜଣ୍ଡିସ୍ ପାଇଁ ଲାଭଦାୟକ ହୋଇଥାଏ ।

କଣ ଖାଇବେ ନାହିଁ: ଅତ୍ୟଧିକ ତୈଳଯୁକ୍ତ ଖାଦ୍ୟ, ଅତ୍ୟଧିକ ରାଗ ଓ ମସଲାଯୁକ୍ତ ଖାଦ୍ୟ, ମାଂସ, ରେଡ ମିଟ୍, ଅଣ୍ଡାର କେଶର, ଜଙ୍କ ଫୁଡ, ଫାଷ୍ଟ ଫୁଡ, ମଦ୍ୟପାନ, ଚା, କଫି ଏବଂ କଦଳୀ ଖାଇବାକୁ ବାରଣ କରାଯାଇଛି । ଦିନ ସାରା ୩ଥର ଅଧିକ ଭୋଜନା କରିବା ପରିବର୍ତ୍ତେ ଅଳ୍ପ ଅଳ୍ପ କରି ଖାଦ୍ୟ ୫ରୁ ୬ଥର ଖାଆନ୍ତୁ । ଖାଦ୍ୟକୁ ଭଲ ଭାବରେ ଚୋବାଇ ଖାଇବା ଜରୁରୀ । ଏହାଦ୍ୱାରା ପାଚନ ପ୍ରକ୍ରିୟା ସଠିକ୍ ଭାବେ ହୋଇଥାଏ । ସତେଜ ପନିପାରିବାରେ ପ୍ରସ୍ତୁତ ଖାଦ୍ୟ ଏବଂ ଘରୋଇ ଖାଦ୍ୟ ଖାଇବାକୁ ଚେଷ୍ଟା କରନ୍ତୁ ।

# ଭିଆଇପି ପାସ୍ କିଣି କବରସ୍ଥାନ ପରିଦର୍ଶନ



କୌଣସି ସ୍ୱପରିଜନ କିମ୍ବା ନିକଟ ସମ୍ପର୍କୀୟଙ୍କ ମୃତ୍ୟୁ ହୋଇଗଲେ, କେବଳ ତାଙ୍କର ସ୍ମୃତି ପରିବାର ଲୋକ ଏବଂ ବନ୍ଧୁବାନ୍ଧବଙ୍କ ସହ ରହିଯାଇଥାଏ। ତେବେ ଯେଉଁ ଧର୍ମରେ ମୃତ ଶରୀରକୁ କବର ଦେବାର ପ୍ରଥା ରହିଛି, ସେଠାରେ ସାଧାରଣତଃ ଲୋକମାନେ ମୃତ୍ୟୁ ପରେ ନିଜ ସମ୍ପର୍କୀୟଙ୍କ କବରର ପରିଦର୍ଶନ କରିଥାନ୍ତି, ସେଠାରେ ଫୁଲ ଅର୍ପଣ କରନ୍ତି, କାନ୍ଦନ୍ତି ଏବଂ ମୃତ ସମ୍ପର୍କୀୟ ନିକଟରେ ଥିବା ନେଇ ଅନୁଭବ କରନ୍ତି।

ଷ୍ଟୋକ୍-ଅନ୍-ଟ୍ରେଣ୍ଟ୍ ସହରରେ ଗାର୍ଡେନ୍ ଅଫ୍ ରିମେମ୍ବରେନ୍ସ ନାମରେ ଏକ କବରସ୍ଥାନ ରହିଛି। ତେବେ ଖୁବ୍‌ଶୀଘ୍ର ଏହି କବରସ୍ଥାନରେ ନିଜ ସମ୍ପର୍କୀୟଙ୍କ କବରକୁ ପରିଦର୍ଶନ କରିବା ପାଇଁ ଟଙ୍କା ଦେବାକୁ ପଡ଼ିବ। ଏଥିପାଇଁ ଭିଆଇପି ପାସ୍ କିଣିବାକୁ ପଡ଼ିବ। ତେବେ ଏହି ନିୟମକୁ ମାନବିକତା ବିରୋଧୀ ଦର୍ଶାଇ ଅନେକ ଲୋକ ସମାଲୋଚନା କରିଛନ୍ତି।

ରିପୋର୍ଟ ଅନୁଯାୟୀ, ‘ଗାର୍ଡେନ୍ ଅଫ୍ ରିମେମ୍ବରେନ୍ସ କବରସ୍ଥାନ’ର ପ୍ରଶାସନ ନିକଟରେ ଏକ ଅଦ୍ଭୁତ ନିୟମ ଜାରି କରିଛି। ଏହି କବରସ୍ଥାନକୁ ପରିଦର୍ଶନ କରିବା ପାଇଁ ଆସୁଥିବା ଲୋକଙ୍କୁ ଭିଆଇପି ପାସ୍ କିଣିବାକୁ ପଡ଼ିବ। ତେବେ ଯାଇ ସେମାନେ ନିଜ ସମ୍ପର୍କୀୟଙ୍କ କବରକୁ ପରିଦର୍ଶନ କରିପାରିବେ। ସେହିପରି ଯେଉଁମାନେ ଏହି ଭିଆଇପି ପାସ୍ କିଣିବେ ନାହିଁ, ସେମାନେ କେବଳ ଅଫିସ୍ ସମୟରେ ହିଁ ଏହି କବରସ୍ଥାନର ପରିଦର୍ଶନ କରିପାରିବେ। ଏହି କବରସ୍ଥାନ ବାହାରେ ଏକ ବିଜ୍ଞପ୍ତି ଜାରି କରାଯାଇ ଲେଖାଯାଇଛି, ଆସନ୍ତା ଜାନୁଆରୀରୁ ଏହି କବରସ୍ଥାନ ବୈଦ୍ୟୁତିକ ଫାଟକ ଦ୍ୱାରା ଆଚ୍ଛାଦିତ ହେବ। ଏହି ଗେଟ୍ ଏକ ନିର୍ଦ୍ଦିଷ୍ଟ ସମୟରେ ସ୍ୱୟଂଚାଳିତ ଭାବରେ ଖୋଲିବ ଏବଂ ବନ୍ଦ ହେବ। କବରସ୍ଥାନ ମଧ୍ୟରେ ପ୍ରବେଶ ଏକ ଭିଆଇପି ପାସ୍ ସାହାଯ୍ୟରେ ହୋଇପାରିବ। କବରସ୍ଥାନରେ କାର୍ଯ୍ୟରତ କର୍ମଚାରୀ, ମୃତକଙ୍କ ପରିବାର ସଦସ୍ୟ ଏବଂ ଅନ୍ୟ ଲୋକଙ୍କୁ ସୁରକ୍ଷା ଯୋଗାଇଦେବା ପାଇଁ ଏହି ନିୟମ ଜାରି କରାଯାଇଛି ବୋଲି ‘ଗାର୍ଡେନ୍ ଅଫ୍ ରିମେମ୍ବରେନ୍ସ’ର ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି।

ଯେଉଁମାନେ ପାସ୍ କରିବେ ନାହିଁ, ସେମାନେ ସୋମବାରଠାରୁ ଶୁକ୍ରବାର ପର୍ଯ୍ୟନ୍ତ ସକାଳ ୯ଟାରୁ ଅପରାହ୍ନ ୩ଟା ପର୍ଯ୍ୟନ୍ତ ଉକ୍ତ କବରସ୍ଥାନ ମଧ୍ୟରେ ପ୍ରବେଶ କରିପାରିବ। ଛୁଟିଦିନ, ବ୍ୟାଙ୍କ ହଲିଡେ କିମ୍ବା ଅଫିସ୍ ବନ୍ଦ ଥିବା ଦିନ ଭିଆଇପି ପାସ୍ କିଣି ନ ଥିବା ବ୍ୟକ୍ତିମାନେ ଏହି କବରସ୍ଥାନରେ ପ୍ରବେଶ କରିପାରିବେ ନାହିଁ।

# ମିଛ ବାହାଘର ସେଲିବ୍ରେସନ



ନା ଅଛି ବର, ନା ଅଛି କନ୍ୟା । ତଥାପି ହେଉଛି ବାହାଘର । ଆଶ୍ଚର୍ଯ୍ୟ ଲାଗୁଥିଲେ ବି ସତ । କିନ୍ତୁ ଏହା ସତ ବାହାଘର ନୁହେଁ, ବରଂ ମିଛ ବାହାଘର । ଇଂରାଜୀରେ ଯାହାକୁ କୁହାଯାଉଛି ଫେକ୍ ୱେଡିଂ । ଏହି ନକଲି ବିବାହ ସମୋରୋହକୁ ଅତିଥି ମାନଙ୍କୁ ନିମନ୍ତ୍ରଣ କରାଯାଉନାହିଁ । ବରଂ ସେମାନେ ଟଙ୍କା ଦେଇ ଆସିବେ । ଆଉ ଅତିଥିମାନେ ପହଞ୍ଚିବା ପରେ ଚାଲିବ ବଡ଼ ଧରଣର ସେଲିବ୍ରେସନ । ଆଧୁନିକ ଯୁଗରେ ସବୁକିଛି ଆଧୁନିକୀକରଣ ହୋଇଛି । ଏହାରି ଭିତରେ ନକଲି ବିବାହ ସମାରୋହ ଆୟୋଜନ ଚିନ୍ତାଧାରା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛି । ନିଜ ବ୍ୟସ୍ତ ବହୁଳ ଜୀବନରୁ ସମୟ ବାହାର କରି ସମସ୍ତେ ମନୋରଞ୍ଜନ କରିବାକୁ ଚାହିଁଥାନ୍ତି । ଏହା ଏକ ପ୍ରକାର ମନୋରଞ୍ଜନ ଧର୍ମୀ କାର୍ଯ୍ୟକ୍ରମ ହୋଇଥିବାରୁ ଯୁବପିଢି ମଧ୍ୟ ବେଶ ଆକୃଷ୍ଟ ହୋଇଛନ୍ତି । ବଡ଼ ବଡ଼ ସହରରେ ଏପରି ଫେକ୍ ୱେଡିଂ ଆୟୋଜନ ହେଉଥିବା ଦେଖିବାକୁ ମିଳୁଛି । ୧୫୦୦ ରୁ ୨୦୦୦ ପାଖାପାଖି ଟଙ୍କା ଦେଇ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇପାରିବେ । ବର କନ୍ୟା କେହି ବନ୍ଧୁବାନ୍ଧବ ନାହାନ୍ତି, ହେଲେ ଆୟୋଜନ ଠିକ୍ ବିବାହ ଉତ୍ସବ ଭଳି । ଯେଉଁ ଅତିଥିମାନେ ସେଠାକୁ ଯିବେ, ସମସ୍ତେ ମିଶି ସେହି ମାହୋଲରେ ଉପଭୋଗ କରିବେ । ନାଚଗୀତର ତାଳେ ତାଳେ ମଜା ନେବା ସହ ସୁସ୍ୱାଦୁ ଭୋଜନର ମଧ୍ୟ ବ୍ୟବସ୍ଥା ହୋଇଥାଏ । ଏହି ଫେକ୍ ୱେଡିଂ ଏବେ ଟ୍ରେଣ୍ଡରେ ରହିଥିବାବେଳେ ସୋସିଆଲ ମିଡିଆରେ ଏହାର ଫଟୋ ଭିଡିଓ ଭାଇରାଲ ହେବାରେ ଲାଗିଛି ।

# ଛତୁ ପରଟା

**ଆବଶ୍ୟକ ସାମଗ୍ରୀ:** ଅଟା, ଛତୁ, ଲୁଣ, ମଇଦା, ଜୁଆଣି, ଘିଅ, ଗୋଲମରିଚ ଗୁଣ୍ଡ,କଟା ପିଆଜ, କଟା କଞ୍ଚା ଲଙ୍କା, କଟା ଅଦା,ଲଙ୍କା ଗୁଣ୍ଡ, ଚାଟ୍ ମସଲା, ଆମଚୁର ପାଉଡର, କଟା ଧନିଆ ପତ୍ର, ତେଲ

**ପ୍ରସ୍ତୁତି ପ୍ରଣାଳୀ:** ପ୍ରଥମେ ଏକ ପାତ୍ରରେ ଅଟା, ଲୁଣ, ମଇଦା, ଜୁଆଣି ଓ ଘିଅ ନେଇ ଭଲ ଭାବେ ଗୋଳାନ୍ତୁ। ଏହା ପରେ ଅଳ୍ପ ଅଳ୍ପ ପାଣି ଢାଳି ଅଟାକୁ ଦଳନ୍ତୁ। ଅଟା ଦଳି ସାରିବା ପରେ ନରମ ହେବା ପାଇଁ ଏହାକୁ ଏକ କପଡ଼ାରେ ଗୁଡ଼ାଇ କିଛି ସମୟ ରଖି ଦିଅନ୍ତୁ।ଏବେ ତାୱା ଗରମ କରି ତେଲ ପକାନ୍ତୁ। ତେଲ ଗରମ ହେବା ପରେ କଟା ଛତୁକୁ ପକାଇ ଅଳ୍ପ ଲୁଣ ଓ ଗୋଲମରିଚ ଗୁଣ୍ଡ ଦେଇ କିଛି ସମୟ ଭାଜନ୍ତୁ। ପରେ ଏଥିରେ କଟା ପିଆଜ, କଟା କଞ୍ଚା ଲଙ୍କା, କଟା ଅଦା, ଲଙ୍କା ଗୁଣ୍ଡ, ଚାଟ୍ ମସଲା, ଆମଚୁର ପାଉଡର ଓ କଟା ଧନିଆ ପତ୍ର ପକାଇ ଭଲ ଭାବେ ଗୋଳାନ୍ତୁ। ମସଲା ପ୍ରସ୍ତୁତ ହୋଇଯିବା ପରେ ଏହାକୁ କାଢ଼ି ଥଣ୍ଡା କରନ୍ତୁ।ଏବେ ଚକଟା ଯାଇଥିବା ଅଟାକୁ ଗୁଳା କରନ୍ତୁ ଓ ଏହାକୁ ଅଳ୍ପ ବେଲି ଏହା ମଝିରେ ଛତୁ ପୁର ଦେଇ ପୁଣି ବନ୍ଦ କରିଦିଅନ୍ତୁ। ଏହା ପରେ ଏଗୁଡ଼ିକୁ ରୁଟି ପରି ବେଲନ୍ତୁ ଏବଂ ଗରମ ତାୱାରେ ପକାଇ ଭଲ ଭାବେ ସେକନ୍ତୁ। ଦୁଇ ପଟ ଭଲ ଭାବେ ସେକି ହୋଇଗଲେ ତେଲ ପକାଇ ଏପଟ ସେପଟ କରନ୍ତୁ। ପ୍ରସ୍ତୁତ ହୋଇଗଲା ସୁଆଦିଆ ‘ଛତୁ ପରଟା’। ଏହାକୁ ଚଟଣି, ସସ୍ କିମ୍ବା ଦହି ସହିତ ଗରମ ଗରମ ପରଷନ୍ତୁ।



# ଅଭିନେତ୍ରୀ କଶିଶ କପୁରଙ୍କ ଘରେ ଚୋରି



ବିଗ୍ ବସ୍ ଫେମ୍ ତଥା ଅଭିନେତ୍ରୀ କଶିଶ କପୁରଙ୍କ ମୁମ୍ବାଇ ଅନ୍ଧେରୀ ସ୍ଥିତ ଘରୁ ଚୋରି ହୋଇଛି । ତାଙ୍କ ଚାକର ପ୍ରାୟ ୪ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ନେଇ ପଳାଇଥିବା ସେ ଅମ୍ବୋଲି ଥାନାରେ ଏତଲା ଦେଇଛନ୍ତି । ପୁଲିସ କହିଛି, କଶିଶଙ୍କ ଘରେ କାମ କରୁଥିବା ସଚିନ କୁମାର ଚୌଧୁରୀ ନାମକ ଜଣେ ବ୍ୟକ୍ତି ୪ ଲକ୍ଷ ନଗଦ ଟଙ୍କା ନେଇଯାଇଛନ୍ତି । ଏ ନେଇ ମାମଲା ରୁଜୁ ହେବା ସହ ଅମ୍ବୋଲି ପୁଲିସ ଏବଂ କ୍ରାଇମ ବ୍ରାଞ୍ଚର ଏକ ସ୍ୱତନ୍ତ୍ର ଟିମ୍ ଅଭିଯୁକ୍ତଙ୍କ ସନ୍ଧାନରେ ଲାଗିଛି । ବିହାରର ମୂଳବାସିନ୍ଦା କଶିଶ ଅନ୍ଧେରୀର ଆଜାଦ ନଗରରେ ବୀରା ଦେଶାଇ ରୋଡ୍ ସ୍ଥିତ ନ୍ୟୁ ଆମ୍ବିଓଲି ସୋସାଇଟିରେ ରହୁଛନ୍ତି । ସେ ଅନେକ ଟେଲିଭିଜନ ଶୋ’ରେ ଅଭିନୟ କରିଛନ୍ତି । ଲୋକପ୍ରିୟ ରିଅଲିଟି ଶୋ’ ବିଗ୍ ବସ୍ରେ ମଧ୍ୟ ସେ ପ୍ରତିଯୋଗିତା କରିଥିଲେ । ସୂଚନା ଅନୁସାରେ, ସଚିନ କୁମାର ପ୍ରାୟ ୫ ମାସ ଧରି କଶିଶଙ୍କ ଘରେ କାମ କରୁଥିଲେ । ପୂର୍ବାହ୍ନ ସାଢ଼େ ୧୧ଟାରୁ ଅପରାହ୍ନ ୧ଟା ପର୍ଯ୍ୟନ୍ତ ସେ କାମ ସାରି ପଳାଉଥିଲେ । ଅଭିଯୋଗ ମୁତାବକ, କଶିଶ ଆଲମିରାର ଏକ ଥାକରେ ୭ ଲକ୍ଷ ନଗଦ ଟଙ୍କା ରଖିଥିଲେ । ଗତ ୯ ତାରିଖରେ ସେ ବିହାରରେ ଥିବା ତାଙ୍କ ମା’ଙ୍କ ନିକଟକୁ ଟଙ୍କା ପଠାଇବା ଲାଗି ଆଲମିରା ଖୋଲିଥିଲେ । କିନ୍ତୁ ସେଠାରେ ମାତ୍ର ଅଢ଼େଇ ଲକ୍ଷ ଟଙ୍କା ଥିବା ଦେଖିବାକୁ ପାଇଥଲେ । ସେ ଘରେ ଖୋଜାଖୋଜି କରିଥିଲେ ହେଁ ଟଙ୍କା ମିଳି ନ ଥିଲା । ପଚରାଉଚରା କରିବାରୁ ସଚିନ ଘାବରେଇ ଯାଇଥିଲେ । ଏଥିସହ ସଚିନ ଚୋରି କରି ନ ଥିବା ମଧ୍ୟ କହିଥିଲେ । କଶିଶ ତାଙ୍କ ପକେଟ ଯାଞ୍ଚ କରିବାକୁ ଯିବା ବେଳେ ସଚିନ ସେଠାରୁ ଖସି ପଳାଇଥିଲେ । ତେଣୁ ସନ୍ଦେହରେ କଶିଶ ତାଙ୍କ ନାଁରେ ଏତଲା ଦେଇଛନ୍ତି ।

**ନୃଶଂସ ହତ୍ୟାକାଣ୍ଡ**

## ଜଲ୍ଲାଦ ପୁଅ ନେଲା ମା' ବାପାଙ୍କ ଜୀବନ



ବାରିପଦା (ପିପିଏସ୍): ମୟୂରଭଞ୍ଜ ଜିଲା ବୈଶିଙ୍ଗା ଥାନା ମାନଗୋବିନ୍ଦପୁର ପଞ୍ଚାୟତ ଧନାପାଳ ଗ୍ରାମରେ ପୁଅ ଭିଆଇଛି ନୃସଂଶ ହତ୍ୟା କାଣ୍ଡ। ନିଶାଶକ୍ତ ଅବସ୍ଥାରେ ବୃଦ୍ଧ ମା'ବାପାକୁ ପିଟିବା ସହ ହାଣି ହତ୍ୟା କରିଛି। ମୃତକ ଦ୍ୱୟ ହେଲେ ଦିବ୍ୟାଙ୍ଗ ମା' ଶାନ୍ତି ସାହୁ(୭୨) ଓ ବାପା, ହାଡିବନ୍ଧୁ ସାହୁ(୮୦)। ସ୍ଥାନୀୟ ଲୋକେ ପୁଲିସକୁ ଖବର ଦେବା ପରେ ପୁଲିସ ଘଟଣା ସ୍ଥଳରେ ପହଞ୍ଚି ଅଭିଯୁକ୍ତ ପୁଅ ହିମାଂଶୁ ସାହୁ(୫୦)କୁ ଗିରଫ କରିଛି। ସାଇଣ୍ଟିଫିକ ଦଳ ଖବର ପାଇ ଘଟଣାର ତଦନ୍ତ ଜାରି ରଖିଛି।

ସୂଚନାଯୋଗ୍ୟ, ମଙ୍ଗଳବାର ରାତି କୌଣସି ଘଟଣାକୁ ନେଇ ବାପ ପୁଅ ମଧ୍ୟରେ ବଚସା ଆରମ୍ଭ ହୋଇଥିଲା। ଏଥିରେ ଉତ୍ୟକ୍ତ ହୋଇ ପୁଅ ହିମାଂଶୁ ବାପାଙ୍କୁ ପିଟିବାରୁ ମା' ଏହାକୁ ବିରୋଧ କରିଥିଲା। ମାତ୍ର ନିଶାଶକ୍ତ ପୁଅ ପିଟିପିଟି ଶେଷରେ ଉଭୟଙ୍କୁ ହତ୍ୟା କରିଛନ୍ତି। ସ୍ଥାନୀୟ ଲୋକେ ପହଞ୍ଚି ପୁଲିସକୁ ଖବର ଦେଇଥିଲେ।

# ଚିକିତ୍ସା ଅବହେଳାରୁ ଯୁବକଙ୍କ ମୃତ୍ୟୁ

**ବ୍ରହ୍ମପୁର, (ପିପିଏସ୍):** ବ୍ରହ୍ମପୁର ଗୋଇଲୁଣ୍ଡି ଛକରେ ଥିବା ବିନାୟକ ହସ୍ପିଟାଲରେ ଚିକିତ୍ସା ଅବହେଳାରୁ ବାଘଲଟି ଗ୍ରାମର ବଳରାମ ଗୌଡ଼(୨୮)ଙ୍କ ମୃତ୍ୟୁ ଘଟଣାକୁ ନେଇ ଗ୍ରାମବାସୀ ଆନ୍ଦୋଳନକୁ

**ଡାକ୍ତରଙ୍କୁ ଗିରଫ ଦାବିରେ ଗ୍ରାମବାସୀଙ୍କ ଆନ୍ଦୋଳନ**




ଓହ୍ଲାଇଛନ୍ତି। ଚିକିତ୍ସାରେ ଅବହେଳା କରିଥିବା ଡାକ୍ତର ଏବଂ ଏମ୍‌କେସିଜିରୁ ତାଙ୍କୁ ଘରୋଇ ହସ୍ପିଟାଲକୁ ପଠାଇଥିବା ଡାକ୍ତରଙ୍କୁ ଗିରଫ କରିବାକୁ ଗ୍ରାମବାସୀ ଦାବି କରିଛନ୍ତି। ଘରୋଇ ନର୍ସିଂହୋମ୍ ବିନାୟକ ହସ୍ପିଟାଲ ସିଲ୍ କରିବା ସହ ଲାଇସେନ୍ସ ରଦ୍ଦ କରିବାକୁ ଗ୍ରାମବାସୀ ଓ ମୃତକଙ୍କ ପରିବାରଲୋକ ଦାବି ଜଣାଇଛନ୍ତି। ଘରର ରୋଜଗାରିଆ ପୁଅକୁ ହରାଇଥିବା ପରିବାରକୁ ୨ କୋଟି ଟଙ୍କାର ଆର୍ଥିକ ସହାୟତା ଯୋଗାଇବା ପାଇଁ ଦାବି ହୋଇଛି। ରାଜ୍ୟ ସରକାର ଦାବି ନଶୁଣିବା ପର୍ଯ୍ୟନ୍ତ ଆନ୍ଦୋଳନ ଜାରି ରହିବ ବୋଲି ବଳରାମ ଗୌଡ଼ କହିଛନ୍ତି। ଗତ ୧୦ ତାରିଖରେ ଦିଗପହଣ୍ଡିରେ ବଳରାମଙ୍କ ଦୁର୍ଘଟଣା ପରେ ବ୍ରହ୍ମପୁର ଏମ୍କେସିଜି ମେଡିକାଲ କଲେଜ ଓ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ହାତ ଭାଙ୍ଗିଯାଇଥିବାରୁ ସେଠାରେ ଚିକିତ୍ସା ବିଳମ୍ବ ହେବ କହି ବିନାୟକ ହସ୍ପିଟାଲକୁ ପଠାଇଦିଆଯାଇଥିଲା। ସବୁ ପରୀକ୍ଷା ନୀରିକ୍ଷା ପରେ ଗତ ୧୩ ତାରିଖ ସନ୍ଧ୍ୟାରେ ଅସ୍ତ୍ରୋପଚାର ହୋଇଥିଲା। କିନ୍ତୁ ହଠାତ୍ ତାଙ୍କର ସ୍ୱାସ୍ଥ୍ୟବସ୍ଥା ଗୁରୁତର ଅଛି କହି ଭୁବନେଶ୍ୱର ଘରୋଇ ହସ୍ପିଟାଲକୁ ସ୍ଥାନାନ୍ତର କରି ଚମାଖଣ୍ଡି ପାଖରେ ତାଙ୍କୁ ମୃତ ଘୋଷଣା କରିଥିଲେ ଆମ୍ବୁଲାନ୍ସରେ ଥିବା ସ୍ୱାସ୍ଥ୍ୟକର୍ମୀ। ବଳରାମଙ୍କ ପୂର୍ବରୁ ମୃତ୍ୟୁ ହୋଇଥିବାବେଳେ ପରିବାର ଲୋକଙ୍କୁ ଦେଖାକରିବାକୁ ଛଡାଯାଇନଥିଲା ଏବଂ ଭୁବନେଶ୍ୱର ଘରୋଇ ହସ୍ପିଟାଲକୁ ସ୍ଥାନାନ୍ତର ବାହାନା କରି ରାସ୍ତାରେ ମୃତ୍ୟୁ ଘୋଷଣା କରିଥିଲେ। ନିଶ୍ଚେତକ ବିଭାଗ ଡାକ୍ତର ନିଶା ଦେବାପରେ ସେଠାରେ ନଥିଲେ ଏବଂ ଚିକିତ୍ସାରେ ମଧ୍ୟ ଅବହେଳା କରାଯାଇଥିଲା। ଯାହାଫଳରେ ତାଙ୍କର ମୃତ୍ୟୁ ହୋଇଛି। ଯେଉଁମାନଙ୍କ ଅବହେଳା ଯୋଗୁଁ ବଳରାମଙ୍କ ମୃତ୍ୟୁ ହୋଇଛି ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି କରିଛନ୍ତି। କମାପଲ୍ଲୀ ଛକରୁ ଗ୍ରାମବାସୀ ଏକ ରାଲିରେ ବାହାରି ପ୍ରଥମେ ବ୍ରହ୍ମପୁର ଏସ୍ପି କାର୍ଯ୍ୟାଳୟ ଆଗରେ ବିକ୍ଷୋଭ ପ୍ରଦର୍ଶନ କରିବା ସହ ଏକ ଦାବିପତ୍ର ପ୍ରଦାନ କରିଥିଲେ। ପରେ ଏମ୍ ?ସିଜି ଡିନ୍ ଓ ଅଧୀକ୍ଷକଙ୍କ କାର୍ଯ୍ୟାଳୟ ଆଗରେ ବିକ୍ଷୋଭ କରି ଦାବିପତ୍ର ପ୍ରଦାନ କରିବା ପରେ ବିନାୟକ ହସ୍ପିଟାଲ ଆଗରେ ବି ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ମୁଖ୍ୟମନ୍ତ୍ରୀ, ସ୍ୱାସ୍ଥ୍ୟମନ୍ତ୍ରୀ, ଜିଲ୍ଲାପାଳ ଏବଂ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀଙ୍କୁ ମଧ୍ୟ ଦାବିପତ୍ର ପ୍ରଦାନ କରାଯାଇଛି।

## ଛାତ୍ରଛାତ୍ରୀଙ୍କ ଜୀବନ ବିପଦରେ: ଫୁଟ୍ ଓଭର ବ୍ରିଜ୍ ନିର୍ମାଣ ଦାବି



ଯାଜପୁର /ରଗଡି (ପିପିଏସ): ରଗଡି, ୨୦ନଂ ଜାତୀୟ ରାଜପଥ ନିର୍ମାଣ ସମୟରେରାସ୍ତା ପାର୍ଶ୍ୱରେ ଥିବା ସ୍କୁଲ କୁ ଛାତ୍ରଛାତ୍ରୀ ମାନେ କିଭଳି ସୁରକ୍ଷିତ ଭାବେ ଯିବେ ସେଥିପ୍ରତି ଦୃଷ୍ଟି ଦିଆଗଲା ନାହିଁ। ଯାହା ଫଳରେ କୋରେଇ ବ୍ଲକର ପାଣିକୋଇଲି ଠାରୁ ଅନ୍ଧାରୀ ମଧ୍ୟରେ ଏକାଧିକ ସ୍କୁଲର କୋମଳମତି ପିଲାମାନେ ଦୈନନ୍ଦିନ ଦୁଇ ଦୁଇଟି ରାସ୍ତା ପାର ହୋଇ ବିପଦସଂକୁଳ ଅବସ୍ଥାରେ ସ୍କୁଲ କୁ ଯାତାୟାତ କରୁଥିବା ଦେଖିବାକୁ ମିଳେ। ଏହା ବ୍ୟତୀତ ବିଲ ବାଡ଼ିକୁ ଯିବାକୁ ହେଉ କିମ୍ବା ଦୋକାନ ବଜାରକୁ ତଥା ଅନ୍ୟାନ୍ୟ କାମରେ ସେପଟ ଲୋକ ଏପଟକୁ ଓ ଏପଟ ଲୋକଙ୍କୁ ସେପଟକୁ ଯିବା ପାଇଁ ଏକାଧିକ ରାସ୍ତା ଅତିକ୍ରମ କରିବାକୁ ପଡୁଛି ।ଯାହା ଫଳରେ ବିଭିନ୍ନ ସମୟ ରେ ଦୁର୍ଘଟଣା ଘଟି ଧନ ଜୀବନ ହାନି ଘଟୁଛି। କିଛି ଦିନ ତଳେ ରାସ୍ତା ପାର ହେଉଥିବା ସମୟ ରେ ଅନ୍ଧାରୀ ଗ୍ରାମ ନିକଟରେ ଜଣେ ବାଇକ ଚାଳକଙ୍କ ଉପରେ ବସ ଚଢ଼ି ଯିବା ଫଳରେ ତାଙ୍କର ମୃତ୍ୟୁ ଘଟିଥିଲା। ଅନ୍ୟାନ୍ୟ ସ୍ଥାନରେ ମଧ୍ୟ ଏଭଳି ପରିସ୍ଥିତି ସୃଷ୍ଟି ହୋଇଛି। କୋରେଇ ବ୍ଲକ ତଳଗଡ଼ ସରକାରୀ ଉପ୍ରା ସ୍କୁଲ, ଅନ୍ଧାରୀ ପଞ୍ଚାୟତ ଜଜାଙ୍ଗୀ ଆବୁଲୁପୁରା ସରକାରୀ ଉପ୍ରା ସ୍କୁଲ ଓ ଯାଜପୁର- କେନ୍ଦୁଝର ସୀମାରେ ଥିବା ଜରଦାସ୍କୁଲର ଛାତ୍ରଛାତ୍ରୀଙ୍କ ଯାତାୟାତରେ ଏମିତି ଦେଖିବାକୁ ମିଳିଛି। ଅଭିଭାବକଓ ଶିକ୍ଷକ ପିଲାଙ୍କୁ ରାସ୍ତା ପାର କରି ସ୍କୁଲ ନେଉଥିବା ବେଳେ ଛୁଟି ପରେ ସାଙ୍ଗରେଧରି ରାସ୍ତା ପାର କରୁଥିବା ଦେଖିବାକୁ ମିଳେ। କେତେକ ଜାଗାରେ ସ୍କୁଲ ଠାରୁ ବହୁ ଦୂରରେ ଗଳିପୋଲ ନିର୍ମାଣ ହୋଇଥିଲେ ମଧ୍ୟ ଏହା ତ୍ରୁଟିପୂର୍ଣ୍ଣ ଥିବାରୁ ବର୍ଷା ଦିନେ ଏଥିରେ ତିନିରୁ ଚାରିଫୁଟ ପର୍ଯ୍ୟନ୍ତ ପାଣି ଜମିବା ଫଳରେ ଲୋକମାନେ କି ଛାତ୍ରଛାତ୍ରୀ ଯାତାୟାତ କରି ପରି ନଥାନ୍ତି। ରାସ୍ତା ପାର ହୋଇ ଯାତାୟାତ କରିବାକୁ ବାଧ ହୁଅନ୍ତି। ଫଳରେ ବିଭିନ୍ନ ସମୟରେ ଦୁର୍ଘଟଣା ଘଟୁଛି। ଏହାକୁ ବିଚାର କରି ଜାତୀୟ ରାଜପଥ ବିଭାଗ ପକ୍ଷରୁ ଏହି ସବୁ ସ୍ଥାନ ଚିହ୍ନଟ କରାଯାଇ ସେଠାରେ ଫୁଟ ଓଭର ବ୍ରିଜ୍ ନିର୍ମାଣ ପାଇଁ ନିଷ୍ପତ୍ତି ନିଆଯାଇଛି। ଏପରି ସ୍ଥଳେ ପିଲାଙ୍କ ଜୀବନର ସୁରକ୍ଷା ପାଇଁ ଏହିସବୁ ସ୍କୁଲ ନିକଟରେ ଫୁଟ ଓଭର ବ୍ରିଜ ନିର୍ମାଣ କରାଯିବାକୁ ଦାବି ହୋଇଛି।

## ପରିବା ମାର୍କେଟ ଗଲେ ପକେଟ୍ ଖାଲି

ଅସ୍ତରଙ୍ଗ (ପିପିଏସ୍): ଶ୍ରାବଣ ପାଇଁ ଆମିଷ ଆଡକୁ ଚାହିଁ ହେଉନି। ପରିବା ବଜାର ଗଲେ ବି କିଣିବାକୁ ମନ ବଳୁନି। ପରିବା ଦର ଶୁଣି ଗ୍ରାହକ ଙ୍କୁ ଡର ମାଡୁଚି। ପ୍ରମୁଖ ପରିବା ବାଇଗଣ ର ଭାଉ ବହୁତ ଉପରେ। ଶହେ ଛୁଇଁଛି ବାଇଗଣ। ବାକି ପରିବା ଦର ୭୦ଟଙ୍କା ଉପରେ। ପୁରୀ

**ପୋଟଳ, ଭେଣ୍ଡି, କଲରା କେଜି ପିଛା ୭୦ ଟଙ୍କା**



ଜିଲ୍ଲା ଅସ୍ତରଙ୍ଗ ପରିବା ବଜାରରେ ଏଭଳି ସ୍ଥିତି ଲୋକଙ୍କ ଚିନ୍ତା ବଢ଼ାଇଲାଣି। ପ୍ରାୟ ୨୦ ଦିନ ହେଲା ପରିବା ଦର ଧୀରେ ଧୀରେ ବଢ଼ି ଚାଲିଛି। ୫୦ରୁ ବଢ଼ି ବଢ଼ି ବାଇଗଣ ବାଇଗଣ ୨ ଦିନ ହେଲା ୧ଶହ ଟଙ୍କାରେ ପହଂଚିଲାଣି। ୧ଶହ ରେ ରହିବ କି ଆହୁରି ବଢିବ ତାହା ମଧ୍ୟ କହିହେବ ନାହିଁ। ଭଲ ବାଇଗଣ ଶହେ ଟଙ୍କାରେ ବିକ୍ରି ହେଉଥିବା ବେଳେ ପୋକରା ଶୁଖିଲା ବାଇଗଣ ୮୦ଟଙ୍କାରେ ବିକ୍ରି ହେଉଛି। ତାହାକୁ ମଧ୍ୟ ଲୋକ କିଣି ନେଉଛନ୍ତି। ସେହିଭଳି ପୋଟଳ, କଲରା, ଭେଣ୍ଡି ଓ ଜହ୍ନି କେଜି ପ୍ରତି ୭୦ ଟଙ୍କା ରହିଛି। ଟମାଟୋ, କାକୁଡି, ଗାଜର ଆଦି ୫୦ରୁ ୬୦ ଟଙ୍କାରେ ବିକ୍ରି ହେଉଛି। କଞ୍ଚା ଲଙ୍କା କେଜି ୨୩୦ ଟଙ୍କା ରହିଛି। ହଜାରେ ଟଙ୍କାରେ ବି ପରିବା ବ୍ୟାଗ ପୁରୁନାହିଁ। ଦର ଶୁଣି ଗରାଖଙ୍କ ଚିନ୍ତା ବଢୁଛି। କେହି କେହି ଅଢେଇ ଶହ, ଅଧକେଜି ଆଦି ନେଉଥିବା ବେଳେ ଅନେକ ଫେରି ଯାଉଛନ୍ତି। ଏପରି ସ୍ଥିତି ଯୋଗୁଁ ଅସ୍ତରଙ୍ଗ ପରିବା ବଜାର ରେ ଖାଁ ଖାଁ ହୋଇପଡିଛି। ଖାଉଟି ଈଶ୍ୱର ମହାରଣା କହିଛନ୍ତି। ଶ୍ରାବଣ ପାଇଁ ପରିବାରରେ କେହି ଆମିଷ ଖାଉ ନାହାନ୍ତି। ପରିବା ହିଁ ଏବେ ଭରସା। ହେଲେ ଦର ଶୁଣି କିଣିବାକୁ ଇଚ୍ଛା ହେଉନି। ୫ଶହ ଟଙ୍କାରେ ପରିବା ନେଲେ ୨ ଦିନ ଯାଉନି। ମଧ୍ୟବିତ୍ତ ପରିବାର ପାଇଁ ଏହା ବୋଝ ଭଳି ହୋଇ ପଡିଛି। ଆମିଷ ଓ ପରିବାକୁ ଛାଡି ମଟର, ଡାଲି, ସୋୟାବଡି ଖାଇବାକୁ ବାଧ୍ୟ ବୋଲି ଶ୍ରୀ ମହାରଣା କହିଛନ୍ତି। କେବଳ ଖାଉଟି ନୁହେଁ, ପରିବା ଦରକୁ ନେଇ ଅସ୍ତରଙ୍ଗ ବେପାରୀ ଚିନ୍ତାରେ। ବେପାର ଅନେକ ପରିମାଣ ରେ କମିଛି। ପଚା ବାହାରିଲେ ଅଧିକ କ୍ଷତି ହେଉଥିବା ବେପାରୀ ରବି ବରାଳ କହିଛନ୍ତି। ଅସ୍ତରଙ୍ଗ ପରିବା ମାର୍କେଟକୁ ସ୍ଥାନୀୟ ଅଞ୍ଚଳର ବେଣୀପୁର, ଓସ୍ତପୁର, ନଈଗୁଆଁ, ଖଣ୍ଡାସାହି, ବେଗୁନିଆବସ୍ତ, ଝାରିଆ, ପୋଟଳ ଛକ, ଶିଶୁଅ, କନ୍ତପହଁରା ଅଂଚଳରୁ ପରିବା ଆସିଥାଏ। ଯାହା ବର୍ଷା ଯୋଗୁଁ ନଷ୍ଟ ହୋଇ ଯାଉଥିବାରୁ ଚାହିଦା ମୁତାବକ ପରିବା ମିଳୁନି। ଯାହା ବାହାର ସ୍ଥାନରୁ ଆସୁଛି, ଏଣୁ ଦର ବଢୁଛି। ଏବେ ଶ୍ରାବଣ ଆରମ୍ଭ ହୋଇଯିବାରୁ ଅନେକ ଲୋକ ଆମିଷ ଛାଡି ନିରାମିଷ ଖାଉଥିବାରୁ ପରିବା ର ଚାହିଦା ଆହୁରି ବଢିଛି। ଏଣୁ ଦର ମଧ୍ୟ ଆହୁରି ବଢିପାରେ ବୋଲି ପରିବା ବ୍ୟବସାୟୀ ମାନେ ଆଶଙ୍କା ପ୍ରକାଶ କରିଛନ୍ତି। ପ୍ରତିବର୍ଷ ଏହି ସମୟରେ ପରିବା ଦର ବଢୁଛି। ଏଣୁ କିଭଳି ବର୍ଷାରେ ପନିପରିବା ଉତ୍ପାଦନ ନ କମିବ ସେ ନେଇ ବିକଳ୍ପ ଚିନ୍ତା କରିବା ଉଚିତ ବୋଲି ମତ ପ୍ରକାଶ ପାଇଛି।

## ପ୍ରହସନ ପାଲଟିଛି ରାସନ କାର୍ଡ ବଣ୍ଟନ ପ୍ରକ୍ରିୟା



ଅସ୍ତରଙ୍ଗ (ପିପିଏସ୍): ଦୀର୍ଘ ଦିନ ପରେ ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକ ଅଞ୍ଚଳର ବିଭିନ୍ନ ପଂଚାୟତ ରେ ନୂତନ ରାସନ କାର୍ଡ ବଣ୍ଟନ ପ୍ରକ୍ରିୟା ଆରମ୍ଭ ହୋଇଥିଲା। ଫଳରେ କାର୍ଡ ଟିଏ ପାଇଁ ବର୍ଷ ବର୍ଷ ଧରି ବାଟ ଚିହିଥିବାର ଆଶା ସଂଚାର ହୋଇଥିଲା। ମାତ୍ର ଇତିମଧ୍ୟରେ ପ୍ରାୟ ଦୀର୍ଘ ମାସ ବିତିଯାଇଥିଲେ ମଧ୍ୟ ଅସ୍ତରଙ୍ଗ ବ୍ଲକର ୧୫ଗୋଟି ପଂଚାୟତ ରେ ମାତ୍ର ୨୬୫ ଟି ନୂତନ କାର୍ଡ ବଣ୍ଟନ ହୋଇଥିବା ବେଳେ ସଦସ୍ୟ ୫୦୯ଜଣ ହିତାଧିକାରୀ ରହିଛନ୍ତି ବୋଲି ଅସ୍ତରଙ୍ଗ ଯୋଗାଣ ବିଭାଗ ସୂତ୍ରରୁ ସୂଚନା ମିଳିଛି। ଫଳରେ ରାସନ କାର୍ଡ ବଣ୍ଟନ ପ୍ରକ୍ରିୟା ଏକ

- ଦୀର୍ଘ ମାସ ବିତିଯାଇଥିଲେ ମଧ୍ୟ ୨୬୫ କାର୍ଡ ବଣ୍ଟନ ହୋଇଛି
- ନିରାଶ ହେଉଛନ୍ତି ଯୋଗ୍ୟ ହିତାଧିକାରୀ
- ବିଭିନ୍ନ ପଞ୍ଚାୟତରେ ମାଳମାଳ ଅଯୋଗ୍ୟ ହିତାଧିକାରୀ

ପ୍ରକାର ପ୍ରହସନ ପାଲଟିଥିବା ନେଇ ସାଧାରଣ ରେ ଆଲୋଚନା ହେଉଛି। ମିଳିଥିବା ସୂଚନା ମୁତାବକ ରାଜ୍ୟ ସରକାର ଯୋଗ୍ୟ ହିତାଧିକାରୀ ଙ୍କୁ କାର୍ଡ ଦିଆଯିବା ନେଇ ଘୋଷଣା କରିବା ଦୀର୍ଘ ମାସ ବିତିଗଲାଣି। ଫଳରେ ଅସ୍ତରଙ୍ଗ ବ୍ଲକ ଅଂଚଳର ବିଭିନ୍ନ ପଂଚାୟତ ରେ ଶତାଧିକ ଉପଭୋକ୍ତା କାର୍ଡ ଖଣ୍ଡିଏ ପାଇବା ନିମନ୍ତେ ଅପେକ୍ଷା କରିଥିଲେ। ଖାଲି ସେତିକି ନୁହେଁ, କାର୍ଡ ଜରିଆରେ 'ଆୟୁଷ୍ମାନ ଭାରତ' ଭଳି ସ୍ୱାସ୍ଥ୍ୟ ଯୋଜନର ଲାଭ ଉଠାଇବା ଆଶାରେ ଥିଲେ ଶତାଧିକ ହିତାଧିକାରୀ। ଦୀର୍ଘ ମାସ ବିତିଯାଇଥିଲେ ମଧ୍ୟ ଅସ୍ତରଙ୍ଗ ବ୍ଲକ ଅଞ୍ଚଳ ରେ ମାତ୍ର ୨୬୫ଟି କାର୍ଡ ବଣ୍ଟନ ହୋଇଛି, ସେଥି ମଧ୍ୟରେ ଆଳଙ୍ଗପୁର ୧୫ଟି, ଆଳସାହି ୩୨ଟି, ଅସ୍ତରଙ୍ଗ ୩୩ଟି, ଛୁରିଆନା ୧୭ଟି, କେନ୍ଦ୍ରାପଟି ୨୮ଟି, କୋରଣା ୧୩ଟି, ମାଣ୍ଡୁକି ୫ଟି, ନଗର ୩୮ଟି, ନଈଗୁଆଁ ୧୪ଟି, ନୂଆଗଡ ୧୪ଟି, ପାଟଳଦା ୨୪ଟି, ସରିପୁର ୯ଟି, ଶିଶୁଅ ୧୩ଟି ଓ ତାଳଦା ୧୦ଟି କାର୍ଡ ବଣ୍ଟନ ହୋଇଥିବାବେଳେ ସେଥିରେ ମୋଟ ୫୦୯ଜଣ ହିତାଧିକାରୀ ସାମିଲ ହୋଇଛନ୍ତି ।କାର୍ଡ ବଣ୍ଟନ ପୂର୍ବରୁ ଅସ୍ତରଙ୍ଗ ବ୍ଲକ ଅଧୀନ ୧୫ଗୋଟି ପଂଚାୟତରେ ପ୍ରାୟ ୯ଶହ ରୁ ଊର୍ଦ୍ଧ୍ୱ ହିତାଧିକାରୀଙ୍କୁ ସାମିଲ ପାଇଁ ଲକ୍ଷ ଥିଲା। ସମ୍ପୃକ୍ତ ହିତାଧିକାରୀ ଇକେୱାଇସି ପରେ କାର୍ଡ ଦିଆଯିବ ବୋଲି ସେତେବେଳେ ପ୍ରଶାସନ ପକ୍ଷରୁ ସୂଚନା ମିଳିଥିଲା। ଫଳରେ ଡ଼ହ ଡହ ଖରାରେ ଲୋକେ ଇକେୱାଇସି ପାଇଁ ବ୍ଲକ ଅଫିସ ରେ ଭିଡ଼ ଜମାଇଥିଲେ। ମାତ୍ର ବଣ୍ଟନ କିଛି ମାସ ପରେ ଏହି ପ୍ରକ୍ରିୟା ଏକରକମ ବାଟବଣା ହୋଇଥିବା ସୂଚନା ମିଳିଛି। ଅନ୍ୟ ପକ୍ଷରେ ଯୋଗ୍ୟ ହିତାଧିକାରୀ ମାନେ ନିରାଶ ହେଉଥିବା ବେଳେ କେବେ କାର୍ଡ ମିଳିବ ତାକୁ ନେଇ ପ୍ରଶ୍ନ ଉଠାଇଛନ୍ତି। ସେହିପରି ବିଭିନ୍ନ ପଂଚାୟତରେ ମାଳ ମାଳ ଅଯୋଗ୍ୟ ହିତାଧିକାରୀ ଏବେ ମଧ୍ୟ ରାସନ କାର୍ଡ ତାଲିକାରେ ଥିବା ଲୋକେ ଅଭିଯୋଗ କରିଛନ୍ତି। ଏ ନେଇ ବ୍ଲକ ଯୋଗାଣ ନିରୀକ୍ଷକ ଶିବ ପ୍ରସାଦ ମହାନ୍ତି କହିଛନ୍ତି ବଣ୍ଟନ ପ୍ରକ୍ରିୟା ଚାଲୁ ରହିଛି। ବୁଦ୍ଧିଜୀବୀ ମହଲରେ ଦାବୀ ହୋଇଛି ଜିଲ୍ଲା ପ୍ରଶାସନ ପକ୍ଷରୁ ତୁରନ୍ତ ଏ ଦିଗରେ ପଦକ୍ଷେପ ନେବାକୁ ଅଞ୍ଚଳବାସୀ ଦାବୀ କରିଛନ୍ତି।


Tele MANAS 14416

**ରାଷ୍ଟ୍ରୀୟ 'ଟେଲି ମାନସ' ସହାୟତା**
**ଆପଣଙ୍କ ସେବାରେ**

**ଉପଲବ୍ଧ ପରାମର୍ଶ ସେବା :**

- ମାନସିକ, ସ୍ନାୟୁବିକ ଓ ନିଶାନିବାରଣ ସମ୍ବନ୍ଧୀୟ ସମସ୍ୟାର ସମାଧାନ ସମ୍ପର୍କିତ ପରାମର୍ଶ।
- ମାନସିକ ରୋଗ ପ୍ରତିରୋଧ ସମ୍ବନ୍ଧୀୟ ପରାମର୍ଶ।
- ଆତ୍ମହତ୍ୟାର ବିକଳ୍ପ ସମାଧାନ ଓ ନିରାକରଣ।
- ମାନସିକ ଚାପର ବଶବର୍ତ୍ତୀ ହେଉଥିଲେ ନିଃଶୁଳ୍କ ନଂ. ୧୪୪୧୬ ଅଥବା ୧୮୦୦-୮୯-୧୪୪୧୬ ରେ ପରାମର୍ଶ କରନ୍ତୁ।

ମହିଳା ସହାୟତା କେନ୍ଦ୍ର ୧୮୧
ଏବଂ
ଶିଶୁ ସହାୟତା ନିମନ୍ତେ ୧୦୯୮ ସହ ଯୋଗାଯୋଗ କରନ୍ତୁ।

DSPL-176 OIPR- 10003/13/0237/2526

facebook.com/HFWOdisha http://www.health.odisha.gov.in/ @HFWOdisha

ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ, ଓଡ଼ିଶା ସରକାର

### ଗୋବିନ୍ଦପୁର ଥାନାଞ୍ଚଳରେ ଲୁଟେରାଙ୍କ ଆତଙ୍କ

# ନିରାପଦ ଜୀବନ ଜୀଇଁବାକୁ ଉଚ୍ଚ କର୍ତ୍ତୃପକ୍ଷଙ୍କ ନିକଟରେ ଜନତାଙ୍କ ନିବେଦନ

କଣ୍ଟାପଡା (ପିପିଏସ): ଗତ ୧୪ ତାରିଖ ଦିନ ନିଆଳୀ ଦେବୀ କନ୍ଦଳା ଦ୍ୱିପରଞ୍ଚଳର ଜଣେ ମହିଳା ନିଆଳୀ ଥାନା ଏରଞ୍ଚ ବଜାରରେ ଥିବା ଦୋକନ ବନ୍ଦ କରି ଘରକୁ ନିଜ ସ୍କୁଟିରେ ପୁଅକୁ ବସାଇ ଫେରୁଥିବା ବେଳେ ଗୋବିନ୍ଦପୁର ଥାନାଞ୍ଚଳରେ ଆକ୍ରମଣ କରି ଲୁଟ୍ କରିବାକୁ ଉଦ୍ୟମ ଶିକାର ହୋଇଥିଲେ। ମହିଳାଙ୍କ ଉପସ୍ଥିତ ବୁଦ୍ଧି ଯୋଗୁଁ ଯଦିଓ ଲୁଟେରା ମାନେ କୌଣସି ଲୁଟ୍ କରିପାରି ନଥିଲେ ତେବେ ଲୁଟେରାଙ୍କ କଟୁରୀ ଚୋଟରେ ମହିଳା ଜଣକ କ୍ଷତାକ୍ତ ହୋଇଥିଲେ। ଏହି ସମୟରେ ସେହି ରାସ୍ତା ଦେଇ ଯାଉଥିବା ଏରଞ୍ଚ ଗ୍ରାମର ଜଣେ ଯୁବକ ଲୁଟେରାଙ୍କ କବଳରୁ ମହିଳାଙ୍କୁ ବଞ୍ଚାଇବାକୁ ଯାଇ ଆକ୍ରମଣର ଶିକାର ହୋଇଥିଲେ। କେବଳ ଏତିକି ନୁହେଁ ଏହି ଦୁଇ ଯୁବକ ଶଗଡାଇଲୋ ଗ୍ରାମର ଜଣେ ମହିଳାଙ୍କ ମଧ୍ୟ କ୍ଷତାକ୍ତ କରିଥିବା ଜଣାପଡିଛି। ଏହି ଅଭିଯୋଗରେ ଗୋବିନ୍ଦପୁର ଥାନା ପୋଲିସ ନିଆଳୀ ଅଞ୍ଚଳର ଦୁଇଜଣ ଲୁଟେରାଙ୍କୁ ଧରି ଆଜି କୋର୍ଟ ଚାଲାଣ କରିଥିବା ଜଣାପଡିଛି।



ଦିନକୁ ଦିନ ଗୋବିନ୍ଦପୁର ଥାନାଞ୍ଚଳ ଅସୁରକ୍ଷିତ ହୋଇପଡୁଛି। ନିକଟରେ କର୍ତ୍ତବ୍ୟରତ ଜଣେ ପୋଲିସ କର୍ମଚାରୀଙ୍କୁ କିଛି ଯୁବକ ମରଣାନ୍ତକ ଆକ୍ରମଣ କରି ଫେରାର ହୋଇଯାଇଥିବା ବେଳେ ଏବେ ଦୁଇ ଜଣ ଲୁଟେରା ଜଣେ ମହିଳାଙ୍କ ଗାଡିକୁ ଧକ୍କା ଦେଇ କଟୁରୀ ଦେଖାଇ ଲୁଟ୍ କରିବାକୁ ଉଦ୍ୟମ କରିଥିଲେ। ଖବର ମୁତାବକ ଗୋବିନ୍ଦପୁର ଥାନା ଅନ୍ତର୍ଗତ ଉତ୍ତାରଣ ପଞ୍ଚାୟତ ଭୋଗେଶ୍ୱର ଗ୍ରାମର ବିଷ୍ଣୁପ୍ରିୟା ସେନାପତି ନିଆଳୀ ଥାନା ଅନ୍ତର୍ଗତ ଏରଞ୍ଚ ବଜାରରେ ଥିବା ତାଙ୍କ ଦୋକାନ ବନ୍ଦ କରି ନିଜ ସ୍କୁଟିରେ ପୁଅକୁ ବସାଇ ଘରକୁ ଫେରୁଥିବା ବେଳେ କନ୍ଦଳ ପୋଲ ନିକଟରେ ହଠାତ୍ ତାଙ୍କ ଗାଡିକୁ କିଏ ପଛରୁ ଧକ୍କା ଦେଇଥିଲା। ପଛକୁ ଚାହିଁ ଦେଖିବା ବେଳକୁ ଦୁଇଜଣ ଯୁବକଙ୍କ ମଧ୍ୟରୁ ଜଣେ ଗାଡିରୁ ଓହ୍ଲାଇ ତାଙ୍କ ବେକରେ କଟୁରୀ ଲଗାଇବାକୁ ଉଦ୍ୟତ ହେଉଥିଲା। ଶ୍ରୀମତୀ ସେନାପତି କିଛି ବୁଝି ନପାରି ଗାଡିକୁ ନେଇ ଦ୍ରୁତ ଗତୀରେ ସେଠାରୁ ପଳାଇ ଯାଇ କିଛି ବାଟ ଦୁରତାରେ ବସିଥିବା ଲୋକଙ୍କୁ ଘଟଣା ସମ୍ପର୍କରେ କହିଥିଲେ। କଟୁରୀ ଧାର ବାଜି ତାଙ୍କ ଓଠରେ ଗଭୀର କ୍ଷତ ହୋଇ ରକ୍ତସ୍ରାବ ହେଉଥିଲା।ଏହି ସମୟରେ ସେହି ରାସ୍ତା ଦେଇ ଯାଉଥିବା ନାରାୟଣ ମହାପାତ୍ର ଯୁବକ ମାନଙ୍କ କବଳରୁ ମହିଳାଙ୍କୁ ସୁରକ୍ଷା ଦେବାକୁ ଯାଇ ଲୁଟେରାଙ୍କ ଆକ୍ରମଣର ଶିକାର ହୋଇଥିଲେ। ସେହିଦିନ ଏହି ଯୁବକ ଦୁଇଜଣ ନିଆଳୀ ଥାନା ଅ'ର୍ଗତ ଶଗଡାଇଲୋ ଗ୍ରାମର ଜୟନ୍ତୀ ବାରୀକଙ୍କ ମଧ୍ୟ କଟୁରୀରେ ଆକ୍ରମଣ କରି ଲୁଟ୍ କରିଥିଲେ। ମାତ୍ର କିଛି ଘଣ୍ଟା ବ୍ୟବଧାନରେ ଯୁବକ ଦୁଇଜଣଙ୍କ ଏପରି କାଣ୍ଡ ସାରା ଅଞ୍ଚଳରେ ଆତଙ୍କ ସୃଷ୍ଟି କରିଥିଲା। ଯାହା ଉଭୟ ନିଆଳୀ ଓ ଗୋବିନ୍ଦପୁର ପୋଲିସ ପାଇଁ ଚ୍ୟାଲେ ହୋଇପଡିଥିଲା। ତେବେ ଏହି ଦୁଇଜଣଙ୍କୁ ଏବେ ପୋଲିସ ଗୀରଫ କରି କୋର୍ଟ ଚାଲାଣ କରିଛି। ସେମାନଙ୍କ ଠାରୁ ଘଟଣାରେ ବ୍ୟବହାର କରାଯାଇଥିବା ଦୁଇଟି କଟୁରୀ ଓ ଟଙ୍କା ମଧ୍ୟ ଜବତ କରାଯାଇଛି। ଗୀରଫ ହୋଇଥିବା ଯୁବକ ମାନେ ହେଉଛନ୍ତି ନିଆଳୀ ଅଞ୍ଚଳର ନିରନ ବସ୍ତିଆ ଓ ବିଶ୍ୱଜିତ ହୋଇ। ତେବେ ଦିନକୁ ଦିନ ଗୋବିନ୍ଦପୁର ଥାନାଞ୍ଚଳ ଜନସାଧାରଣଙ୍କ ପାଇଁ ଅସୁରକ୍ଷିତ ହୋଇପଡୁଥିବା ବେଳେ ଉଚ୍ଚକର୍ତ୍ତୃପକ୍ଷ ଏଠାରେ କାର୍ଯ୍ୟରତ ଥିବା ଜଣେ ଆଇଆଇସି ପଦବୀର ଅଧିକାରୀଙ୍କୁ ଅନ୍ୟତ୍ର ବଦଳୀ କରି ତାଙ୍କ ସ୍ଥାନରେ ଜଣେ ଓଆଇସି ପଦବୀ ଧାରୀ ମହିଳାଙ୍କୁ ଅବସ୍ଥାପିତ କରିଛନ୍ତି। ସେହିଦିନ ଠାରୁ ଅଞ୍ଚଳରେ ଅସାମାଜିକ କାର୍ଯ୍ୟକଳାପ ବହୁମାତ୍ରାହରେ ବୃଦ୍ଧି ପାଇବାରେ ଲାଗିଛି। ଏ ସମ୍ପର୍କରେ ଗତ କିଛି ମାସ ତଳେ କଣ୍ଟାପଡା ବ୍ଲକରେ ଜିଲ୍ଲାପାଳଙ୍କ ଜନ ଶୁଣାଣୀ କାର୍ଯ୍ୟକ୍ରମରେ ଏହାଧିକ ନିର୍ବାଚିତ ଜନ ପ୍ରତିନିଧି ଓ ସାଧାରଣ ବ୍ୟକ୍ତି ଅଭିଯୋଗ କରିଥିଲେ ମଧ୍ୟ ଅଦ୍ୟାବଧି କୌଣସି ସାମାଧାନ କରାଯାଇନାହିଁ। ଏଣୁ ଉଚ୍ଚ କର୍ତ୍ତୃପକ୍ଷ ଏଥିପ୍ରତି ଦୃଷ୍ଟି ଦେଇ ଅଞ୍ଚଳବାସୀଙ୍କୁ ଏକ ସୁରକ୍ଷିତ ଜୀବତ ଜୀଇବାକୁ ସହାୟ ହୁଅନ୍ତୁ ବୋଲି ଦାବୀ ହେଉଛି।

## ସହିଦ୍ ପୀଠରେ ମଦ, ଗଞ୍ଜେଇ ଡ୍ରଗସର ଚାଲିଛି ଚୋରା ବେପାର

ଧୂଷୁରୀ (ପିପିଏସ): ବ୍ରିଟିଶ ଶାସନରୁ ମୁକ୍ତି ପାଇଁ ଭାରତ ବର୍ଷରେ ହୋଇଥିବା ସ୍ୱାଧୀନତା ଆନ୍ଦୋଳନର ଇତିହାସ ଆଜି ବି ଜୀବନ୍ତ। ଦେଶ ମାତୃକାର ମୁକ୍ତି ପାଇଁ ଅନେକ ସଂଘର୍ଷ ଓ ସଂଘାତ ଦେଖିବାକୁ ମିଳିଥିଲା ବେଳେ ଏଥିମଧ୍ୟରୁ ଭଦ୍ରକର (ଅବିଭକ୍ତ ବାଲେଶ୍ୱର ଜିଲ୍ଲାର) ଲୁଣିଆ ଠାରେ ଗତ ୮୩ ବର୍ଷ ତଳେ ଘଟିଥିବା ଗୁଳିକାଣ୍ଡର ସ୍ମୃତି ଏବେବି ତାଜା ହୋଇରହିଛି। ଘଟଣା ବହୁଳ ସ୍ୱାଧୀନତା ସଂଗ୍ରାମରେ ସଂଗଠିତ ଲୋମଟାଙ୍କୁରା ଲୁଣିଆ ଗୁଳିକାଣ୍ଡର ପୃଷ୍ଠଭୂମି ଆଜି ବି ଉଜ୍ଜୀବିତ ହୋଇରହିଛି। ପୁଲିସ ଗୁଳିରେ ଚାହୁଁ ଚାହୁଁ ସେହିଠାରେ ଟଳି ପଡ଼ିଥିଲେ ୯ ଜଣ ସଂଗ୍ରାମୀ। କ୍ଷତାକ୍ତ ହୋଇଥିଲେ ଅନେକ। ଗିରଫ ହେଲେ ସର୍ଦ୍ଦାର ମୁରଲୀ ପଣ୍ଡା। ରାଜୁଆଳିର ନିଧି ମହାଳିକ (୫୫), କୃଷ୍ଣ ମହାଳିକ (୨୮), ଶ୍ୟାମ ମହାଳିକ (୩୫), ଲୁଣିଆର ଅଗଣି ସାହୁ (୫୨), କଟସାହିର ଗୋପୀନାଥ ଯେନା (୨୫), କାଶିମପୁରର ନବକିଶୋର ନାୟକ (୩୨), ଶୁଶୁଆର ଗୌରୀ ଯେନା (୫୦), ପଥରଡ଼ିହରଚିନ୍ତାମଣି ଦାସ (୫୫) ଓ ଖପରପଦାର ଶଙ୍କର ବେହେରା (୫୦)। ସଂଗ୍ରାମୀଙ୍କ ରକ୍ତରେ ଲେଖା ହେଲା ସ୍ୱାଧୀନତା ଆନ୍ଦୋଳନ। ଆଜି ବି ବିରତ୍ୱ ର ଗାଥା ନିର୍ବାହ କରୁଚି ସହିଦ୍ ନଗରର ସ୍ମୃତି ପୀଠ। ବହୁ ବୀର ଯବାନ ସ୍ୱାଧୀନତା ନିମିତ୍ତ ନିଜର ପ୍ରାଣବଳୀ ଦେଇ ସହିଦ୍ ନଗରର ଇତିହାସକୁ କରିଛନ୍ତି ଗରୀମାମୟ, ଅକ୍ଷୟ ଓ ସ୍ୱର୍ଣ୍ଣମୟ। କିନ୍ତୁ ଇତିହାସ ର ବିରତ୍ୱ ଗାଥା ବହନ କରୁଥିବା ସ୍ମୃତି ପୀଠ ପାଲଟିଛି ଏବେ ଅସାମାଜିକ ଲୋକଙ୍କ ଆଡ୍ଡା ସ୍ଥଳୀ। ସହିଦ୍ ସ୍ମୃତି ପୀଠ ପାଖରେ ମଦୁଆ ମାତାଲ୍‌ଙ୍କ ଆଶ୍ରୟ ଗାର ପାଲଟିଲାନି। ଦିନ ରାତି କିଛି ନ ମାନି ମଦ ପିଇ ଅସଭ୍ୟ ଭାଷାରେ ଗାଳି ଗୁଲଜ କରୁଛନ୍ତି। ଏଥିପାଇଁ ଛାତ୍ରଛାତ୍ରୀ ତଥା ସାଧାରଣ ଜନତାଙ୍କ ନିମନ୍ତେ ଗମନାଗମନ ଅସହ୍ୟ ହୋଇ ପଡୁଚି। କେବଳ ସେତିକି ନୁହ ଧଳା ଜହରର ମଧ ସପ୍ଲାଏ ଚାଲିଛି। ସହିଦ୍‌ମାନଙ୍କୁ ସମ୍ମାନ ଦେବା ପ୍ରତି ବଦଳରେ ସହିଦ୍ ପୀଠରେ ଗଞ୍ଜେଇ ଡ୍ରଗସର ଚାଲିଛି ଚୋରା ବେପାରପ୍ରଶ୍ନ ଉଠୁଛି ସେହି ପାଖାପାଖି ୨୦୦ ମିଟର ପରିଧି ଭିତରେ ସହିଦ୍ ସ୍ମୃତି ଉଚ୍ଚ ମାଧମିକ ବିଦ୍ୟାଳୟ ରହିଛି ପୁଣି ସହିଦ୍ ସ୍ମୃତିପୀଠ ତା' ସାଙ୍ଗକୁ ସହିଦ୍ ନଗରର ମୁଖ୍ୟ ବଜାର ମଧ ରହୁଚି କିନ୍ତୁ ଏହି ଅସାମାଜିକ ମନୋମୁଖୀ କାର୍ଯ୍ୟକୁ ପ୍ରଶାସନର ଦୃଷ୍ଟି ନାହିଁ। ସ୍ଥାନୀୟ ବାସିନ୍ଦା ଏହା ବିଷୟରେ ଉଚ୍ଚ ପଦସ୍ଥ ଅଧିକାରୀଙ୍କ କର୍ଣ୍ଣପାତ କରାଇ ଥିଲେ ମଧ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ନାହିଁ। ଏବେ ଦିନକୁଦିନ ଅସାମାଜିକ ବ୍ୟକ୍ତିଙ୍କ ଦୌରାତ୍ମ୍ୟ ବଢ଼ିବାରେ ଲାଗିଛି ତେଣୁ ଆଗାମୀ ଦିନରେ ଆନ୍ଦୋଳନ ବିହିତ ପଦକ୍ଷେପ ଗ୍ରହଣ ନକଲେ ସ୍ଥାନୀୟ ବାସିନ୍ଦା ଜିଲ୍ଲାପାଳଙ୍କ ଦ୍ୱାରସ୍ଥ ହେବେ ବୋଲି ଚେତାବନୀ ଦେଇଛନ୍ତି।

## ମହିଳା ମହାବିଦ୍ୟାଳୟ ସମ୍ମୁଖରେ ଯୁବ ଓ ଛାତ୍ର ବିଜେଡିର ବିକ୍ଷୋଭ

ବ୍ରହ୍ମପୁର(ପିପିଏସ୍): ନ୍ୟାୟ ପାଇଁ ନିଜ ଦେହରେ ନିଆଁ ଲଗାଇ ବାଲେଶ୍ୱର ଫକୀରମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟର ଛାତ୍ରୀ ସୌମ୍ୟାଶ୍ରୀ ବିଶି ଆତ୍ମହତ୍ୟା କରିବା ଘଟଣା ସାରା ଦେଶରେ ଓଡ଼ିଶାକୁ ଲଜ୍ଜିତ କରିଛି। ତାଙ୍କୁ ବଞ୍ଚିବାକୁ ତ ଦେଲେନି ତାଙ୍କ ବଳିଦାନ ବ୍ୟଥ ନଯାଉ ଓ ଆଉ କୌଣସି ଝିଅ ଏମିତି ପରିସ୍ଥିତିର ଶିକାର ନହେଉ ଦାବିକରି ଯୁବ ଓ ଛାତ୍ର ବିଜେଡି ପକ୍ଷରୁ ଶଶୀଭୂଷଣ ମହିଳା ମହାବିଦ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିବା ସହ ମୁଖ୍ୟମନ୍ତ୍ରୀ ଓ ଉଚ୍ଚ ଶିକ୍ଷାମନ୍ତ୍ରୀଙ୍କ କୁଶପୁତ୍ତଳିକା ଦାହ କରିଥିଲେ। ସୌମ୍ୟାଶ୍ରୀର ଜୀବନ ଫେରାଇବ କିଏ, ସରକାର ତୁମେ ଜବାବ ଦିଅ ନାରାଦେଇ କର୍ମକର୍ତ୍ତାମାନେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ତାଙ୍କୁ ଉଚିତ୍ ନ୍ୟାୟ ନ ମିଳିବା ଯାଏଁ ଯୁବ ଓ ଛାତ୍ର ବିଜେଡି ପକ୍ଷରୁ ଆନ୍ଦୋଳନ ଜାରି ରହିବ ବୋଲି କର୍ମକର୍ତ୍ତାମାନେ କହିଥିଲେ। ବିକ୍ଷୋଭ ପ୍ରଦର୍ଶନରେ ଗଞ୍ଜାମ ଜିଲ୍ଲା ଜୋନ୍ ସଭାପତି ଜ୍ୟୋତିରଞ୍ଜନ ସାହୁ, ମହାନଗର ଯୁବ ସଭାପତି ଅଜିତ୍ ପଣ୍ଡା, ଛାତ୍ର ସଭାପତି ଶୋଭନ ନାୟକ, କର୍ପୋରେଟର ମଳୟ ବିଷୋୟୀ, ଦୁର୍ଗା ଲାୟକ, ସୂର୍ଯ୍ୟକାନ୍ତ ସୁବୁଦ୍ଧି, ୫୪ନମ୍ବର ଜିଲ୍ଲା ପରିଷଦ ସଭ୍ୟ ଦୀପକ ସାମନ୍ତ, ମଦନ ଦଳେଇ, ରାଜେଶ ପଟ୍ଟନାୟକ, ଆର୍.କାଶୀ, ଟି.ଶ୍ରୀନିବାସ, ମଧୁସୂଦନ ସାହୁ, କେ.ମୁନା ରେଡ୍ଡି, ତେଜେସ୍ୱର ସ୍ୱାମୀ, ଚିତ୍ରସେନ ମହାପାତ୍ର, ଜାମୁଲା ଶ୍ରୀନୁ ସମେତ ଯୁବ ଓ ଛାତ୍ର ବିଜେଡିର ବହୁ କର୍ମକର୍ତ୍ତା ଉପସ୍ଥିତ ଥିଲେ।

## କଣ୍ଟାପଡାରେ ବିଧାୟକଙ୍କ ଦ୍ୱାରା ଶିଳାନ୍ୟାସ କାର୍ଯ୍ୟକ୍ରମ

କଣ୍ଟାପଡା(ପିପିଏସ): କଣ୍ଟାପଡା ବ୍ଲକ ଅନ୍ତର୍ଗତ କଣ୍ଟାପଡା ପଞ୍ଚାୟତରେ ଆଜି ବିଧାୟକ ଛବି ମଲ୍ଲିକ ବିଭିନ୍ନ କାର୍ଯ୍ୟକ୍ରମର ଶିଳାନ୍ୟାସ କରିଛନ୍ତି। ଏହି ପଞ୍ଚାୟତ ଅନ୍ତର୍ଗତ ଓଲଟପୁର ଠାରେ ପ୍ରଧାନମନ୍ତ୍ରୀ ଆଦର୍ଶ ଗ୍ରାମ ଯୋଜନାରେ ହେବାକୁ ଥିବା ବିଭିନ୍ନ ପ୍ରକଳ୍ପର ଶୁଭାରମ୍ଭ କରିଛନ୍ତି। ଏହି ଗ୍ରାମରେ ସୋଲାର ଲାଇଟ୍, ଗ୍ରାମ୍ୟରାସ୍ତା,କମ୍ୟୁନିଟି ଲାଟିନ୍, କମ୍ୟୁନିଟି କମ୍ପୋଷ୍ଟ୍ ପିଟ୍ ଆଦି ନିର୍ମଣ ପାଇଁ ପ୍ରାୟ ୪୦ ଲକ୍ଷ ଟଙ୍କା ମଞ୍ଜୁର ହୋଇଛି। ଏହି ଅର୍ଥ ବ୍ୟୟରେ ପ୍ରକଳ୍ପ ଗୁଡିକ ନିର୍ମାଣ ରାଯିବ। ବିଧାୟକଙ୍କ ଏହି ଗସ୍ତ ସମୟରେ ସ୍ଥାନୀ ୟ ସରପଞ୍ଚ ନିର୍ମଳ କୁମାର ସାହୁ ସେମାନଙ୍କ ଶତାଧିକ ସମର୍ଥକଙ୍କ ସହ ବାଜାବାଣ ରୋଷଣୀରେ ବିଧାୟକଙ୍କୁ ପାଛୋଟି ଆଣିଥିଲେ। ପରେ କାର୍ଯ୍ୟକ୍ରମ ସ୍ଥଳରେ ଗ୍ରାମର ମହିଳା ମାନେ ହୁଳହୁଳି ଓ ବନ୍ଧାପନା କରି ବିଧାୟକଙ୍କୁ ଶିଳାନ୍ୟାସ ସ୍ଥଳକୁ ନେଇଥିଲେ। କାର୍ଯ୍ୟକ୍ରମରେ ସ୍ଥାନୀୟ ସମିତି ସଦସ୍ୟ ପବିତ୍ର ମୋହନ ସ୍ୱାଇଁ,ନାୟବ ସରପଞ୍ଚ ମମତା ମୁଦୁଲୀ, ଓ୍ୱାର୍ଡ ସଦସ୍ୟ ଝରଣା ଭୋଇ, ସୁପ୍ରିୟା ଭୋଇ, ମନୋଜ ସିଂ, ଦାସରଥି ଭୋଇ, ସଂଗ୍ରାମ ସିଂ, ନିବାସ ଜେନା,ମାଧବାନନ୍ଦ ଭୋଇ,ଅଶୋକ କୁମାର ସାମନ୍ତରାୟ, ପବିତ୍ର ମୋହନ ସାହୁ, ବସୁ ଜେନା, ମୁନା ଗାୟଆ, ଅରକ୍ଷିତ ଜେନା, ରମ୍ଭା ଭୋଇ, ନିରପମାଜେନା, ପ୍ରଶାନ୍ତ ଭୁୟାଂ, ଆକ୍ଷିତ ଜେନା, ପ୍ରଦୀପ ଜେନା ଓ ସାଗର ଜେନା ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମରେ ସହାୟତା କରିଥିଲେ। ଏହି ସମୟରେ ଗ୍ରାମର ବହୁ ବରିଷ୍ଠ ନାଗରୀକ ସେମାନଙ୍କର ବିଭିନ୍ନ ଅଭାବ ଅଭିଯୋଗ ସମ୍ପର୍କରେ ବିଧାୟକଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ପର୍ଯ୍ୟାୟ କ୍ରମରେ ସରପଞ୍ଚଙ୍କ ସହ ପରାମର୍ଶ କରି ସମସ୍ୟାର ସମାଧାନ କରାଯିବ ବୋଲି ବିଧାୟକ ଶ୍ରୀ ମଲ୍ଲିକ କହିଥିଲେ।



## ଉତ୍କଳ ସାହିତ୍ୟ ସମାଜ ପକ୍ଷରୁ କର୍ମବୀର ଗୌରୀଶଙ୍କରଙ୍କ ଜୟନ୍ତୀ

କଟକ (ପିପିଏସ୍): ଓଡ଼ିଶାର ଶତାୟୁ ସାରସ୍ୱତ ଅନୁଷ୍ଠାନ 'ଉତ୍କଳ ସାହିତ୍ୟ ସମାଜ' ପକ୍ଷରୁ ୧୩ ତାରିଖ ରବିବାର ପୂର୍ବାହ୍ନରେ କର୍ମବୀର ଗୌରୀଶଙ୍କର ରାୟଙ୍କ ଜୟନ୍ତୀ ଅନୁଷ୍ଠାନ ପରିସରରେ ପାଳିତ ହୋଇଥିଲା। ସଭାପତି ଡକ୍ଟର ଗୋବିନ୍ଦ ଚନ୍ଦ୍ର ଚାନ୍ଦଙ୍କ ଅଧ୍ୟକ୍ଷତା ଓ ସାଧାରଣ ସଂପାଦକ ଆଦିତ୍ୟ ପ୍ରତାପ ଧଳଙ୍କ ପରିଚାଳନାରେ ଅନୁଷ୍ଠିତ ଏହି ଜୟନ୍ତୀରେ ଉପସଭାପତି ଜୀବନାନନ୍ଦ ଅଧିକାରୀ, ସଂଗଠନ ସଂପାଦକ ସୁନାମଣି ରାଉତ, କାର୍ଯ୍ୟନିର୍ବାହିକା ସମିତି ସଦସ୍ୟ ଦିଲୀପ କୁମାର ଦାସ, ଶଶିକାନ୍ତ ରାଉତ, ବ୍ରହ୍ମାନନ୍ଦ ମହାନ୍ତି, ସରୋଜିନୀ ମିଶ୍ର, ମୁରଲୀଧର ଶତପଥୀଙ୍କ ସମେତ ସନ୍ତୋଷ କୁମାର ନନ୍ଦ, ରାଜୀବ କୁମାର ଷଡ଼ଙ୍ଗୀ, ଲକ୍ଷ୍ମୀପ୍ରସାଦ ଆଚାର୍ଯ୍ୟ ରବୀନ୍ଦ୍ର କୁମାର ପାଢ଼ୀ ଗୌରୀଶଙ୍କରଙ୍କ ଜୀବନ ଓ ସାଧନା ସଂପର୍କରେ ଆଲୋକପାତ କରିଥିଲେ। ଧନ୍ୟବାଦ ଅର୍ପଣ କରିଥିଲେ କାର୍ଯ୍ୟନିର୍ବାହିକା ସମିତିର ସଦସ୍ୟ ସରୋଜିନୀ ମିଶ୍ର। ଆରମ୍ଭରେ କର୍ମବୀର ଓ ଅନ୍ୟ ବରପୁତ୍ରଙ୍କ ପ୍ରତିକୃତିରେ ମାଲ୍ୟାର୍ପଣ କରାଯାଇଥିଲା।



## ନୂତନ ତହସିଲଦାରଙ୍କ କାର୍ଯ୍ୟରେ ଯୋଗଦାନ

ରଘୁନାଥପୁର (ପିପିଏସ୍): ରଘୁନାଥପୁର ତହସିଲରେ ବୁଧବାର ନୂତନ ତହସିଲଦାର ଭାବେ ରାଜଲକ୍ଷ୍ମୀ ନାୟକ କାର୍ଯ୍ୟଭାର ଗ୍ରହଣ କରିଛନ୍ତି। ଅତିରିକ୍ତ ତହସିଲଦାର ତପନ କୁମାର ପରିଡାଙ୍କ ସହ ସମସ୍ତ ଆରଆଇ ଓ ତହସିଲ କର୍ମଚାରୀମାନେ ଫୁଲତୋଡ଼ା ଦେଇ ତାଙ୍କୁ ଭବ୍ୟ ସ୍ୱାଗତ ଜଣାଇଥିଲେ।ତହସିଲଦାର ନାୟକ ପୂର୍ବରୁ ଭୁବନେଶ୍ୱର ମ୍ୟୁନିସପାଲିଟି କର୍ପୋରେସନରେ ଡେପୁଟୀ କମିଶନର ଭାବେ କାର୍ଯ୍ୟରତ ଥିଲେ।ଅଞ୍ଚଳବାସୀଙ୍କ ସହଯୋଗରେ କର୍ମଚାରୀଙ୍କ ସହ ସମନ୍ୱୟ ରଖି ସମସ୍ତ କାର୍ଯ୍ୟ ସୁରୁଖୁରୁରେ ହେବ ବୋଲି ନାୟକ ପ୍ରକାଶ କରିଛନ୍ତି।

## ସାପ କାମୁଡାର ପ୍ରାଥମିକ ଚିକିତ୍ସା ଓ ବନ୍ୟପ୍ରାଣୀ ଆଇନ ସଚେତନତା କାର୍ଯ୍ୟକ୍ରମ

ବ୍ରହ୍ମପୁର(ପିପିଏସ୍): ଗଞ୍ଜାମ ଜିଲ୍ଲା କୁକୁଡାଖଣ୍ଡି ବ୍ଲକ ବାଲିପଡା ସ୍ଥିତ ମହୁରୀ କାଳୁଆ ଜୁନିୟର କଲେଜରେ ବିଶ୍ୱ ସର୍ପ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ସାପ କାମୁଡାର ପ୍ରାଥମିକ ଚିକିତ୍ସା ଓ ବନ୍ୟପ୍ରାଣୀ ଆଇନ ଉପରେ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଗଞ୍ଜାମ ଜିଲ୍ଲାରେ ଦେଖାଯାଉଥିବା ସାପକୁ ଚିହ୍ନିବା, ସାପ କାମୁଡିଲେ ପ୍ରାଥମିକ ଚିକିତ୍ସା, ସମେତ ବନ୍ୟପ୍ରାଣୀ ଆଇନରେ ସାପର ସୁରକ୍ଷାକୁ ନେଇ ଥିବା ପ୍ରାବଧାନ ବିଷୟରେ ପିପିଟି ମାଧମରେ ବୁଝା ଯାଇଥିଲା। ଏହାପରେ କଲେଜ ଛାତ୍ରଛାତ୍ରୀଙ୍କ ମଧ୍ୟରେ ସଚେତନତା କାର୍ଯ୍ୟକ୍ରମରେ ଯେଉଁସବୁ ବିଷୟ ବୁଝା ଯାଇଥିଲା ସେଥିମଧ୍ୟରୁ କିଛି ବିଷୟକୁ ନେଇ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ସଠିକ ଉତ୍ତର ପ୍ରଦାନ କରିଥିବା ବିଦ୍ୟାର୍ଥୀଙ୍କୁ ପୁରସ୍କୃତ କରାଯାଇଥିଲା। ଆଞ୍ଚଳିକ ବିକାଶ ପରିଷଦ ସଭାପତି ସାଗର କୁମାର ପାତ୍ରଙ୍କ ସଂଯୋଜନାରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ କଲେଜ ଅଧକ୍ଷ ଡ.ପ୍ରସନ୍ନ କୁମାର ବିଷୋୟୀ, ସମ୍ମାନିତ ଅତିଥି ଭାବେ ଅଧାପକ ଉମେଶ କୁମାର ପାତ୍ର, ଏ.ସତ୍ୟ ନାରାୟଣ ସେନାପତି, ତ୍ରିପତି ବିଷୋୟୀ ପ୍ରମୁଖ ଯୋଗ ଦେଇଥିଲେ। ଅତିଥିଙ୍କ ଦ୍ୱାରା ୧୦ଜଣ ସର୍ପ ଉଦ୍ଧାରକଙ୍କୁ ସମ୍ମାନିତ କରାଯାଇଥିଲା। ବ୍ରହ୍ମପୁର ସବୁଜ ବାହିନୀ କୋଷାଧକ୍ଷ ଏମ୍.ଦିଲ୍ଲିପ କୁମାର ମଞ୍ଚ ପରିଚାଳନା କରିଥିବା ବେଳେ ଷ୍ଟେପ ଅନ ନେଚରର ସଂଯୋଜକ ସ୍ୱାଧୀନ ସାହୁ ପ୍ରଶିକ୍ଷକ ଭାବେ ଯୋଗ ଦେଇଥିଲେ। ଏଥିରେ ଆଞ୍ଚଳିକ ବିକାଶ ପରିଷଦର ବିଜେନ୍ଦ୍ର ମାଝୀ, ଧର୍ମରାଜ ପାତ୍ର, ନଳିନୀକାନ୍ତ ପରିଡା, ସବୁଜ ବାହିନୀର ଏ.ପ୍ରକାଶ, ଗଣେଶ ପାଣିଗ୍ରାହୀ, ଅରବିନ୍ଦ ଦେଶୀବେହେରା, ଷ୍ଟେପ ଅନ ନେଚରର ଶ୍ରୀକାନ୍ତ ନାହାକ, ସନ୍ଦୀପ ସେଠୀ, ତାରା ପ୍ରସାଦ ଦାଶ, ତ୍ରିଲୋଚନ ନାୟକ ପ୍ରମୁଖ ସହଯୋଗ କରିଥିଲେ।

## ସୌମ୍ୟାଶ୍ରୀଙ୍କୁ ଉଚିତ୍ ନ୍ୟାୟ ପ୍ରଦାନ ଦାବିରେ କ୍ୟାଣ୍ଡେଲ ଶୋଭାଯାତ୍ରା

ଚୌଦ୍ୱାର,(ପିପିଏସ୍): ଏଫ.ଏମ୍ ସ୍ୱୟଂଶାସିତ ମହାବିଦ୍ୟାଳୟର ଛାତ୍ରୀ ଦିବଂଗତ ସୌମ୍ୟାଶ୍ରୀ ବିଶିଙ୍କ ମୃତ୍ୟୁ ପରେ ସାରା ରାଜ୍ୟରେ ପ୍ରତିବାଦର ସ୍ୱର ଉତ୍ତୋଳନ ହେଉଛି। ସୌମ୍ୟାଶ୍ରୀଙ୍କୁ ଉଚିତ୍ ନ୍ୟାୟ ପ୍ରଦାନ,ଦୋଷୀଙ୍କୁ କଠୋର ଦଣ୍ଡ ପ୍ରଦାନ ଓ ମହିଳା ମାନଙ୍କୁ ସୁରକ୍ଷା ପ୍ରଦାନ ଆଦି ପାଇଁ ପାଇଁ ଚୌଦ୍ୱାର ନଗର କଂଗ୍ରେସ୍ ପକ୍ଷରୁ ଦୃଢ଼ ଦାବି କରାଯାଇଛି। ଏହି ପରିପ୍ରେକ୍ଷିରେ ସୌମ୍ୟଶ୍ରୀଙ୍କ ଅମର ଆତ୍ମାର ସଦ୍‌ଗତି ପାଇଁ ଓ ତାଙ୍କ ପରିବାରକୁ ଉଚିତ୍ ନ୍ୟାୟ ପ୍ରଦାନ ନିମନ୍ତେ ନଗର କଂଗ୍ରେସ ତରଫରୁ ଏକ କ୍ୟାଣ୍ଡେଲ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ନଗର ସଭାପତି ବିଜୟ କୁମାର ବେହେରାଙ୍କ ନେତୃତ୍ୱରେ ଆୟୋଜିତ ଏହି ଶୋଭାଯାତ୍ରା ଗାନ୍ଧୀଛକ ସ୍ଥିତ କଂଗ୍ରେସ କାର୍ଯ୍ୟାଳୟରୁ ବହାରି ନଗର ପରିକ୍ରମା କରିଥିଲା। ଶୋଭାଯାତ୍ରାକାରୀ ମାନେ ହାତରେ କ୍ୟାଣ୍ଡେଲ ଧରି ବିଭିନ୍ନ ଧ୍ୱନୀ ଦେଇ ଶୋଭାଯାତ୍ରାରେ ଚୌଦ୍ୱାରର ବିଭିନ୍ନ ଅଞ୍ଚଳ ପରିକ୍ରମା କରିଥିଲେ। ମହିଳା ସଭାପତି ମୋନାଲିସା ଦାସ, ରାଜୀବ ମହାନ୍ତି, ହରିହର ପରିଡା, ସୁବାସ ସୁବୁଦ୍ଧିରାୟ, ଅବନୀ ନାୟକ, ଦିଲ୍ଲିପ ଭୁୟାଁ, ଜୟନ୍ତୀ ନାଥ, ଅର୍ଣ୍ଣବ ସାମଲ, ସଂଗୀତା ସ୍ୱାଇଁଙ୍କ ସମେତ ସତାଧିକ କର୍ମୀ ଶୋଭାଯାତ୍ରାରେ ସାମିଲ ହୋଇଥିଲେ।

### ନବମ ବାର୍ଷିକ ଜିଲ୍ଲା ବ୍ୟାପି ସେବା ଉତ୍ସବ ଉଦ୍‌ଘାଟିତ

# ବିଶାଳ ତ୍ରିରଙ୍ଗା ଶୋଭାଯାତ୍ରାରେ ସହର ପରିକ୍ରମା କଲେ ଯୁବପିଢି

ନୟାଗଡ଼ (ପିପିଏସ୍): ନୟାଗଡ଼ ସେବା ଉତ୍ସବ ସମିତି ଆନୁକୁଲ୍ୟରେ ନବମ ବାର୍ଷିକ ଜିଲ୍ଲା ବ୍ୟାପି ସେବା ମହୋତ୍ସବ ମହାସମାରୋହରେ ଉଦ୍ଘାଟିତ ହୋଇ ଯାଇଛି।
ଏହି ଉଦ୍‌ଘାଟନୀ ଉତ୍ସବରେ ବିଶାଳ ତ୍ରିରଙ୍ଗା ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ଦୁଇଶହ ମିଟରର ଲମ୍ବ ବିଶାଳ ଏକ ବିଶାଳ ତ୍ରିରଙ୍ଗା ପତାକା ଶତାଧିକ ଯୁବକ ଯୁବତୀ ଏଥିରେ ସାମିଲ ହୋଇଥିଲେ। ଶହ ଶହ ଯୁବକ ଏହି ଯାତ୍ରାରେ ଯୋଗଦେଇ ଦେଶପ୍ରେମରେ ଉଦଭାସିତ ହୋଇଥିଲେ। ପ୍ରବଳ ବର୍ଷା ସତ୍ତ୍ୱେ ଯୁବକମାନଙ୍କ ସ୍ୱରରେ ଏବଂ ଦେଶପ୍ରେମ ନାରାରେ ଚତୁର୍ଦ୍ଦିଗ ପ୍ରକମ୍ପିତ ହୋଇଥିଲା। ଦେଶସେବା ପାଇଁ ଏ ସେବା ଉତ୍ସବର ନିଆରା ପ୍ରୟାସ ଅତ୍ୟନ୍ତ ହୃଦୟସ୍ପର୍ଶୀ ହୋଇଥିଲା। ନୟାଗଡ଼ ସେବା ଉତ୍ସବ ସମିତି ର ଅଧକ୍ଷ ଶିବରାମ ମହାପାତ୍ରଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଅତିଥି ଭାବେ ନୟାଗଡ଼ ପୌରପରିଷଦର ଅଧକ୍ଷା ନିରୁପମା ଖଟେଇ, ସେବା ଉତ୍ସବ ସମିତିର ଉପଦେଷ୍ଟା ସନ୍ତୋଷ କୁମାର ପ୍ରଧାନ, ବରିଷ୍ଠ ସାମ୍ବାଦିକ ପ୍ରମୋଦ କୁମାର ପଟ୍ଟନାୟକ ପ୍ରମୁଖ ଯୋଗଦେଇ ଯୁବକମାନଙ୍କୁ ଉତ୍ସାହିତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସାମାଜିକ କର୍ମୀ ରଶ୍ମିରଂଜନ ଜେନା, ସୌମ୍ୟ ରଂଜନ ପ୍ରଧାନ, ସଞ୍ଜୟ କୁମାର ନାୟକ, ଅଶୋକ କୁମାର ଭଞ୍ଜ ପ୍ରମୁଖ୍ କାର୍ଯ୍ୟକ୍ରମରେ ଯୋଗଦେଇଥିଲେ। ଆଜିର ଏହି କାର୍ଯ୍ୟକ୍ରମକୁ ସେବା ସମିତି ସଦସ୍ୟ ଗୁଲସନ କୁମାର, ସୌମ୍ୟା ସ୍ୱୟଂପ୍ରଭା, ବର୍ଷା ପ୍ରିୟଦର୍ଶନୀ, ସ୍ମୃତିଶିଖା, ପ୍ରଶାନ୍ତ କୁମାର, ସତ୍ୟ ବେହେରା, ସ୍ନେହା ପ୍ରିୟଦର୍ଶନୀ, ପରମେଶ୍ୱର ସାହୁ, ଆଶୁତୋଷ ସାହୁ, ଉମାକାନ୍ତ ମହାପାତ୍ର, ଅଭିଜିତ କର, କରନ ବଡଟିଆ, ଅନସୂୟା ପ୍ରଧାନ, ଶ୍ରଦ୍ଧାଞ୍ଜଳି ବାରିକ, ଗୀତାଞ୍ଜଳି ପ୍ରଧାନ, ଅଶ୍ୱିନୀ କୁମାର ସେଠି, ଆଶୁତୋଷ ସାହୁ, ଲକ୍ଷ୍ମୀଧର ପାଣିଗ୍ରାହୀ, ଅନନ୍ୟା ମୈତ୍ରୀ, ପ୍ରିୟବ୍ରତ ସାହୁ, ଉମେଶ କୁମାର ନାୟକ, ଗାୟତ୍ରୀ, ରଞ୍ଜନ, ରବି ଏବଂ ଦେବଦୂତ ସେବା ପରିଷଦର କର୍ମକର୍ତ୍ତା ଆଦି ପରିଚାଳନା କରିଥିଲେ। ସେବା ଉତ୍ସବ ସମିତି ପକ୍ଷରୁ ଏହି ଅବସରରେ ସବୁ ବର୍ଷ ପରି ଏଥର ମଧ ମହାଆଡମ୍ବରରେ ପନ୍ଦର ଦିନ ବ୍ୟାପୀ ଜିଲ୍ଲାର ବିଭିନ୍ନ ସ୍ଥାନରେ ସେବା କାର୍ଯ୍ୟକ୍ରମ ଆୟୋଜନ କରାଯିବ ବୋଲି ସମିତି ପକ୍ଷରୁ ସୂଚନା ଦିଆଯାଇଛି କ୍ଷ ଆଜି ଠାରୁ ଆଗାମୀ ଜୁଲାଇ ତିରିଶ ତାରିଖ ଯାଏଁ ଅନ୍ନ ଦାନ, ବସ୍ତ୍ର ଦାନ, ମାଗଣା ସ୍ୱାସ୍ଥ୍ୟ ସେବା ଶିବିର, ଚଷମା ବଣ୍ଟନ, ରକ୍ତ ଦାନ, ଭିନ୍ନକ୍ଷମଙ୍କ ଦ୍ୱାରା ସାଂସ୍କୃତିକ କାର୍ଯକ୍ରମ ଆଦି ସେବା ଭିତ୍ତିକ କାର୍ଯକ୍ରମ ଅନୁଷ୍ଠିତ ହେବ ବୋଲି ସମିତି ଅଧକ୍ଷ ସୂଚନା ଦେଇଛନ୍ତି।

### ଗୋପାଳକଙ୍କ ଠାରୁ ସରକାରୀ ଅଧିକାରୀଙ୍କ ଲାଞ୍ଚ

## ଏଷ୍ଟିମେଟ କରାଇବାକୁ ଫୋନ୍ ପେ'ରେ ଲାଞ୍ଚ ନେଇଥିବା ଅଭିଯୋଗ

ଅସ୍ତରଙ୍ଗ (ପିପିଏସ୍): ରାଜ୍ୟରେ ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ ଯୋଜନା କାର୍ଯ୍ୟକାରୀ ହେବା ସରକାରଙ୍କ ଯୁଗାନ୍ତକାରୀ ପଦକ୍ଷେପ। ଚାଷୀଙ୍କ ବିକାଶ ହେଲେ, ରାଜ୍ୟ ବିକଶିତ ହେବ। ଚାଷୀ ଙ୍କ ବିକାଶ ପାଇଁ ସରକାରଙ୍କ ବିଭିନ୍ନ ଯୋଜନା କରିଥିବା ବେଳେ ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ ଯୋଜନା ଏଥିରେ ଅନ୍ୟତମ।ପ୍ରକୃତି ଓ ପରିବେଶ ସର୍ବଦା ମାନବ ଜଗତ, ପ୍ରାଣୀ ଜଗତ ତଥା ବୃକ୍ଷ ଜଗତ ସହିତ ଅଙ୍ଗାଙ୍ଗୀଭାବରେ ଜଡିତ। ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକ ଅଂଚଳରେ ଶତାଧିକ ଗୋ ପାଳକ ରହିଛନ୍ତି। ବିଭିନ୍ନ ସରକାରୀ ଯୋଜନା ତଥା ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ ଯୋଜନାରେ ସହାୟତା ପ୍ରଦାନ କରାଯାଉଛି। ଯାହାକି ଗୋପାଳକଙ୍କ ଆୟ ବୃଦ୍ଧି କରିବାରେ ସହାୟକ ହେବ। କିନ୍ତୁ ସରକାରଙ୍କ ଜନକଲ୍ୟାଣ ଯୋଜନା ଲୋକଙ୍କ ନିକଟରେ ପହଂଚାଇବା ପରିବର୍ତ୍ତେ ଗରିବ ନିରୀହ ଗୋପାଳକ ଠାରୁ ଲାଞ୍ଚ ନିଆଯାଇଥିବା ଚାଷୀ ଦୁର୍ଯ୍ୟୋଧନ ନାୟକ ନିଜ ସାମାଜିକ ଗଣମାଧ୍ୟମରେ ଜଣାଇଛନ୍ତି।

ଖବର ମୁତାବକ ରାଜ୍ୟ ସରକାରଙ୍କ ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ ଯୋଜନାରେ ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକ ଅନ୍ତର୍ଗତ ତାଳଦା ପଂଚାୟତର ଗରିବ ଗୋପାଳକ ଦୁର୍ଯ୍ୟୋଧନ ନାୟକ ଯୋଜନା ରେ ଆବେଦନ କରିଥିଲେ ଅସ୍ତରଙ୍ଗ ପ୍ରାଣୀଧନ ଚିକିତ୍ସାଳୟରେ। ସମସ୍ତ କାଗଜ ପତ୍ର ପେଠ କରିବା ପରେ ଅସ୍ତରଙ୍ଗ ପ୍ରାଣୀଧନ ଚିକିତ୍ସାଳୟର ଅତିରିକ୍ତ ପ୍ରାଣୀଧନ ଅଧିକାରୀ ଡକ୍ଟର ରାଜେଶ ମହାପାତ୍ରଙ୍କୁ ଭେଟି ଥିଲେ ଗୋପାଳକ ଦୁର୍ଯ୍ୟୋଧନ ନାୟକ। ଗୁହାଳ ନିର୍ମାଣ କରିବା ପୂର୍ବରୁ ଅଟକଳ ଖର୍ଚ୍ଚ ଶହ କାଗଜ ପତ୍ର ରେ ଜଣେ ବିଭାଗୀୟ ଯନ୍ତ୍ରୀଙ୍କ ଦସ୍ତଖତ ଶହ ଏଷ୍ଟିମେଟ ପେପେର ଆବଶ୍ୟକତା ରହିଛି। ଗୋପାଳକ ଦୁର୍ଯ୍ୟୋଧନ ନାୟକ ଅସ୍ତରଙ୍ଗ ବ୍ଲକରେ କାର୍ଯ୍ୟରତ ମହିଳା ଯନ୍ତ୍ରୀ ଏଷ୍ଟିମେଟ ବାବଦକୁ ୫ ହଜାର ଟଙ୍କା ମାଗିଥିଲେ, କିନ୍ତୁ ଗରିବ ଚାଷୀଟି ଆକୁଳ ନିବେଦନ କରିବାରୁ ୧୦ଜୁଲାଇରେ ଦୁର୍ଯ୍ୟୋଧନ ନାୟକଙ୍କ ଫୋନ୍ ପେ'ରୁ ୩ ହଜାର ଟଙ୍କା ନେଇଥିଲେ। ଏଥିରେ ଦୁର୍ଯ୍ୟୋଧନ କହିବା ଅନୁଯାୟୀ ପାଠ ପଢିନଥିବାରୁ କେବଳ ନିଜ ଫୋନ୍ ରେ ପିନ ନମ୍ବର ମାରିଥିଲେ। ଏହା ପରେ ବିଭାଗୀୟ ଯନ୍ତ୍ରୀ ଏଷ୍ଟି ମେଟ ପେପେର ଶହ ବିଭିନ୍ନ କାଗଜ ରେ ଦସ୍ତଖତ ମଧ ମାରିଥିଲେ। ଚାଷୀ ଦୁର୍ଯ୍ୟୋଧନ ନାୟକ ଯାହାକୁ ନେଇ ନିଜ ଏକ୍ସ ମାଧ୍ୟମରେ ଚାଷୀ ଜଣାଇଥିବା ବେଳେ ସାମାଜିକ ଗଣ ମାଧ୍ୟମରେ ଭିଡିଓ ବାର୍ତ୍ତା ପୋଷ୍ଟ କରିଛନ୍ତି। ଯାହାକୁ ନେଇ ଗରିବ ଲୋକଙ୍କୁ ଏଭଳି ଶୋଷଣ କରୁଛନ୍ତି ସରକାରୀ ଅଧିକାରୀ। କିନ୍ତୁ ବିଭାଗୀୟ ଅଧିକାରୀଙ୍କ ସହ ଘଟଣା ସମ୍ପର୍କରେ ଜାଣିବାକୁ ଯୋଗାଯୋଗ କରିଥିଲେ ମଧ ସମ୍ଭବ ହୋଇନାହିଁ।ଏ ନେଇ ଅସ୍ତରଙ୍ଗ ବିଡ଼ିଓ ସୁଶ୍ରୀ ସର୍ସ୍ମିତା ବେହେରା କହିଛନ୍ତି ବ୍ଲକ ପ୍ରଶାସନ ତରଫରୁ ଏ ସମ୍ବନ୍ଧୀୟ କୌଣସି ଅଧିକାରୀ ଙ୍କୁ ଯାଞ୍ଚ ପାଇଁ ପଠା ଯାଇନାହିଁ, ଏହା ଶହ ଏ ଘଟଣା ସମ୍ପର୍କରେ କୌଣସି ଅବଗତ ନାହୁଁ। ଯାହା ଚର୍ଚ୍ଚା ହେଉଛି ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ ଯୋଜନାରେ ଜଣେ ଯନ୍ତ୍ରୀଙ୍କ ଦସ୍ତଖତ ଶହ ଏଷ୍ଟିମେଟ ଦରକାର ଯାହା ବାବଦକୁ ଗରିବ ଚାଷୀଙ୍କ ଠାରୁ ୩ ହଜାର ନେଇଛନ୍ତି ବୋଲି ଚାଷୀ ଅଭିଯୋଗ ଆଣିଛନ୍ତି।ସ୍ଥାନୀୟ ଅଞ୍ଚଳରେ ଦାବି ହୋଇଛି ଘଟଣାର ସତ୍ୟାସତ୍ୟ ଅନୁସନ୍ଧାନ ସହ ଉଚ୍ଚ ସ୍ତରୀୟ ଅଧିକାରୀ ତଦନ୍ତ କରିବା ଆବଶ୍ୟକ।

## ସୌମ୍ୟାଶ୍ରୀ ମୃତ୍ୟୁ ଘଟଣା, ବ୍ଲକ୍ କଂଗ୍ରେସର ବିକ୍ଷୋଭ ଶୋଭାଯାତ୍ରା

ଧାମନଗର (ପିପିଏସ): ଫକୀର ମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟ ବାଲେଶ୍ୱରର ଛାତ୍ରୀ ସୌମ୍ୟାଶ୍ରୀ ବିଶି ମୃତ୍ୟୁ ଘଟଣାରେ ସାରା ରାଜ୍ୟରେ ଆଇନଶୃଙ୍ଖଳା ପରିସ୍ଥିତି ଦେଖା ଦେଇଛି।ଇଣ୍ଟିଗ୍ରେଟେଡ ବିଏଡ ଛାତ୍ରୀ ସୌମ୍ୟାଶ୍ରୀ କଲେଜ ଅଧାପକଙ୍କ ଦ୍ୱାରା ମାନସିକ ନିର୍ଯ୍ୟାତନା ସମ୍ପର୍କରେ ମହାବିଦ୍ୟାଳୟ କର୍ତ୍ତୃପକ୍ଷଙ୍କ ଠାରୁ ଆରମ୍ଭ କରି ସରକାରରେ ଥିବା ସ୍ଥାନୀୟ ନିର୍ବାଚିତ ଲୋକ ପ୍ରତିନିଧି, ବିଭାଗୀୟ ମନ୍ତ୍ରୀ, ମୁଖ୍ୟମନ୍ତ୍ରୀ, ପୋଲିସ ପ୍ରଶାସନ, ଗଣମାଧ୍ୟମ ସଭିଙ୍କୁ ଗୁହାରି କରି ଶେଷକୁ ଆତ୍ମହତ୍ୟା ନିଷ୍ପତ୍ତି ନେଇ ପେଟ୍ରୋଲ ଢ଼ାଳି ନିଜ ଦେହରେ ନିଆଁ ଲଗାଇ ଦେଇଥିଲେ। ଏହି ଦୁର୍ଘଟଣାରେ ୯୦ ପ୍ରତିଶତରୁ ଊର୍ଦ୍ଧ୍ୱ ପୋଡ଼ି ଯାଇଥିବା ଛାତ୍ରୀ ଜଣକ ଭୁବନେଶ୍ୱର ଏମ୍ସରେ ଚିକିତ୍ସିତ ଅବସ୍ଥାରେ ମୃତ୍ୟୁ ବରଣ କରିଥିଲେ। ତା ପରଠୁ ସାରା ରାଜ୍ୟରେ ବିରୋଧୀଙ୍କ ପକ୍ଷରୁ ଆରମ୍ଭ ହୋଇଥିଲା ବିଦ୍ରୋହ ଓ ବିକ୍ଷୋଭ। ଗତ ମଙ୍ଗଳବାର ବିଜେଡି ବିଭିନ୍ନ ସ୍ଥାନରେ ବିକ୍ଷୋଭ ଓ ପ୍ରତିବାଦ ସଭା କରିବା ସହ ମୁଖ୍ୟମନ୍ତ୍ରୀ ଓ ଉଚ୍ଚ ଶିକ୍ଷା ମନ୍ତ୍ରୀଙ୍କ କୁଶ ପୁତ୍ତଳିକା ଦାହ କରିଥିଲା। ବୁଧବାର ମୁଖ୍ୟମନ୍ତ୍ରୀ ଓ ଉଚ୍ଚ ଶିକ୍ଷା ମନ୍ତ୍ରୀଙ୍କ ଇସ୍ତଫା ଦାବିକରି ବିଜେଡ଼ି ପକ୍ଷରୁ ବାଲେଶ୍ୱର ବନ୍ଦ କରାଯାଇଥିବା ବେଳେ ଭୁବନେଶ୍ୱର ସମେତ ରାଜ୍ୟର ଅଧିକାଂଶ କଲେଜରେ ଜୋରଦାର ବିକ୍ଷୋଭ ପ୍ରଦର୍ଶନ ହୋଇଛି। ଏହି ପରିପ୍ରେକ୍ଷୀରେ ୧୭ ତାରିଖ ଗୁରୁବାର କଂଗ୍ରେସ ଦଳ ପକ୍ଷରୁ ଓଡ଼ିଶା ବନ୍ଦ ଡ଼ାକରା ଦିଆଯାଇଥିବା ବେଳେ ବୁଧବାର ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଏହି ଅବସରରେ ଧାମନଗର ବ୍ଲକ କଂଗ୍ରେସ ପକ୍ଷରୁ ସଭାପତି ରମେଶ ଚନ୍ଦ୍ର ବେହେରାଙ୍କ ନେତୃତ୍ୱରେ ଏକ ବିକ୍ଷୋଭ ଶୋଭାଯାତ୍ରା ମେଡ଼ିକାଲ ବଜାର ଠାରୁ ବାହାରି ବ୍ଲକ କାର୍ଯ୍ୟାଳୟ ସମ୍ମୁଖକୁ ଯାଇଥିଲା। ସେଠାରେ ବିକ୍ଷୋଭକାରୀ ମାନେ ବିଜେପିର ଡବଲ ଇଞ୍ଜିନ ସରକାର ବିରୋଧରେ ବର୍ଷିଥିଲେ। ଏହି ବିକ୍ଷୋଭ ପଦଯାତ୍ରାରେ କଂଗ୍ରେସ ନେତା ରଞ୍ଜନ କୁମାର ବେହେରା, ଅଭିଷେକ ରାଉତ,ବିଦ୍ୟାଧର ଯେନା, ହୃଦାନନ୍ଦ ସେଠୀ, ପ୍ରସନ୍ନ କୁମାର ଧଳ, ସଞ୍ଜୟ ମିଶ୍ର, ମାନସ ମହାପାତ୍ର, ହରିହର ସାହୁ, ପ୍ରମୋଦ ସ୍ୱାଇଁ, ମଦନ ମୋହନ ଦାସ, ମାନସ ରଞ୍ଜନ ସାହୁ, ଆଲୋକ ସ୍ୱାଇଁ, ପ୍ରଦୀପ୍ତ କିଶୋର ଦାସ ପ୍ରମୁଖ ସାମିଲ ଥିଲେ। ପରେ ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓ ଉଚ୍ଚ ଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜଙ୍କ କୁଶ ପୁତ୍ତଳିକା ଦାହ କରାଯାଇ ଥିଲା। ଶାନ୍ତି ଶୃଂଖଳା ରକ୍ଷା ପାଇଁ ଧାମନଗର ଥାନା ଆଇଆଇସି ଗୋପାଳକୃଷ୍ଣ ଜେନାଙ୍କ ନେତୃତ୍ୱରେ ପୋଲିସ ଫୋର୍ସ ମୁତୟନ ହୋଇଥିଲେ।



### ୨ବର୍ଷ ପରେ ଏମ୍‌କେସିଜି ସ୍ୱାସ୍ଥ୍ୟ ବିକାଶ ସମିତି ବୈଠକ

# ସିଦ୍ଧାର୍ଥନଗର-ଗୋଇଲୁଣ୍ଡି ସଂଯୋଗ ପାଇଁ ବିକଳ୍ପ ରାସ୍ତା

ବ୍ରହ୍ମପୁର, (ପିପିଏସ୍): ମହାରାଜା କୃଷ୍ଣ ଚନ୍ଦ୍ର ଗଜପତି (ଏମ୍‌କେସିଜି) ମେଡିକାଲ କଲେଜ ଓ ହସ୍ ?ପିଟାଲ ସ୍ୱାସ୍ଥ୍ୟ ବିକାଶ ସମିତି (ଏସ୍ ବିଏସ୍) ବୈଠକ ଦକ୍ଷିଣାଞ୍ଚଳ ଆରଡିସି ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଏସବିଏସ୍ ଅଧକ୍ଷ ଆରଡିସି ରୁପା ରୋଶନ ସାହୁଙ୍କ ଅଧକ୍ଷତାରେ ଅନୁଷ୍ଠିତ ବୈଠକରେ ୧୯ଟି ଖସଡାକୁ ନେଇ ଆଲୋଚନା ହୋଇଥିଲା। ୨୦୨୩ ଜୁଲାଇ ୧୪ରେ ଶେଷ ଏସ୍‌ଏସ୍ ବୈଠକ ହୋଇଥିଲା। ଗତ ବୈଠକର ଆଲୋଚନାକୁ ସମୀକ୍ଷା କରିବା ପରେ ଆଜିର ଖସଡ଼ା ଆଲୋଚନାକୁ ଆସିଥିଲା। କାର୍ଯ୍ୟକ୍ଷେତ୍ରରେ ଡାକ୍ତର, ନର୍ସ ଓ ସ୍ୱାସ୍ଥ୍ୟ କର୍ମଚାରୀଙ୍କ ପାଇଁ ସୁରକ୍ଷିତ ବାତାବରଣ ସୃଷ୍ଟି କରିବାକୁ ପ୍ରାଥମିକତା ଦିଆଯାଇଥିଲା। ସ୍ୱାସ୍ଥ୍ୟ ବିଭାଗ ନିର୍ଦ୍ଦେଶ ପ୍ରକାରେ ଏସ୍କେସିଜିରେ ସୁରକ୍ଷିତ ବାତାବରଣ ସୃଷ୍ଟି କରାଯିବ। ଗୋଟିଏ ପ୍ରବେଶ ଓ ପ୍ରସ୍ଥାନ ଗେଟ୍ ରହିବ। ଅନ୍ତଃ ଚିକିତ୍ସା ବିଭାଗରେ ରହୁଥିବା ରୋଗୀ ସମ୍ପର୍କୀୟଙ୍କୁ ଦୁଇଟି ପାସ୍ ଦିଆଯିବ। ସେମାନେ ସେହି ପାସ୍ ଦେଖାଇ ହସ୍‌ପିଟାଲ ଭିତରକୁ ଆସିବେ। ସାଧାରଣଲୋକ ଓ ସେମାନଙ୍କ ଗାଡ଼ି ପ୍ରବେଶରେ ରୋକ୍ ଲଗାଇବାକୁ ଆଲୋଚନା ହୋଇଥିଲା। ସମୟନୁସାରେ ରୋଗୀଙ୍କୁ ଦେଖିବାକୁ ସେମାନଙ୍କ ସମ୍ପର୍କୀୟ ପାସ୍ ଦେଖାଇ ଯାଇପାରିବେ। ଏମକେସିଜିରେ ଏବେ ପୂର୍ଣ୍ଣ କ୍ଷମତାରେ ସିକ୍ୟୁରିଟି ଗାର୍ଡ ରହୁନଥିବାରୁ ଏଜେନ୍ସି ଉପରେ କ୍ଷୁବ୍ଧ ହୋଇଥିଲେ ଆରଡିସି ଓ ଅନ୍ୟ ସଦସ୍ୟ। ସିକ୍ୟୁରିଗାର୍ଡକୁ ନେଇ ବିଭିନ୍ନ ସମୟରେ ଅଭିଯୋଗ ହେଉଛି ଓ ପୂର୍ଣ୍ଣ କ୍ଷମତାରେ ସେମାନେ ହସ୍‌ପିଟାଲରେ ରହୁନଥିବା ବେଳେ ଯୋଗ୍ୟତା ଅନୁସାରେ ନିଯୁକ୍ତି ଦିଆଯାଇ ନାହିଁ ବୋଲି ଅଭିଯୋଗ ହୋଇଥିଲା। ହସ୍‌ପିଟାଲରେ ୨୪ ଘଣ୍ଟା ସିକ୍ୟୁରିଟି ବ୍ୟବସ୍ଥା କରିବାକୁ ଆଲୋଚନା ହୋଇଛି। ଅଧିକରୁ ଅଧିକ ସିସିଟିଭି ଖଞ୍ଜାଯିବ। ଯାହାର ଷ୍ଟୋରେଜ୍ କ୍ଷମତା ଅନ୍ତତଃ ୩ ମାସ ରହିବା ଆବଶ୍ୟକ। ସୁବ୍ୟବସ୍ଥିତ ପାର୍କିଂ ବ୍ୟବସ୍ଥା ସହ ପୁଲିସର ନଜର କ୍ୟାମ୍ପସ୍ ଉପରେ ରହିବ ବୋଲି ଆଲୋଚନା ହୋଇଛି। ନୂଆବସ୍ ଷ୍ଟାଣ୍ଡକୁ ସିଦ୍ଧାର୍ଥନଗର ସଂଯୋଗ କରୁଥିବା ଶହେ ଫୁଟିଆ ରାସ୍ତା ନିର୍ମାଣ ହୋଇଛି। କିନ୍ତୁ ସିଦ୍ଧାର୍ଥନଗର-ଗୋଇଲୁଣ୍ଡି ସଂଯୋଗ ପାଇଁ କ୍ୟାମ୍ପସ୍ ଭିତର ଦେଇ ସାଧାରଣ ଲୋକ ଯାତାୟତ କରୁଛନ୍ତି। କ୍ୟାମ୍ପସ୍ ଭିତରକୁ ସାଧାରଣ ଲୋକଙ୍କ ପ୍ରବେଶକୁ ବାରଣ କରିବାକୁ ହେଲେ ସିଦ୍ଧାର୍ଥନଗର-ଗୋଇଲୁଣ୍ଡି ବିକଳ୍ପ ରାସ୍ତା ନିର୍ମାଣ କରିବାକୁ ଆଲୋଚନା ହୋଇଛି। ଏମକେସିଜି ପୁରୁଣା ଇନ୍‌ଡୋର କୋଠା ୨୦୧୫ରୁ ଅସୁରକ୍ଷିତ ଘୋଷଣା କରିଛି ପୂର୍ତ୍ତ ବିଭାଗ। ସେବେଠାରୁ ଏହି କୋଠା ଭାଙ୍ଗିବାକୁ ନିଷ୍ପତ୍ତି ହୋଇଥିବା ବେଳେ ବିଭିନ୍ନ କାରଣରୁ ଭଙ୍ଗାଯାଇପାରୁନି। ବର୍ତ୍ତମାନ ଏହି କୋଠାରୁ ସମସ୍ତ ବିଭାଗ ସ୍ଥାନାନ୍ତର ହୋଇସାରିଛି। କେବଳ କିଛି ଭଙ୍ଗା ସାମାନ ରହିଛି। ପ୍ରତି ଏମ୍‌ବିବିଏସ୍‌ରେ ଆଲୋଚନା କରାଯାଉଛି କିନ୍ତୁ କୋଠା ଭଙ୍ଗାଯାଉ ନାହିଁ। ଏହି କୋଠାକୁ ଭାଙ୍ଗିବା ଦିଗରେ ତୁରନ୍ତ ପଦକ୍ଷେପ ନେବାକୁ ଆଲୋଚନା ହୋଇଥିଲା। ଯେଉଁ ସଂସ୍ଥା କୋଠା ଭାଙ୍ଗିବ ସେ ଏମ୍ସିଜିକୁ ଟଙ୍କା ଦେବ। କାରଣ ଏହି କୋଠାରୁ ବହୁ ରଦ୍ଦ ସାମାନ ବାହାରିବ। କୋଠା ଭାଙ୍ଗିବା ପାଇଁ ପୁଣି ଡିପିଆର ପ୍ରସ୍ତୁତ କରିବା ସହ ଟେଣ୍ଡର କରିବାକୁ ନିର୍ଦ୍ଦେଶ ହୋଇଛି। କ୍ୟାମ୍ପସ୍‌ରେ ଡେଡିକେଟେଡ୍ ବିଦ୍ୟୁତ୍ ସେବା ଯୋଗାଇଦିଆଯାଉଥିବା କୁହାଯାଉଥିବା ବେଳେ ଡିଜି ଚାଲିବା ପାଇଁ ୧୩ ଲକ୍ଷ ୨୧ ହଜାର ଟଙ୍କା ଖର୍ଚ୍ଚ ହୋଇଥିବା ଦର୍ଶାଯାଇଛି। ଯାହାକୁ ନେଇ ବୈଠକରେ ଉଦ୍‌ବେଗ ପ୍ରକାଶ ପାଇଥିଲା। ହସ୍‌ପିଟାଲ ଭିତରେ ଅସ୍ଥାୟୀ ବଜାର ଗଢ଼ି ଉଠିଛି। କ୍ୟାମ୍ପସ୍‌କୁ ସେମାନେ ଆବର୍ଜନାମୟ କରୁଛନ୍ତି। ଅସ୍ଥାୟୀ ବଜାର ଉଚ୍ଛେଦ କରିବାକୁ ଆଲୋଚନା ହୋଇଛି।

ଏମ୍‌କେସିଜିର ସମସ୍ତ କୋଠାରେ ଅଗ୍ନିନିରାପତ୍ତା ନାହିଁ। କିନ୍ତୁ ପ୍ରତ୍ୟେକ ବର୍ଷ ଲକ୍ଷାଧିକ ଟଙ୍କା ଖର୍ଚ୍ଚ ହେଉଛି। ଯାହାକୁ ନେଇ ଏସ୍‌ଏସ୍‌ର କିଛି ସଦସ୍ୟ ଅସନ୍ତୋଷ ପ୍ରକାଶ କରିଥିଲେ। ଡାକ୍ତରଖାନାର ଆୟ ବ୍ୟୟ, ଡ୍ରେନ୍ ସଫେଇ, ପାର୍କ, ଜବରଦଖଲ ଉଚ୍ଛେଦ, ଅଗ୍ନିଶମ କାର୍ଯ୍ୟାଳୟ କୋଠା ନିର୍ମାଣ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟକୁ ନେଇ ଆଲୋଚନା ହୋଇଥିଲା।

# ସରପଞ୍ଚଙ୍କ ସ୍ୱାମୀଙ୍କ ହତ୍ୟା ଘଟଣାରେ ୪ଗିରଫ
# ଖୁଲାସା କଲେ ସୁବର୍ଣ୍ଣପୁର ଏସ୍‌ପି

ସୁବର୍ଣ୍ଣପୁର, (ହି.ସ.) – ଜିଲ୍ଲାର ରାମପୁର ଥାନା ତଥା ଡୁଙ୍ଗୁରିପାଲି ବ୍ଲକର ଗଜବନ୍ଧ ପଂଚାୟତର ସରପଞ୍ଚ ବାସନ୍ତୀ କ୍ଷେତୀଙ୍କ ସ୍ୱାମୀ ବଲ୍ଲଭ କ୍ଷେତିଙ୍କୁ ଗତ ୧୦ ତାରିଖରେ ନିର୍ମମ ହତ୍ୟା କରାଯାଇଥିବା ଘଟଣାରେ ୪ ଜଣ ହତ୍ୟାକାରୀଙ୍କୁ ଗିରଫ କଲା ସୁବର୍ଣ୍ଣପୁର ଜିଲ୍ଲା ପୋଲିସ। ସୂଚନା ଅନୁସାରେ ଏହି ଘଟଣାରେ ୪ଜଣ ଅଭିଯୁକ୍ତଙ୍କୁ ଗିରଫ କରି ସୁବର୍ଣ୍ଣପୁର ଜିଲ୍ଲା ପୋଲିସ ସହାୟତାରେ ରାମପୁର ପୋଲିସ ଜେଲ୍ ପଠାଇବାରେ ସମର୍ଥ ହୋଇଛି। ଘଟଣା ଦିନ ରାତିରେ ସ୍ୱର୍ଗତ ବଲ୍ଲଭ ଖେତୀ ବାଇକରେ ନିଜ ଗ୍ରାମ ଗଜବନ୍ଧ ପଂଚାୟତ କେନ୍ଦୁପାଲିକୁ ଯାଉଥିବା ସମୟରେ ପ୍ରାୟ ରାତି ୧୦ଟା ସମୟରେ ଗଜବନ୍ଧଠାରୁ ୨କିମି ଦୂର ବ୍ରାହ୍ମଣିପାଲି, ପଣ୍ଡରାପାଲି ଓ କେନ୍ଦୁପାଲି ଗ୍ରାମର ମଧ ଭାଗରେ ଥିବା ଛକ ନିକଟରେ ଅଭିଯୁକ୍ତ ୪ ଯୁବକ ବ୍ରାହ୍ମଣିପାଲି ର ଯୋଗେଶ୍ୱର ଭୋଇ (୪୨), ପଣ୍ଡରାପାଲିର ଗୋବିନ୍ଦ ବେହେରା(୨୬), ଗଜବନ୍ଧର ସୁଜେଇ ଧନଞ୍ଜୟ ପ୍ରଶାୟତ(୪୦), ଗଜବନ୍ଧର ଜଗଦିଶ ହୃଷିକେଶ ବର୍ଗତି(୫୪) ଛପି ରହି ଅତର୍କିତ ଭାବରେ ଏହି ଆକ୍ରମଣ କରିଥିଲେ । ଖଣ୍ଡକ୍ଷ ଚୋଟରେ ବଲ୍ଲଭ ତଳେ ପଡି ଯାଇଥିଲେ। ଖବର ପାଇ ପରିବାର ଏବଂ ସଂପର୍କୀୟମାନେ ତାଙ୍କୁ ଡୁଙ୍ଗୁରିପାଲି ଡାକ୍ତରଖାନାକୁ ଆଣିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏହି ଘଟଣାକୁ ଜିଲ୍ଲା ପୋଲିସ୍ ଗୁରୁତର ସହ ନେଇ ଖୋଦ୍ ଏସପି ନାରାୟଣ ନାୟକ ଘଟଣା ସ୍ଥଳକୁ ଯାଇ ଏହାର ପ୍ରାଥମିକ ତଦନ୍ତ କରିଥିଲେ। ପରେ ଜିଲ୍ଲା ପୋଲିସ ଏହାର ତଦନ୍ତ ଭାର ରାମପୁର ପୋଲିସକୁ ଦେଇ ଥିବାବେଳେ ସୋନପୁର ଏସଡିପି ଓ ପ୍ରତାପ ଚନ୍ଦ୍ର ତ୍ରିପାଠୀଙ୍କ ଉପସ୍ଥିତି ପରାମର୍ଶ କ୍ରମେ ରାମପୁର ଥାନା ଅଧିକାରୀ ପଦ୍ମାସିନି ମେହେରଙ୍କ ନେତୃତ୍ୱ ରେ ଏକ ସ୍ୱତନ୍ତ୍ର ପୋଲିସ ଟିମ ସଠିକ ଭାବରେ ଅନୁସନ୍ଧାନ କରି ସମସ୍ତ ଅପରାଧୀଙ୍କୁ ଠାବ କରିବାରେ ସଫଳ ହୋଇଛି। ଜମି ବିବାଦ ଓ ଭିନ୍ନ ଭିନ୍ନ ବିବାଦରେ ପୂର୍ବରୁ ଯୋଗେଶ୍ୱର ଭୋଇ ଓ ଗୋବିନ୍ଦ ବେହେରାଙ୍କ ସହ ବଲ୍ଲଭ କ୍ଷେତି ଙ୍କ ଖୁବ୍ ଝଗଡ଼ା ହୋଇଥିବା ତଦନ୍ତରୁ ଜଣାପଡ଼ିଛି। ତେଣୁ ଗୋବିନ୍ଦ ଓ ଯୋଗେଶ୍ୱର ଏ ଦୁହେଁ ମୁଖ୍ୟ ଆସାମୀ ବୋଲି ଏସପି ସୁଚନା ଦେଇଛନ୍ତି। କେନ୍ଦ୍ର କରି ନୂତନ ଏସପିଙ୍କ ଯୋଗଦାନ ପରେ ଜିଲ୍ଲାରେ ଘଟିଥିବା ବଡ ବଡ ଚୋରି ଲୁଟ୍ ଓ ହତ୍ୟା ଘଟଣାର ତୁରନ୍ତ ଏକ୍ସନ୍ ଓ ପର୍ଦ୍ଦାଫାଶ କରିବାରେ ସଫଳ ହୋଇ ଥିବାରୁ ଜିଲ୍ଲାର ବୁଦ୍ଧିଜୀବୀ ମହଲରେ ପ୍ରଶଂସା କରଯାଇଛି। ସାଧାରଣ ଜନତାଙ୍କ ମଧ୍ୟରେ ପୋଲିସ ପ୍ରତି ଆଶା ବିଶ୍ୱାସ ଓ ଭରସା ବୃଦ୍ଧି ପାଇଛି।

# ଶୋଚନୀୟ ରାସ୍ତା: ଲୋକେ ହିନସ୍ତା
# ଫସି ରହିଲା ସରକାରୀ ବସ୍



କଳାହାଣ୍ଡି :ରାସ୍ତା ଶୋଚନୀୟ ଯୋଗୁ ଏକ ସରକାରୀ ବସ୍ ଆଗକୁ ଯାଇ ନପାରି ଦୀର୍ଘ ସମୟ ଅଟକିରହିଥିଲା। ଫଳରେ ଯାତ୍ରୀମାନେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହୋଇଥିଲେ। ଏଭଳି ଏକ ଘଟଣା ସୋମବାର ଅପରାହ୍ନରେ କଳାହାଣ୍ଡି ଜିଲା ଥୁଆମୂଳ ରାମପୁର ବ୍ଲକ୍ ଅଞ୍ଚଳରେ ଦେଖିବାକୁ ମିଳିଛି। ଏହି ବ୍ଲକ୍‌ର ଡୁମେରପଦର ମୁଖ୍ୟ ରାସ୍ତା ଭବାନୀପାଟଣା, ଥୁଆମୂଳ ରାମପୁର, ଅଡ୍ରି, ଗୋପୀନଥପୁର, ମାଳିଗାଁ ସମେତ ରାୟଗଡ଼ା ଜିଲାର କାଶୀପୁରକୁ ସଂଯୋଗ କରୁଛି। ଏହି ରାସ୍ତାରେ ଦିନତମାମ ଭାରିଯାନ ସହ ଯାତ୍ରୀବାହୀ ବସ୍ ଚଳାଚଳ କରିଥାଏ। କିନ୍ତୁ ଡୁମେରପଦର ଗ୍ରାମ ଶେଷ ମୁଣ୍ଡରେ ନବୀକରଣ କାମ ଅଟକିରହିଥିବାରୁ ରାସ୍ତା ଶୋଚନୀୟ ହୋଇପଡିଛି। ଫଳରେ ସୋମବାର ଭବାନୀପାଟଣାଠାରୁ ଗୋପୀନାଥପୁର ଯାଉଥିବା ସରକାରୀ ବସ୍ ଫସିରହିଥିଲା। ଜେସିବି ସାହାଯ୍ୟରେ ଏହାକୁ ଉଠାଇ ଭଲ ରାସ୍ତାକୁ ଅଣାଯିବା ପରେ ବସ୍‌ଟି ଗନ୍ତବ୍ୟସ୍ଥଳକୁ ଯାଇଥିଲା। ବିଶ୍ୱସ୍ତ ସୂତ୍ରରୁ ଜଣାପଡିଛି, ମୁଖ୍ୟ ରାସ୍ତାର ଦୁଇପାର୍ଶ୍ୱରେ କିଛି ସ୍ଥାନୀୟ ବ୍ୟକ୍ତିଙ୍କର ନିଜସ୍ୱ ଜାଗା ରହିଛି। ଏଥିଯୋଗୁ ନବୀକରଣ କାର୍ଯ୍ୟରେ ବାଧା ସୃଷ୍ଟି ହେଉଛି। ପୂର୍ତ୍ତ ବିଭାଗ ଅଧିକାରୀ ଓ ସ୍ଥାନୀୟ ବାସିନ୍ଦାଙ୍କ ମଧ୍ୟରେ ବୁଝାମଣା କରାଯାଇ ରାସ୍ତାକାମ ଶେଷ କରିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି। ଏ ସମ୍ପର୍କରେ ପୂର୍ତ୍ତ ବିଭାଗ କନିଷ୍ଠ ଯନ୍ତ୍ରୀ ମିନିକେତନ କାର୍ଜିଙ୍କୁ ପଚାରିବାରୁ ମାଲିକ ଜାଗା ଛାଡୁନ ଥିବାରୁ ସମସ୍ୟା ଦେଖାଦେଇଛି। ପୂର୍ବରୁ ଆମେ ଡ୍ରେନ୍ ଓ ଅନ୍ୟାନ୍ୟ କାମ କରିବା ସହ ମ୍ୟାଟେରିଆଲ ମଧ ପକାଇଥିଲୁ। ହେଲେ ଜମି ମାଲିକ ଅଧିକାରୀଙ୍କ ସହ ପାଟିତୁଣ୍ଡ କଲେ। ପରେ ଆମେ ସ୍ଥାନୀୟ ବ୍ଲକ ଅଧକ୍ଷ ଓ ତହସିଲଦାରଙ୍କୁ ସେ ସ୍ଥାନକୁ ନେଇ ଜମି ମାଲିକଙ୍କ ସହ ଆଲୋଚନା କରିଥିଲୁ। ହେଲେ ସୁଫଳ ମିଳିପାରି ନାହିଁ। ପୁଣି ଆପୋସ ବୁଝାମଣା ପାଇଁ ଜମି ମାଲିକଙ୍କ ସହ ଆଲୋଚନା କରିବୁ ବୋଲି କହିଛନ୍ତି।

## ନାଳରେ ବୁଡ଼ି ଜୀବନଗଲା

କେନ୍ଦୁଝର : ନିକଟ ନାଳକୁ ଗାଧୋଇବାକୁ ଯାଇ ନିଖୋଜ ଥିବା ବ୍ୟକ୍ତିର ଶବ ଉଦ୍ଧାର ହୋଇଛି। ପ୍ରକାଶ ଯେ, ସଦର ମହକୁମା ବରଦାପାଳ ପଞ୍ଚାୟତ ତଳକମ୍ପଡିଃ ଗ୍ରାମର ଚଷା ଦେହୁରୀଙ୍କ ଶବ ଗାଁ ନିକଟରେ ଥିବା ନାଳରୁ ବଢ଼ି ପାଣିରେ ଭାସୁଥିବା ଅବସ୍ଥାରେ ଠାବ ହୋଇଛି । ସଦର ପୋଲିସ ଖବରପାଇ ଘଟଣାସ୍ଥଳରେ ପହଞ୍ଚି ଶବକୁ ଉଦ୍ଧାର କରି ତଦନ୍ତ ଆରମ୍ଭ କରିଥିବା ଜଣାପଡ଼ିଛି।

## ପୁଟ୍ରିଖମଣ ଜଳଭଣ୍ଡାରରେ ଗେଟ୍ ନିର୍ମାଣ ଦାବି



କୁଆଁରମୁଣ୍ଡା: ଚଳିତ ଲଗାଣ ବର୍ଷାରେ ସୁନ୍ଦରଗଡ ଜିଲା କୁଆଁରମୁଣ୍ଡା ବ୍ଲକ ଅନ୍ତର୍ଗତ ପୁଟ୍ରିଖମଣ ଜଳଭଣ୍ଡାର ଫୁଲି ଉଠିଛି। ଉକ୍ତ ଜଳଭଣ୍ଡାରରେ ଶାଗାବେଡା, କୁଦାବେଡା,ଦୁମାଙ୍ଗଦିରି ପାହାଡ ଇତ୍ୟାଦିରୁ ବର୍ଷା ଜଳ ପ୍ରବେଶ କରୁଛି। ଫଳରେ ଜଳଭଣ୍ଡାର ଫୁଲି ଉଠିଛି। ମାତ୍ର ଏହି ଜଳ ଭଣ୍ଡାରରେ ଗେଟ ନ ଥିବାରୁ ଜଳକୁ ସଂରକ୍ଷଣ କରାଯାଇପାରୁ ନାହିଁ। ଗେଟ ନିର୍ମାଣ କରାଗଲେ ଅଧିକ ପରିମାଣର ଜଳ ସଂରକ୍ଷଣ ହୋଇପାରନ୍ତା। ଯାହାକି ସ୍ଥାନୀୟ ଅଞ୍ଚଳର ଶତାଧିକ ହେକ୍ଟର ଚାଷ ଜମିକୁ ଖରା ଦିନରେ ଜଳସେଚନ ହୋଇପାରନ୍ତା ବୋଲି ଜିଲା ପରିଷଦ ସଭ୍ୟ ରାଜେନ୍ଦ୍ର କୁଜୁର ପ୍ରଶାସନର ହସ୍ତକ୍ଷେପ ଲୋଡିଛନ୍ତି। ଅନ୍ୟପକ୍ଷରେ ଜଳଭଣ୍ଡାରରୁ ଜଳ ଏବେ ବାହାରି ଯାଉଥିବାରୁ ସ୍ଥାନୀୟ ଲୋକେ ବଡ ବଡ ମାଛ ମାରୁଛନ୍ତି।

## ଜଳିଗଲା ବିଲାତିବୋଝେଇ ଟ୍ରକ୍

ମୟୂରଭଞ୍ଜ : ମୟୂରଭଞ୍ଜ ଜିଲା ଝାରପୋଖରିଆ ଥାନା ଅଧିନ ୧୮ନଂ ଜାତୀୟ ରାଜପଥର ଶଙ୍କୁଚା ନିକଟରେ ବୁଧବାର ଭୋରୁ ଏକ ବିଲାତି ବୋଝେଇ ଟ୍ରକ ରାସ୍ତା ମଝିରେ ହୁତୁହୁତୁ ହୋଇ ଜଳିଯାଇଛି । ରାସ୍ତା ଡିଭାଇଡରରେ ବାଡେଇ ହୋଇଥିବାରୁ ଟ୍ରକଟି ଜଳିଯାଇଥିବା ବେଳେ ଅଳ୍ପକେ ଡ୍ରାଇଭର ଓ ହେଲପର ବର୍ତ୍ତି ଯାଇଛନ୍ତି । ଏହି ଟ୍ରକ୍ ?ଟି ବାରିପଦା ପଟୁ ଆସୁଥିଲା। ସୂଚନାଯୋଗ୍ୟ, ଟ୍ରକଟି ରାଞ୍ଚିଅଭିମୁଖେ ଯାଉଥିବା ସମୟରେ ଦୁର୍ଘଟଣାର ଶିକାର ହୋଇଥିଲା। ନିଆଁ ଲାଗିବା ଖବରପାଇ ଦମକଳ ବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିଛି । ଝାରପୋଖରିଆ ପୋଲିସ ପହଞ୍ଚି ଘଟଣାର ତଦନ୍ତ କରୁଛି ।

## ଜିଲ୍ଲା ଚିକିତ୍ସାଳୟରେ ମାରପିଟ୍ ମାମଲା, ୨ ଗିରଫ

ଜୟପୁର,(ହି.ସ.) - ଜୟପୁର ସ୍ଥିତ ଜିଲ୍ଲା ଚିକିତ୍ସାଳୟରେ ଶିଶୁ ବିଭାଗ୍ୱାର୍ଡରେ ଗତ ସୋମବାର ରାତି ୪ଜଣ ଦୁର୍ବୃତ କାର୍ଯ୍ୟରତ ସୁରକ୍ଷାକର୍ମୀ ଓ ୪ର୍ଥ ଶ୍ରେଣୀ କର୍ମଚାରିଙ୍କୁ ମାରପିଟ କରିବା ଓ ମହିଳା ନର୍ସଙ୍କୁ ଦୁଃବ୍ୟବହାର କରିଥିବା ନେଇ ଜୟପୁର ସଦରଥାନାରେ ଏକ ମାମଲା ରୁଜୁ ହୋଇଥିଲା। ଏହି ମାମଲା ରେ ଦୁଇ ଅଭିଯୁକ୍ତ କୁ ଗିରଫ କରିଛି ପୋଲିସ ଓ ଗିରଫ ଅଭିଯୁକ୍ତ ମାନେ ହେଲେ ଉମୁରୀ ଗ୍ରାମର ସୁରଜ ଖୋସଲା ଓ ସୁରଜ ବାଘ। ଅଭିଯୋଗ ପରେ ସଦର ପୁଲିସ ସିସିଟିଭି ଯାଂଚ କରି ଦୁର୍ବୃତ ମାନଙ୍କୁ ଚିହ୍ନଟ କରି ଗିରଫ କରି କୋର୍ଟ ଚାଲାଣ କରିଥିବା ବିଷୟ ସଦର ଥାନା ଅଧିକାରି ସଚ୍ଚିନ୍ଦ୍ର ପ୍ରଧାନ ସୂଚନା ଦେଇଛନ୍ତି। ପୁଲିସ ସୂଚନା ଅନୁଯାୟୀ ଗତ ସୋମବାର ରାତି ସାଢେ ୧୧ଟା ସମୟରେ ଜଣେ ନାବାଳିକା ରୋଗୀ ଚିକିତ୍ସାଳୟକୁ ଆସିଥିଲେ। ଏହିପରି ଉପସ୍ଥିତ ନର୍ସ ମାନେ ସମ୍ପୃକ୍ତା ନାବାଳିକା ରୋଗୀକୁ ଡାକ୍ତରଙ୍କ ପରାମର୍ଶ କ୍ରମେ ସାଲାଇନ ପ୍ରଦାନ କରିଥିଲେ। ହଠାତ ଜଣେ ଯୁବକ ମାତାଲ ଅବସ୍ଥାରେ ପହଁଚି ନାବାଳିକାଙ୍କ ସାଲାଇନ ବାହାର କରିବାକୁ ଲାଗିଥିଲା। ଏହିପରି ସୁରକ୍ଷାକର୍ମୀ ଦୁର୍ବୃତ୍ତକୁ ଅଟକାଇ ବାହାରକୁ ଯିବାକୁ କହିଥିଲେ। ଦୁର୍ବୃତ ଜଣକୁ ବାହାରକୁ ଯାଇ ଅନ୍ୟ ୩ଜଣ ଦୁର୍ବୃତ୍ତଙ୍କୁ ଡାକିଆଣିଥିଲେ। ୪ଜଣ ଦୁର୍ବୃତ ଡାକ୍ତରଖାନାରେ ଥିବା ନର୍ସ ଏବଷ୍ପ ପିତବାସ ଚାଲାଣ ନାମକ ଜଣେ ୪ର୍ଥ ଶ୍ରେଣୀ କର୍ମଚାରିଙ୍କୁ ମାଡ ମାରିଥିଲେ। ସେଠାରେ ଦାୟୀତ୍ୱରେ ଥିବା ୩ଜଣ ନର୍ସଙ୍କୁ ଗାଳିଗୁଲଜ କରିବା ସହ ଦୁଃବ୍ୟବହାର ପ୍ରଦର୍ଶନ କରିଥିଲେ। ଏଥିନେଇ କର୍ମଚାରୀ ମାନେ ନିଜର ସୁରକ୍ଷା ପାଇଁ ଗତ ରବିବାର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ଅଧିକ୍ଷକଙ୍କୁ ଲିଖିତ ଭାବେ ଜଣାଇବା ପରେ ଅଧିକ୍ଷକ ଥାନାରେ ଏତଲା ଦେବା ପରେ ପୁଲିସ ଏକ ମାମଲା ରୁଜୁ କରିଥିଲା ।

## ୨୮ ଟିକିଆ ହାତୀପଲଙ୍କ ଉପଦ୍ରବ
# ପୁଣି ଭାଙ୍ଗିଲେ ୩ଘର

ଚମ୍ପୁଆ, (ହି.ସ.) ଚମ୍ପୁଆ ରେଞ୍ଜ ଅନ୍ତର୍ଗତ କୃଷ୍ଣପୁର, ଗମ୍ଭାରିଆ ଠାରେ ଆଡ୍ଡା ଜମାଇ ଥିବା ୨୮ଟିକିଆ ହାତୀ ପଲ ବିଭିନ୍ନ ଗ୍ରାମରେ ପଶି ଉପଦ୍ରବ ଜାରୀ ରଖିଛନ୍ତି । ଏହି ହାତୀ ପଲ ଗତକାଲି ଚମ୍ପୁଆ ବ୍ଲକର ଗମ୍ଭାରିଆ, ସାନନଇ ଓ ରଜିଆ ଗ୍ରାମରେ ୧୩ ଘର ଭାଙ୍ଗିଥିବା ବେଳେ ଆଜି ଗମ୍ଭାରିଆ ଗ୍ରାମରେ ପୁଣି ୩ ଟି ଘର ଭାଙ୍ଗି ଥିବା ଜଣାପଡିଛି। ଗମ୍ଭାରିଆ ଗ୍ରାମ ନୂଆଗୋଡ଼ା ସାହିର କରୁଣା ମହାନ୍ତଙ୍କ ଘର ଭାଙ୍ଗିବା ସହ ଧାନ ଖାଇ ବିଞ୍ଚି ଦେଇଥିବା ବେଳେ ଅନ୍ୟଟି ଗମ୍ଭାରିଆ ଗ୍ରାମ ଆହାର ଗୋଡ଼ା ର ଚତୁର୍ଭୁଜ ନାୟକଙ୍କ ଘର ଭାଙ୍ଗିଥିବା ଜଣାପଡିଛି । ଏଥି ସହ ବନ ବିଭାଗ କର୍ମଚାରୀ ମାନେ ମଧ ହାତୀଙ୍କୁ ଘଉଡାଇବାରେ ବିଫଳ ହେଉଥିବାରୁ ହାତୀଙ୍କ ଦ୍ୱାରା କ୍ଷତି ଗ୍ରସ୍ତ ହୋଇଥିବା ପରିବାରଙ୍କୁ ଚିହ୍ନଟ କରି କ୍ଷତି ପୁରଣ ଯୋଗାଇ ଦେବାକୁ ପ୍ରଶାସନଙ୍କୁ ଗ୍ରାମବାସୀ ଅନୁରୋଧ କରିଛନ୍ତି ।

## ଏଫ୍‌ଏମ୍ ମହାବିଦ୍ୟାଳୟ ଛାତ୍ରୀ ଆତ୍ମହତ୍ୟା ଘଟଣା
# ବିଜେଡିର ବିକ୍ଷୋଭ, ରାସ୍ତାରୋକ

ଜୟପୁର, (ହି.ସ.) - ବାଲେଶ୍ୱର ସ୍ଥିତ ଫକୀର ମୋହନ ସ୍ୱୟଂ ଶାସିତ ମହାବିଦ୍ୟାଳୟର ଛାତ୍ରୀ ଆତ୍ମହତ୍ୟା ଓ ଯୌନ ନିର୍ଯାତନା ଘଟଣାକୁ ବିରୋଧ କରି ଜୟପୁର ବିଜୁ ଯୁବ- ଛାତ୍ର ଜନତା ଦଳ ତରଫରୁ ବିକ୍ଷୋଭ ପ୍ରଦର୍ଶନ କରିଛି । ଜୟପୁର ସ୍ଥିତ ବିକ୍ରମ ଦେବ ବିଶ୍ୱ ବିଦ୍ୟାଳୟ ମୁଖ୍ୟ ପାଠକ ନିକଟରେ ବିକ୍ଷୋଭ ପ୍ରଦର୍ଶନ କରିବା ସହ ଆଜି ଅପରାହ୍ନ ୧ ଘଂଟା ସମୟରେ ଜାତୀୟ ରାଜ ପଥକୁ ଅବରୋଧ କରିଥିଲେ । ମୁଖ୍ୟମନ୍ତ୍ରୀ ଓ ଉଚ୍ଚ ଶିକ୍ଷାମନ୍ତ୍ରୀ ଙ୍କ ଇସ୍ତଫା ଦାବି କରିବା ସହ ପିଡିତାର ପରିବାରକୁ ନ୍ୟାୟ ଦେବା ଦାବି କରି ବିକ୍ଷୋଭ ପ୍ରଦର୍ଶନ କରିଥିଲେ । ଛାତ୍ରୀ ଜଣକ ପେଟ୍ରଲ ଢାଳି ଆତ୍ମହତ୍ୟା କରି ଥିବା ଘଟଣା ଘଟିବାର ୧୨ ଦିନ ଆଗରୁ କେନ୍ଦ୍ର ଶିକ୍ଷାମନ୍ତ୍ରୀ, ଉଚ୍ଚ ଶିକ୍ଷାମନ୍ତ୍ରୀ, ମୁଖ୍ୟ ମନ୍ତ୍ରୀ, ଜିଲାପାଳ ଙ୍କୁ ଜଣାଇବା ପରେ ମଧ ବିଭାଗୀୟ ଅଧିକାରି ମନ୍ତ୍ରୀ ଚୁପ ରହିବାରୁ ଏପରି ଘଟଣା ଘଟିଥିଲା । ଦିନକୁ ଦିନ ନାରି ନିଯ୍ୟାତନା ବଢିବାରୁ ମୁଖ୍ୟମନ୍ତ୍ରୀ ଓ ଉଚ୍ଚ ଶିକ୍ଷା ମନ୍ତ୍ରୀ ଙ୍କ ଇସ୍ତାଫା ଦେବା କୁ ଦାବି କରିଛନ୍ତି । ରାସ୍ତାରେ ଟାୟାର ଜାଳି ରାସ୍ତା ଅବରୋଧ କରିଥିଲେ । ଏହି ବିଭୋକ୍ଷ ରେ ବରିଷ୍ଠ ବିଜେଡି ନେତା ସୂର୍ଯ୍ୟ ନାରାୟଣ ରଥ, ବାଲା ରାୟ, ପୌର ଉପାଧକ୍ଷ ବି ସୁନିତା ସହ ବିଶ୍ୱ ବିଦ୍ୟାଳୟର ଛାତ୍ର ଛାତ୍ରୀ ଉପସ୍ଥିତ ଥିଲେ ।

# ଅଣସଂକ୍ରାମକ ସ୍ୱାସ୍ଥ୍ୟ ଶିବିର

ବଲାଙ୍ଗିର: ରାଷ୍ଟ୍ରୀୟ ଲୋକ ଅଦାଲତ ଅବସରରେ ସିଭିଲ କୋର୍ଟ ଠାରେ ଏକ ଅଣ ସଂକ୍ରାମକ ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରକୁ ଜିଲ୍ଲା ଆଇନ ପ୍ରାଧିକରଣ ଅଧକ୍ଷ ଜିଲ୍ଲା ମୁଖ୍ୟ ନ୍ୟାୟାଧିଶ ଡଃ. ପବିତ୍ର ମୋହନ ସାମଲ, ପବିତ୍ର ମୋହନ ପ୍ରଧାନ ସେକ୍ରେଟାରୀ ଜିଲ୍ଲା ଆଇନ ସେବା ପ୍ରାଧିକରଣ, ଅତିରିକ୍ତ ଜିଲ୍ଲା ନ୍ୟାୟାଧିଶ ପରିବାର କୋର୍ଟ ବିକ୍ରମ କେଶରୀ ପଟ୍ଟନାୟକ ଶିବିରରେ ଉପସ୍ଥିତ ରହି ସମସ୍ତଙ୍କୁ ଉତ୍ସାହିତ କରିଥିଲେ।ଆଜି ଆୟୁଷ୍ମାନ ଆରୋଗ୍ୟ କେନ୍ଦ୍ର କନ୍ଧପାଲି ପଡା ଯାହା ରାଜେନ୍ଦ୍ର ଯୁବକ ସଂଘ ଦ୍ୱାରା ପରିଚାଳିତ ତରଫରୁ ସିଭିଲ କୋର୍ଟ ଠାରେ ଲୋକ ଅଦାଲତ ପାଇଁ ଏକ ଅଣ ସଂକ୍ରାମକ ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହେଇଥିଲା। ଏହି ସ୍ୱାସ୍ଥ୍ୟ ଶିବିରରେ ମାଗଣା ଔଷଧ ଓ ମାଗଣା ରକ୍ତ ପରୀକ୍ଷା କରାଯିବା ସହ ଡାକ୍ତର ପରାମର୍ଶ ସେବା ଯୋଗାଇ ଦିଆଯାଇଥିଲା। ଏହି ଶିବିରରେ ସ୍ଥାନୀୟ ଆଶାକର୍ମୀ, ମହିଳା ସ୍ୱାସ୍ଥ୍ୟ କର୍ମୀ ଓ ସ୍ୱାସ୍ଥ୍ୟକେନ୍ଦ୍ର ର ସମସ୍ତ ଷ୍ଟାଫ ଯୋଗ ଦେଇଥିଲେ। ଏହି ସ୍ୱାସ୍ଥ୍ୟ ଶିବିରରେ ଡାକ୍ତର ନନ୍ଦ କିଶୋର ପାଢ଼ି ଯୋଗ ଦେଇଥିଲେ। ଏହି ସ୍ୱାସ୍ଥ୍ୟ ଶିବିରକୁ ଜିଲ୍ଲା ସ୍ୱାସ୍ଥ୍ୟ କାର୍ଯ୍ୟାଳୟ ତରଫରୁ ଡାକ୍ତର ଦିବ୍ୟ କିଶୋର ପତି ଓ ରାମାନୁଜ ପଣ୍ଡା ତଦାରଖ କରିଥିଲେ। ଏହି ସ୍ୱାସ୍ଥ୍ୟ ଶିବିରରେ ୧୧୦ ରୁ ଉର୍ଦ୍ଧ୍ୱ ରୋଗୀ ଯାହା ମଧ୍ୟରେ କୋର୍ଟ କର୍ମଚାରୀ, ଆଇନଜୀବୀ, ଅଦାଲତକୁ ଆସିଥିବା ଜନ ସାଧାରଣ ବିଭିନ୍ନ ମାଗଣା ସେବା ଲାଭ କରିଥିଲେ। ଉକ୍ତ ସ୍ୱାସ୍ଥ୍ୟ ଶିବିରଟି ସୁଚାରୁ ରୂପେ ପରିଚାଳିତ ହୋଇଥିଲା।

## ଶ୍ରାବଣ ସୋମବାରରେ ଜଳାଭିଷେକ

କେନ୍ଦୁଝର, (ହି.ସ.)- ପବିତ୍ର ଶ୍ରାବଣ ମାସ ପ୍ରଥମ ସୋମବାର ଅବସରରେ କେନ୍ଦୁଝର ଜିଲ୍ଲା ହରିଚନ୍ଦନପୁର ବ୍ଲକ ଅନ୍ତର୍ଗତ ନିତ୍ୟାନନ୍ଦପୁର ଗ୍ରାମ ଚମ୍ପେକେଶ୍ୱର ମହାଦେବ ମନ୍ଦିରରେ ୧୦୮ କୁମ୍ଭ ଜଳାଭିଷେକ ତଥା ୧୦୮ ବିଲ୍ୱପତ୍ର ପ୍ରଦାନ ପୂର୍ବକ ଦେବ ଦେବ ମହାଦେବଙ୍କ ପୂଜାର୍ଚ୍ଚନା କରାଗଲା। କେନ୍ଦୁଝର ଜିଲ୍ଲା ଭାଗବତ ପ୍ରଚାର ପ୍ରସାର ସମିତି ସଭାପତି ତଥା ଜିଲ୍ଲା ଯାଦବ ମହାସଭା ଉପଦେଷ୍ଟା ଆଚାର୍ଯ୍ୟ ଦାଶରଥି ପ୍ରଧାନ ୧୦୮ ଜଳାଭିଷେକ ମନ୍ତ୍ର ଓ ବିଲ୍ୱ ସମର୍ପଣ ମନ୍ତ୍ର ପାଠ କଲେ । ମନ୍ଦିରର ସଭାପତି ଲଛମନ ବାରିକ , ବରିଷ୍ଠ ଭକ୍ତ ସନ୍ତୋଷ କୁମାର ଘଣା, ଅଯୋଧ୍ୟା ଘଣା, ଦୁଖବନ୍ଧୁ ବାରିକ, ଦୁଃଖବନ୍ଧୁ ମହାକୁଡ, ଅନିତା ଘଣା,ରଞ୍ଜିତା ବାରିକ, ମମିନା ଅରୁକ, କୁରୁବାଲି ଘଣା ପ୍ରମୁଖ ଏହି କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ ।

## ରାଜ୍ୟସ୍ତରୀୟ କିକ୍‌ବକ୍ସିଂରେ ବଲାଙ୍ଗୀରର ସଫଳତା

ବଲାଙ୍ଗୀର: ଅନୁଗୁଳ ଇଣ୍ଡୋର ଷ୍ଟାଡିୟମରେ ୧୧ ଜୁଲାଇରୁ ୧୩ ଜୁଲାଇ ପର୍ଯ୍ୟନ୍ତ ଅନୁଷ୍ଠିତ ଓ୍ୱାକୋ ଓଡିଶା ରାଜ୍ୟସ୍ତରୀୟ କିକ୍‌ବକ୍ସିଂ ଚମ୍ପିୟାନସିପ୍‌ରେ ବଲାଙ୍ଗିର ଜିଲ୍ଲା ଆମେଚ୍ୟୁର କିକ୍‌ବକ୍ସିଂ ଦଳର ସଫଳତା ମିଳିଛି। ସଂଘର ପ୍ରଶିକ୍ଷକ ଚନ୍ଦ୍ରଶେଖର ସେଠଙ୍କ ତତ୍ତ୍ୱାବଧାନରେ କୋଚ ଜିତେନ୍ଦ୍ର ପୃଷ୍ଟି, ମଳୟ କୁମ୍ଭାର, ଟିମ୍ ମ୍ୟାନେଜନ ବଦ୍ରିନାଥ ହୋତା ତଥା ୧୯ ଜଣ ପ୍ରତିଯୋଗି ଭାଗ ନେଇଥିଲେ। ସିନିୟର ବର୍ଗରେ ମୁରଲି ମହାକୁର ଗୋଟିଏ ସ୍ୱର୍ଣ୍ଣ ଓ ଗୋଟିଏ ରୌପ୍ୟ, ଜୁନିୟର ବର୍ଗରେ ଅଭିପ୍‌ସା ହୋତା ୨ଟି ସ୍ୱର୍ଣ୍ଣ, ବୀଣାପାଣି ସାହୁ ରୌପ୍ୟ ପଦକ, ଅମିତ ପାତ୍ର ରୌପ୍ୟ ପଦକ, ସତ୍ୟନାରାୟଣ ସାହୁ ରୌପ୍ୟ, ଚୈତନ କବାଟ ଦୁଇଟି କାଂସ୍ୟ, ପୁନମ କବାଟ ରୌପ୍ୟ, ଅକ୍ଷ୍ୟା ରାଜପୁତ ରୌପ୍ୟ, ଜୟକିଶାନ ଉଗ୍ରେଙ୍କର ଗୋଟିଏ କାଂସ୍ୟ, ମନଜିତ ସାହୁ ଦୁଇଟି କାଂସ୍ୟ, କିରନ ସେଠ ଗୋଟିଏ ରୌପ୍ୟ, ସୀତା ବରିହା ଗୋଟିଏ ରୌପ୍ୟ ଓ କାଂସ୍ୟ, ରୋଶନ ସେଠ ଗୋଲ୍ଡ ପଦକ ହାସଲ କରିଛନ୍ତି। ଏହି ଚମ୍ପିୟାନସିପ୍ ରେ ଜିଲ୍ଲା ସଂପାଦକ ଭଗବାନ କୁମ୍ଭାର, ପ୍ରଶିକ୍ଷକ ଚନ୍ଦ୍ରଶେଖର ସେଠ ରେଫରି ଓ ଜଜ୍ ଦାୟିତ୍ୱ ତୁଲାଇଥିଲେ। ବଲାଙ୍ଗୀର କିକ୍ ବକ୍ସିଂ ସଂଘରୁ ସର୍ବ ଭାରତୀୟ ବରିଷ୍ଠ କିକ୍ ବକ୍ସିଂ ପ୍ରତିଯୋଗିତା ରେ ଦୁଇ ଜଣ ଖେଳାଳି ମୁରଲି ମହାକୁର ଓ କ୍ରୀଷ୍ଣା ସେଠ ମନୋନିତ ହୋଇଛନ୍ତି। ସଂଘର ସଭାପତି ଅଯୋଧ୍ୟା ମିଶ୍ର, କରାଟେ ସଂଘର ସଂପାଦକ ହୃଦୟ ଶବର, ସୁରେନ୍ଦ୍ର ସାହୁ ଖେଳାଳିଙ୍କୁ ଶୁଭେଚ୍ଛା ଜଣାଇଥିଲେ।

# ଜିଲ୍ଲାସ୍ତରୀୟ ବିଶ୍ୱ ଯୁବ ଦକ୍ଷତା ଦିବସ

ସମ୍ବଲପୁର, (ହି.ସ.) ଜିଲ୍ଲା ଦକ୍ଷତା ବିକାଶ ଓ ନିଯୋଜନ କାର୍ଯ୍ୟାଳୟ, ସମ୍ବଲପୁର ତରଫରୁ ଆୟୋଜିତ ହୋଇଥିବା ବିଶ୍ୱ ଯୁବ ଦକ୍ଷତା ଦିବସ ୨୦୨୫ ଆଜି ଉକ୍ତ କାର୍ଯ୍ୟାଳୟର ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଆଞ୍ଚଳିକ ଶିଳ୍ପ କେନ୍ଦ୍ରର ମହାପ୍ରବନ୍ଧକ ସତୀଶ ଚନ୍ଦ୍ର ନାୟକ ମୁଖ୍ୟ ଅତିଥି ଭାବରେ ଯୋଗ ଦେଇଥିଲେ। ଏତତ୍‌ସହିତ ସମ୍ବଲପୁରର ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ, ଯୁଗ୍ମ ସିଇଓ ଓରମାସ , ଜିଲ୍ଲା ସୂଚନା ଏବଂ ପ୍ରସାରଣ ଅଧିକାରୀ ପ୍ରମୁଖ ସମ୍ମାନିତ ଅତିଥି ରୂପେ ଆମନ୍ତ୍ରିତ ହୋଇଥିଲେ । ଜିଲ୍ଲା ଦକ୍ଷତା ବିକାଶ ଓ ନିଯୋଜନ କାର୍ଯ୍ୟାଳୟ, ସମ୍ବଲପୁରର ଉପ ନିର୍ଦ୍ଦେଶକ ଶଙ୍କର ଚରଣ ମୁର୍ମୁ ଏହି କାର୍ଯ୍ୟକ୍ରମର ପରିଚାଳନା ଭାରଗ୍ରହଣ କରି ଥିଲେ। ଏହି ସଭାରେ ବିଶ୍ୱ ଯୁବ ଦକ୍ଷତା ଦିବସର ମହତ୍ତ୍ୱ ଏବଂ ରାଷ୍ଟ୍ରଗଠନ କ୍ଷେତ୍ରରେ ଯୁବସମାଜର ଭୂମିକା ବିଷୟରେ ଆଲୋଚନା କରାଯାଇଥିଲା ।ଏହି କାର୍ଯ୍ୟକ୍ରମରେ ବିଭିନ୍ନ ସ୍କୁଲ କଲେଜର ଛାତ୍ରଛାତ୍ରୀ ମାନେ ଯୋଗଦାନ ଦେଇ ଅନୁଷ୍ଠିତ ହୋଇଥିବା ବିଭିନ୍ନ ପ୍ରତିଯୋଗିତା ଯଥା କୁଇଜ୍ ଓ ପ୍ରବନ୍ଧଲିଖନ ଇତ୍ୟାଦିରେ ଅଂଶଗ୍ରହଣ କରିଥିଲେ। ତନ୍ମଧ୍ୟରୁ କୃତକାର୍ଯ୍ୟ ହୋଇଥିବା ଛାତ୍ରଛାତ୍ରୀମାନଙ୍କୁ ମୁଖ୍ୟ ଅତିଥି ପୁରସ୍କୃତ କରିଥିଲେ। ସଭା ପରିଶେଷରେ ଜିଲ୍ଲା ଦକ୍ଷତା ବିକାଶ ଓ ନିଯୋଜନ କାର୍ଯ୍ୟାଳୟ, ସମ୍ବଲପୁରର କନିଷ୍ଠ ନିଯୋଜନ ଅଧିକାରୀ ଶ୍ରୀ ଲମ୍ବୋଦର ସାହୁ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରି ସଭା ସମାପ୍ତ କରିଥିଲେ ।

## ତୈଳ ଜାତୀୟ ବୀଜ କ୍ରୟର ଶୁଭାରମ୍ଭ

ବଲାଙ୍ଗିର, (ହି.ସ.): ଓଡିଶା ରାଜ୍ୟ ସମବାୟ ବାଣିଜ୍ୟ ମହାସଂଘ ଲିଃ. ଓ ଆଂଚଳିକ କ୍ଷେତ୍ର ପରିଚାଳକ ମାର୍କଫେଡ଼, ବଲାଙ୍ଗୀରଙ୍କ ଦ୍ୱାରା ବଲାଙ୍ଗୀର ଜିଲ୍ଲାର ଚନ୍ଦନଭାଟି ପେକ୍ସରେ ପ୍ରଥମଥର ଲାଗି ତୈଳ ଜାତୀୟ ବୀଜ କ୍ରୟର ଶୁଭାରମ୍ଭ କରାଯାଇଛି । ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ, ବଲାଙ୍ଗୀର ପବିତ୍ର କୁମାର ବେହେରା ଯୋଗଦେଇଥିଲେ । ମୁଖ୍ୟ ଜିଲ୍ଲା କୃଷି ଅଧିକାରୀ ବାବୁଲି ଚରଣ ସେଠି, ଡିଆରସିଏସ ପ୍ରମୋଦ କୁମାର ବରିହା, ଏଡିଓ ବଡ ପଣ୍ଡା, ଏଆରସିଏସ ଜାଭିୟର ସରେନ, ଏରିଆ ମେନେଜେର ମାର୍କଫେଡ଼ ରାଜେଶ କୁମାର ପଣ୍ଡା, ଚନ୍ଦନଭାଟି ସମିତି ସଭ୍ୟା ସଂଗୀତା ପାଣିଗ୍ରାହୀ, ସରପଂଚ ପଙ୍କଜିନୀ ସାହୁ ପ୍ରମୁଖ ମଂଚାସୀନ ଥିଲେ । ବଲାଙ୍ଗୀର ଜିଲ୍ଲାର ୨୯ଟି ପେକ୍ସ ମାଧ୍ୟମରେ ଜିଲ୍ଲାରେ ୩୧୮୦ କୁଇଂଟାଲ ମୁଗ, ୪୧ କୁଇଂଟାଲ ବିରି, ୨୩୪ କୁଇଂଟାଲ ଚିନାବାଦାମ କ୍ରୟ ପାଇଁ ପଞ୍ଜିକରଣ କରାଯାଇଅଛି । ଆଜିର ଏହି କାର୍ଯ୍ୟକ୍ରମରେ ଚନ୍ଦନଭାଟି ପେକ୍ସ ଦ୍ୱାରା ୧୯୯ କୁଇଂଟାଲ ମୁଗ କ୍ରୟ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ଯୋଜନା ଅଧିକାରୀ ସୁଧାକର ନନ୍ଦ, ବ୍ଲକ କୃଷି ଅଧିକାରୀ ବିଶ୍ୱଜିତ ପାଟଯୋଶୀ, ସହାୟକ କୃଷି ଅଧିକାରୀ ସୁଜାତା ଛତ୍ରିଆ ତଥା ଚନ୍ଦନଭାଟିର ମାନ୍ୟଗଣ୍ୟ ବ୍ୟକ୍ତି ବିଶେଷ, ଗ୍ରାମବାସୀ, ଚନ୍ଦନଭାଟି ପେକ୍ସର କର୍ମଚାରୀ ଓ ସାମ୍ବାଦିକ ପ୍ରମୁଖ ଉପସ୍ଥିତ ଥିଲେ ।

## ମାଆ ପାଇଁ ଗଛଟିଏ କାର୍ଯ୍ୟକ୍ରମ

ମାଲକାନଗିରି, (ହି.ସ.)- ମାଲକାନଗିରି ସଦର ବ୍ଲକ ଅନ୍ତର୍ଗତ ଚାଲାଣ ଗୁଡା ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟ ପରିସର ମଧ୍ୟରେ ଏକ ବୃକ୍ଷ ରୋପଣ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବେଦବର ପ୍ରଧାନ ଅତିରିକ୍ତ ଜ଼ିଲ୍ଲାପାଳ (ରାଜସ୍ୱ), ସମ୍ମାନୀତ ଅତିଥି ଅଶୋକ କୁମାର ଷଡ଼ଙ୍ଗୀ (ପୂର୍ବତନ ଅଧକ୍ଷ, ମାଲକାନଗିରି ମହାବିଦ୍ୟାଳୟ), ସବୁଜ ବାହିନୀ ଅଧିକାରୀ ତଥା ସମ୍ମାନୀତ ଅତିଥି ଡକ୍ଟର ରଞ୍ଜନ କୁମାର ସାଇଁ (ବାଣିଜ୍ୟ ବିଭାଗ, ମାଲକାନଗିରି ମହାବିଦ୍ୟାଳୟ) ଯୋଗ ଦେଇ ବୃକ୍ଷ ରୋପଣ ଏକ ମହାନ କର୍ମ, ପିଲାଟିଏ ଗଛଟିଏ, ଏକ ପେଡ ମାଆ କେ ନାମ, ଗଛ ବଂଚିଲେ ଆମେ ବଂଚିବା ଭଳି ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା । ତତ୍ପରେ ବୃକ୍ଷରୋପଣ କାର୍ଯ୍ୟକ୍ରମ ହୋଇଥିଲା । ଆମ୍ବ, ପଣସ, ଅଁଳା, କରଞ୍ଜ, ଲିମ୍ବ, କାଜୁ ଓ ସଜନା ଭଳି ବିଭିନ୍ନ ବୃକ୍ଷ ରୋପଣ କରାଯାଇଥିଲା । ଏହି କାର୍ଯ୍ୟକ୍ରମ ରେ ୩୦୦ ରୁ ଅଧିକ ଛାତ୍ରଛାତ୍ରୀ ଓ ୫୦ ରୁ ଉର୍ଦ୍ଧ୍ୱ ଶିକ୍ଷକ ଶିକ୍ଷୟତ୍ରୀ ଅଂଶଗ୍ରହଣ କରିଥିଲେ । ବିଦ୍ୟାଳୟର ଏନ.ସି.ସି. ସଂଯୋଜକ ମହେଶ (ହିନ୍ଦୀ ଶିକ୍ଷକ) କାର୍ଯ୍ୟକ୍ରମର ଆୟୋଜନ କରିଥିଲେ । ଶେଷରେ ଅନୁଷ୍ଠାନର ଉପାଧ୍ୟକ୍ଷ ଶଶଧର ପାଣିଗ୍ରାହୀ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରି କାର୍ଯ୍ୟକ୍ରମ ଶେଷ କରିଥିଲେ ।

# ପୀଡ଼ିତା ଛାତ୍ରୀ ସୌମ୍ୟାଶ୍ରୀଙ୍କୁ ନ୍ୟାୟ ପାଇଁ
# ଯୁବ ଓ ଛାତ୍ର କଂଗ୍ରେସ୍ ପକ୍ଷରୁ ବିକ୍ଷୋଭ

କେନ୍ଦୁଝର, (ହି.ସ.) : ବାଲେଶ୍ୱର ଫକୀର ମୋହନ ମହାବିଦ୍ୟାଳୟରେ ବିଇଡି ଛାତ୍ରୀ ସୌମ୍ୟାଶ୍ରୀ ବିଶିଙ୍କ ଆତ୍ମଦାହ ଉଦ୍ୟମ ସହ ପ୍ରଥମେ ବାଲେଶ୍ୱର ଓ ପରେ ଏମ୍ସ ମେଡିକାଲରେ ନିଜ ଜୀବନ ସହ ସଂଘର୍ଷ କରି ଶେଷରେ ହାରିଯାଇ ଶେଷ ନିଶ୍ୱାସ ତ୍ୟାଗ କରିଛନ୍ତି । ରାଜ୍ୟ ସରକାର ତୁରନ୍ତ ରାତାରାତି ଶବ ବ୍ୟବଚ୍ଛେଦ କରି ମେଡିକାଲ ପଛ ଗେଟରେ ପୋଲିସ୍ ସୁରକ୍ଷାରେ ଶବକୁ ବାହାର କରିଛନ୍ତି । ଯାହାକି ଘଟଣାକୁ ନେଇ ସନ୍ଦେହଜନକ ପରିସ୍ଥିତି ସୃଷ୍ଟି ହୋଇଛି । ଏହି ଅପାରଗ ଏବଂ ସ୍ଥାଣୁ ସରକାର ପାଇଁ ଗୋଟେ ନିରୀହ ଝିଅର ଜୀବନ ବାଜି ଲାଗିଛି। ଏହି ଭଉଣୀଟି ଅଧିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦର ଜଣେ ସଦସ୍ୟ ଥିଲେ ମଧ ନିଜ ଉପରେ ଭକ୍ତ ମହାବିଦ୍ୟାଳୟର ଅଧ୍ୟାପକ ଓ କର୍ମଚାରୀଙ୍କ ଦ୍ୱାରା ଶାରୀରିକ ଓ ମାନସିକ ନିର୍ଯାତନାର ଶିକାର ହୋଇ ନ୍ୟାୟ ଅଧିକାର ପାଇଁ ନିଜ ଦଳର ମୁଖ୍ୟମନ୍ତ୍ରୀ ମୋହନ ମାଝୀ, ଉଚ୍ଚ ଶିକ୍ଷାମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ, ବିଧାୟକ ମାନସ ଦତ୍ତ, ସାଂସଦ ପ୍ରତାପ ଷଡ଼ଙ୍ଗୀ, କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଏବଂ ବିଜେପି କର୍ମକର୍ତ୍ତାଙ୍କୁ ଜଣାଇ ବିଫଳ ହୋଇ ଶେଷରେ ଆତ୍ମହତ୍ୟା ପରି ବିକଳ୍ପ ବାଛି ନେଇଥିଲେ । ଜିଲ୍ଲା ଯୁବ ଓ ଛାତ୍ର କଂଗ୍ରେସ ପକ୍ଷରୁ ଯୁବ କଂଗ୍ରେସ ସଭାପତି ସୁନେଶ ଧୀରଙ୍କ ନେତୃତ୍ୱରେ ଯୁବ,ଛାତ୍ର ଓ ମହିଳାମାନେ ବିରୋଧୀ ସ୍ଲୋଗାନ ଦେଇ ଏକ ଶୋଭାଯାତ୍ରାରେ ସହର ପରିକ୍ରମା କରି ଜିଲ୍ଲାପାଳଙ୍କ କାର୍ଯାଳୟ ସମ୍ମୁଖରେ ବିକ୍ଷୋଭ କରିଥିଲେ । ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜଙ୍କ ଇସ୍ତଫା ଦାବି କରି କୁଶ ପୁତ୍ତଳିକା ଦାହ କରିଥିଲେ । କଂଗ୍ରେସ ନେତାମାନେ ମୃତ ପୀଡିତଙ୍କ ପରିବାରକୁ ୨୫ ଲକ୍ଷ ଅନୁଦାନ ଦେବା ସହିତ ଏହି ଏହି ଘଟଣାର ନିରପେକ୍ଷ ବିଚାର ତଦନ୍ତ ପାଇଁ ସିବିଆଇକୁ ହସ୍ତାନ୍ତର କରିବାକୁ ଦାବୀ କରିଛନ୍ତି । ଏହି କାର୍ଯ୍ୟକ୍ରମରେ ରାଜ୍ୟ କଂଗ୍ରେସ ଆଦିବାସୀ ସେଲ ଅଧକ୍ଷ ତଥା ପୂର୍ବତନ ସାଂସଦ ଯଶବୋନ୍ତ ନାରାୟଣ ସିଂ ଲାଗୁରି, ଜିଲ୍ଲା କଂଗ୍ରେସ ସଂଯୋଜିକା ସଂଗୀତା ସିଂହ, ପୂର୍ବତନ ବିଧାୟକ ସୁବର୍ଣ୍ଣ ନାଏକ, ପୂର୍ବତନ ପିସିସି ସମ୍ପାଦକ ସଂଗ୍ରାମ ଦାସ, ପୂର୍ବତନ ଜିଲ୍ଲା କଂଗ୍ରେସ ସଭାପତି ମୋହନ ଚରଣ ପରିଡା, ଜିଲ୍ଲା ଛାତ୍ର କଂଗ୍ରେସ ସଭାପତି ଶୁଭମ ରାଜ, କଂଗ୍ରେସ ନେତ୍ରୀ ପ୍ରତିଭା ମଞ୍ଜରୀ ନାଏକ, ସସ୍ମିତା ବେହେରା, ସେବତୀ ମହାନ୍ତି, ସୋନାଲି ମାଣ୍ଡି, ପ୍ରେମଲତା ବେହେରା, କଂଗ୍ରେସ ନେତା ନିର୍ମଳ ନାଏକ, ଲଳିତ ମୋହନ ନାଏକ, ରତ୍ନାକର ଜେନା,ଉତ୍ତମ କୁମାର ସାହୁ, ସନ୍ତୋଷ କୁମାର ସାହୁ, ବିକ୍ରମ ଜେନା, ସୁନୀଲ ନାଏକ, ରଘୁନାଥ ପାତ୍ର, ସୁଢଳ କୁମାର ସେଠି, ଦିଲ୍ଲୀପ କୁମାର ସାହୁ, ଦିନେଶ ରାଉତ, ଶୁକଦେବ ମହାକୁଡ଼, ପ୍ରମୋଦ ବେହେରା, ରଂଜିତ ବେହେରା, ପୂର୍ଣ୍ଣଚନ୍ଦ୍ର ଦାସ, କ୍ଷୀରୋଦ ପାତ୍ର, ଶେଷଦେବ ସାହୁ ଏବଂ ଯୁବ ଓ ଛାତ୍ର ନେତା ସୌମ୍ୟ ରଞ୍ଜନ ରାଉତ, ମହମ୍ମଦ ରାଜୁ, ଅମିତ କୁମାର ରାଉତ, ମାନସ ବେହେରା, ଆକାଶ ବେହେରା, ଅଭିନାଶ ଓଝା, ରାହୁଲ ବେହେରା, ଶମ୍ଭୂ ବେହେରା, ଅଭିଜିତ ବେହେରା ପ୍ରମୁଖ ଉପସ୍ଥିତ ଥିଲେ ।

*ଯେଉଁ ସମାଜର ସଂଗଠନ ଯେପରି ସେହି ସଂଗଠନ ମାଧ୍ୟମରେ ସମାଜକୁ ଆଧୁନିକ ଯୁଗରେ ଆଗେଇ ନେବା ହେଉଛି ବିଜ୍ଞତାର କାର୍ଯ୍ୟ ।*
**(ଗାଁ ମଜଲିସ୍, ୩ୟ ଖଣ୍ଡ, ପୃଷ୍ଠା-୧୨୯)**
**-ଡକ୍ଟର ହରେକୃଷ୍ଣ ମହତାବ**

ପ୍ରଜାତନ୍ତ୍ର

ତା ୧୭।୭।୨୦୨୫ ■ ଗୁରୁବାର

# ଶୁଭାଂଶୁଙ୍କ ସଫଳତା

ଭାରତୀୟ ମହାକାଶଯାତ୍ରୀ ଶୁଭାଂଶୁ ଶୁକ୍ଳ ପୃଥିବୀପୃଷ୍ଠକୁ ସକୁଶଳ ପ୍ରତ୍ୟାବର୍ତ୍ତନ ହର୍ଷର ବିଷୟ ନିଶ୍ଚୟ ଯେ ଏ ଅଭିଯାନ ସହିତ ଭାରତୀୟ ପ୍ରତିଭାର ପରାକାଷ୍ଠା ଏକ ସ୍ୱର୍ଣ୍ଣିମ ଯାତ୍ରା ସଫଳ ହୋଇଛି କେବଳ ନୁହେଁ, ବରଂ ଶୁଭାଂଶୁ ସେଠାରେ ଯେଉଁ ପ୍ରୟୋଗ କରିଛନ୍ତି, ସେଥିଲାଗି ମଧ୍ୟ ପିଢ଼ି ପରେ ପିଢ଼ି ତାଙ୍କୁ ବାରମ୍ବାର ସ୍ମରଣ କରିବ ଓ ତାଙ୍କଠାରୁ ପ୍ରେରଣା ନେବ । ସମଗ୍ର ଦେଶ ଏ ମୁହୂର୍ତ୍ତ ଲାଗି ଅପେକ୍ଷା କରିଥିଲା ଓ ତାଙ୍କର ଏ ମିଶନର ସଫଳତା ଲାଗି ଲଗାତାର ପ୍ରାର୍ଥନା ମଧ୍ୟ କରୁଥିଲା, କାରଣ ଯେପରିଭାବେ ସୁନୀତା ୱିଲିୟମ୍ସ ଓ ବେରୀ ବୁଚ୍ ଭିଲ୍‌ମୋରଙ୍କୁ ନଅମାସଯାଏ ମହାକାଶରେ ଅଟକି ରହିବାକୁ ପଡ଼ିଲା, ସେଯୋଗୁଁ ଅନେକ ପ୍ରକାରର ଆଶଙ୍କା ମଧ୍ୟ ଥିଲା । ଅବଶ୍ୟ, ଇସ୍ରୋ ଓ ନାସା ତଥା ଏ ମିଶନ ସହିତ ସଂଯୁକ୍ତ ସବୁ ବୈଜ୍ଞାନିକ ଓ ଟେକ୍ନିସିଆନ ପ୍ରଶଂସାର ହକଦାର ଯେ ସେମାନେ ମାନବ ସାମର୍ଥ୍ୟର ଏକ ନୂଆ ଅଧ୍ୟାୟ ଦୁନିଆ ଆଗରେ ଖୋଲିପାରିଛନ୍ତି । ଆଗାମୀ ଏକ ସପ୍ତାହର ଏକାନ୍ତବାସ ପରେ ଶୁଭାଂଶୁ ସାଧାରଣ ଲୋକଙ୍କ ମଧ୍ୟକୁ ଆସିବେ । କିନ୍ତୁ କ'ଣ ସିଏ ସେଇ ଶୁଭାଂଶୁ ହୋଇ ରହିଛନ୍ତି, ଯିଏ ଏକ୍ସିଓମ-୪ ମିଶନ ପୂର୍ବରୁ ଥିଲେ ? ନା, ତାଙ୍କ ପାଖରେ ଏବେ ଏପରି ଅନୁଭବ ଅଛି, ଯାହାକି ତାଙ୍କୁ କୋଟିକୋଟି ଲୋକଙ୍କ ମଧ୍ୟରେ ଅଲଗା କରିଦେଉଛି । ଇସ୍ରୋର ବୈଜ୍ଞାନିକଗଣ ତାଙ୍କ ପ୍ରୟୋଗ-ଅନୁଭବରୁ ମହାକାଶ କ୍ଷେତ୍ରରେ ପରବର୍ତ୍ତୀ ମାର୍ଗ ଖୋଜିବେ ।

ଭାରତୀୟ ମହାକାଶ ଅଭିଯାନ ଲାଗି ଶୁଭାଂଶୁଙ୍କ ଏ ଯାତ୍ରାର ମହତ୍ତ୍ୱ ଜଣାପଡ଼େ ଇସ୍ରୋ ଯେତେବେଳେ ଏ ଅଭିଯାନ ଲାଗି ପ୍ରାୟ ୫୫୦ କୋଟି ଟଙ୍କା ବିନିଯୋଗ କଲା । ଭବିଷ୍ୟତ ଯୋଜନାମାନ ଏ ଅଭିଯାନରୁ ଅର୍ଜିତ ତଥ୍ୟ ଅତ୍ୟନ୍ତ ଉପଯୋଗୀ ସାବ୍ୟସ୍ତ ହେବ । ବିଶେଷକରି ଗଗନଯାନ ଅଭିଯାନକୁ ଏହା ଦ୍ୱାରା ବହୁତ ବଳ ମିଳିବ । ଏକଥାକୁ ସ୍ୱୟଂ ପ୍ରଧାନମନ୍ତ୍ରୀ ମଧ୍ୟ ରେଖାଙ୍କିତ କରିଛନ୍ତି । ଶୁଭାଂଶୁଙ୍କୁ ସାବାସୀ ଦେଇ ସେ କହିଛନ୍ତି ଆନ୍ତର୍ଜାତିକ ମହାକାଶ ଷ୍ଟେସନକୁ ଯାଇଥିବା ପ୍ରଥମ ଭାରତୀୟ ଶୁଭାଂଶୁ ନିଜର ସମର୍ପଣ, ସାହସ ଓ ଉତ୍ସାହ ଦ୍ୱାରା କୋଟିକୋଟି ସ୍ୱପ୍ନକୁ ପ୍ରେରିତ କରିଛନ୍ତି ଓ ଏହା ଆମର ଗଗନଯାନ ଯାତ୍ରାକୁ ମାର୍ଗଦର୍ଶନ କ୍ଷେତ୍ରରେ ଏକ ମାଇଲ ଖୁଣ୍ଟ ହେବ । ଆଗାମୀ କେତେଦିନ ଯାଏ ଏହାକୁ ଯୁବବୈଜ୍ଞାନିକଙ୍କ ପ୍ରୟୋଗ ଓ ଅନୁଭବ ଉପରେ ବହୁତ କିଛି କୁହାଯିବ, ଲେଖାଯିବ, କିନ୍ତୁ ଆବଶ୍ୟକତା ହେଉଛି ଦେଶ ଶୁଭାଂଶୁମାନଙ୍କୁ ଚିହ୍ନୁ, ସେମାନଙ୍କୁ ସୁବିଧା ପ୍ରଦାନ କରୁ, ପ୍ରୋତ୍ସାହିତ କରୁ । କାରଣ ୨୦୪୭ ଭିତରେ ଭାରତକୁ ବିକଶିତ ଦେଶ ଭାବେ ପରିଗଣିତ କରିବାର ସଂକଳ୍ପ ନିଆଯାଇଛି । ଏଥିଲାଗି ଆମକୁ ବିଜ୍ଞାନ ଓ ପ୍ରାଦୌଗିକୀରେ ଶ୍ରେଷ୍ଠତମ ମସ୍ତିଷ୍କ ଓ ପ୍ରୟୋଗର ପ୍ରଦର୍ଶନ ମଧ୍ୟ ଦରକାର । ଆମ ପ୍ରଗତି ଦେଖି ଈର୍ଷାନ୍ୱିତ କିଛି ପଡ଼ୋଶୀ ଦେଶ ଯେପରି ଭାବେ ଦୁରାଭିସନ୍ଧି ରଚୁଛନ୍ତି, ତାହାକୁ ଦେଖି ଆମ ସୀମା-ସରହଦର ସୁରକ୍ଷା ନେଇ କଡ଼ା ନଜର ରଖିବା ପାଇଁ ଉନ୍ନତ ସେଟେଲାଇଟ ଅନ୍ତରୀକ୍ଷରେ ମୁତୟନ କରିବାକୁ ହେବ । ସରକାର ନିକଟରେ ୫୦ଟି ସ୍ୱତନ୍ତ୍ର ଧରଣର ସେଟେଲାଇଟ ମୁତୟନ କରିବାର ଘୋଷଣା କରିଛନ୍ତି ।

ଶୁଭାଂଶୁଙ୍କର ଅନୁଭୂତିର ଲାଭ ଉଠାଇ ଆମ ଦେଶରେ ଏକ ବୈଜ୍ଞାନିକ ପରିବେଶ ସୃଷ୍ଟି କରିବା ଦରକାର । ଦୁର୍ଯୋଗକୁ କିଛି କାଳ ହେଲା ଏଂ ତର୍କ ଓ ବୈଜ୍ଞାନିକ ଚେତନା ଜନିତ ବିମର୍ଶ ବଦଳରେ କଟ୍ଟରପନ୍ଥୀ ଆଚରଣ ଅଧିକ ଚର୍ଚ୍ଚାର ପ୍ରସଙ୍ଗ ହୋଇଛି । ଭୁଲିଯିବା ଉଚିତ ନୁହେଁ ଯେ ଆମର ମୁକାବିଲା କେଉଁ ଆର୍ଥିକ-ବୈଜ୍ଞାନିକ ଶକ୍ତିମାନଙ୍କ ସହ ହେଉଛି । ତେଣୁ ରାଷ୍ଟ୍ରୀୟ ଓ ସାମାଜିକ ଏକତା ଦୃଷ୍ଟିରୁ ମଧ୍ୟ ବୈଜ୍ଞାନିକ ବିଚାରକୁ ପ୍ରୋତ୍ସାହିତ କରିବାକୁ ହେବ । ଶୁଭାଂଶୁ ଶୁକ୍ଳଙ୍କ ସଫଳତାକୁ ନେଇ ଉତ୍‌ଫୁଲ୍ଲିତ ଦେଶର ଏହା ସଂକଳ୍ପ ହେବା ଦରକାର । ❑❑

# ଅନ୍ୟର ଦୋଷ

ଭଗବାନ ମଣିଷ ଭଳି ଦୁର୍ଲ୍ଲଭ ପ୍ରାଣୀ ସୃଷ୍ଟି କରିବା ବେଳେ ତାକୁ ଜ୍ଞାନ, ବୁଦ୍ଧି, ବିବେକ, ଗୁଣ ଓଦୋଷ ଦେଇ ଏ ସଂସାରକୁ ଛାଡିଥାନ୍ତି। ମାତ୍ର ଏ ମଣିଷ ନିଜ ବୁଦ୍ଧି, ବିବେକ ଓ ଜ୍ଞାନକୁ ଗୌଣ କରି କେବଳ ଅନ୍ୟର ନିନ୍ଦା, ଦୋଷ ତ୍ରୁଟିକୁ ଦେଖିବା କୁ ଶ୍ରେୟ ମନେ କରୁଛି ଯାହା ସମାଜ ପ୍ରତି ଶୁଭଙ୍କର ନୁହେଁ। ଏହାକୁ ନେଇ ପିଲାବେଳେ ବାପାଙ୍କଠୁ ଶୁଣିଥିବା କାହାଣୀଟିଏ ମନେପଡେ। ଦିନେ ଭଗବାନ ବୁଦ୍ଧଙ୍କୁ ତାଙ୍କର ଜଣେ ଶିଷ୍ୟ ସାଷ୍ଟାଙ୍ଗ ପ୍ରଣିପାତ କରି ହାତ ଯୋଡି ଠିଆ ହେଲା। ଶିଷ୍ୟର ଏପରି ଅବସ୍ଥା ଦେଖି ଭଗବାନ ବୁଦ୍ଧ ପଚାରିଥିଲେ ତୁମେ ମୋଠାରୁ କଣ ଚାହୁଁଛ ବତ୍ସ ? ଶିଷ୍ୟଟି ବିନମ୍ରତାର ସହ କହିଥିଲା ଭଗବାନ ଆପଣ ଯଦି ଆଜ୍ଞା ଦିଅନ୍ତି ତେବେ ମୁଁ ଦେଶ ଭ୍ରମଣ କରିବାକୁ ଚାହୁଁଛି। ଶିଷ୍ୟଟିର ଜିଜ୍ଞାଷା ଜାଣିପାରି ଭଗବାନ ବୁଦ୍ଧ କହିଥିଲେ ହେ ବତ୍ସ ଏ ସଂସାରରେ ଭଲ, ମନ୍ଦ ଅନେକ ପ୍ରକାରର ଲୋକ ରହିଛନ୍ତି। ମନ୍ଦ ଲୋକ ତୁମର ନିନ୍ଦା କରିବା ସହ ତୁମକୁ ଗାଳି ମଧ୍ୟ ଦେବେ। ସେ ସମୟରେ ତୁମର ମନୋଦଶା କିପରି ହେବ? ଶିଷ୍ୟଟି ଉତ୍ତରରେ କହିଲା ମୁଁ ଭାବି ନେବି ସେମାନେ ଅତ୍ୟନ୍ତ ଭଲ ଲୋକ କାରଣ ମୋ ଭିତରେ ଥିବା କିଛି ଦୁର୍ଗୁଣକୁ ସେମାନେ ଗାଳି ଦେଇ ମୋତେ ଚେତେଇ ଦେଇଛନ୍ତି ମାତ୍ର ସେମାନେ ମୋତେ ପ୍ରହାର କରି ନାହାଁନ୍ତି। ବୁଦ୍ଧ କହିଥିଲେ ଅନେକ ଲୋକ ମଧ୍ୟ ଅଛନ୍ତି ଯେଉଁମାନେ ତୁମ ଉପରକୁ ଧୂଳି ପକାଇବା ସହିତ ପଥର ମଧ୍ୟ ମାରିବାକ ପଛାଇ ନଥାନ୍ତି। ମାତ୍ର ଶିଷ୍ୟ ଟି କହିଥିଲା ତଥାପି ମୁଁ ତାକୁ ଭଲବୋଲି ମନେ କରିବି କାରଣ ସେମାନେ ମୋତେ ଠେଙ୍ଗାରେ ପ୍ରହାର କରି ନାହାଁନ୍ତି। ବୁଦ୍ଧ କହିଥିଲେ ଠେଙ୍ଗାରେ ମାରିବା ଲୋକଭି ପାଂଚ, ଦଶ ଜଣ ନଷ୍ଟେ ବାହାରିବେ। ଶିଷ୍ୟ ଜଣକ କହିଥିଲେ ତଥାପି ମୁଁ ସେମାନଙ୍କୁ ଖରାପ କହିବିନି କାରଣ ମୁଁ ଭବିବି ସେମାନେ ମୋତେ ଅସ୍ତ୍ରରେ ଆକ୍ରମଣ କରିନାହାଁନ୍ତି ତେଣୁ ମୁଁ ତାଙ୍କୁ ଦୋଷ ଦେବିନି। ବୁଦ୍ଧ ପୁନଶ୍ଚ କହିଥିଲେ ଦେଶ ଭ୍ରମଣ ସମୟରେ ଅନେକ ଜଙ୍ଗଲ ପଡିପାରେ ସେଥିରେ ଡାକୁ ମାନଙ୍କର ନିବାସ ସେମାନେ ତୁମକୁ ଲୁଣ୍ଠନ କରିବା ସହ ଅସ୍ତ୍ରାଘାତ ଭି କରିବାକୁ ପଛଘୁଂଚା ଦେବେନି। ହେ ଗୁରୁଦେବ ସେ ଡାକୁମାନେ ମୋତେ ଅତ୍ୟନ୍ତ ଦୟାଳୁ ଲାଗିବେ କାରଣ ସେମାନେତ ମୋତେ ଜୀବନରେ ମାରି ନାହାଁନ୍ତି ! ଭଗବାନ ବୁଦ୍ଧ କହିଥିଲେ ତୁମେ କିପରି ଜାଣିଲ ଯେ ଡାକୁମାନେ ତୁମକୁ ଜୀବନରେ ନମାରି ଛାଡିଦେବେ ? ଶେଷରେ ଶିଷ୍ୟଟି କହିଲା ହେ ଭଗବାନ ଏ ସଂସାର ଦୁଃଖ ସ୍ୱରୁପ ଅଟେ। ଏଥିରେ ଅନେକ ଦିନ ଧରି ଜୀବିତ ରହିବା ଦୁଃଖ ହିଁ ଦୁଃଖ ମାତ୍ର ଏ ଦୁଃଖରୁ ମୁକ୍ତି ପାଇବା ପାଇଁ ଆତ୍ମହତ୍ୟା କରିବା ମହା ପାପ। କିନ୍ତୁ ଅନ୍ୟକେହି ଯଦି ଏଭଳି ମହାନ କାମ କରି ମୃତ୍ୟୁ ପ୍ରଦାନ କରେ ସେଇଟାତ ମୋ ପ୍ରତି ତାର ଅସୀମ ଦୟା ହେବ।

ଉମାଶଙ୍କର ପ୍ରସାଦ,ଖୋର୍ଦ୍ଧା

# ଦଲାଇଲାମାଙ୍କ ପୁନର୍ଜନ୍ମ ପ୍ରସଙ୍ଗକୁ ନେଇ ଭୟଭୀତ ଚୀନ

**ଡ. ସମନ୍ୱୟ ନନ୍ଦ**

ତିବ୍ବତର ସର୍ବୋଚ୍ଚ ଧର୍ମଗୁରୁ ଓ ଜୀବନ୍ତ ବୁଦ୍ଧ ଭାବେ ସ୍ୱୀକାର କରାଯାଉଥିବା ଦଲାଇଲାମା ପୁଣି ଥରେ ସ୍ପଷ୍ଟ କରି ଦେଇଛନ୍ତି ଯେ ଦଲାଇଲାମା ସଂସ୍ଥା ସମାପ୍ତ ହେବ ନାହିଁ ଓ ତାଙ୍କର ପୁନର୍ଜନ୍ମ ନିଶ୍ଚିତ ଭାବରେ ହେବ । ୯୦ ବର୍ଷ ବୟସରେ ଉପନୀତ ହୋଇଥିବା ଦଲାଇଲାମା ଏହା ବ୍ୟତୀତ ସେ ଚୀନ ଓ ନିଜର ଅନୁଯାୟୀ ମାନଙ୍କୁ ସ୍ପଷ୍ଟ ଭାଷାରେ ବାର୍ତ୍ତା ଦେଇଛନ୍ତି ଯେ ଆଗାମୀ ଦଲାଇଲାମା କିଏ ହେବ ତାହାର ନିଷ୍ପତି ଆଧ୍ୟାତ୍ମିକ ଭାବେ କରାଯିବ । ଶହ ଶହ ବର୍ଷର ତିବତୀୟ ପରମ୍ପରା ଅନୁସାରେ ତାଙ୍କର ପୁନର୍ଜନ୍ମ ହେବ ଓ ତାଙ୍କର ସହଯୋଗୀ ବିଶ୍ୱସ୍ତ ବୌଦ୍ଧ ଭିକ୍ଷୁ ମାନଙ୍କର ଏକ ସମୂହ ନିକଟରେ ତାଙ୍କର ଉତରାଧିକାରୀକୁ ଚିହ୍ନଟ କରିବା ନିମନ୍ତେ ସମ୍ପୂର୍ଣ୍ଣ ଅଧିକାର ରହିବ । ଏହା ଏକ ଦୀର୍ଘ ପ୍ରକ୍ରିୟା ହୋଇଥାଏ ଯେଉଁଥିରେ ଏକ ଶିଶୁକୁ ଖୋଜା ଯାଏ ଯେଉଁଥିରେ ଦଲାଇଲାମାଙ୍କ ଆତ୍ମାର ପୁନର୍ଜନ୍ମ ହୋଇଥାଏ । ଦଲାଇଲାମା ଏହି ଅବସରରେ ନିଜର ଭିକ୍ଷୁ ମାନଙ୍କୁ କହିଛନ୍ତି ଏହି ବିଷୟରେ ହସ୍ତକ୍ଷେପ କରିବାର କାହାକୁ କୌଣସି ଅଧିକାର ନାହିଁ ।

ଦଲାଇଲାମାଙ୍କ ଏହି ଘୋଷଣା ବାସ୍ତବରେ କମ୍ୟୁନିଷ୍ଟ ଚୀନକୁ ଏକ ବଡ ବାର୍ତ୍ତା ବୋଲି ମନେ କରାଯାଉଛି । କାରଣ କମ୍ୟୁନିଷ୍ଟ ଚୀନ ସରକାରକୁ ସେ ସ୍ପଷ୍ଟ ଶବ୍ଦରେ ସୂଚାଇ ଦେଇଛନ୍ତି ଯେ ଦଲାଇଲାମା କେଉଁଠି ଜନ୍ମ ନେବେ ଓ ତାଙ୍କର ଚୟନ କରିବାର ଅଧିକାର କେବଳ ତାଙ୍କର ଓ ତାଙ୍କର ସହଯୋଗୀ ଭିକ୍ଷୁ ମାନଙ୍କର ରହିଛି । ଚୀନ ଏହା ପୂର୍ବରୁ ବାରମ୍ବାର କହି ଆସିଥିଲା ଯେ ଆଗାମୀ ଦଲାଇଲାମାଙ୍କୁ ଚୟନ କରିବାର ଅଧିକାର କେବଳ ଚୀନ ସରକାରଙ୍କ ନିକଟରେ ଅଛି ।

ଦଲାଇଲାମାଙ୍କ ବର୍ତମାନର ଏହି ଘୋଷଣାକୁ ମଧ୍ୟ ଚୀନ ସହଜରେ ଗ୍ରହଣ କରି ପାରି ନାହିଁ । କାରଣ ଚୀନ ଜାଣିଛି ଯେ ଏପରି ହେବା ଦ୍ୱାରା ଚୀନର ଲକ୍ଷ୍ୟ ସାଧିତ ହେବ ନାହିଁ । ତେଣୁ ଚୀନ ସରକାର ଏହା ଉପରେ ପ୍ରତିକ୍ରିୟା ପ୍ରକାଶ କରି କହିଛନ୍ତି ଯେ କୌଣସି ପୁନର୍ଜନ୍ମକୁ ସେତେବେଳେ ମାନ୍ୟତା ପ୍ରଦାନ କରାଯିବ ଯେତେବେଳେ ଚୀନର କମ୍ୟୁନିଷ୍ଟ ସରକାର ତାକୁ ଅନୁମୋଦନ ଦେବ । ଚୀନର କମ୍ୟୁନିଷ୍ଟ ସରକାର କହିଛି ଯେ ୨୦୦୭ ମସିହାର ଆଇନ ଅନୁସାରେ ପୁନର୍ଜନ୍ମର ଅଧିକାର କେବଳ ଚୀନ ସରକାରଙ୍କ ଅଧୀନରେ ରହିଛି ।

ତେବେ ଏଠାରେ ପ୍ରଶ୍ନ ଉଠିବା ସ୍ୱାଭବିକ ଯେ ଦଲାଇଲାମା ଓ ତାଙ୍କର ପୁନର୍ଜନ୍ମକୁ ନେଇ ଚୀନ ଏତେ ଚିନ୍ତିତ କାହିଁକି ? ଦଲାଇଲାମା କେଉଁଠି ଜନ୍ମ ହେବେ, ସେ କାହା ଶରୀର ଧାରଣ କରି ପୁନର୍ଜନ୍ମ ନେବେ ଏହା ସହିତ କମ୍ୟୁନିଷ୍ଟ ଚୀନର କଣ ସମ୍ପର୍କ ରହିଛି ? ଚୀନର ଏହି ଚିନ୍ତା ପଛରେ ବଡ ରହସ୍ୟ ରହିଛି । ଯଦିଓ ଚୀନ ତିବ୍ବତକୁ ସାତ ଦଶନ୍ଧିରୁ ଅଧିକ ସମୟ ହେଲାଣି ବଳପୂର୍ବକ ଅଧିକାର କରି ରଖିଛି ଓ ତିବ୍ବତୀୟ ମାନଙ୍କ ସହ ସମସ୍ତ ପ୍ରକାର ପାଶବିକ ଅତ୍ୟାଚାର କରି ଆସୁଛି ତଥାପି ସେମାନଙ୍କ ମନରୁ ତିବ୍ବତୀୟ ରାଷ୍ଟ୍ରୀୟତା ବା ତିବ୍ବତୀୟତାର ଧାରଣାକୁ ଦୂର କରିବାରେ ସଫଳ ହୋଇ ନାହିଁ । ଏହାର କାରଣ ହେଲା ଦଲାଇଲାମା ହେଉଛନ୍ତି ତିବ୍ବତୀୟ ରାଷ୍ଟ୍ରୀୟତା ପ୍ରତୀକ । ଯଦିଓ ତିବ୍ବତର ଭୂମି ଚୀନର ଅଧିକାରରେ ଅଛି, ଦଲାଇଲାମା ଚୀନର ଅଧିକାରରେ ନାହାନ୍ତି । ତେଣୁ ତିବତର ଲୋକ ମାନେ ମନେ କରନ୍ତି ଯେ ପର୍ଯ୍ୟନ୍ତ ଦଲାଇଲାମା ସ୍ୱାଧୀନ ଅଛନ୍ତି ସେପର୍ଯ୍ୟନ୍ତ ତିବତର ରାଷ୍ଟ୍ରୀୟତା ବା ତିବତୀୟତା ପରାଧୀନ ହୋଇ ନାହିଁ । କମ୍ୟୁନିଷ୍ଟ ଚୀନ ଗତ ସାତ ଦଶନ୍ଧୀରୁ ଉର୍ଧ ସମୟ ଧରି ତିବ୍ବତର ସାଧାରଣ ଲୋକ ମାନଙ୍କ ମାନସପଟରୁ ତିବ୍ବତୀୟତାକୁ ସମାପ୍ତ କରିବାକୁ ଅନେକ ଷଡଯନ୍ତ୍ର କରି ଆସିଛି । ବୌଦ୍ଧ ମଠ ଗୁଡିକୁ ଚୀନର କମ୍ୟୁନିଷ୍ଟ ସରକାର ନଷ୍ଟ କରୁଛି । ବୌଦ୍ଧ ଭିକ୍ଷୁ ମାନଙ୍କୁ ସେମାନଙ୍କର ଉପାସନା କରିବାକୁ ଦେଉ ନାହିଁ । ମଠ ଗୁଡିକର ଅଧିକାରକୁ ସଂକୁଚିତ କରୁଛି । ତିବ୍ବତରେ ହାନ୍ ଜାତିର ଲୋକ ମାନଙ୍କୁ ବସବାସ କରାଇ ତିବ୍ବତୀୟ ଝିଅ ମାନଙ୍କ ସହ ଜୋର ଜବରଦସ୍ତି ବିବାହ କରାଇ ତିବ୍ବତୀୟ ମାନଙ୍କୁ ସଂଖ୍ୟାଲଘୁ କରିବାକୁ ଚେଷ୍ଟା କରି ଆସୁଛି । ଯଦି କାହା ନିକଟରେ ଦଲାଇଲାମାଙ୍କ ଫଟୋ ଚୀନର କମ୍ୟୁନିଷ୍ଟ ସରକାର ପାଏ ତେବେ ତାକୁ ସଙ୍ଗେ ସଙ୍ଗେ ଜେଲର କାଳ କୋଠରୀରେ ପୂରାଇଥାଏ । ଦମନର ଏହି ପ୍ରକ୍ରିୟା ଅନବରତ ଚାଲି ଆସିଛି । ଏ ସବୁ ସତ୍ତ୍ୱେ ତିବତୀୟଙ୍କ ମନରେ ଦଲାଇଲାମାଙ୍କ ପ୍ରତି ଶ୍ରଦ୍ଧା ଅର୍ଥାତ ତିବ୍ବତୀୟତା ସମାପ୍ତ ହୋଇ ନାହିଁ । ଦଲାଇଲାମାଙ୍କ ତିବ୍ବତର ଲୋକ ମାନଙ୍କ ମାନସରେ ଏହି ପ୍ରଭାବ କାରଣରୁ କମ୍ୟୁନିଷ୍ଟ ଚୀନ ସର୍ବଦା କରୁଣା ଓ ପ୍ରେମର ଅବତାର ଦଲାଇଲାମାଙ୍କ ପ୍ରତି ଗାଳିଗୁଲଜର ଭାଷା ପ୍ରୟୋଗ କରି ଆସିଛି । କମୁନିଷ୍ଟ ଚୀନ ତାଙ୍କୁ ସାଧୁଙ୍କ ବସ୍ତ୍ରରେ ଜଣେ କୋକିଶିଆଳୀ ବୋଲି ବାରମ୍ବାର କହିଥାଏ । ଏଥିରୁ ଚୀନର ଦଲାଇଲାମାଙ୍କ ପ୍ରତି ଘୃଣା ସ୍ପଷ୍ଟ ହୋଇଥାଏ । ଦଲାଇଲାମା କେଉଁ ଦେଶକୁ ଗଲେ ସେହି ଦେଶ ଉପରେ ଚାପ ପ୍ରୟୋଗ କରି ତାଙ୍କର ଗସ୍ତକୁ ରଦ୍ଦ କରିବାକୁ ଚେଷ୍ଟା କରିଥାଏ ।

କମ୍ୟୁନିଷ୍ଟ ଚୀନ ଭଲ ଭାବେ ଜାଣିଛି ଯେ ଯେ ପର୍ଯ୍ୟନ୍ତ ପରମ ପାବନ ଦଲାଇଲାମା ଅଛନ୍ତି ସେ ପର୍ଯ୍ୟନ୍ତ ତିବ୍ବତ ଉପରେ ଅଧିକାର କଲେ ସୁଦ୍ଧା ତିବତୀୟତାକୁ ସମାପ୍ତ କରି ପାରିବ ନାହିଁ । ତେଣୁ ସେ ସମୟକୁ ଅପେକ୍ଷା କରିଛି । ଦଲାଇଲାମାଙ୍କ ବୟସ ଅଧିକ ହେବା କାରଣରୁ ତାଙ୍କର କେବେ ମୃତ୍ୟୁ ହେବ ତାକୁ ଚୀନର କମ୍ୟୁନିଷ୍ଟ ସରକାର ଅପେକ୍ଷା କରିଛି । କମ୍ୟୁନିଷ୍ଟ ଚୀନ ଜଗି ବସିଛି, କେବେ ଦଲାଇଲାମାଙ୍କ ମୃତ୍ୟୁ ହେବା ଓ କେବେ ସେ ତା ଆଡୁ ଜଣେ ଶିଶୁକୁ ଦଲାଇଲାମା ବୋଲି ଘୋଷିତ କରି ଦେବ । ଉକ୍ତ ଶିଶୁ ମାଧ୍ୟମରେ ସେ ତିବ୍ବତର ରାଷ୍ଟ୍ରୀୟତାକୁ ସମାପ୍ତ କରି ଦେବ । ଦଲାଇଲାମା ମଧ୍ୟ ଚୀନର ଏହି ଷଡଯନ୍ତ୍ରକୁ ଭଲ ଭାବେ ବୁଝିଛନ୍ତି । ତେଣୁ ସେ ବାରମ୍ବାର କହି ଆସିଛନ୍ତି ଯେ ତାଙ୍କର ପୁନର୍ଜନ୍ମ ପରାଧୀନ ଥିବା ଭୂମିରେ ହେବ ନାହିଁ । ସେ ପ୍ରକାରାନ୍ତରରେ ତିବତୀୟ ମାନଙ୍କୁ କହି ଆସିଛନ୍ତି ଯେ ଚୀନର ଅଧିକାରରେ ଥିବା ତିବତରେ ସେ ଜନ୍ମ ନେବେ ନାହିଁ । ଭାରତର ଅରୁଣାଚଳ ପ୍ରଦେଶର ତବାଙ୍ଗ ଅଂଚଳରେ ତାଙ୍କର ଅନେକ ଅନୁଯାୟୀ ଅଛନ୍ତି । ଏହା ପୂର୍ବରୁ ଜଣେ ଦଲାଇଲାମା ତୱାଙ୍ଗ ଅଂଚଳରୁ ହୋଇ ସାରିଛନ୍ତି । ତେଣୁ ଦଲାଇଲାମା ତିବତୀୟ ମାନଙ୍କୁ ସ୍ପଷ୍ଟ ଶବ୍ଦରେ କହିଛନ୍ତି ଯେ ଚୀନ ଯେଉଁ ଶିଶୁ କୁ ଦଲାଇଲାମା ବୋଲି ଘୋଷଣା କରିବ ତାକୁ ସେମାନେ ଦଲାଇଲାମା ବୋଲି ସ୍ୱୀକାର ନ କରନ୍ତୁ । ସେ ତୱାଙ୍ଗ ଅଂଚଳରେ ଜନ୍ମ ନେବେ ଓ ତାଙ୍କର ବିଶ୍ୱସ୍ତ ଭିକ୍ଷୁ ମାନଙ୍କର ସମୂହ ସେହି ଶିଶୁକୁ ଚିହ୍ନିବେ । ତାଙ୍କୁ ହିଁ ସେମାନେ ଦଲାଇଲାମା ବୋଲି ସ୍ୱୀକାର କରନ୍ତୁ । ଦଲାଇଲାମାଙ୍କର ଏହି ବକ୍ତବ୍ୟ ଚୀନର ଦୀର୍ଘ ଦିନର ଆଶାକୁ ନିରାଶାରେ ପରିବର୍ତନ କରି ଦେଇଛି । ତେଣୁ ଚୀନର ସରକାରଙ୍କୁ ଦଲାଇଲାମାଙ୍କ ବକ୍ତବ୍ୟ ଉପରେ ବାଧ ହୋଇ ପ୍ରତିକ୍ରିୟା ଦେବାକୁ ପଡିଛି ଓ କହିବାକୁ ପଡିଛି ଯେ ଚୀନ ସରକାରଙ୍କ ଅନୁମୋଦନ ବିନା ଦଲାଇଲାମାଙ୍କ ପୁନର୍ଜନ୍ମକୁ ମାନ୍ୟତା ପ୍ରଦାନ କରାଯାଇ ପାରିବ ନାହିଁ ।

ତେବେ ଦେଖିବାକୁ ଗଲେ ଚୀନ ବର୍ତମାନ ସବୁଠାରୁ ଶକ୍ତିଶାଳୀ ଦେଶ ମଧ୍ୟରେ ଅନ୍ୟତମ । ସାମରିକ ଶକ୍ତି, ପରମାଣୁ ବୋମା ଠାରୁ ଆରମ୍ଭ କରି ଟେକ୍ନୋଲଜୀ କ୍ଷେତ୍ର ହେଉ ବା ବାଣିଜ୍ୟ କ୍ଷେତ୍ର ହେଉ ଚୀନ ନିଜକୁ ମହାଶକ୍ତି ବୋଲି ପ୍ରଚାରିତ କରିଥାଏ । ହେଲେ ଏତେ ବଡ ମହାଶକ୍ତି ଚୀନ ଆଜି ଜଣେ ସାଧାରଣ ଭିକ୍ଷୁ ଦଲାଇଲାମାଙ୍କ ଆଗରେ ଭୟଭୀତ । ଏହି ସାଧାରଣ ବୌଦ୍ଧ ଭିକ୍ଷୁଙ୍କ ନିକଟରେ ନା ପରମାଣୁ ବୋମା ଅଛି, ନା ସେନା ବାହିନୀ ଅଛି ନା ଅତ୍ୟାଧୁନିକ ଅସ୍ତ୍ରଶସ୍ତ୍ର ଅଛି ? ତଥାପି ଚୀନ ତାଙ୍କ ନିକଟରେ ଭୟଭୀତ ଓ ପ୍ରଭାବହୀନ । ଦଲାଇଲାମାଙ୍କ ମୃତ୍ୟୁକୁ ସେ ଅପେକ୍ଷା କରିଛି । ଆଉ ଏକ ଆଶ୍ଚର୍ଯ୍ୟଜନକ କଥା ହେଉଛି ଯେ, ନାସ୍ତିକବାଦୀ ବିଚାରଧାରା କମ୍ୟୁନିଜମରେ ବିଶ୍ୱାସ କରୁଥିବା କମ୍ୟୁନିଷ୍ଟ ଚୀନ ସରକାରକୁ ପୁନର୍ଜନ୍ମ ସିଦ୍ଧାନ୍ତକୁ ସ୍ୱୀକାର କରିବାକୁ ବାଧ ହେବାକୁ ପଡୁଛି ଓ ଦଲାଇଲାମାଙ୍କ ପୁନର୍ଜନ୍ମ କେଉଁଠାରେ ହେବ ସେ ନେଇ ମୁଣ୍ଡ ଖେଳାଇବାକୁ ଚେଷ୍ଟା କରୁଛି । ଏହାଠାରୁ ବଡ ବିଡମ୍ବନା କଣ ବା ହୋଇ ପାରେ ? ତେବେ ଏ ସମ୍ପର୍କରେ ନିର୍ବାସିତ ତିବ୍ବତ ସରକାରର ପ୍ରଧାନମନ୍ତ୍ରୀ ପେନପା ସେରିଙ୍ଗଙ୍କ ବକ୍ତବ୍ୟକୁ ଉଲ୍ଲେଖ କରିବା ଜରୁରୀ ମନେ ହେଉଛି ଯେଉଁଥିରେ ସେ କହିଛନ୍ତି ଯେ, 'ଯଦି ଚୀନ ବାସ୍ତବରେ ପୁନର୍ଜନ୍ମରେ ବିଶ୍ୱାସ କରୁଛି ତେବେ ପ୍ରଥମେ ତାକୁ ମାଓ ସେ ତୁଙ୍ଗ ଙ୍କ ଭଳି ନିଜ ନେତା ମାନଙ୍କର ପୁନର୍ଜନ୍ମ ସମ୍ପର୍କରେ ଖୋଜିବା ଉଚିତ ହେବ ।

ଖାରବେଳନଗର, ଭୁବନେଶ୍ୱର
ମୋ:୯୪୩୮୪୧୩୭୦୪

# ଉତରଦାୟିତ୍ୱ କାହାର ?

**ସୌଭାଗ୍ୟ ରଂଜନ ମହାନ୍ତି**

ଅଧ୍ୟାପକଙ୍କ ଯୌନ ତଥା ମାନସୀକ ନିର୍ଯାତନାର ଶିକାର ହୋଇ ଅଧକ୍ଷଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଆତ୍ମାହୁତି ଉଦ୍ୟମ କରି ବାଲେଶ୍ୱର ଫକୀର ମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟର ଇଂଟିଗ୍ରେଟେଡ ବି.ଏଡ. ଦ୍ୱିତୀୟ ବର୍ଷର ଛାତ୍ରୀ ସୌମ୍ୟଶ୍ରୀ ବିଶି ଏମସ୍‌ରେ ଦୀର୍ଘ ୫୫ଘଂଟାର ଜୀବନ ମରଣ ସହ ଲଢେଇ କରି ଶେଷରେ ଆଖିବୁଜିବା ଘଟଣା କେବଳ ଶିକ୍ଷାନୁଷ୍ଠାନରେ ଗୁରୁ-ଶିଷ୍ୟ ପବିତ୍ରତାର ଅଧୋଗତିକୁ ସୂଚିତ କରିନାହିଁ, ଆମ ସରକାରୀ ଆଇନକାନୁନ୍, ସାମାଜିକ, ରାଜନୈତିକ ବ୍ୟବସ୍ଥା ତାଙ୍କୁ ସୁରକ୍ଷା ଦେଇପାରିନାହିଁ ବୋଲି କୁହାଯାଇପାରିବ ନାହିଁ। ପରଲୋକଗତ ଛାତ୍ରୀ ନ୍ୟାୟ ପାଇଁ କଲେଜ ଅଧକ୍ଷଙ୍କ ଠାରୁ ଆରମ୍ଭ କରି ପୋଲିସ, ଜିଲ୍ଲା ପ୍ରଶାସନ, ସ୍ଥାନୀୟ ଲୋକପ୍ରତିନିଧି, ଉଚ୍ଚଶିକ୍ଷା ମନ୍ତ୍ରୀ, ମୁଖ୍ୟମନ୍ତ୍ରୀ, ଜାତୀୟ ମହିଳା କମିଶନ, କେନ୍ଦ୍ର ଶିକ୍ଷା ମନ୍ତ୍ରୀଙ୍କୁ ସାମାଜିକ ଗଣମାଧ୍ୟମ 'ଏକ୍ସ' ଜରିଆରେ ସବୁକିଛି ସ୍ପଷ୍ଟ ଭାବେ ଜଣାଇଥିଲେ ମଧ୍ୟ ତାଙ୍କୁ କେହି ସୁରକ୍ଷା ଦେଇପାରିନଥିଲେ। ସବୁଠାରୁ ନିରାଶ ହେବା ପରେ କଲେଜ ପରିସରରେ ଛାତ୍ରୀ ଜଣକ ନିଜ ଦେହରେ ପେଟ୍ରୋଲ ଢାଳି ଆତ୍ମାହୁତି ଉଦ୍ୟମ କରି ଶେଷରେ ଆତ୍ମବଳି ଦେଇଛନ୍ତି। ତେବେ ଏହି ଦୁଃଖଦ ଘଟଣା ପାଇଁ ଦାୟୀ କିଏ? କାହାକୁ ଦାୟୀ କରିବା ? ଦାୟୀତ୍ୱ କାହାର? ଅବଶ୍ୟ ଏହି ଘଟଣାରେ ରାଜ୍ୟ ସରକାର କଲେଜର ଅଧ୍ୟାପକ ଏବଂ ସମ୍ପୃକ୍ତ ଅଧ୍ୟାପକଙ୍କୁ ନିଲମ୍ବନ କରି ଗିରଫ କରିବା ସହ ଜେଲକୁ ପଠାଇ ଦେଇଛନ୍ତି। ଏହା ନିସନ୍ଦେହ ଯେ, ଅଧ୍ୟାପକଙ୍କ ଯୌନ ନିର୍ଯ୍ୟାତନାର ଶିକାର ହୋଇ ସୌମ୍ୟଶ୍ରୀ କଲେଜ ପରିସରରେ ନିଜ ଦେହରେ ନିଆଁ ଲଗାଇ ଆତ୍ମବଳୀ ଦେବା ରାଜ୍ୟରେ ପ୍ରଥମ ଘଟଣା। କିନ୍ତୁ ଶିକ୍ଷାନୁଷ୍ଠାନରେ ଛାତ୍ରୀ ଅଧ୍ୟାପକଙ୍କ ଯୌନ, ତଥା ମାନସିକ, ଶାରିରୀକ ନିର୍ଯ୍ୟାତନାର ଶୀକାର ହେବା ନୂଆ ଘଟଣା ନୁହେଁ। ରାଜ୍ୟର ସୁନାମଧନ୍ୟ ବିଶ୍ୱବିଦ୍ୟାଳୟଗୁଡିକ ଠାରୁ ଆରମ୍ଭ କରି ମହାବିଦ୍ୟାଳୟ ଗୁଡିକରେ ଅତୀତରେ ଏଭଳି କଳଙ୍କିତ ଘଟଣା ଗଣମାଧ୍ୟମର ଶିରୋନାମା ପାଲଟିଥିଲା। ଉଲ୍ଲେଖଯୋଗ୍ୟ ଯେ, ଶିକ୍ଷାନୁଷ୍ଠାନରେ ଛାତ୍ରୀ ଏବଂ ଅଧ୍ୟାପିକାମାନଙ୍କୁ ଯୌନ ନିର୍ଯ୍ୟାତନାରୁ ସୁରକ୍ଷା ଦେବା ଲାଗି ସରକାରଙ୍କ ଠାରୁ ଆରମ୍ଭ କରି ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗ (ୟୁଜିସି) ଏବଂ ସୁପ୍ରିମକୋର୍ଟ ନିର୍ଦ୍ଦେଶାନାମା ଜାରି କରିଥିଲେ। ଯେଉଁ ନିର୍ଦ୍ଦେଶନାମାରେ ଶିକ୍ଷାନୁଷ୍ଠାନ ଏବଂ ଅନ୍ୟ କାର୍ଯ୍ୟସ୍ଥଳୀରେ ଆଭ୍ୟନ୍ତରୀଣ ଅଭିଯୋଗ କମିଟିମାନ ଗଠନ କରିବା ବ୍ୟବସ୍ଥା ରହିଛି। ପିଡିତା ଛାତ୍ରୀ ଅଧ୍ୟାପକଙ୍କ ଯୌନ ନିର୍ଯ୍ୟାତନା ସମ୍ପର୍କରେ ଜଣାଇବା ପରେ ଆଭ୍ୟନ୍ତରୀଣ ଅଭିଯୋଗ କମିଟି ଗଠନ କରାଯାଇ ଆଲୋଚନା ହୋଇଥିଲା। ଜଣାଯାଇଛି ଯେ, କମିଟି ରିପୋର୍ଟ ଦାଖଲ କରିଥିବା ସତ୍ତ୍ୱେ ଯୌନ ଶୋଷଣ ସମ୍ପର୍କରେ ରିପୋର୍ଟରେ କିଛି ଉଲ୍ଲେଖ ନାହିଁ। ଏପରିକି ପିଡିତା ଜଣକ ଅଧକ୍ଷଙ୍କୁ ଡାକରା ପାଇ ସାକ୍ଷାତ କରିବା ସମୟରେ ଅଭିଯୋଗ ପ୍ରତ୍ୟାହାର ପାଇଁ ଚାପ ପଡିଥିଲା ଏବଂ ସମସ୍ତ ଭୁଲ ଛାତ୍ରୀଙ୍କର, ଅଧ୍ୟାପକ ନିର୍ଦ୍ଦେଶ ବୋଲି କୁହାଯାଇଥିଲା। ଆହୁରି ମଧ୍ୟ ସମ୍ପୃକ୍ତ ଅଧ୍ୟାପକ ପିଡିତାଙ୍କ ବିରୁଦ୍ଧରେ ଅନ୍ୟ ଛାତ୍ରଛାତ୍ରୀଙ୍କୁ ମେଳି କରାଇବାରେ ସମର୍ଥ ହୋଇଥିଲେ। ଶ୍ରେଣୀ ଗୃହରେ ପିଡିତା ଏକ ପ୍ରକାର ବାସନ୍ଦ ହୋଇଯାଇଥିଲେ। ଏହା ଯଦି ସତ୍ୟ ହୋଇଥାଏ, ତେବେ ସାଂଘାତିକ ବୋଲି କୁହାଯିବ। ଆହୁରି ମଧ୍ୟ ଛାତ୍ରୀଜଣକ ସ୍ଥାନୀୟ ପୋଲିସକୁ ଅବଗତ କରାଇ ଥିଲେ। ପୋଲିସ ଅଭିଯୋଗରେ ତଦନ୍ତ କରିବା ପରିବର୍ତେ ଅଧକ୍ଷଙ୍କୁ ଭେଟି ନୀରବ ରହିଥିଲା। ପୋଲିସର ନୀରବତା ପରେ ସେ ଜିଲ୍ଲାପାଳ, ଏସପି, ଶିକ୍ଷା ମନ୍ତ୍ରୀ, କେନ୍ଦ୍ରଶିକ୍ଷାମନ୍ତ୍ରୀ ଏବଂ ମୁଖ୍ୟମନ୍ତ୍ରୀଙ୍କୁ 'ଏକ୍ସ'ରେ ସାମାଜିକ ଗଣମାଧ୍ୟମରେ ଅବଗତ କରାଇବା ପରେ କେହି ଗୁରୁତ୍ୱର ସହକାରେ ଏହାକୁ ଗ୍ରହଣ କରିନଥିବା ପିଡିତାଙ୍କ ଚରମ ପଦକ୍ଷେପ ପ୍ରମାଣିତ କରେ ବୋଲି କୁହାଯାଇପାରିବ। ଏହି ଘଟଣା ରାଜ୍ୟରେ ରାଜନୈତିକ ଝଡ ସୃଷ୍ଟି ଆଶଙ୍କାକୁ ଏଡାଇ ଦିଆଯାଇ ନପାରେ। ପିଡିତା ଜଣକ ଆତ୍ମରକ୍ଷା କୌଶଳରେ ଜଣେ ମାଷ୍ଟରଟ୍ରେନର ଥିଲେ। ଛାତ୍ରୀମାନଙ୍କ ସେ ଆତ୍ମରକ୍ଷା କୌଶଳ ସମ୍ପର୍କରେ ତାଲିମ ଦେଉଥିଲେ। ଏଥିରୁ ଅନ୍ୟକୁ ସୁରକ୍ଷିତ ରଖିବାରେ କେତେ ଦୃଢମନା, ସାହସୀ ଥିଲେ ବୁଝାପଡେ। ଆହୁରି ମଧ୍ୟ ସେ ଶାସକ ଦଳର ଛାତ୍ର ସଂଗଠନ ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ (ଏବିଭିପି)ର ଜଣେ ସକ୍ରୀୟ ସଦସ୍ୟା । ମାତ୍ର କାହାରିଠାରୁ କୌଣସି ସୁରକ୍ଷା ନପାଇବା ବୋଧହୁଏ ତାଙ୍କ ଚରମ ନିଷ୍ପତିର କାରଣ ହୋଇପାରେ। ପିଡିତାଙ୍କ ବଳିଦାନ ଘଟଣାରୁ ରାଜ୍ୟ ସରକାର କିଛି ଶିକ୍ଷା କରିଥିବେ ନିଶ୍ଚିତ ବୋଲି ଆଶା କରାଯାଏ। ଭବିଷ୍ୟତରେ ଶିକ୍ଷାନୁଷ୍ଠାନ ହେଉ କିମ୍ବା ସରକାରୀ, ବେସରକାରୀ କାର୍ଯ୍ୟାଳୟ ହେଉ ଏଭଳି ଘଟଣାରେ ଯେପରି ପୁନରାବୃତି ନଘଟେ, ସେଥିପ୍ରତି ସରକାର ସଚେତନ ହେବା ଜୁରୁରୀ। ଅବଶ୍ୟ ଏହି ଘଟଣା ପରେ ରାଜ୍ୟ ସରକାର ରାଜ୍ୟର ସମସ୍ତ ଶିକ୍ଷାନୁଷ୍ଠାନରୁ ଆଭ୍ୟନ୍ତରୀଣ ଅଭିଯୋଗ କମିଟି(ଆଇସିସି)ର ରିପୋର୍ଟ ତଲବ କରିଛନ୍ତି। ଏହାଦ୍ୱାରା ଭବିଷ୍ୟତରେ ଛାତ୍ରୀ ହୁଅନ୍ତୁ ବା ମହିଳା ହୁଅନ୍ତୁ, ସୁରକ୍ଷିତ ରହିପାରିବେ ବୋଲି ଆମର ଆଶା। କିନ୍ତୁ ବାଲେଶ୍ୱର ଘଟଣାରେ ଦୋଷୀଙ୍କ ବିରୁଦ୍ଧରେ କଠୋର କାର୍ଯ୍ୟାନୁଷ୍ଠାନ ହେବା ଜରୁରୀ। ଯାହା ପାପିଷ୍ଟଙ୍କ ପାଇଁ ଏକ ଚେତବାନୀ ସଦୃଶ ହେବ। ଆମେ ପିଡିତାଙ୍କ ଅମର ଆତ୍ମାଙ୍କ ସଦ୍‌ଗତି ପାଇଁ କାମନା କରିବା ସହ ଶୋକ ସନ୍ତପ୍ତ ପରିବାର ବର୍ଗଙ୍କ ପ୍ରତି ଗଭୀର ସମବେଦନା ଜ୍ଞାପନ କରୁଛୁ।

ଭୁବନେଶ୍ୱର
ମୋ:୭୯୭୮୬୬୬୪୦୩

# ମାନବ ଜୀବନ ନୁହଁଇ କେବଳ

**ଡକ୍ଟର ସୁରେଶ କୁମାର ନାୟକ**

ଭଗବାନଙ୍କ ପ୍ରତି ଯାହାର ଭକ୍ତିଭାବ ଅଧିକ ଏବଂ ଯିଏ ଗୁରୁଙ୍କ ଈଶ୍ୱରଙ୍କ ସ୍ୱରୂପ ମନେ କରେ, ସମସ୍ତ ଶାସ୍ତ୍ରର ଶିକ୍ଷା ପାଇବାକୁ ସେ ସମର୍ଥ ହୁଏ। ଗୁରୁଙ୍କର ଉପଦେଶକୁ ଯିଏ ଅକ୍ଷରେ ଅକ୍ଷରେ ପାଳନ କରେ, ତାଙ୍କର ମହିମାକୁ ଅଜ୍ଞଜ୍ଞାତାମାନାଙ୍କ ମଧ୍ୟରେ ଜୀବନ ପର୍ଯ୍ୟନ୍ତ ପ୍ରଚାର କରେ ସିଏ ହେଉଛି ପ୍ରକୃତ ଶିଷ୍ୟ। ପ୍ରକୃତ ଶିଷ୍ୟ କେବଳ ଗୁରୁଙ୍କର ଆଧ୍ୟାତ୍ମିକ ସତ୍ତା ନେଇ ଚିନ୍ତିତ ଥାଏ। ମନୁଷ୍ୟ ରୂପରେ ଗୁରୁଙ୍କର କାର୍ଯ୍ୟ ତା ପାଇଁ ବିଶେଷ ମହତ୍ତ୍ୱ ରଖେ ନାହିଁ। ସେ ଏଥିରୁ ସଦାବେଳେ ନିର୍ଲିପ୍ତ ରହେ। ପ୍ରକୃତରେ ଗୁରୁ ଏବଂ ଶିଷ୍ୟ ଏକ ଓ ଅଭିନ୍ନ। ଗୁରୁ ଆଶୀର୍ବାଦ ଦିଅନ୍ତି, ଉପଦେଶ ଦିଅନ୍ତି ଏବଂ ଶିଷ୍ୟ ଭିତରେ ପ୍ରେରଣାର ସ୍ରୋତ ପ୍ରବାହ କରନ୍ତି। ତାର ଭାବାନ୍ତର କରନ୍ତି ଏବଂ ତାକୁ ଆଧ୍ୟାତ୍ମିକ ଶକ୍ତି ପ୍ରଦାନ କରନ୍ତି। ମନୁଷ୍ୟର ପ୍ରକୃତି ସାଧାରଣତଃ ଚଞ୍ଚଳ ଓ କ୍ଷଣ ଭଙ୍ଗୁର। ଗୋଟିଏ ମୁହୂର୍ତ୍ତରେ ସେ ଆନନ୍ଦରେ ଗଦ ଗଦ ହୋଇଯାଉଥାଏ ଏବଂ ଗୋଡ଼ ତଳେ ଲାଗୁନଥାଏ, ପରମୁହୂର୍ତ୍ତରେ ଦୁଃଖ ପୁଣି ତାକୁ ଆଚ୍ଛନ୍ନ କରିବସେ। ଏହି ସମୟରେ ଅନେକ ପ୍ରଶ୍ନ ତା ଭିତରେ ଉଙ୍କିମାନେ। ଏହାର କାରଣ ହେଉଛି ଆମେ ସବୁ କଥାରେ ଏପରି ଦାସ ବନିଯାଇଥାଉ ଯେ ପ୍ରତିଦିନ ଆମର ମନକୁ ସ୍ଥିର ରଖିବା ପାଇଁ ଯେଉଁ ଧ୍ୟାନ ଆବଶ୍ୟକ ତାହା ଆମକୁ ଜଣାନାହିଁ। ଏଥିପାଇଁ ଆବଶ୍ୟକ ହେଉଛି ଏକ ଶୃଙ୍ଖଳିତ ଦିନଚର୍ଯ୍ୟା। ମନୁଷ୍ୟର ସବୁଠାରୁ ବଡ଼ ରିପୁ (ଶତ୍ରୁ) ହେଉଛି କାମନା। ବାହ୍ୟ ପଦାର୍ଥ ପ୍ରତି ଆକର୍ଷିତ ହେବା ଏହାର ଧର୍ମ। ତେଣୁ ଯେ କୌଣସି ସୌନ୍ଦର୍ଯ୍ୟ ପଦାର୍ଥ ଦେଖିଲେ ମନ ତାହା ପ୍ରତି ଆକର୍ଷିତ ହୋଇଯାଏ। ଫଳରେ ସାଧାରଣ ମନୁଷ୍ୟ ନିୟନ୍ତ୍ରଣ ହରାଇବସେ। ପ୍ରତ୍ୟେକ ଭକ୍ତ ଦୃଢ଼ ଭାବରେ ଏହାର ମୁକାବିଲା କରିବା ଉଚିତ। ଭଗବାନ ବା ନିଜ ଗୁରୁ, ଇଷ୍ଟଙ୍କର ବାଣୀ ଚିନ୍ତନ ଓ ମନନ କରିବା ଏ ଦିଗରେ ସହାୟକ ହୋଇଥାଏ। ସବୁବେଳେ ମନକୁ ଭଗବାନ କିମ୍ବା ଗୁରୁଙ୍କ ସ୍ମରଣରେ ଲଗାଇ ଦେଲେ ତାହା ଇନ୍ଦ୍ରିୟଜନିତ ଅନ୍ୟ ବିଷୟ ଚିନ୍ତନରୁ ଦୂରେଇଯିବ। ନିଜର କର୍ତ୍ତବ୍ୟ କରିବା ସମୟରେ ଜଣେ ଅହଂ ଶୂନ୍ୟ ହେବା ଉଚିତ। ନିଜକୁ କର୍ତ୍ତା ବୋଲି ମନେକରି ସବୁକିଛି ନିଜ ଗୁରୁଙ୍କୁ ସମର୍ପଣ କରିବା ଉଚିତ। ଶ୍ରୀମଦ୍ ଭଗବତ ଗୀତାର ମୂଲ୍ୟ ଓ ଶିକ୍ଷା ପ୍ରତି ଆମେମାନେ ବିଶେଷ ଯତ୍ନବାନ ହେବା ଉଚିତ, 'କର୍ମଣ୍ୟେ ବାଧିକାରସ୍ତେ୍ୟ ମା ଫଳେଷୁ କଦାଚନ ।

ସିଡିଏ, କଟକ

# ବହୁମୁଖୀ ପ୍ରତିଭା ହରିବନ୍ଧୁ ନାୟକ

**ମାଧବ ଚନ୍ଦ୍ର ସ୍ୱାଇଁ**

ମେହେନ୍ତର ସଂଘ କର୍ମଚାରୀରୁ ବି. ହାଇଗ୍ରେଡ଼ ଆର୍ଟିଷ୍ଟି କଟକ ଜିଲ୍ଲା ବାଙ୍କୀ ଡମପଡା ଗ୍ରାମର ହରିବନ୍ଧୁ ନାୟକ ୧୯୫୩ ମସିହା ସେପ୍ଟେମ୍ବର ୨୮ ତାରିଖରେ ଏକ ଦଳିତ ପରିବାରରେ ଜନ୍ମ.. ଆର୍ଥିକ ଅନାଟନ ମଧ୍ୟରେ ବହୁ କଷ୍ଟରେ ମାଟ୍ରିକ ପାସ କଲାପରେ କଟକ ସହରକୁ ଚାକରି ଆଶାରେ ଆସି ସଂଯୋଗ ବଶତଃ ଲୋକ ପ୍ରିୟ ଶ୍ରମିକ ନେତା ତଥା ତତ୍କାଳୀନ କଟକ ମ୍ୟୁନିସ ପାଲଟିର ନଗରପାଳ ବିଶ୍ୱନାଥ ପଣ୍ଡିତଙ୍କ ଶରଣାପନ୍ନ ହୋଇ ଜମାଦାର ଭାବେ ନିଯୁକ୍ତି ପାଇ ନିଜର କର୍ତ୍ତବ୍ୟ ନିଷ୍ଠା ଫଳରେ କୁଲି ମଜୁରିଆ ତଥା ମେହେନ୍ତର ମାନଙ୍କର ସୁଖ ଦୁଃଖ ରେ ଭାଗୀ ହୋଇ ପଣ୍ଡିତଙ୍କ ପାଖରେ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରି ସୋସାଲିଷ୍ଟ ପାର୍ଟି ପରେ ପରେ ଜନତା ଦଳରେ ସାମିଲ ହୋଇ କଟକ ଜିଲ୍ଲାରେ ବାଙ୍କୀ ସଦର ଚୌଦ୍ୱାର ବାରବାଟି ଅଂଚଳର ମେହେନ୍ତର ଙ୍କ ଉର୍ନ୍ନତି ପାଇଁ କାମ କରି ମେହେନ୍ତର ସଂଘର କାର୍ଯ୍ୟକାରୀ ସଭାପତି ତଥା ହିନ୍ଦ ମଜଦୁର ସଂଘର ସମ୍ପାଦକ ଭାବେ କାର୍ଯ୍ୟ କରି ଆସୁଛନ୍ତି ଏସବୁ ଭିତରେ ସେ ଜଣେ ବହୁ ମୁଖି ପ୍ରତିଭା ତଥା କଳାକାର. ଜଣେ ଦକ୍ଷ କଳାକାର ଭାବରେ ୪୦ ଟି ରୁ ଅଧିକ ମଞ୍ଚ ନାଟକ ରେ ଅଭିନୟ କରି ନିଜ ଦକ୍ଷତାର ପ୍ରମାଣ ଦେବା ସହିତ ଓଡ଼ିଆ ଚଳଚିତ୍ର କାବେରୀ, କସ୍ତୁରୀ, ଆରତୀ, ଚିତ୍କାର ରେ ଅଭିନୟ କରି ଦକ୍ଷ କଳାକାରର ପରିଚୟ ସୃଷ୍ଟି କରି ପାରି ଛନ୍ତି. ତାଙ୍କର ଅନ୍ୟ ଏକ ପରିଚୟ ହେଲା ଇନ୍ତେଜାର, ଇନସାନୀୟତ ଗାରେ ସିନ୍ଦୁର ଧାରେ ଲୁହ ଚଳଚିତ୍ର ର କାହାଣୀ କାର ହିସାବରେ ଜଣା ଶୁଣା କଟକ ବାରବାଟୀ ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ବୈୟାଳିଶମଣ୍ଡଳ ମେହେନ୍ତର ସମିତି ଗୃହର ପୁନଃ ଉଦ୍ଧାର କାର୍ଯ୍ୟ ପାଇଁ ଲୋକସଭା ସାଂସଦ ଭର୍ତ୍ତୃହରି ମହତାବଙ୍କ ସାଂସଦ ପାଣ୍ଠି ର ସଦୁପଯୋଗ କରି ସମସ୍ତଙ୍କର ପ୍ରିୟ ପାତ୍ର ହୋଇ ପାରିଛନ୍ତି ।

ସିଡିଏ, କଟକ

## ସଂପାଦକଙ୍କୁ ପତ୍ର

### ଆବଶ୍ୟକ ଅନୁଯାୟୀ ଖାଦ୍ୟ ବ୍ୟବହାର ହେଉ

ମହାଶୟ,

ବିଶ୍ୱରେ ଆବଶ୍ୟକ ପରିମାଣର ଖାଦ୍ୟ ଉତ୍ପାଦନ ହେଉଥିଲେ ମଧ୍ୟ ଅନେକ ଦେଶ ଖାଦ୍ୟ ସଂକଟ ଦେଇ ଗତି କରୁଛନ୍ତି। ଏହା ପଛରେ ମୁଖ୍ୟ କାରଣ ହେଉଛି ଖାଦ୍ୟ ଅପଚୟ ବା ନଷ୍ଟ। ସେହିପରି ଖାଦ୍ୟ ନଷ୍ଟ କରିବା ଦ୍ୱାରା ବିଶ୍ୱରେ ଖାଦ୍ୟ ସଂକଟର ମାତ୍ର ବୃଦ୍ଧି ପାଇବାରେ ଲାଗିଛି। ଫୁଡ ଆଣ୍ଡ ଏଗ୍ରିକଲଚର ସଂଗଠନ କହିଛି ଯେ, ୨୦୧୯ରେ ଖାଦ୍ୟଭାବ କାରଣରୁ ବିଶ୍ୱର ୬୯୦ ନିୟୁତ ଲୋକ ଭୋକିଲା ରହିଥିଲେ। ୨ ବିଲିୟନ ଲୋକକଙ୍କ ପାଖରେ ଖାଦ୍ୟ ଗ୍ରହଣର କରିବାର ସୁଯୋଗ ଥିଲେ ମଧ୍ୟ ସେମାନେ ଭୋକ ଉପାସରେ କାଳାତିପାତ କରୁଛନ୍ତି। ନିକଟରେ ଗତିସଂଘ ପର୍ଯ୍ୟାବରଣ କାର୍ଯ୍ୟକ୍ରମ (ୟୁଏନିପି) ପକ୍ଷରୁ ପ୍ରକାଶିତ ରିପୋର୍ଟ କୁହାଯାଇଛି ଯେ, ବିଶ୍ୱର ଜନସଂଖ୍ୟା ୮୦୦ କୋଟିକୁ ଅତିକ୍ରମ କରିଥିବାବେଳେ ସେମାନଙ୍କ ମଧ୍ୟରୁ ୮୩ କୋଟି ଲୋକ ଭୋକ ଉପାସରେ ରହୁଛନ୍ତି। ଯଦି ଖାଦ୍ୟ ନଷ୍ଟକୁ ରୋକିଦିଆଯାଇ ପାରିବ, ତେବେ ଭୋଗରେ ରହୁଥିବା ଲୋକଙ୍କୁ ପେଟ ପୁରା ଖାଦ୍ୟ ଯୋଗଇ ଦେବା ସମ୍ଭବ ହୋଇପାରିବ। ତେବେ ଚିନ୍ତାର କାରଣ ଏହା ଯେ, ବିଶ୍ୱର ଦୁଇ ଜନବହୁଳ ରାଷ୍ଟ୍ର ଚୀନ ଓ ଭାରତରେ ଖାଦ୍ୟ ନଷ୍ଟ ସର୍ବାଧିକ ଖାଦ୍ୟ ନଷ୍ଟ ବା ଅପଚୟରେ ଚୀନ ପ୍ରଥମ ସ୍ଥାନାରେ ରହିଥିବାବେଳେ ଭାରତ ଦ୍ୱିତୀୟ ସ୍ଥାନରେ ରହିଛି। ରିପୋର୍ଟ ଅନୁସାରେ ଭାରତରେ ଗୋଟିଏ ବର୍ଷରେ ପ୍ରାୟ ୬.୮୭ କୋଟି ଟନ ଖାଦ୍ୟ ନଷ୍ଟ ହୋଇଥାଏ। ଦେଶରେ ମୋଟ ୩୩ଲକ୍ଷ ଶିଶୁ ପୁଷ୍ଟିହୀନ ଅଛନ୍ତି। ଯାହାଙ୍କ ମଧ୍ୟରୁ ୧୭ଲକ୍ଷ ୭୬ ହଜାର ଅତିଶୟ ପୁଷ୍ଟିହୀନତାର ଶିକାର ହୋଇଥିବାବେଳେ ୧୫ଲକ୍ଷ ୪୬ ହଜାର ଶିଶୁ ମଧ୍ୟମ ଧରଣର କୁପୋଷଣରେ ଅଛନ୍ତି। କେବଳ ଶିଶୁଙ୍କ କୁପୋଷଣ ନୁହେଁ, ପେଟକୁ ଦୁଇ ଓଳି ଦୁଇ ମୁଠା ଖାଇବାକୁ ନପାଇ ଦେଶରେ କୋଟି କୋଟି ଲୋକ କେବଳ ଅନ୍ତ ସାରି ଶୂନ୍ୟ ହୋଇପଡିଥିବା ବେଳେ ବହୁ ମାରାତ୍ମକ ରୋଗରେ ପୀଡିତ। ତେବେ ଅନେକ କ୍ଷେତ୍ରରେ ଉତ୍ସବମାନଙ୍କରେ ଦେଖାଯାଉଛି ଯେ ଯେତିକି ଲୋକ ଖାଦ୍ୟ ଖାଉଛନ୍ତି, ତା'ଠାରୁ ଅଧିକ ଖାଦ୍ୟ ନଷ୍ଟ ହେଉଛି । ଏଭଳି ବିଷୟରେ ସଚେତନ ହେବା ଜରୁରୀ । ଖାଦ୍ୟର ଆବଶ୍ୟକତା ଅନୁଯାୟୀ ବ୍ୟବହାର ହେଲେ ଅନ୍ୟମାନେ ଖାଦ୍ୟ ପାଇପାରିବେ । ଏଥିପାଇଁ ବ୍ୟକ୍ତିଗତା ଭାବେ ସତର୍କତା ଅବଲମ୍ବନ ନିହାତି ଆବଶ୍ୟକ ହୋଇପଡ଼ିଛି ।

ବିରଞ୍ଚି ନାରାୟଣ ସାହୁ, ପୁରୀ




୧୭.୦୭.୨୦୨୫

# ଜୁନ୍‌ରେ ଖୁଚୁରା ମୁଦ୍ରାସ୍ଫୀତି ୬ ବର୍ଷର ସର୍ବନିମ୍ନ ସ୍ତର ୨.୧୦%କୁ ହ୍ରାସ




ଭାରତର ଖୁଚୁରା ମୁଦ୍ରାସ୍ଫୀତି ଜୁନ୍ ମାସରେ ୨.୧୦%କୁ ହ୍ରାସ ପାଇଛି, ଯାହା ୨୦୧୯ ଜାନୁଆରୀ ପରେ ନିମ୍ନତମ ସ୍ତର ବୋଲି ସରକାରୀ ତଥ୍ୟରୁ ଜଣାପଡ଼ିଛି। ଖାଦ୍ୟ ଦ୍ରବ୍ୟର ମୂଲ୍ୟ ବୃଦ୍ଧି ଧୀମା ହେବା ଏବଂ ଅନୁକୂଳ ବେସ୍ ଇଫେକ୍ଟ ଯୋଗୁଁ ଏହି ହ୍ରାସ ଘଟିଛି।ଏହା ରିଜର୍ଭ ବ୍ୟାଙ୍କ ଅଫ୍ ଇଣ୍ଡିଆର ୪% ମଧ୍ୟମ ମିଆଦୀ ଲକ୍ଷ୍ୟଠାରୁ କମ୍ ରହିଥିବା ପଂଚମ ମାସ ଏବଂ ୬% ଉଚ୍ଚ ସୀମାଠାରୁ କମ୍ ରହିଥିବା ଅଷ୍ଟମ ମାସ। ସରକାରୀ ବିବୃତି ଅନୁଯାୟୀ, "ଜୁନ୍ ୨୦୨୫ରେ ମୁଦ୍ରାସ୍ଫୀତି ମେ' ୨୦୨୫ ତୁଳନାରେ ୭୨ ବେସିସ୍ ପଏଂଟ୍ ହ୍ରାସ ପାଇଛି।" ଏହା ରିଜର୍ଭ ବ୍ୟାଙ୍କ ଅଫ୍ ଇଣ୍ଡିଆର ୪% ମଧ୍ୟମ ମିଆଦୀ ଲକ୍ଷ୍ୟଠାରୁ କମ୍ ରହିଥିବା ପଂଚମ ମାସ ଏବଂ ୬% ଉଚ୍ଚ ସୀମାଠାରୁ କମ୍ ରହିଥିବା ଅଷ୍ଟମ ମାସ। ସରକାରୀ ବିବୃତି ଅନୁଯାୟୀ, "ଜୁନ୍ ୨୦୨୫ରେ ମୁଦ୍ରାସ୍ଫୀତି ମେ' ୨୦୨୫ ତୁଳନାରେ ୭୨ ବେସିସ୍ ପଏଂଟ୍ ହ୍ରାସ ପାଇଛି।" ମେ'ରେ ମୁଦ୍ରାସ୍ଫୀତି ୨.୮୨% ଥିବା ବେଳେ ଜୁନ୍ ୨୦୨୪ରେ ଏହା ୫.୦୮% ଥିଲା। ଜୁନ୍ ହେଉଛି ଦ୍ୱିତୀୟ ମାସ ଯେତେବେଳେ ମୁଦ୍ରାସ୍ଫୀତି ୩%ରୁ କମ୍ ରହିଛି। କୋଟାକ୍ ମହିନ୍ଦ୍ରା ବ୍ୟାଙ୍କର ମୁଖ୍ୟ ଅର୍ଥନୀତିବିତ୍ ଉପାସନା ଭାରଦ୍ୱାଜ କହିଛନ୍ତି, "ଖାଦ୍ୟ ମୂଲ୍ୟରେ ନରମ ପରିବେଶ ଯୋଗୁଁ ମୁଦ୍ରାସ୍ଫୀତି ଆଶାଠାରୁ କମ୍ ରହିଛି। ତେବେ, କୋର ମୁଦ୍ରାସ୍ଫୀତିରେ କିଛି ବୃଦ୍ଧି ଦେଖାଯାଇଛି। ମଣ୍ଡି ମୂଲ୍ୟ ଅନୁଯାୟୀ, କିଛି ପନିପରିବା ଛଡ଼ା ଖାଦ୍ୟ ମୂଲ୍ୟ ସ୍ଥିର ରହିଛି। ଆମେ ଆଶା କରୁଛୁ ଯେ ୨୦୨୫-୨୬ ଆର୍ଥିକ ବର୍ଷରେ ମୁଦ୍ରାସ୍ଫୀତି ୩.୭% ଆକଳନଠାରୁ ପ୍ରାୟ ୫୦ ବେସିସ୍ ପଏଂଟ୍ କମ୍ ରହିବ।" ସେ ଆହୁରି କହିଛନ୍ତି, "ନିୟନ୍ତ୍ରିତ ମୁଦ୍ରାସ୍ଫୀତି ମୁଦ୍ରା ନୀତି ଆହୁରି ଶିଥିଳ କରିବାକୁ ସୁଯୋଗ ଦେଉଛି, କିନ୍ତୁ ଜଇଓ ଆଗାମୀ ୧-୨ଟି ବୈଠକରେ ସ୍ଥିତି ବଜାୟ ରଖି ବିଶ୍ୱବ୍ୟାପୀ ଅନିଶ୍ଚିତତା ଓ ନୀତି ସ୍ୱଭାବ ନିରୀକ୍ଷଣ କରିବ।" ଜୁନ୍‌ରେ ମୁଦ୍ରା ନୀତି କମିଟି ବେଂଚମାର୍କ ରେପୋ ହାରକୁ ୫୦ ବେସିସ୍ ପଏଂଟ୍ ହ୍ରାସ କରି ୫.୫% କରିଥିଲା। ଏହା ୨୦୨୫ରେ ତୃତୀୟ କ୍ରମାଗତ ସୁଧ ହାର ହ୍ରାସ ଥିଲା, ଯେତେବେଳେ ଜଇଓ ନୀତି ଅବସ୍ଥାନକୁ "ନିରପେକ୍ଷ"କୁ ବଦଳାଇଥିଲା। ଗଭର୍ଣ୍ଣର ସଞ୍ଜୟ ମାଲହୋତ୍ରା କହିଛନ୍ତି, "ଗତ ଛଅ ମାସରେ ମୁଦ୍ରାସ୍ଫୀତି ନାଟକୀୟ ଭାବେ ହ୍ରାସ ପାଇଛି। ଅକ୍ଟୋବର ୨୦୨୪ରେ ଏହା ସହନଶୀଳ ସୀମା ଉପରେ ଥିବା ବେଳେ ଏବେ ଲକ୍ଷ୍ୟଠାରୁ ବହୁତ କମ୍ ରହିଛି।" ଜୁନ୍ ତଥ୍ୟ ଆଧାରରେ ଜଇଓ ଆର୍ଥିକ ବର୍ଷ ୨୦୨୫-୨୬ ପାଇଁ ଖୁଚୁରା ମୁଦ୍ରାସ୍ଫୀତି ପୂର୍ବାନୁମାନକୁ ୪%ରୁ ହ୍ରାସ କରି ୩.୭% କରିଛି। ମୁଦ୍ରାସ୍ଫୀତି ହ୍ରାସରେ ଖାଦ୍ୟ ମୂଲ୍ୟର ଧୀମା ବୃଦ୍ଧି ଏକ ପ୍ରମୁଖ ଭୂମିକା ଗ୍ରହଣ କରିଛି। ବିଶ୍ଳେଷକମାନେ କହିଛନ୍ତି ଯେ ଜରୁରୀ ସାମଗ୍ରୀର ଉନ୍ନତ ଯୋଗାଣ ଏବଂ ସରକାରଙ୍କ ଦ୍ୱାରା ଖାଦ୍ୟ ଭଣ୍ଡାରର ଉନ୍ନତ ପରିଚାଳନା ମୂଲ୍ୟ ନିୟନ୍ତ୍ରଣରେ ସାହାଯ୍ୟ କରିଛି। ଗତ ବର୍ଷ ଏହି ସମୟରେ ଉଚ୍ଚ ମୁଦ୍ରାସ୍ଫୀତି ଥିବା ଯୋଗୁଁ ବେସ୍ ଇଫେକ୍ଟ ମଧ୍ୟ ଏହାକୁ ଆହୁରି ଗୁରୁତ୍ୱପୂର୍ଣ୍ଣ କରିଛି।

# ଏଣିକି ଫଟାଫଟ ମିଳିବ ଲୋନ୍

**ଇଆମଆଇ ଯଦି ଆପଣଙ୍କର ସ୍କୋର କମ ଅଛି ଏବଂ ଆପଣ ଋଣ କିମ୍ବା କ୍ରେଡିଟ କାର୍ଡ ପାଇଁ ବାରମ୍ବାର ପ୍ରତ୍ୟାଖ୍ୟାନ ପାଉଛନ୍ତି, ତେବେ ଏହି ଖବର ଆପଣଙ୍କ ପାଇଁ। ଏଠାରେ ଆମେ କିଛି ସହଜ ଏବଂ ପ୍ରଭାବଶାଳୀ ଟିପ୍ସ କହିବୁ, ଯାହା ସାହାଯ୍ୟରେ ଆପଣ ଆପଣଙ୍କର ସ୍କୋରକୁ ଶୀଘ୍ର ଉନ୍ନତ କରିପାରିବେ।**



୧. କ୍ରେଡିଟ କାର୍ଡ ବିଲ ସମୟସୀମାରେ ପୈଠ କରନ୍ତୁ: ଯଦି ଆପଣ ଆପଣଙ୍କର ଋଣ ଋଗଓ କିମ୍ବା କ୍ରେଡିଟ କାର୍ଡ ବିଲ ସମୟସୀମାରେ ପୈଠ କରନ୍ତି ନାହିଁ, ତେବେ ଏହା ସିଧାସଳଖ ଆପଣଙ୍କର ସ୍କୋରକୁ ପ୍ରଭାବିତ କରେ। ଥରେ ପେମେଂଟ୍ କରିବାରେ ବିଳମ୍ବ ହେଲେ ମଧ୍ୟ ଆପଣଙ୍କର ସ୍କୋରକୁ ବହୁତ ହ୍ରାସ କରିପାରେ।

୨. କ୍ରେଡିଟ ସୀମାର ୩୦% ରୁ ଅଧିକ ବ୍ୟବହାର କରନ୍ତୁ ନାହିଁ: କ୍ରେଡିଟ ବିଲ ପେମେଂଟ୍‌ରେ ଚିନ୍ତା ଏଡାଇବାର ସର୍ବୋତମ ଉପାୟ ହେଉଛି ଯେ ଆପଣ ଆପଣଙ୍କର ଥିବା କ୍ରେଡିଟ ସୀମାର ୩୦% ରୁ ଅଧିକ ଖର୍ଚ୍ଚ କରନ୍ତୁ ନାହିଁ। ୩୦% ରୁ ଅଧିକ ବ୍ୟବହାର କରିବା ଆପଣଙ୍କର ଆର୍ଥିକ ଚାପକୁ ପ୍ରତିଫଳିତ କରେ। ଉଦାହରଣ ସ୍ୱରୂପ, ଯଦି ଆପଣଙ୍କର ସୀମା ୧ ଲକ୍ଷ, ତେବେ ଗୋଟିଏ ମାସରେ ୩୦,୦୦୦ ହଜାରରୁ ଅଧିକ ଖର୍ଚ୍ଚ କରିବାକୁ ଏଡାନ୍ତୁ। କାରଣ କମ କ୍ରେଡିଟ ବ୍ୟବହାର ଅନୁପାତ ଉଓଇଓଖ ସ୍କୋରକୁ ଏକ ସକାରାତ୍ମକ ସୂଚନା ଦିଏ। ଅନ୍ୟପକ୍ଷରେ, ଏକ ଉଚ୍ଚ କ୍ରେଡିଟ କାର୍ଡ ବାଲାନ୍ସ ସ୍କୋର ଉପରେ ନକାରାତ୍ମକ ପ୍ରଭାବ ପକାଏ।

୩. ଏକ ସମୟରେ ଏକାଧିକ ଋଣ କିମ୍ବା କ୍ରେଡିଟ କାର୍ଡ ପାଇଁ ଆବେଦନ କରନ୍ତୁ ନାହିଁ: ଆପଣ ଏକ ସମୟରେ ଏକାଧିକ ଋଣ କିମ୍ବା କ୍ରେଡିଟ କାର୍ଡ ପାଇଁ ଆବେଦନ କରିବା ଉଚିତ ନୁହେଁ। ଯେତେବେଳେ ଆପଣ ଏକ ନୂତନ ଋଣ କିମ୍ବା କ୍ରେଡିଟ କାର୍ଡ ପାଇଁ ଆବେଦନ କରନ୍ତି, ବ୍ୟାଙ୍କ ଆପଣଙ୍କର ରିପୋର୍ଟ ଯାଂଚ କରେ ଯାହାକୁ ଏକ କଠିନ ତଦନ୍ତ କୁହାଯାଏ। ଯଦି ଆପଣ ଏକ ସମୟରେ ଏକାଧିକ ସ୍ଥାନରେ ଆବେଦନ କରନ୍ତି, ତେବେ ଅନେକ କଠିନ ତଦନ୍ତ କରାଯାଏ, ଯାହା ସ୍କୋରକୁ କମ କରିପାରେ। କେବଳ ଆବଶ୍ୟକ ହେଲେ ଏକ ନୂତନ ଋଣ କିମ୍ବା କାର୍ଡ ପାଇଁ ଆବେଦନ କରନ୍ତୁ, କେବଳ ଅଫର ଦେଖି ବାରମ୍ବାର ଆବେଦନ କରନ୍ତୁ ନାହିଁ।

୪. ଆପଣଙ୍କର କ୍ରେଡିଟ ରିପୋର୍ଟ ନିୟମିତ ଯାଂଚ କରନ୍ତୁ: ବ୍ୟାଙ୍କ କିମ୍ବା ଆର୍ଥିକ ସଂସ୍ଥା ଦ୍ୱାରା ଅନେକ ଥର ତଥ୍ୟ ଭୁଲ ଭାବରେ ଅପଲୋଡ କରାଯାଏ ବନ୍ଦ ହୋଇଯାଇଥିବା ପୁରୁଣା ଋଣ ଦେଖନ୍ତି ଅନ୍ୟ କାହାର ଇଏମଆଇ ସହିତ ଲିଙ୍କ ହେବା ଭୁଲ ବକେୟା ପରିମାଣ ରେକର୍ଡ କରାଯିବ।

୫. ସୁସ୍ଥ କ୍ରେଡିଟ ମିଶ୍ରଣ କେବଳ ଗୋଟିଏ ପ୍ରକାରର ଋଣ ଯେପରିକି ବ୍ୟକ୍ତିଗତ ଋଣ କିମ୍ବା କେବଳ କ୍ରେଡିଟ କାର୍ଡ ବ୍ୟବହାର କରିବା ସ୍କୋର ପାଇଁ ଭଲ ବୋଲି ବିବେଚନା କରାଯାଏ ନାହିଁ। ଆପଣଙ୍କ ପାଖରେ ସୁରକ୍ଷିତ (ଯଥା ଗୃହ ଋଣ, କାର ଋଣ) ଏବଂ ଅସୁରକ୍ଷିତ (ବ୍ୟକ୍ତିଗତ ଋଣ, କ୍ରେଡିଟ କାର୍ଡ) କ୍ରେଡିଟ ଉଭୟ ଥିବାବେଳେ ଏହା ଭଲ। ଏହା କ୍ରେଡିଟ ବ୍ୟୁରୋକୁ ସୂଚିତ କରେ ଯେ ଆପଣ ବିଭିନ୍ନ ପ୍ରକାରର ଆର୍ଥିକ ଦାୟିତ୍ୱ ପରିଚାଳନା କରିପାରିବେ।

# ଭାରତରେ ଏଣ୍ଟ୍ରି କଲା ଟେସଲା

ଆମେରିକାର ଲୋକପ୍ରିୟ ଇଲେକ୍ଟ୍ରି କାର ତିଆରି କରୁଥିବା କମ୍ପାନୀ ଟେସଲା ଭାରତରେ ପ୍ରବେଶ କରିଛି । ଟେସଲା କମ୍ପାନୀ ଭାରତରେ ପ୍ରଥମ ଶୋ ରୁମ ମୁମ୍ବାଇରେ ଖୋଲିଛି । ମୁମ୍ବାଇର ବାନ୍ଦ୍ରା କୁର୍ଲା କମ୍ପ୍ଲେକ୍ସରେ ଖୋଲିଛି । ଶୋ ରୁମ ଖୋଲିବା ପୂର୍ବରୁ ଟେସଲା ଏକ୍ସରେ ଏକ ଟିଜର ପୋଷ୍ଟ କରି ଲେଖିଥିଲା, ଖୁବଶୀଘ୍ର ଆସୁଛୁ । ଖବର ମୁତାବକ, ଟେସଲା ଭାରତ ପାଇଁ ଯୋଜନାକୁ ନେଇ ଅଟକଳ କରାଯାଉଛି । କେନ୍ଦ୍ର ଉଦ୍ୟୋଗ ମନ୍ତ୍ରୀ ଏଚଡି କୁମାରସ୍ୱାମୀ ଜୁନରେ ସ୍ପଷ୍ଟ କରିଥିଲେ କି, ଟେସଲା ବର୍ତ୍ତମାନ ସୁଦ୍ଧା ଭାରତରେ କାର ନିର୍ମାଣ କରିବାକୁ ନେଇ କୌଣସି ଆନ୍ତରିକତା ଦେଖାଉନାହିଁ । କମ୍ପାନୀ କେବଳ ଭାରତରେ କାର ବିକ୍ରି କରିବାକୁ ଚାହୁଁଛି । ମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡନବିସ୍ ଟେସଲା ଶୋ'ରୁମ୍ ଉଦଘାଟନ କରିଛନ୍ତି। ଏହି ଅବସରରେ ସେ ଦେଶରେ ଟେସ୍‌ଲାକୁ ସ୍ୱାଗତ କରି କହିଛନ୍ତି, ''ଟେସ୍‌ଲା, ଭାରତକୁ ସ୍ୱାଗତ''। ଟେସଲା ଦେଶରେ ଏହାର ଯାନବାହନ ଆମଦାନୀ କରିବାକୁ ଏବଂ ଉତ୍ପାଦନ ୟୁନିଟ୍ ସ୍ଥାପନ କରିବା ପରିବର୍ତେ ଏହାର ଶୋ'ରୁମ୍ ମାଧ୍ୟମରେ ବିକ୍ରି କରିବାକୁ ଆଗ୍ରହୀ । ଏହି ବର୍ଷ ଆରମ୍ଭରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ



ନେଇ ଟେସଲା ଭାରତରେ ଏହାର ନିଯୁକ୍ତି ପ୍ରକ୍ରିୟା ଆରମ୍ଭ କରିଥିଲା, କମ୍ପାନୀ ଘରୋଇ ବଜାରରେ ପ୍ରବେଶ କରିବା ପାଇଁ ପ୍ରସ୍ତୁତି କରୁଛି। ଗତ ଏପ୍ରିଲରେ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏଲନ ମସ୍କଙ୍କ ସହ ଟେଲିଫୋନ୍ ମାଧ୍ୟମରେ କଥାବାର୍ତ୍ତା କରିଥିଲେ ଏବଂ ପ୍ରଯୁକ୍ତିବିଦ୍ୟା କ୍ଷେତ୍ରରେ ସହଯୋଗ ପାଇଁ ସୁଯୋଗ ବିଷୟରେ ଆଲୋଚନା କରିଥିଲେ । ପ୍ରଧାନମନ୍ତ୍ରୀ ମୋଦି ଫେବୃଆରୀରେ ଆମେରିକା ଗସ୍ତ ସମୟରେ ମସ୍କଙ୍କୁ ମଧ୍ୟ ଭେଟିଥିଲେ । ଏଲନ୍ ମସ୍କ ଚାହୁଁଥିଲେ ଯେ, ଭାରତ ସରକାର ଟେସଲା କାର ଉପରେ ଆମଦାନୀ ଶୁଳ୍କ ହ୍ରାସ କରନ୍ତୁ, ଯାହାଫଳରେ ସେ ସହଜରେ ଟେସଲା କାରଗୁଡ଼ିକୁ ଭାରତୀୟ ବଜାରରେ ବିକ୍ରି କରିପାରିବେ । ଭାରତରେ କାର ତିଆରି କରିବା ପରିବର୍ତେ ଟେସଲା ଆମଦାନୀ ହୋଇଥିବା କାର ବିକ୍ରି କରିବାକୁ ଚାହୁଁଛି ।

# ଖୋଲିବ ଡ୍ରୋନ୍ ପରୀକ୍ଷଣ କେନ୍ଦ୍ର



ଡ୍ରୋନ୍ ବିକାଶ କରିବାରେ ରାଜ୍ୟର ଷ୍ଟାର୍ଟଅପ୍‌ଗୁଡ଼ିକ ଜାତୀୟ ସ୍ତରରେ ସୁନାମ ଅର୍ଜନ କରିଥିବା ବେଳେ ଏହି କ୍ଷେତ୍ରରେ ସେଭଳି ସଂସ୍ଥାଗୁଡ଼ିକୁ ସାହାଯ୍ୟ କରିବା ଲାଗି ରାଜ୍ୟ ସରକାର ଏକ ଡ୍ରୋନ୍ ପରୀକ୍ଷଣ, ତାଲିମ ଓ ପ୍ରସାର କେନ୍ଦ୍ର ଖୋଲିବାକୁ ଯାଉଛନ୍ତି। ବ୍ରହ୍ମପୁରର ଗୋପାଳପୁର ଅଧୀନସ୍ଥ ରଙ୍ଗେଇଲୁଣ୍ଡା ବିମାନବନ୍ଦରରେ ଏହି ବ୍ୟବସ୍ଥା ସ୍ଥାପନ କରିବା ଯୋଜନା ରହିଛି। ଭାରତ ସରକାରଙ୍କ ଅଧୀନରେ ପରିଚାଳିତ ହେଉଥିବା ବେସାମରିକ ବିମାନ ଚଳାଚଳ ମହାନିର୍ଦ୍ଦେଶାଳୟ (ଡିଜିସିଏ)ର ରହିଥିବା ସମସ୍ତ ନିୟମକୁ ପାଳନ କରି ଏହି ପରୀକ୍ଷଣ ଓ ତାଲିମ କେନ୍ଦ୍ର ସ୍ଥାପନ କରାଯିବ। ରାଜ୍ୟ ବାଣିଜ୍ୟ ଓ ପରିବହନ ବିଭାଗ ପକ୍ଷରୁ ଏଥିପାଇଁ ଟେଣ୍ଡର ଆହ୍ୱାନ କରାଯାଇଛି। ଡ୍ରୋନ୍ ପରୀକ୍ଷଣ ଓ ତାଲିମ ବ୍ୟବସ୍ଥା ଲାଗି ଲିଜ୍‌ରେ ଜମି ପ୍ରଦାନ କରିବାକୁ ରିକ୍ୱେଷ୍ଟ ଫରପ୍ରୋପୋଜାଲ୍ (ଆରପିଏଫ୍) ଆହ୍ୱାନ କରାଯାଇଛି। ଡ୍ରୋନ୍ ନିର୍ମାଣ କରୁଥିବା ଅସଲି ଉପକରଣ ନିର୍ମାତା (ୟୁଏଭି) ଓ ଆରିଟିଓମାନେ ଏଥିପାଇଁ ଆବେଦନ କରିପାରିବେ। ଚଳିତ ମାସ ଶେଷ ସୁଦ୍ଧା ଆବେଦନ ପଠାଇବା ଲାଗି ସେମାନଙ୍କୁ ବିଭାଗ ପକ୍ଷରୁ କୁହାଯାଇଛି। ରାଜ୍ୟରେ ଡ୍ରୋନ୍ ପରୀକ୍ଷଣ, ତାଲିମ ଓ ପ୍ରସାର ପାଇଁ ବିଭିନ୍ନ ଘରୋଇ କେନ୍ଦ୍ର ରହିଛି। ସିଭି ରମଣ ଗ୍ଲୋବାଲ୍ ବିଶ୍ୱବିଦ୍ୟାଳୟ, ସ୍କାଏ ସ୍କିଲ୍ ଏକାଡେମି, ଟ୍ରେନିଂ ହବ୍ ଲ୍ୟାବ୍, ୟୁଡିଆର ଟେକ୍ନୋଲୋଜି ଓ ଆଇଜି ଡ୍ରୋନ୍ସ ପକ୍ଷରୁ ବିଭିନ୍ନ କେନ୍ଦ୍ର ସ୍ଥାପନ କରାଯାଇଛି। ଆଇଜି ଡ୍ରୋନ୍ସ ପକ୍ଷରୁ କଳାହାଣ୍ଡିରେ ଦକ୍ଷତା ବିକାଶ ଓ ନିଯୁକ୍ତି ପାଇଁ ଏକ ଉତ୍କର୍ଷ କେନ୍ଦ୍ର ସ୍ଥାପନ କରାଯାଇଛି।

# ଓଡ଼ିଶା ଦେଶର ତୃତୀୟ ଶସ୍ତା ବଜାର



ଭୁବନେଶ୍ୱର: ଗତ ଜୁନ୍ ମାସରେ ରାଜ୍ୟରେ ଦରଦାମ୍ ସ୍ଥିତି ବେଶ୍ ନିୟନ୍ତ୍ରଣରେ ଥିଲା। ଗାଁଠାରୁ ଆରମ୍ଭ କରି ସହର ପର୍ଯ୍ୟନ୍ତ, ସବୁଆଡ଼େ ବଜାରରେ ଅପେକ୍ଷାକୃତ ଶସ୍ତାରେ ଜିନିଷ ଉପଲବ୍ଧ ହେଉଥିଲା। କେନ୍ଦ୍ର ପରିସଂଖ୍ୟାନ ମନ୍ତ୍ରଣାଳୟ ପକ୍ଷରୁ ଜାରି କରାଯାଇଥିବା ଖୁଚୁରା ମୁଦ୍ରାସ୍ଫୀତି ତଥ୍ୟରୁ ଏହି ଚିତ୍ର ସାମ୍ନାକୁ ଆସିଛି। ଏହି ମାସରେ ଓଡ଼ିଶାର ମୁଦ୍ରାସ୍ଫୀତି ହାର ମାତ୍ର ୦.୫୨ ପ୍ରତିଶତ ରହିଛି ଯାହା ଗତ ମେ' ମାସରେ ୨.୨୮ ପ୍ରତିଶତ ଥିଲା। ଜୁଲାଇ ମାସରେ କିନ୍ତୁ ସ୍ଥିତି ବଦଳିଯାଇଛି। ବର୍ଷାଜନିତ କାରଣରୁ ଯୋଗାଣ ଶୃଙ୍ଖଳ ବାଧାପ୍ରାପ୍ତ ହେବା ଦ୍ୱାରା ପନିପରିବା ଓ ଖାଦ୍ୟ ସାମଗ୍ରୀ ଦରରେ ବୃଦ୍ଧି ଦେଖାଦେଇଛି। ସୂଚନା ଅନୁଯାୟୀ, ଗତ ମେ'ରେ ଗ୍ରାମୀଣ ମୁଦ୍ରାସ୍ଫୀତି ୧.୭୨ ପ୍ରତିଶତ ଓ ସହରାଂଚଳ ମୁଦ୍ରାସ୍ଫୀତି ୨.୫୬ ପ୍ରତିଶତ ଥିଲା। ଗୋଟିଏ ମାସ ପରେ ଜୁନ୍‌ରେ ଗ୍ରାମୀଣ ମୁଦ୍ରାସ୍ଫୀତି ୦.୪୬ ପ୍ରତିଶତ ଓ ସହରାଂଚଳରେ ତାହା ୦.୬୪ ପ୍ରତିଶତକୁ ହ୍ରାସ ପାଇଛି। ଜୁନ୍ ମାସରେ ଓଡ଼ିଶା ଦେଶର ତୃତୀୟ ଶସ୍ତା ବଜାର ଥିଲା। ତେଲେଙ୍ଗାନାର ମୁଦ୍ରାସ୍ଫୀତି ହାର ବିଯୁକ୍ତ ୦.୯୩ ପ୍ରତିଶତ ଓ ଆନ୍ଧ୍ରପ୍ରଦେଶରେ ଶୂନ ପ୍ରତିଶତ ରହିଛି। ତା'ପଛକୁ ଓଡ଼ିଶାର ମୁଦ୍ରାସ୍ଫୀତି ୦.୫୨ ପ୍ରତିଶତ ରହିଛି। ଏହି ତିନି ରାଜ୍ୟ ବ୍ୟତୀତ ବିହାରରେ ମୁଦ୍ରାସ୍ଫୀତି ୦.୭୫ ପ୍ରତିଶତ ରହିଛି। ଆଲୋଚ୍ୟ ମାସରେ ମଧ୍ୟ ୬.୭୧ ପ୍ରତିଶତ ସହ କେରଳ ମୁଦ୍ରାସ୍ଫୀତି ସର୍ବାଧିକ ଥିବା ସହ ପଞ୍ଜାବର ଦ୍ୱିତୀୟ ସର୍ବାଧିକ ୪.୬୭ ପ୍ରତିଶତ ରହିଛି। ଜାତୀୟ ସ୍ତରରେ ଖୁଚୁରା ମୁଦ୍ରାସ୍ଫୀତି ହାର ସାତ ବର୍ଷର ସର୍ବନିମ୍ନ ସ୍ତର ୨.୧୦ ପ୍ରତିଶତକୁ ହ୍ରାସ ପାଇଛି। ଗ୍ରାମାଂଚଳ ଓ ସହରାଂଚଳରେ ଏହି ହାର ଯଥାକ୍ରମେ ୧.୭୨ ପ୍ରତିଶତ ଓ ୨.୫୬ ପ୍ରତିଶତ ରହିଛି।

# ୩ ଦିନରେ ୧୫ ହଜାର ଟଙ୍କା ମହଙ୍ଗା ହେଲା ସୁନା



ଭାରତରେ ସୁନା ମୂଲ୍ୟ ୧୦ ଜୁଲାଇରୁ ୧୨ ଜୁଲାଇ ପର୍ଯ୍ୟନ୍ତ ଲଗାତାର ତିନି ଦିନ ବୃଦ୍ଧି ପାଇଛି। ଏହି ତିନି ଦିନରେ ୨୪ କ୍ୟାରେଟ୍ (୧୦୦ ଗ୍ରାମ) ସୁନାର ମୂଲ୍ୟ ୧୫,୩୦୦ ଟଙ୍କା ବୃଦ୍ଧି ପାଇଛି। ଏହି ସମୟ ମଧ୍ୟରେ ରୂପାର ମୂଲ୍ୟ ମଧ୍ୟ ବୃଦ୍ଧି ପାଇଛି। ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଅନେକ ଦେଶ ଉପରେ ଶୁଳ୍କ ଲାଗୁ କରିବା ପରେ ସୁନା ଏବଂ ରୂପାର ମୂଲ୍ୟ ବୃଦ୍ଧି ପାଇଛି। ଟ୍ରମ୍ପଙ୍କ ଦ୍ୱାରା ଲାଗୁ ହୋଇଥିବା ନୂତନ ଶୁଳ୍କ ହାର ୧ ଅଗଷ୍ଟରୁ କାର୍ଯ୍ୟକାରୀ ହେବ। ୧୪ ଜୁଲାଇରୁ ୨୦ ଜୁଲାଇ ପର୍ଯ୍ୟନ୍ତ ଶୁଳ୍କ, ଆମେରିକାର ସୁଧ ହାର ଏବଂ ଡଲାର ଦୁର୍ବଳ ହେବାର ସମ୍ଭାବନାର ପ୍ରଭାବ ସୁନା ମୂଲ୍ୟ ଉପରେ ଦେଖାଯାଇପାରେ। ଆସନ୍ତା ସପ୍ତାହରେ, ସୁନା ଏବଂ ରୂପା ଯଥାକ୍ରମେ ୯୪୦୦୦-୧୦୨୦୦୦ ଏବଂ ୧୦୫୦୦୦-୧୧୮୦୦୦ ମଧ୍ୟରେ ବାଣିଜ୍ୟ କରିପାରେ। ବର୍ତ୍ତମାନ, ଦେଶରେ ୨୪ କ୍ୟାରେଟ୍ ସୁନାର ମୂଲ୍ୟ ପ୍ରତି ଗ୍ରାମ ୯,୯୭୧ ଟଙ୍କା। ସେହି ସମୟରେ, ୨୨ କ୍ୟାରେଟ୍ ସୁନାର ମୂଲ୍ୟ ୯,୧୪୦ ଟଙ୍କା ରହିଛି । ୧୮ କ୍ୟାରେଟ୍ ସୁନାର ମୂଲ୍ୟ ପ୍ରତି ଗ୍ରାମ ୭,୪୭୯ ଟଙ୍କା ରହିଛି । ୧୨ ଜୁଲାଇରେ, ୨୪ କ୍ୟାରେଟ୍ ସୁନାର ମୂଲ୍ୟ ୧୦୦ ଗ୍ରାମ ଏବଂ ୧୦ ଗ୍ରାମ ଯଥାକ୍ରମେ ୭,୧୦୦ ଟଙ୍କା ଏବଂ ୭୧୦ ଟଙ୍କା ବୃଦ୍ଧି ପାଇଥିଲା। ୧୧ ଜୁଲାଇରେ, ମୂଲ୍ୟ ଯଥାକ୍ରମେ ୬,୦୦୦ ଟଙ୍କା ଏବଂ ୬୦୦ ଟଙ୍କା ବୃଦ୍ଧି ପାଇଥିଲା। ୧୦ ଜୁଲାଇରେ ୧୦୦ ଗ୍ରାମ ଏବଂ ୧୦ ଗ୍ରାମ ସୁନାର ମୂଲ୍ୟ ଯଥାକ୍ରମେ ୨୨୦୦ ଟଙ୍କା ଏବଂ ୨୨୦ ଟଙ୍କା ବୃଦ୍ଧି ପାଇଥିଲା। ସାମଗ୍ରିକ ଭାବରେ, ୧୦ ରୁ ୧୨ ଜୁଲାଇ ମଧ୍ୟରେ, ୧୦୦ ଗ୍ରାମ ଏବଂ ୧୦ ଗ୍ରାମ ସୁନାର ମୂଲ୍ୟ ଯଥାକ୍ରମେ ୧୫,୩୦୦ ଟଙ୍କା ଏବଂ ୧,୫୩୦ ଟଙ୍କା ବୃଦ୍ଧି ପାଇଥିଲା। ସାମଗ୍ରିକ ଭାବରେ, ଜୁଲାଇରେ ଏପର୍ଯ୍ୟନ୍ତ ସୁନାର ମୂଲ୍ୟ ୧.୩ ପ୍ରତିଶତ ପର୍ଯ୍ୟନ୍ତ ବୃଦ୍ଧି ପାଇଛି।

# ସାର ସଙ୍କଟ : କଳାବଜାର ଚିନ୍ତାରେ ଚାଷୀ



## ଜିଲ୍ଲା କୃଷି ଅଧିକାରୀଙ୍କୁ ଦାବିପତ୍ର

ବରଗଡ :ବରଗଡ଼ ଜିଲାରେ ଖରିଫ ଚାଷକାର୍ଯ୍ୟ ଜୋର୍ ଧରିଛି । ଏହି ସମୟରେ ଜିଲାରେ ସାର କଳାବଜାର ଚାଷୀଙ୍କୁ ଚିନ୍ତାରେ ପକାଇ ଦେଇଛି । ଗ୍ରୋମୋର ଏବଂ ଡିଏପି ସାର ଠିକ୍‌ଭାବେ ଉପଲବ୍ଧ ହେଉ ନଥିବାବେଳେ ତାହା କଳାବଜାରରେ ବିକ୍ରି ହେଉଥିବା ଅଭିଯୋଗ ହୋଇଛି । ଏଭଳି ଅଭିଯୋଗ ନେଇ ମଙ୍ଗଳବାର ସଂଯୁକ୍ତ କୃଷକ ସଂଗଠନ ମୁଖ୍ୟ ଜିଲା କୃଷି ଅଧିକାରୀ(ସିଡିଏଓ) ଲୋଚନ ଚନ୍ଦ୍ର ମାଝିଙ୍କୁ ଫେରାଦ ହୋଇ ଏକ ଦାବିପତ୍ର ପ୍ରଦାନ କରିଛି । ଦାବିପତ୍ରରେ ଉଲ୍ଲେଖ ରହିଛି, ଜିଲାରେ ଖରିଫ୍‌ରେ ୨ଲକ୍ଷ ୩୦ହଜାର ହେକ୍ଟର ଧାନ ଏବଂ ୧ଲକ୍ଷ ୨୦ହେକ୍ଟର ଅନ୍ୟ ଅଣଧାନ ଚାଷ ହୋଇଥାଏ । ଏହି ଦୃଷ୍ଟିରୁ ଜିଲାରେ ସାରର ଯଥେଷ୍ଟ ଆବଶ୍ୟକତା ରହିଥାଏ । କିନ୍ତୁ ଖରିଫ ଚାଷକାର୍ଯ୍ୟ ଆରମ୍ଭରୁ ଜିଲାରେ ଗ୍ରୋମୋର ଏବଂ ଡିଏପି ସାର ସଙ୍କଟ ଦେଖାଯାଇଛି । ପ୍ରାଥମିକ କୃଷି ସମବାୟ ସମିତି(ପାକ୍ସ) ଗୁଡ଼ିକରେ ବିଭାଗୀୟ କର୍ମଚାରୀ ଡିଏପି ସାର ନଥିବା କହୁଥିବା ବେଳେ ବାହାରେ କଳାବଜାରରେ ବିକ୍ରି ହେଉଥିବା ଅଭିଯୋଗ ହୋଇଛି । ଡିଏପି ସାରର ଦର ପକେଟ୍ ପ୍ରତି ୧୩୫୦ ଟଙ୍କା ରହିଥିବା ବେଳେ ତାକୁ ୧୬୦୦ ଟଙ୍କାରୁ ୧୭୦୦ ଟଙ୍କା ଯାଏ ଦରରେ ବିକ୍ରି କରାଯାଉଛି ବୋଲି ଅଭିଯୋଗ ହୋଇଛି । ଏହା ସହିତ ଡିଏପି ସାର କିଣିଲେ ନାନୋ ସାରକୁ ଅତିରିକ୍ତ ଭାବେ ଦିଆଯାଉଛି ଏବଂ ଚାଷୀ ଉପରେ ଅଧିକ ଆର୍ଥିକ ବୋଝ ପଡୁଥିବା ଚାଷୀମାନେ ଅଭିଯୋଗ କରିଛନ୍ତି । ଫଳରେ ସାର କଳାବଜାର କରୁଥିବା ବ୍ୟବସାୟୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ, ଡିଲରଙ୍କ ଦୋକାନ ସମ୍ମୁଖରେ ଷ୍ଟକ୍ ଏବଂ ସାରଦର ତାଲିକା ସାର୍ବଜନୀନ କରିବାପାଇଁ ଦାବି କରାଯାଇଛି । ସଂଯୁକ୍ତ କୃଷକ ସଂଗଠନର ଉପଦେଷ୍ଟା ରମେଶ ମହାପାତ୍ର, ସୁରେଶ ନେକାଣ୍ଡି ପ୍ରମୁଖ ଦାବିପତ୍ର ପ୍ରଦାନ ବେଳେ ଉପସ୍ଥିତ ଥିଲେ ।

# ୩ ମାସ ଭିତରେ କେୱାଇସି ନକଲେ ବନ୍ଦ ହେବ ଚାଉଳ : ଯୋଗାଣମନ୍ତ୍ରୀ

## କୋରାପୁଟ ଜିଲ୍ଲାର ୯୮ ହଜାର ୫ ଶହ ହିତାଧିକାରୀ କରିନାହାନ୍ତି କେୱାଇସି

କୋରାପୁଟ (ହି.ସ.)- କୋରାପୁଟ ଜିଲାରେ ୯୮ ହଜାର ୫ ଶହ ଜଣ ହିତାଧିକାରୀ କେୱାଇସି କରି ନ ନଥିବା ବିଷୟ ଜିଲା ଯୋଗାଣ ବିଭାଗ ତରଫରୁ ସୂଚନା ଦିଆଯାଇଛି । କୋରାପୁଟ ଜିଲାର ୧୪ଟି ବ୍ଲକ ଗୋଟିଏ ପୌରାଂଚଳ ଓ ୨ଟି ଏନଏସି ର ହିତାଧିକାରି ମାନେ କେୱାଇସି କରି ନାହାନ୍ତି । ଆସନ୍ତା ୩ ମାସ ଭିତରେ ନକଲେ ଚାଉଳ ବନ୍ଦ ହେବ ବୋଲି ଖାଦ୍ୟ ଓ ଯୋଗାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର । ଜୟପୁର ୨୦୨୪ ଅଗଷ୍ଟର ଆରମ୍ଭ ହୋଇଥିବା ଯୋଗାଣ ବିଭାଗର ଇ-କେୱାଇସି ପ୍ରକ୍ରିୟା ଶେଷ ହୋଇଛି । ବାରମ୍ବାର ଅବଧି ବଢ଼ିବା ପରେ ମଧ କୋରାପୁଟ ଜିଲାରେ ହିତାଧିକାରି କେୱାଇସି କରି ନାହାନ୍ତି । ଉଭୟ ଅନ ଲାଇନ ଓ ଅଫ ଲାଇନର ବ୍ୟବସ୍ଥା ମଧ କରାଯାଇଛି । ତଥାପି ହିତାଧିକାରୀମାନେ କରି ନଥିବା ଜିଲା ଯୋଗାଣ ବିଭାଗ ତରଫରୁ ସୂଚନା ଦିଆଯାଇଛି । କୋରାପୁଟ ଜିଲାର ବନ୍ଧୁଗାଁ ବ୍ଲକରେ ୫୫ ହଜାର ୮୧୫ ଜଣ ହିତାଧିକାରୀଙ୍କ ମଧ୍ୟରୁ ୫୦ ହଜାର ୩ ଶହ ୮୫ ଜଣ କେୱାଇସି କରିଥିବା ବେଳେ ୫ ହଜାର ୪ ଶହ ୩୦ ଜଣ କରିନାହାନ୍ତି । ବୈପାରୀଗୁଡା ବ୍ଲକରେ ୯୪ ହଜାର ୬ ଶହ ୬୯ ମଧ୍ୟରୁ ୮୮ ହଜାର ୭୦ ଜଣ କେୱାଇସି କରିଥିବା ବେଳେ ୬ ହଜାର ୫୯୯ ଜଣ କରିନାହାନ୍ତି । ବୋରିଗୁମ୍ମା ବ୍ଲକରେ ୧ ଲକ୍ଷ ୩୪ ହଜାର ୭ ଶହ ୩୩ ଜଣ ହିତାଧିକାରିଙ୍କ ମଧ୍ୟରୁ ୧ ଲକ୍ଷ ୨୩ ହଜାର ୧ ଶହ ୩୭ ଜଣ କରିଥିବା ବେଳେ ୧୧ ହଜାର ୫ ଶହ ୯୬ ଜଣ କରିନାହାନ୍ତି । ଦଶମନ୍ତପୁର ବ୍ଲକରେ ୭୭ ହଜାର ୫ ଶହ ୯୬ ଜଣ ହିତାଧିକାରିଙ୍କ ମଧ୍ୟରୁ ୬୮ ହଜାର ୪ ଶହ ୫୭ କରିଥିବା ବେଳେ ୯ ହଜାର ୧ ଶହ ୩୯ ଜଣ କେୱାଇସି କରି ନାହାନ୍ତି । ଜୟପୁର ବ୍ଲକରେ ୧ ଲକ୍ଷ ୪ ହଜର ୩୦୨ ଜଣ ହାତାଧିକାରିଙ୍କ ମଧ୍ୟରୁ ୯୭ ହଜାର ୮ ଶହ ୫ ଜଣ କରିଥିବା ବେଳେ ୬ ହଜାର ୪ ଶହ ୯୭ ଜଣ କରି ନାହାନ୍ତି । ଜୟପୁର ପୌରପାଳିକାରେ ୪୬ ହଜାର ୪ ଶହ ୨୪ ହିତାଧିକାରିଙ୍କ ମଧ୍ୟରୁ ୪୨ ହଜାର ୯ ଶହ ୨୮ ଜଣ କରିଥିବା ବେଳେ ୩ ହଜାର ୪ ଶହ ୯୬ ଜଣ କରି ନାହାନ୍ତି । କୋରାପୁଟ ବ୍ଲକରେ ୫୯ ହଜାର ୫୦୧ ଜଣ ହିତାଧିକାରିଙ୍କ ମଧ୍ୟରୁ ୫୩ ହଜାର ୫ ଶହ ୯୭ ଜଣ କରିଥିବା ବେଳେ ୫ ହଜାର ୯ ଶହ ୪ ଜଣ କରି ନାହାନ୍ତି । କୋରାପୁଟ ଏନଏସିରେ ୨୧ ହଜାର ୩୬୦ ଜଣ ହିତାଧିକାରିଙ୍କ ମଧ୍ୟରୁ ୧୯ ହଜାର ୭୦ ଜଣ କରିଥିବା ବେଳେ ୨ ହଜାର ୨୯୦ ଜଣ କରି ନାହାନ୍ତି । କୋଟପାଡ ବ୍ଲକରେ ୮୫ ହଜାର ୪ ଶଙ ୫୧ ଜଣ ହିତାଧିକାରିଙ୍କ ମଧ୍ୟରୁ ୮୧ ହଜାର ୭ ଶହ ୬୮ ଜଣ କରିଥିବା ବେଳେ ୩ ହଜାର ୬ ଶହ ୮୩ ଜଣ କରି ନାହାନ୍ତି । କୋଟପାଡ ଏନଏସିରେ ୧୦ ହଜାର ୫ ଶହ ୩୮ ଜଣ ହିତାଧିକାରିଙ୍କ ମଧ୍ୟରୁ ୧୦ ହଜାର ୩୬ ଜଣ କରିଥିବା ବେଳେ ୫୦୨ ଜଣ କରି ନାହାନ୍ତି । ନନ୍ଦପୁର ବ୍ଲକରେ ୮୬ ହଜାର ୩ ଶହ ୭୬ ଜଣ ହିତାଧିକାରିଙ୍କ ମଧ୍ୟରୁ ୭୮ ହଜାର ୪ ଶହ ୪୨ ଜଣ କରିଥିବା ବେଳେ ୭ ହଜାର ୯ ଶହ ୩୪ ଜଣ କରିନାହାନ୍ତି । କୋରାପୁଟ ଜିଲାରେ ମୋଟ ୧୧ ଲକ୍ଷ ୫୩ ହଜାର ୬ ଶହ ୮୭ ଜଣ ହିତାଧିକାରିଙ୍କ ମଧ୍ୟରୁ ୧୦ ଲକ୍ଷ ୫୫ ହଜାର ୧ ଶହ ୮୭ ଜଣ କରିଥିବା ବେଳେ ୯୮ ହଜାର ୫ ଶହ ଜଣ କରିନାହାନ୍ତି । ୩ ମାସ ମଧ୍ୟରେ ଯଦି ଏମାନେ ଇ କେୱାଇସି ଅପଡେଟ ନ କରନ୍ତି, ତେବେ ତାଲିକାରୁ ସମ୍ପୂର୍ଣ ବାଦ୍ ପଡିବେ ବୋଲି ସରକାର ଚେତାଇ ଦେଇଛନ୍ତି । ସାଧାରଣ ବଂଟନ ବ୍ୟବସ୍ଥାରେ ଅନେକ ଅଯୋଗ୍ୟ ଓ ମୃତବ୍ୟକ୍ତି ସାମିଲ ଥିବା ଅଭିଯୋଗ ହୋଇ କେୱାଇସି ଆସୁଥିଲା । ନୂଆ ଯୋଗ୍ୟ ବ୍ୟକ୍ତି ଚାଉଳ ପାଇବାରୁ ବଂଚିତ ହେଉଥିଲେ । ନୂଆ ସରକାର ଆସିବା ପରେ ବଂଟନ ବ୍ୟବସ୍ଥାକୁ ସ୍ୱଚ୍ଛ କରିବାକୁ ୨୦୨୪ ଅଗଷ୍ଟ ୨୨ ତାରିଖରୁ ଇ- କେୱାଇସି ଯାଂଚ୍ ପ୍ରକ୍ରିୟା ଆରମ୍ଭ କରିଥିଲେ । ଯେଭଳି ପ୍ରତ୍ୟେକ ଯୋଗ୍ୟ ହିତାଧିକାରୀ ଇ-କେୱାଇସି କରିପାରିବେ ସେଥିପାଇଁ ସରକାର ପ୍ରାୟ ୫ ଥର ଏହାର ଅବଧି ବୃଦ୍ଧି କରିଥିଲେ । ଏପରିକି ବାହାରେ ଥିବା ବ୍ୟକ୍ତିଙ୍କୁ ବି କରିବାକୁ ଇକେୱାଇସି ଅପଡେଟ କରିବାର ସୁଯୋଗ ଦିଆଯାଇଥିଲା । ସବୁ ପରେ ଶେଷରେ ଅବଧିକୁ ବନ୍ଦ କରାଯାଇଛି । ଜୁନ ଶେଷ ସୁଦ୍ଧା ଯେଉଁ ମାନେ ଇ -କେୱାଇସି କରି ନାହାନ୍ତି ସେମାନଙ୍କୁ ବାଦ୍ ଦିଆଯିବା ଏକପ୍ରକାର ନିଶ୍ଚିତ ହୋଇଛି । ଜୁଲାଇରୁ ଏମାନଙ୍କ ଚାଉଳ ବନ୍ଦ ହେବ । ୩ ମାସ ମଧ୍ୟରେ ଇ-କେୱାଇସି ଯାଂଚ୍ ନକଲେ ସମ୍ପୂର୍ଣ ବାଦ୍ ଦିଆଯିବ ବୋଲି କୁହାଯାଇଛି । ଭୟରେ ଇ-ଯାଂଚ୍ କରୁନଥିବା ଜଣାଯାଇଛି । କାରଣ ଅନେକ ବ୍ୟକ୍ତିଙ୍କ ଚାରି ଚକିଆ, ୬ ଚକିଆ ଗାଡି ଥିବା ସତ୍ୱେ ରାସନ ସାମଗ୍ରୀ ଉଠାଉଥିବାରୁ ଇ-କେୱାଇସି କଲେ ରାସନ ସାମଗ୍ରୀ କଟିଯିବା ଭୟରେ କରୁନାହାନ୍ତି, ଆଗାମୀ ଦିନରେ ନକଲେ ସମ୍ପୂର୍ଣ୍ଣ କଟିଯିବ । ସେହିଭଳି ବୃଦ୍ଧା ଓ ଶଯ୍ୟାଶାୟୀ, ଛୋଟ ଶିଶୁ ମାନଙ୍କର ଇ-କେୱାଇସି କରିବାରେ ସମସ୍ୟା ରହିଥିବା ସୂଚନା ମିଳିଛି । ସୁଚାରୁରୂପେ ରାସନ୍ ସାମଗ୍ରୀ ବଂଟନ କରାଯିବା ପାଇଁ ସରକାରଙ୍କ ତରଫରୁ ଡିଲର ବ୍ୟବସ୍ଥା ଅଛି । ଯେଉଁ ହିତାଧିକାରି କେୱାଇସି କରି ନାହାଁନ୍ତି ସେମାନେ ତୁରନ୍ତ କରିବାକୁ ମନ୍ତ୍ରୀ କୃଷ୍ଣ ଚନ୍ଦ୍ର ପାତ୍ର ସୂଚନା ଦେଇଛନ୍ତି ।

# ସିଲେଇ ମେସିନ୍ ବଣ୍ଟନ

କେନ୍ଦୁଝର, (ହି.ସ.)- କେନ୍ଦୁଝର ସାଂସଦ ଅନନ୍ତ ନାୟକଙ୍କ କାର୍ଯ୍ୟାଳୟ ପକ୍ଷରୁ ସୋମବାର ସାଂସଦଙ୍କ ପ୍ରତିନିଧି ମାନଙ୍କ ଉପସ୍ଥିତିରେ କାଦଗଡ଼ ଗ୍ରାମର କିଛି ମହିଳା ମାନଙ୍କୁ ସିଲେଇ ମେସିନ ବଂଟନ କରାଯାଇଛି । ମହିଳା ମାନଙ୍କୁ ସଶକ୍ତ କରିବା ସହିତ ଆତ୍ମନିର୍ଭର ହେବା ପାଇଁ ସାଂସଦଙ୍କ ଏହି ପ୍ରୟାସ ଜାରି ରହିବ ବୋଲି ସାଂସଦ ପ୍ରତିନିଧି ହରିହର ମହାନ୍ତ ପ୍ରକାଶ କରିଛନ୍ତି । ଏହି କାର୍ଯ୍ୟକ୍ରମରେ ସାଂସଦ ପ୍ରତିନିଧି ବରୋଦା ପ୍ରସାଦ ସାହୁ, ଜ୍ଞାନରଞ୍ଜନ ସାମନ୍ତସିଂହାର, ଟୁକୁନା ମହାନ୍ତ ପ୍ରମୁଖ ତଥା ସଂସଦଙ୍କ ଜିଲ୍ଲା ଏବଂ ବ୍ଲକର ପ୍ରତିନିଧିମାନେ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ରହି ସହଯୋଗ କରିଥିଲେ ।

# ସୌମ୍ୟାଶ୍ରୀ ମୃତ୍ୟୁ ଘଟଣାକୁ ନେଇ କଂଗ୍ରେସର ବିକ୍ଷୋଭ

ମାଲକାନଗିରି, (ହି.ସ.)- ବାଲେଶ୍ୱର ଫକୀର ମୋହନ ସ୍ୱୟଂ ଶାସିତ ମହାବିଦ୍ୟାଳୟର ଛାତ୍ରୀ ସୌମ୍ୟାଶ୍ରୀଙ୍କ ମୃତ୍ୟୁ ଘଟଣାକୁ ନେଇ ଆଜି ମାଲକାନଗିରି ଜିଲ୍ଲା କଂଗ୍ରେସ ପକ୍ଷରୁ ମାଲକାନଗିରି ମହାବିଦ୍ୟାଳୟ ସମ୍ମୁଖରେ ମୁଖ୍ୟମନ୍ତ୍ରୀ ଓ ଉଚ୍ଚ ଶିକ୍ଷାମନ୍ତ୍ରୀଙ୍କ କୁଶ ପୁତଳିକା ଦାହ କରି ବିକ୍ଷୋଭ କରିଥିଲେ । ନିରୀହ ଛାତ୍ରୀର ଜୀବନ ନେଇଗଲେ ଅମାନୁଷିକ ମଣିଷ । ପରିଶେଷରେ ଜୀବନ ଯୁଦ୍ଧରେ ହାରିଗଲେ ବିଚାରି ସୌମ୍ୟାଶ୍ରୀ । ବଂଚିବାର ଆଶା, ସ୍ୱପ୍ନ ସବୁ ଧୂଳିସାତ ହୋଇଗଲା, ବାଲେଶ୍ୱର ସ୍ଥିତ ଫକିର ମୋହନ ବିଶ୍ୱବିଦ୍ୟାଳୟର ଛାତ୍ରୀ ଆତ୍ମହତ୍ୟା ଉଦ୍ୟମ ଏବଂ ହସ୍ପିଟାଲରେ ଚିକିତ୍ସିତ ଅବସ୍ଥାରେ ମୃତ୍ୟୁ ସମ୍ବନ୍ଧରେ ସରକାରଙ୍କ ବିଫଳତା, ଓଡ଼ିଶାରେ ଦିନକୁ ଦିନ ଗଣବଳତ୍କାର ବୃଦ୍ଧିକୁ ବିରୋଧ କରି ଆଜି ମାଲକାନଗିରି ଜିଲ୍ଲା କଂଗ୍ରେସ ସଭାପତି ଜି. ଶ୍ରୀନିବାସ ରାଓ (ଚିଟି ଭାଇ)ଙ୍କ ନେତୃତ୍ୱରେ ଜିଲ୍ଲା କଂଗ୍ରେସର ସମସ୍ତ ଦଳୀୟ କର୍ମକର୍ତା ମିଶି ରାଜ୍ୟର ସମସ୍ତ ଛାତ୍ରୀ ମାନଙ୍କର ସୁରକ୍ଷା, ନାରୀ ନିର୍ଯାତନା ତଥା ଏହି ଡବଲ ଇଞ୍ଜିନ ସରକାରଙ୍କ ଏକ ବର୍ଷ ମଧ୍ୟରେ ଯେଉଁଭଳି ଅତ୍ୟାଚାର ବଢ଼ିଛି ତା ବିରୁଦ୍ଧରେ ଦାବି ରଖିବା ସହ ଓଡ଼ିଶାର ମୁଖ୍ୟମନ୍ତ୍ରୀ ଓ ଉଚ୍ଚଶିକ୍ଷା ମନ୍ତ୍ରୀଙ୍କ ଇସ୍ତଫା ଦାବି କରି ମାଲକାନଗିରି ମହାବିଦ୍ୟାଳୟ ସମ୍ମୁଖରେ ଓଡ଼ିଶାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି ଓ ଉଚ୍ଚ ଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ୍ ଙ୍କ କୁଷ ପୁତଳିକା ଦାହକରି ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା । ଆଗାମୀ ୧୭ ତାରିଖରେ ଓଡ଼ିଶା ସମେତ ମାଲକାନଗିରି ଜିଲ୍ଲାରେ ଚକଅଖ, ଅଫିସ ବ୍ୟାଙ୍କ ଆଦି ସମ୍ପୂର୍ଣ ବନ୍ଦ କରାଯିବ ବୋଲି ପ୍ରକାଶ କରିଛନ୍ତି । ଏହି ବିକ୍ଷୋଭ ରେ ଜିଲ୍ଲା କଂଗ୍ରେସ ର ପୂର୍ବତନ ସଭାପତି ଗୋବିନ୍ଦ ପାତ୍ର, ପି. କେଶୁ ରାଓ, ପର୍ଶୁରାମ ଭକ୍ତ, ପ୍ରାଣକୃଷ୍ଣ ମଣ୍ଡଳ, ପଦ୍ମ ପାଙ୍ଗି,ସରୋଜ ପାତ୍ର, ଭିମା ବାର୍ଶେ, ଚିତ୍ରକୋଣ୍ଡା ବିଧାୟକ ପ୍ରତିନିଧି ଇଶାକ ଖୋସଲା, ପ୍ରଭାକର ପାଳଙ୍କ ସମେତ ଶତାଧିକ କର୍ମୀ ଯୋଗ ଦେଇଥିଲେ ।

# ଜିଲ୍ଲା ଉନ୍ନୟନ ସମନ୍ୱୟ ଓ ପର୍ଯ୍ୟବେକ୍ଷଣ ସମିତି ବୈଠକ

ସୁବର୍ଣ୍ଣପୁର, (ହି.ସ.) : ସୁବର୍ଣ୍ଣପୁର ଜିଲ୍ଲାର ଜିଲ୍ଲା ଉନ୍ନୟନ ସମନ୍ୱୟ ଓ ପର୍ଯ୍ୟବେକ୍ଷଣ ସମିତି (ଡିଶା) ବୈଠକ ସାଂସଦ, ବଲାଙ୍ଗୀର ସଙ୍ଗୀତା କୁମାରୀ ସିଂହଦେଓଙ୍କ ଅଧକ୍ଷତାରେ ସୁବର୍ଣ୍ଣପୁର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସ୍ଥିତ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଥିଲା । ଉକ୍ତ ବୈଠକରେ ବିଧାୟକ, ବୀରମହାରାଜପୁର ଇଞ୍ଜିନିୟର ରଘୁନାଥ ଜଗଦଲା, ଜିଲ୍ଲାପାଳ, ସୁବର୍ଣ୍ଣପୁର, ଅନନ୍ୟା ଦାସ, ଦିଶା କମିଟିର ସମସ୍ତ ସଦସ୍ୟ/ସଦସ୍ୟା ବୃନ୍ଦ, ଅତିରିକ୍ତ ଜିଲ୍ଲାପାଳ, ସୁବର୍ଣ୍ଣପୁର, ରାଜେନ୍ଦ୍ର ମାଝୀ, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ, ଜିଲ୍ଲା ପରିଷଦ, ସୁବର୍ଣ୍ଣପୁରଙ୍କ ସମେତ ସୁବର୍ଣ୍ଣପୁର ଜିଲ୍ଲାର କାର୍ଯ୍ୟରତ ସମସ୍ତ ଜିଲ୍ଲାସ୍ତରୀୟ ଅଧିକାରୀ ବୃନ୍ଦ ଓ ସମ୍ବାଦ ପତ୍ର ଓ ବୈଦ୍ୟୁତିକ ଗଣମାଧ୍ୟମର ପ୍ରତିନିଧିମାନେ ଉପସ୍ଥିତ ଥିଲେ । ଏହି ଦିଶା ବୈଠକର ଅଧକ୍ଷା, ମାନ୍ୟବର ସାଂସଦ, ବଲାଙ୍ଗୀର, ଶ୍ରୀମତି ସଙ୍ଗୀତା କୁମାରୀ ସିଂହ ଦେଓ, ସୁବର୍ଣ୍ଣପୁର ଜିଲ୍ଲାରେ କାର୍ଯ୍ୟକାରୀ ହେଉଥିବା ସମସ୍ତ ପ୍ରଧାନ କାର୍ଯ୍ୟକ୍ରମ ବା ଯୋଜନା ଗୁଡ଼ିକ ଯଥା (୧) ସମଗ୍ର ଶିକ୍ଷା, ପ୍ରଧାନ ମନ୍ତ୍ରୀ ପୋଷଣ ଶକ୍ତି ନିର୍ମାଣ (ମଧ୍ୟାହ୍ନ ଭୋଜନ କାର୍ଯ୍ୟକ୍ରମ (୨) ପ୍ରଧାନ ମନ୍ତ୍ରୀ ଗ୍ରାମ ସଡ଼କ ଯୋଜନା ପି (୩) ପ୍ରଧାନ ମନ୍ତ୍ରୀ କୌଶଳ ବିକାଶ ଯୋଜନା, (୪) ଜାତୀୟ ସ୍ୱାସ୍ଥ୍ୟ ମିଶନ, (ଜଳ ଜୀବନ ମିଶନ (୫). କୃଷି ବିଭାଗ ର ପ୍ରଧାନ ମନ୍ତ୍ରୀ ଫସଲ ବୀମା ଯୋଜନା, ରାଷ୍ଟ୍ରୀୟ କୃଷି ବିକାଶ ଯୋଜନା, (୬) ଶକ୍ତି ବିଭାଗର ଦିନ ଦୟାଲ ଉପାଧ୍ୟାୟ ଗ୍ରାମ ଜ୍ୟୋତି ଯୋଜନା, ସମ୍ନିତ ଶକ୍ତି ବିକାଶ ଯୋଜନା, (୭) ମଙ୍ଗଳ ବିଭାଗ ର ପ୍ରଧାନ ମନ୍ତ୍ରୀ ଆଦର୍ଶ ଗ୍ରାମ ଯୋଜନା (୮) ସାଂସଦ ହାତ ପାଣ୍ଠି ବିନିଯୋଗ ଓ ଉନ୍ନୟନ କାର୍ଯ୍ୟ ସମ୍ପାଦନ, (୯) ସମବାୟ ବିଭାଗର ଇ-ଜାତୀୟ କୃଷି ବଜାର ଓ (୧୦) ଅନ୍ୟାନ୍ୟ ଯୋଜନା ସମସ୍ତ ଉନ୍ନୟନ ବା ବିକାଶ କାର୍ଯ୍ୟର ଅଗ୍ରଗତିର ପର୍ଯ୍ୟବେକ୍ଷଣ କରିଥିଲେ । ବର୍ତମାନ ଚାଲୁଥିବା ସମସ୍ତ ବିଭାଗର ଉନ୍ନୟନ ବା ବିକାଶ ମୂଳକ କାର୍ଯ୍ୟ ଗୁଡ଼ିକୁ ତୁରନ୍ତ ସମାପ୍ତ ବା ସମାପନ କରି ବିନିଯୋଗ ପ୍ରମାଣ ପତ୍ର ସଂପୃକ୍ତ କାର୍ଯ୍ୟାଳୟ କୁ ପ୍ରେରଣ କରିବା ପାଇଁ ସଂପୃକ୍ତ ବିଭାଗର ଅଧିକାରୀମାନଙ୍କୁ ଅଧକ୍ଷା, ଦିଶା କମିଟି ସୁବର୍ଣ୍ଣପୁର ଜିଲ୍ଲା ତଥା ମାନ୍ୟବର ସାଂସଦ, ବଲାଙ୍ଗୀର, ଶ୍ରୀମତି ସଙ୍ଗୀତା କୁମାରୀ ସିଂହ ଦେଓ ପରାମର୍ଶ ଓ ନିର୍ଦ୍ଦେଶ ଦେଇଥିଲେ । ଶେଷରେ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ, ଜିଲ୍ଲା ପରିଷଦ, ସୁବର୍ଣ୍ଣପୁର ସମସ୍ତଙ୍କୁ ଧନ୍ୟବାଦ୍ ଅର୍ପଣ କରିଥିଲେ ।

# ଉତ୍କଳ ଓମଫେଡ୍ କର୍ମଚାରୀ ସଂଘର କାର୍ଯ୍ୟବନ୍ଦ ଆନ୍ଦୋଳନ

କୋରାପୁଟ ,(ହି.ସ.) - କୋରାପୁଟ ଜିଲ୍ଲା ଜୟପୁର ରେଲଷ୍ଟେସନ ଛକ ଓମଫେଡ ଦୁଗ୍ଧ ପ୍ରକ୍ରିୟାକରଣ ପ୍ଲାଂଟ ସମ୍ମୁଖରେ ଉତ୍କଳ ଓମଫେଡ କର୍ମଚାରୀ ସଂଘର ଡାକରାରେ କର୍ମଚାରୀ ମାନେ କାର୍ଯ୍ୟବନ୍ଦ ଆନ୍ଦୋଳନ ସହ ଧାରଣା ଦେଇଛନ୍ତି । ଖାଲି ରହିଥିବା ପଦବୀ ଗୁଡିକକୁ ତୁରନ୍ତ ପୂରଣ ଏବଂ ସମାନ କାର୍ଯ୍ୟକୁ ସମାନ ଦରମା ଦାବି ନେଇ ସଂଘ ପକ୍ଷରୁ ଏହି ଆନ୍ଦୋଳନ ଆହ୍ୱାନ କରାଯାଇଛି । ଏହିପରି ଗତ ଦେଢବର୍ଷ ହେଲାଣି ସଂଘ ପକ୍ଷରୁ ଦାବି ଗୁଡିକର ପୂରଣ ନେଇ ବାରମ୍ବାର ସ୍ମାରକପତ୍ର ପ୍ରଦାନ କରାଯାଉଥିଲେ ସୁଦ୍ଧା ଓମଫେଡ କର୍ତୃପକ୍ଷ ଏଥିନେଇ ଅଣଦେଖା କରିଥିଲେ । ଏହିପରି ସାରା ଓଡିଶାରେ ସମୁଦାୟ ୨୧୭ଟି ପଦବୀ ଖାଲି ରହିଥିଲେ ସୁଦ୍ଧା ଏହା ପୂରଣ କରାଯାଉନାହିଁ । ଏହିପରି ଗତ ମାର୍ଚ୍ଚ ୨୮ ତାରିଖରେ ଉଚ୍ଚ କର୍ତୃପକ୍ଷଙ୍କୁ ସାକ୍ଷାତ କରାଯାଇ ଦାବୀପତ୍ର ପ୍ରଦାନ କରାଯାଇଥିଲା ଏବଂ ଗତ ଜୁନ ୨୪ ତାରିଖରେ ସଂଘର ବୈଠକରେ ଆଜି ଠାରୁ ଦାବି ପୂରଣ ନହେବା ପର୍ଯ୍ୟନ୍ତ କାର୍ଯ୍ୟବନ୍ଦ ଆନ୍ଦୋଳନ ଜାରୀ ରହିବା ନେଇ ନିଷ୍ପତି ହୋଇଥିଲା । ଏହି ଧାରଣାରେ ଲଇଛନ ହରିଜନ, ବଳିଭଦ୍ର ଫାଲନ, ବିଜୟଲକ୍ଷ୍ମୀ ପାଢୀ, ରାଜେନ୍ଦ୍ର ଟାକ୍ରୀ, ସୋନିଆ ପାଙ୍ଗୀ, ହରିହର ନାୟକ, ବଳଦେବ ଅମନାତ୍ୟ, ଗୁପ୍ତ ବେରୁକ ପ୍ରମୁଖ ଉପସ୍ଥିତ ଥିଲେ ।

# ଖାଲି ପଡ଼ିଛି ପ୍ରାଣୀଧନ ନିରୀକ୍ଷକ ପଦବୀ

## ପଶୁ ଚିକିତ୍ସା ବାଧାପ୍ରାପ୍ତ

ସମ୍ବଲପୁର: ସମ୍ବଲପୁର ଜିଲ୍ଲା ଜମନକିରା ବ୍ଲକ କୁଲୁଣ୍ଡି ଗ୍ରାମ ପଂଚାୟତରେ ଗୋଧନ ଓ ପ୍ରାଣୀଧନର ଉନ୍ନତି ଏବଂ ପଶୁ ଚିକିତ୍ସା ସୁବିଧା ଦେବା ଉଦ୍ଦେଶ୍ୟରେ ପ୍ରାଣୀଧନ ନିରୀକ୍ଷକ ପଦବୀ ଦୀର୍ଘଦିନ ଧରି ଖାଲି ରହିଛି । ଏହାର ପ୍ରଭାବରେ ଏଠାରେ ଥିବା ଅନେକ ଗୋପାଳକ, ଛେଳି ଚାଷୀ ଓ କୁକୁଡ଼ା ଚାଷୀ ମାନେ ପଶୁପକ୍ଷୀଙ୍କ ଚିକିତ୍ସା ଏବଂ କୃତ୍ରିମ ପ୍ରଜନନ ସୁବିଧାରୁ ବଂଚିତ ହେଉଛନ୍ତି । ସ୍ଥାନୀୟ ଜନସାଧାରଣଙ୍କ ଅନୁଯାୟୀ, ଟିକାକରଣ, ପ୍ରଜନନ ଓ ଚିକିତ୍ସା ସେବା ନ ପଶୁ ପାଳନ କହିବା । ପ୍ରତିଷେଧକ କୃତ୍ରିମ ଅନ୍ୟାନ୍ୟ ପଶୁ ମିଳିବାରୁ କ୍ଷେତ୍ରରେ ଅନେକ ଅସୁବିଧା ସୃଷ୍ଟି ହେଉଛି । ଏହି ସମସ୍ୟା ସମାଧାନ ପାଇଁ ସ୍ଥାନୀୟ ଲୋକେ ଉପଖଣ୍ଡ ସ୍ତରରେ ବିଭାଗୀୟ ଅଧିକାରୀଙ୍କ ନିକଟରେ ଅନେକଥର ଅନୁରୋଧ କରିଥିଲେ ମଧ କୌଣସି ସୁଫଳ ମିଳିନାହିଁ । ଏହି ପରିସ୍ଥିତିରେ, ସ୍ଥାନୀୟ ଜନସାଧାରଣ ଏବେ ଜିଲ୍ଲା ପ୍ରାଣୀ ଚିକିତ୍ସା ଓ ଜିଲ୍ଲା ପ୍ରାଣୀ ଚିକିତ୍ସା ଅଧିକାରୀ ଙ୍କ ନିକଟରେ ଲିଖିତ ଭାବେ ଦାବି ଉଠାଇଛନ୍ତି ଯେ, ଶୀଘ୍ର ଏହି ପଦବୀ ପୂରଣ କରାଯାଉ ଯାହାଫଳରେ ପଶୁପାଳକ ମାନେ ଚିକିତ୍ସା ଓ ଅନ୍ୟାନ୍ୟ ସୁବିଧାରୁ ଲାଭାନ୍ୱିତ ହେବେ । ସ୍ଥାନୀୟ ଲୋକଙ୍କ ଦାବି ଏହି ପଦବୀ ଶୀଘ୍ର ପୂରଣ କରାଯାଇ ପାରିଲେ ପଶୁପାଳକ ମାନେ ବିଶେଷ ଉପକୃତ ହୋଇପାରନ୍ତେ ।

# ଦୁର୍ଘଟଣାରେ ମାମୁ ମୃତ, ଭଣଜା ଗୁରୁତର



ସୁନ୍ଦରଗଡ଼: ବୁଧବାର ସକାଳ ପ୍ରାୟ ୯ଟାରେ ହେମଗିର ଥାନା ଡୁରୁବଗା- କନକତୁରା ଓସିପିଏଲ ରାସ୍ତାରେ ଅଜଣା ଟ୍ରେଲର ଧକ୍କାରେ ମାମୁର ମତ୍ୟୁ ଘଠିଥିବାବେଳେ ଭଣଜା ଗୁରୁତର ହୋଇଛି । ମୃତକ ଜଣକ ଲେଫ୍ରିପଡ଼ା ଥାନା ବାଦିବାହାଲର ଶ୍ରବଣ ଗଉଡ଼ (୩୪) ହୋଇଥିବାବେଳେ ଗୁରୁତର ଭଣଜା ଶୁଭମ ଡିଲା (୧୪) ତାଙ୍କ ଘର ହେମଗିର ଥାନା କନିକା ପଞ୍ଚାୟତ ତିଲିଆରେ ବୋଲି ଜଣାପଡ଼ିଛି । ଶ୍ରବଣ ଏମସିଏଲ ଡୁଲିଙ୍ଗା ଖଣିରେ କାମ କରୁଥିଲେ । ଆଜି ସକାଳୁ ତିଲିଆ ନିଜ ଭିଣୋଇଙ୍କ ଘରୁ ଭଣଜା ଶୁଭମକୁ ସ୍କୁଟି (ଓଡି୨୩ଟି- ୦୮୯୬)ରେ ନେଇ କନିକା- ଡୁରୁବଗା- କନକତୁରା ରାସ୍ତାରେ ବାଦିବାହାଲକୁ ଯାଉଥିବାବେଳେ ଓସିପିଏଲ କୋଇଲା ଖଣିକୁ ଯାଉଥିବା ଏକ ଟ୍ରେଲର୍ ପଛପଟୁ ଧକ୍କା ଦେଇଥିଲେ । ଭଣଜା ସ୍କୁଟିରୁ ଛିଟିକି ଦୂରରେ ପଡ଼ିଥିବାବେଳେ ମାମୁଙ୍କ ଉପରେ ଗାଡ଼ି ଚଢ଼ିଯାଇଥିଲା । ଘଟଣାସ୍ଥଳରେ ହିଁ ତାଙ୍କ ମୃତ୍ୟୁ ହୋଇଗଲା । ଗୁରୁତରଙ୍କୁ ସ୍ଥାନୀୟ ଲୋକେ ଉଦ୍ଧାର କରି ହେମଗିର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ । ଅବସ୍ଥା ସଂକଟାପନ୍ନ ଥିବାରୁ ସୁନ୍ଦରଗଡ଼ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି । ଏପଟେ ଲୋକେ ମୃତଦେହକୁ ରାସ୍ତା ଉପରେ ରଖି ପରିବାରକୁ କ୍ଷତିପୂରଣ ଓ ସ୍ୱତନ୍ତ୍ର କୋଲ୍ କରିଡର ରାସ୍ତା ଦାବି କରି ରାସ୍ତାରୋକ କରିଛନ୍ତି । ସୂଚନା ପାଇ ହେମଗିର ପୁଲିସ ଘଟଣାସ୍ଥଳରେ ପହଞ୍ଚି ଲୋକଙ୍କୁ ବୁଝାସୁଝା କରୁଛି ।

# ଅନ୍ଧ ବିଶ୍ୱାସର ନିରାକରଣ ପାଇଁ ପ୍ରୟାସ ଲୋକଙ୍କ ସହ ଆଲୋଚନା କଲେ ଅଧିକାରୀ



କଲ୍ୟାଣସିଂହପୁର: ସମ୍ପର୍କୀୟକୁ ପିଉସୀଙ୍କୁ ଭଲପାଇ ବାହାହେବା ଓ ପରମ୍ପରା ଦ୍ୱାହି ଦେଇ ନିର୍ଯାତନା ଗ୍ରାମବାସୀ ଦେବା ଘଟଣାରେ ଜିଲ୍ଲା ପ୍ରଶାସନ ଉକ୍ତ ଗ୍ରାମକୁ ଯାଇ ଲୋକଙ୍କ ସହ ଆଲୋଚନା କରିଛି । ଅନ୍ୟପଟେ ପୁଲିସ ଉଭୟ ପ୍ରେମୀ ଯୁଗଳକୁ ଥାନାକୁ ଆଣି ପଚରାଉଚରା କରି ମେଡିକାଲରେ ସ୍ୱାସ୍ଥ୍ୟ ପରୀକ୍ଷା କରି ଗ୍ରାମରେ ଛାଡ଼ିଛି । ଆଦିବାସୀଙ୍କ ପରମ୍ପରା ଅନେକ ରହିଛି ସତ, କିନ୍ତୁ ପ୍ରେମୀ ଯୁଗଳଙ୍କୁ ହଳ କରି ବୁଲାଇବା, ଉଲଗ୍ନ ହେବା ପାଇଁ କହିବା ଓ ଆମ୍ବ ପାଣି ଗାଧୋଇବା ଘଟଣାକୁ ପ୍ରଶାସନ ଗୁରୁତ୍ୱର ସହ ନେଇଥିବା ବେଳେ ଗ୍ରାମବାସୀ କନ୍ଧକୁଳ ଓ ପ୍ରେମୀ ଯୁଗଳ ଆମ ପରମ୍ପରା ଅନୁଯାୟୀ ହୋଇଛି ବୋଲି କିହିଛନ୍ତି । ଏହି ତଦନ୍ତରେ ଉପ ଜିଲ୍ଲାପାଳ, ସମାଜ ମଙ୍ଗଳ ଅଧିକାରୀ, ଜିଲ୍ଲା ଯୋଗାଣ ଅଧିକାରୀଙ୍କ ସହ କନ୍ଧକୁଳ ସଭାପତି ଓ ଅନ୍ୟମାନେ ଉପସ୍ଥିତ ରହି ଆଲୋଚନା କରି ଅନ୍ଧ ବିଶ୍ୱାସକୁ କିପରି ଦୂର କରିବେ ବୋଲି ଆଲୋଚନା କରୁଛନ୍ତି ।

# ବଜ୍ରାଘାତରେ ଚାଷୀଙ୍କ ମୃତ୍ୟୁ

ନୂଆପଡ଼ା: ନୂଆପଡ଼ା ଥାନା ସାଇପଲା ଗାଁ ନିକଟ ବହଲଡ଼ିହି ଗାଁରେ ବଜ୍ରାଘାତରେ ଜଣେ ଚାଷୀଙ୍କ ମୃତ୍ୟୁ ହୋଇଛି । ମୃତ ଚାଷୀ ବହଲଡ଼ିହି ଗାଁର ଭରତ ଲୋହାର(୨୫) । ଆଜି ସକାଳେ ବହଲଡ଼ିହି ଗାଁର ଭରତ ଓ ସ୍ତ୍ରୀ ଶୁଶିଳା ଦୁଇ ଜଣ ଛୁଆଙ୍କ ସହ ଚାଷ କାମ ପାଇଁ ଚାଷଜମିକୁ ଯାଇଥିଲେ । ଅପରାହ୍ନରେ ଘଡ଼ଘଡ଼ି ସହ ବର୍ଷା ହୋଇଥିଲା । ଏହି ସମୟରେ ବଜ୍ରାଘାତ ହେବାରୁ ଭରତ ଚାଷ ଜମିପାଣିରେ ଟଳି ପଡ଼ିଥିଲେ । ପରିବାର ଲୋକେ ଆମ୍ବୁଲାନ୍ସ ସାହାଯ୍ୟରେ ଗୁରୁତର ଅବସ୍ଥାରେ ଉଦ୍ଧାର କରି ନୂଆପଡ଼ା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ । ଏଠି ଭରତଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ ।

# ବନ୍ଧାବାହାଲରେ ବିଶ୍ୱଶାନ୍ତି ମହାଯଜ୍ଞ

ସମ୍ବଲପୁର: ଅଖଣ୍ଡ ସତ୍ୟ ସନାତନ ସଂଘ ପକ୍ଷରୁ ଜମନକିରା ବ୍ଲକ ଅନ୍ତର୍ଗତ ବନ୍ଧାବାହାଲ ଠାରେ ବିଶ୍ୱ ଶାନ୍ତି ମହାଯଜ୍ଞ ଅନୁଷ୍ଠିତ ହୋଇଯାଇଛି । ପଣ୍ଡିତ ଦେବାନନ୍ଦ ଶାସ୍ତ୍ରୀ ଙ୍କ ପୌରହିତ୍ୟରେ ଏହି ବିଶ୍ୱ ଶାନ୍ତି ମହାଯଜ୍ଞ ରେ କର୍ତା ଭାବେ ଈଶ୍ୱର ଓ ଗୁରୁବାରୀ ନାଏକ ପୂଜା କର୍ମକାଣ୍ଡର ଦାୟିତ୍ୱ ନିର୍ବାହ କରିଥିବା ବେଳେ ମନୋଜ କୁମାର ଓ ପୁଷ୍ପା ସାହୁ ଶସ୍ତ୍ରୀକ ସହ କର୍ତା ଦାୟିତ୍ୱ ନେଇଥିଲେ । ହୋମ, ଯଜ୍ଞ ପୂଜା ପାଠ କରାଯାଇ ବିଶ୍ୱ ଶାନ୍ତି ପାଇଁ ପ୍ରାର୍ଥନା କରାଯାଇଥିଲା । ଏହି ଅବସରରେ କୁଲୁଣ୍ଡି ଗ୍ରାମର ସଂକୀର୍ତନ ଦଳ ପ୍ରଭୁ କୃଷ୍ଣ ଓ ଶ୍ରୀରାମଙ୍କ ନାମ ସଂକୀର୍ତନ କରିଥିଲେ । ଆଶ୍ରମର ଶ୍ରୀ ଶ୍ରୀ ଉମାକାନ୍ତ ସମ୍ପର୍ଣ୍ଣାଚାର୍ଯ୍ୟ ଏହାର ମୁଖ୍ୟ ପୁରୋଧା ଥିବା ବେଳେ ଭୋଜପୁରର ଶିବାନନ୍ଦ ସରସ୍ୱତୀ, ବାସୁଦେବ ମହାରାଜ, ଜ୍ୟୋତିଷ ଯୋଗେଶ୍ୱର ସାହୁ, ପଶ୍ଚିମ ଓଡିଶା ଗୋସେବା ମୁଖ୍ୟ ପ୍ରସନ୍ନ ପ୍ରଧାନ, ସମାଜସେବୀ ଡା. ରାଜାରାମ ଷଡ଼ଙ୍ଗୀ, ଲଇଡ଼ାର ପୂର୍ବତନ ମଣ୍ଡଳ ସଭାପତି ପ୍ରକାଶ ପୃଷ୍ଟି ଯଜ୍ଞ ମହାସଭାର ଅତିଥି ରୂପେ ଯୋଗଦାନ କରିଥିଲେ ।

# ବଲାଣି ବିକାଶ ପରିଷଦ ପକ୍ଷରୁ ଦାବିପତ୍ର

ଯୋଡ଼ା : ସୀମାନ୍ତ ଖଣି ଥାନା ଅଂଚଳ ବଲାଣିରେ ଦିନକୁ ଦିନ ବିଗିଡ଼ି ଯାଉଥିବା ଆଇନ ଶୃଙ୍ଖଳା ପରିସ୍ଥିତିକୁ ନେଇ ମଙ୍ଗଳବାର ପରିଷଦ ଦ୍ୱାରା ବଲାଣି ଥାନାର ଥାନାଅଧିକାରୀ ଲବ ବୋଡାଙ୍କୁ ସ୍ଥାନୀୟ ଅଂଚଳରେ ଥିବା ବିଭିନ୍ନ ସମସ୍ୟା ସନ୍ଦର୍ଭରେ ଏକ ଦାବିପତ୍ର ପ୍ରଦାନ କରାଯାଇଛି । ପରିଷଦ ପକ୍ଷରୁ କୁହାଯାଇଛି ଯେ, ଥାନା ଅଂଚଳର ଖଣି ଆବାସିକ କଲୋନୀ କ୍ଷେତ୍ରରେ ଦିନକୁ ଦିନ ଚୋରି ଘଟଣା ବଢିଚାଲିଛି, ଯଦ୍ୱାରା ସାଧାରଣ ଲୋକମାନେ ଅତି ଅସୁରକ୍ଷିତ ବୋଧ କରୁଛନ୍ତି । ଏହି ପରିସ୍ଥିତିକୁ ଦୃଷ୍ଟିରେ ରଖି ରାତିବେଳେ ସମ୍ବେଦନଶୀଳ ଅଂଚଳରେ ପୁଲିସ ମୁତୟନ କରିବା ସହିତ ମୁଖ୍ୟ ରାସ୍ତା ସହିତ କଲୋନୀ ରାସ୍ତାରେ ନିୟମିତ ପେଟ୍ରୋଲିଂ ବ୍ୟବସ୍ଥା କରିବାକୁ ଦାବି କରାଯାଇଛି । ଏହା ବ୍ୟତୀତ ବଲାଣି ବଜାର ଅଂଚଳରେ ଅନିୟମିତ ପାର୍କିଂକୁ ନେଇ ମଧ ଚିନ୍ତା ବ୍ୟକ୍ତ କରାଯାଇଛି, ଯାହା ଫଳରେ ଯାତାୟାତ ଜଟିଳ ହେଉଛି ଓ ଆପାତକାଳୀନ ସେବା ବାଧାପ୍ରାପ୍ତ ହେଉଛି । ଅସାମାଜିକ ତତ୍ୱ ମାନଙ୍କ ଉପସ୍ଥିତି ଦ୍ୱାରା ବଲାଣି ଡାକ୍ତରଖାନା ସମ୍ମୁଖରେ ଥିବା ପାର୍କ ଓ ଫୁଟବଲ ଗ୍ରାଉଣ୍ଡ ସାନ୍ଧ୍ୟା ୫ଟାରୁ ୮ଟା ପର୍ଯ୍ୟନ୍ତ ଅପେକ୍ଷାକୃତ ଅସୁରକ୍ଷିତ ହୋଇପଡିଛି । ଏହି ସମୟରେ ଏଠାକୁ ଆସୁଥିବା ମହିଳା ଓ ଛୋଟ ଛୋଟ ପିଲା ମାନେ ପୁଲିସ ଉପସ୍ଥିତି ନଥିବାରୁ ଆତଙ୍କିତ ଅନୁଭବ କରୁଛନ୍ତି । ସେହିପରି ଅପେକ୍ଷାକୃତ କମ୍ ବୟସର ପିଲାମାନେ ବିଭିନ୍ନ ରାସ୍ତାରେ କ୍ଷୀପ୍ର ଗତିରେ ଦୁଇଚକିଆ ଚଳାଇ ବିଭିନ୍ନ ଷ୍ଟଂଟ ଦେଖାଇ ସାଧାରଣ ଜନତାଙ୍କ ଜୀବନ ପ୍ରତି ବିପଦ ସୃଷ୍ଟି କରୁଛନ୍ତି । ଏହା ବ୍ୟତୀତ ଏହି ଅଂଚଳରେ ଖୋଲାଖୋଲି ଚାଲୁଥିବା ନିଶା କାରବାର ଓ ଚୋରା ଡିଜେଲ କାରବାର ଆଦି ସମସ୍ୟାଗୁଡ଼ିକୁ ଦୃଷ୍ଟିରେ ରଖି ପରିଷଦ ତରଫରୁ କିଛି ପ୍ରମୁଖ ପଦକ୍ଷେପ ନେବା ପାଇଁ ଦାବି କରାଯାଇଛି, ଯଥା: ଅଳ୍ପବୟସ୍କ ଛାତ୍ରଛାତ୍ରୀମାନଙ୍କ ଉପରେ ନିୟନ୍ତ୍ରଣ ନିମନ୍ତେ ନିୟମିତ ଭାବରେ ଯାଂଚ୍ କରିବା ସହିତ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ, ବଜାର ଅଂଚଳରେ ବ୍ୟବସ୍ଥିତ ଭାବେ ବାହାନ ପାର୍କିଂର ବ୍ୟବସ୍ଥା, ପାର୍କ ଓ ଫୁଟବଲ ପଡିଆ ଅଂଚଳରେ ସାନ୍ଧ୍ୟା ସମୟରେ ନିୟମିତ ଗସ୍ତ ବ୍ୟବସ୍ଥା, ରାତି ସମୟରେ ସମ୍ବେଦନଶୀଳ ଅଂଚଳରେ ପୁଲିସ ଉପସ୍ଥିତି ସହିତ ରାତ୍ରିକାଳୀନ ପେଟ୍ରୋଲିଂ ବଢାଇବା ଆଦି ଦାବି ରଖାଯାଇଛି । ପରିଷଦ ପକ୍ଷରୁ ଏହି ଦାବିପତ୍ର ପ୍ରଦାନ ସମୟରେ ଶ୍ରମିକ ନେତା ପଦ୍ମଲୋଚନ ମହାନ୍ତଙ୍କ ସହିତ ଅନେକ ଶ୍ରମିକ ସଂଗଠନ ପ୍ରତିନିଧି, ଖଣି କର୍ମଚାରୀ, ବିଭିନ୍ନ ଠିକାଦାର ଓ ସ୍ଥାନୀୟ ଲୋକ ଉପସ୍ଥିତ ଥିଲେ । ପରିଷଦ ପକ୍ଷରୁ ବିଲାଣି ବିକାଶ ପରିଷଦର ସମ୍ପାଦକ ଶିବାଶିଷ ନନ୍ଦ ଏହି ଦାବିପତ୍ର ପ୍ରଦାନ କରିଥିଲେ ।

# ରେଳ ଷ୍ଟେସନରୁ ଗଞ୍ଜେଇ ଜବତ

ବଲାଙ୍ଗୀର, (ହି.ସ.) – କଂଟାବାଞ୍ଜି ଅବକାରୀ କର୍ମଚାରୀ, ଆର୍‌ପିଏଫ୍ କର୍ମଚାରୀଙ୍କ ସହଯୋଗରେ କଣ୍ଟାବାଞ୍ଜି ରେଳ ଷ୍ଟେସନର ପ୍ଲାଟଫର୍ମ ନଂ ୧ରୁ ବିପୁଳ ପରିମାଣରେ ଗଞ୍ଜେଇ ଜବତ କରାଯାଇଛି । ଅଭିଯୁକ୍ତ ବୌଦ୍ଧ ଜିଲ୍ଲାର ନୂଆପାଲି ଗ୍ରାମର ୨୧ ବର୍ଷୀୟ ଯୁବକ ଶଙ୍କର ବିଶି, ତାଙ୍କୁ ଗତକାଲି ଗିରଫ କରାଯାଇଛି । ବିଭାଗର ପ୍ରୟାସ ସତ୍ୱେ କଂଟାବାଞ୍ଜି ରେଲୱେ ଷ୍ଟେସନରୁ, ମାଫିଆମାନେ ପ୍ରତିଦିନ ଗଞ୍ଜେଇ ଚୋରା ଚାଲାଣ ଜାରି ରଖିଛନ୍ତି । ଯାହା ବିଭାଗର ପ୍ରଭାବଶାଳୀତା ବିଷୟରେ ଚିନ୍ତା ସୃଷ୍ଟି କରୁଛି । ମାଫିଆଙ୍କ ସହିତ କିଛି ରେଳ କର୍ମଚାରୀ ଏବଂ ଜିଆର୍‌ପି କର୍ମଚାରୀଙ୍କ ସମ୍ଭାବ୍ୟ ସମ୍ପୃକ୍ତି ବିଷୟ ନେଇ ଆଲୋଚନା କରାଯାଉଛି ।

# ଜିଲ୍ଲା ନୋଡାଲ ସଚିବଙ୍କ ମାଲକାନଗିରି ଗସ୍ତ

ମାଲକାନଗିରି, (ହି.ସ.)- ମାଲକାନଗିରି ଜିଲ୍ଲା ଦାୟିତ୍ୱରେ ଥିବା ଜିଲ୍ଲା ନୋଡାଲ ସଚିବ ତଥା ଶିଳ୍ପ ବିଭାଗ ନିର୍ଦ୍ଦେଶକ ପ୍ରଶାନ୍ତ କୁମାର ରେଡ୍ଡୀ ମାଲକାନଗିରି ଜିଲ୍ଲା ଗସ୍ତରେ ଆସିଥିଲେ । ଏହି ଅବସରରେ ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାପାଳ ଆଶିଷ ଈଶ୍ୱର ପାଟିଲଙ୍କ ଅଧକ୍ଷତାରେ ଆୟୋଜିତ ଏହି ବୈଠକରେ ବନଖଣ୍ଡ ଅଧିକାରୀ ସାଇ କିରଣ, ଅତିରିକ୍ତ ଜିଲ୍ଲାପାଳ ସାଧାରଣ ସୋମନାଥ ପ୍ରଧାନ, ଅତିରିକ୍ତ ଜିଲ୍ଲାପାଳ ରାଜସ୍ୱ ବେଦବର ପ୍ରଧାନ ଓ ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ନରେଶ ଚନ୍ଦ୍ର ଶବର ଉପସ୍ଥିତ ଥିଲେ । ଜିଲ୍ଲାପାଳ ଶ୍ରୀ ପାଟିଲ ଜିଲ୍ଲାରେ ଚାଲିଥିବା ସରକାରଙ୍କ ବିଭିନ୍ନ ଯୋଜନା ସମ୍ପର୍କରେ ସଚିବଙ୍କୁ ଅବଗତ କରାଇଥିଲେ । ସର୍ବ ପ୍ରଥମେ ସଚିବ ସମାଜ ମଙ୍ଗଳ ବିଭାଗ ଅଧିନରେ ମମତା, ପୋଷଣ ଅଭିଯାନ ଓ ସୁଭଦ୍ରା ଯୋଜନା ବିଷୟରେ ପଚାରି ବୁଝିଥିଲେ । ଆକାଂକ୍ଷୀ ବ୍ଲକ ମାନଙ୍କରେ ଏହି ସବୁ ଯୋଜନାରେ ଯେପରି ସମସ୍ତ ଲୋକ ଉପକୃତ ହେବେ ସେଥିପ୍ରତି ସଚିବ ଗୁରୁତ୍ୱାରୋପ କରିଥିଲେ । ବିଭିନ୍ନ କାରଣରୁ ବଂଚିତ ହୋଇଥିବା ସୁଭଦ୍ରା ହିତାଧୀକାରୀକୁ ଅଗ୍ରାଧିକାର ଭିତିରେ ଏହି ଯୋଜନାରେ ସାମିଲ କରେଇବା ପାଇଁ ନିର୍ଦ୍ଦେଶ ଦିଆଯାଇଥିଲା । ସେହିପରି ପିଏମ୍ ଜନମନ ଅଧୀନରେ ଜିଲ୍ଲାର ଆଦିମ ଜନଜାତି ବଣ୍ଡା ଓ ଦିଦାୟୀଙ୍କ ନିମନ୍ତେ ପକ୍କା ଘର, ଶୌଚାଳୟ, ପାନୀୟ ଜଳ ଓ ବିଦ୍ୟୁତ୍ ସେବା ଯୋଗାଇ ଦେବା ପାଇଁ ଜନଜାତି ଉନ୍ନୟନ ବିଭାଗକୁ ନିର୍ଦ୍ଦେଶ ଦିଆଯାଇଛି । ମୁଖ୍ୟମନ୍ତ୍ରୀ ଜନଜାତି ଜୀବିକା ମିଶନ ଓ ସେତୁ ଯୋଜନାରେ ବଣ୍ଡା ଓ ଦିଦାୟୀ ଜନଜାତିଙ୍କ ଜୀବନ ଜୀବିକାର ଉନ୍ନତି ପାଇଁ ବିଭିନ୍ନ ପଦକ୍ଷେପ ନିଆଯାଇଛି ବୋଲି ବୈଠକରେ କୁହାଯାଇଛି । ପ୍ରଧାନମନ୍ତ୍ରୀ ଆଦି ଆଦର୍ଶ ଗ୍ରାମ ଯୋଜନାରେ ଜିଲ୍ଲାର ୯୫ ଟି ଗ୍ରାମକୁ ଆଦର୍ଶ ଗ୍ରାମ ଭାବେ ରୂପାନ୍ତରଣ କରିବା ପାଇଁ ପଦକ୍ଷେପ ନିଆଯାଇଛି । ଏଥିନିମନ୍ତେ କେନ୍ଦ୍ର ସରକାରଙ୍କ ଜନଜାତି ମନ୍ତ୍ରାଳୟ ୩୬୯ ଟି ପ୍ରକଳ୍ପ ପାଇଁ ୧୯ କୋଟି ୩୩ ଲକ୍ଷ ଟଙ୍କା ମଞ୍ଜୁର କରିଛନ୍ତି । ଜନଜାତି ଆଶ୍ରମ ବିଦ୍ୟାଳୟର ଭିତିଭୂମି ସହ ହୋଷ୍ଟେଲ ବ୍ୟବସ୍ଥା ବିଷୟରେ ବୈଠକରେ ଆଲୋଚନା କରାଯାଇଥିଲା । ବର୍ଷା ଋତୁ ସମୟରେ ମ୍ୟାଲେରିଆ ଡେଙ୍ଗୁ ଇତ୍ୟାଦି ରୋଗରୁ ରକ୍ଷା ପାଇବା ପାଇଁ ଏଲଏଲଏନ ମଶାରୀ ଓ ପର୍ଯ୍ୟାପ୍ତ ଔଷଧ ବଂଟନ ବ୍ୟବସ୍ଥା ବିଷୟରେ ମଧ ସଚିବ ପଚାରି ବୁଝିଥିଲେ । ସେହିପରି ଶିକ୍ଷା ବିଭାଗକୁ ସ୍କୁଲ ପୋଷାକ, ବହି, ମଧ୍ୟାହ୍ନ ଭୋଜନ ଓ ଆନୁଷଙ୍ଗିକ ବିଦ୍ୟାଳୟ ଭିତିଭୂମି ବିଷୟରେ ପଚରା ଯାଇଛି । ଆକାଂକ୍ଷୀ ଜିଲ୍ଲା ଅଧୀନରେ କାର୍ଯ୍ୟକାରୀ ହୋଇଥିବା ବିଭିନ୍ନ ପ୍ରକଳ୍ପ ବିଷୟରେ ବିସ୍ତାରରେ ଆଲୋଚନା କରାଯାଇଛି । ଜିଲ୍ଲାରେ ଜଳସେଚନର ସ୍ଥିତି ନେଇ ମଧ୍ୟ ବିଭାଗୀୟ ଅଧିକାରୀଙ୍କ ସହ ସଚିବ ଆଲୋଚନା କରିଥିଲେ । ଜିଲ୍ଲାରେ କେନାଲ ସ୍ଥିତି ସହ ଶତ ପ୍ରତିଶତ ଜଳ ସେଚନ ହେଉଛି ନା ନାହିଁ ତାହା ମଧ୍ୟ ସୁନିଶ୍ଚିତ କରାଯାଇଛି । ଗ୍ରାମ୍ୟ ଉନ୍ନୟନ ବିଭାଗ ଅଧିନରେ ରାସ୍ତା ନିର୍ମାଣ କାର୍ଯ୍ୟ, ଗ୍ରାମ୍ୟ ଗୃହ ନିର୍ମାଣ, ପ୍ରାଣୀ ସମ୍ପଦ ସ୍ଥିତି ଏବଂ ଦକ୍ଷତା ବିକାଶ ଓ ନିଯୁକ୍ତି ନେଇ ମଧ୍ୟ ଆଲୋଚନା କରାଯାଇଛି । ସେହିପରି ମୁଦ୍ରା ଲୋନ୍, ଅଟଳ ପେନସନ ଯୋଜନା, ପ୍ରଧାନମନ୍ତ୍ରୀ ଜୀବନ ଜ୍ୟୋତି ବୀମା ଯୋଜନା, ପ୍ରଧାନମନ୍ତ୍ରୀ ସୁରକ୍ଷା ବୀମା ଯୋଜନା ଓ ପ୍ରଧାନମନ୍ତ୍ରୀ ଜନଧନ ଏକାଉଂଟ ନେଇ ଲିଡ୍ ବ୍ୟାଙ୍କ୍ ଅଧିକାରୀଙ୍କ ସହ ଆଲୋଚନା କରାଯାଇଛି । ବିଶେଷ ଭାବେ ସୁକ୍ଷ୍ମ କ୍ଷୁଦ୍ର ମଧମ ଉଦ୍ୟୋଗୀଙ୍କୁ ଯୋଗ୍ୟତା ଭିତିରେ ଋଣ ଯୋଗାଇ ଦେବା ପାଇଁ ସଚିବ ନିର୍ଦ୍ଦେଶ ଦେଇଛନ୍ତି । ଆଜି ପୂର୍ବାହ୍ନରେ ସଚିବ ଚିତ୍ରକୋଣ୍ଡା ବ୍ଲକ୍ ର ବଡପଡା ଏଜୁକେସନାଲ କମ୍ପ୍ଲେକ୍ସ, ଡ୍ରାଗନ୍ ଫଳ ଚାଷ, ଆମ ବ୍ୟାଙ୍କ୍, ମିନି ମେଗା ପାଇପ ୱାଟର, ଅଙ୍ଗନୱାଡ଼ି କେନ୍ଦ୍ର, ଟନେଲକ୍ୟାମ୍ପ ବହୁମୁଖି ଉତ୍କର୍ଷ କେନ୍ଦ୍ର, ଚିତ୍ରକୋଣ୍ଡା ସରକାରୀ ଉଚ୍ଚ ବାଳିକା ବିଦ୍ୟାଳୟ, ଇକୋ ପାର୍କ ପରିଦର୍ଶନରେ ଯାଇ ସ୍ଥିତି ଦେଖିଥିଲେ । ସେହିପରି ଜିଲ୍ଲାରେ ଚାଲିଥିବା ରେଳ ପ୍ରକଳ୍ପ କାର୍ଯ୍ୟ ମଧ ସଚିବ ସମୀକ୍ଷା କରିଥିଲେ । ଅନ୍ୟ ମାନଙ୍କ ମଧ୍ୟରେ ବୈଠକରେ ଜିଲ୍ଲାର ସମସ୍ତ ଅଧିକାରୀ ଉପସ୍ଥିତ ଥିଲେ ।

# ଦେବପ୍ରସାଦଙ୍କୁ ନୃତ୍ୟରେ ଶ୍ରଦ୍ଧାଞ୍ଜଳି ଦେଲେ କଳାକାର




**ଭୁବନେଶ୍ୱର (ପିପିଏସ୍):** ଗୁରୁ ଦେବପ୍ରସାଦ ଦାସଙ୍କ ୩୯ତମ ପୂଣ୍ୟତିଥି ଅବସରରେ ତ୍ରିଧାରା ଓ ଓଡିଆ ଭାଷା, ସାହିତ୍ୟ, ସଂସ୍କୃତି ସହଯୋଗରେ ଶ୍ରଦ୍ଧାଞ୍ଜଳି ସମାରୋହ ରବୀନ୍ଦ୍ର ମଣ୍ଡପରେ ଉଦଘାଟିତ ହୋଇଯାଇଛି। ଦୁଇଦିନଧରି ଅନୁଷ୍ଠିତ ହେଉଥିବା ଏହି ଉତ୍ସବରେ ହଜାରେରୁ ଅଧିକ କଳାକାର ଓ ୭୦ରୁ ଅଧିକ ଅନୁଷ୍ଠାନ ଅଂଶ ଗ୍ରହଣ କରିଛନ୍ତି। ଉଦଘାଟନୀ ଅଧିବେଶନରେ ଅନୁଷ୍ଠାନଗୁଡିକ ହେଲା ତ୍ରିଧାରା, ନୃତ୍ୟାୟନ, ସରଞ୍ଜନା, ତ୍ରିଶକ୍ତି ଡ୍ୟାନ୍ସ ଏକାଡେମୀ, ଉତ୍କଳିକା ସଂଗୀତ ଏକାଡେମୀ, ନୃତ୍ୟପ୍ରଣାମ ଡାନ୍ସ ଏକାଡେମୀ , ଓଡିଶୀ ବିଦ୍ୟା ଅନୁଷ୍ଠାନ ପ୍ରମୁଖ ଅଂଶଗ୍ରହଣ କରିଥିଲେ। ଏଥିରେ ସମ୍ମାନିତ ଅତିଥି ଭାବେ ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ବିଭୁତି ଭୂଷଣ ଜେନା, ଓଡିଶୀ ନୃତ୍ୟାଙ୍ଗନା ଗୁରୁ ଅରୁଣା ମହାନ୍ତି, ଓଡିଶୀ ନୃତ୍ୟାଙ୍ଗନା ଗୁରୁ ଇଲିଆନା ଚିତାରିଷ୍ଟି ଓ ତ୍ରିଧାରାର ନିର୍ଦ୍ଦେଶକ ଗୁରୁ ଡ. ଗଜେନ୍ଦ୍ର କୁମାର ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ। ଶ୍ରଦ୍ଧାଞ୍ଜଳି ସମାରୋହରେ ଅଂଶଗ୍ରହଣ କରିଥିବା ନୃତ୍ୟ ଅନୁଷ୍ଠାନର ଗୁରୁ ତଥା କଳାକାରମାନଙ୍କୁ ଅତିଥିମାନଙ୍କ ଦ୍ୱାରା ସମ୍ବର୍ଦ୍ଧିତ କରଯାଇଥିଲା। କାର୍ଯ୍ୟକ୍ରମଟିକୁ ତ୍ରିଧାରା ଅନୁଷ୍ଠାନର ନିର୍ଦ୍ଦେଶକ ଗୁରୁ ଡ. ଗଜେନ୍ଦ୍ର କୁମାର ପଣ୍ଡା ଓ ସହକାରୀ ନିର୍ଦ୍ଦେଶକ ପ୍ରଭୁତୋଷ ପଣ୍ଡା ସଂଯୋଜନା କରିଥିଲେ।

# ଚିର ସବୁଜ ଗୀତରେ ଝୁମିଲେ ଦର୍ଶକ

**ଭୁବନେଶ୍ୱର (ପିପିଏସ୍):** ମଧୁର ସଂଗୀତ କଲଚରାଲ ଟ୍ରଷ୍ଟ ପକ୍ଷରୁ ଏକ ସଙ୍ଗୀତଭିତ୍ତିକ କାର୍ଯ୍ୟକ୍ରମ ଚିର ସବୁଜ ଗୀତ ଜୟଦେବ ଭବନ ପ୍ରେକ୍ଷାଳୟରେ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ୟୁନିଟି ଇଜ ଷ୍ଟ୍ରେଙ୍ଗର୍ଥ କ୍ୟାନ୍ସର ଫାଉଣ୍ଡେସନର ଅଧ୍ୟକ୍ଷ ଗୋପାଳ ଦାସ ଯୋଗଦେଇଥିଲା ବେଳେ ସମ୍ମାନ ଅତିଥି ଭାବେ କଣ୍ଠ ଶିଳ୍ପୀ ଡ଼ ଅନିନ୍ଦିତା ଦାସ ଯୋଗଦେଇଥିଲେ। ଏହିପରି ମଧ ଅତିଥି କଣ୍ଠଶିଳ୍ପୀ ଭାବେ ଲୋଭା ବିଶ୍ୱାଳ, କଣ୍ଠଶିଳ୍ପୀ କୁମାର ବିଷ୍ଣୁ, ଅନୁଷ୍ଠାନ ଅଧ୍ୟକ୍ଷା ଯୋଗିତା ପାତ୍ର ପ୍ରମୁଖ ଉପସ୍ଥିତ ରହିଥିଲେ। ନିଦ ଭରା ରାତି, ମୁ ଯିବି ମୁ ଯିବି, ଚକା ଚକା ଭଉଁରି, ତୁମ ଦିଲ କି ଧଡକନ ହୋ, ସପନ ରେ ପଥେ ପଥେ, ମେରି ମେହବୁବା, ଭିଗି ଭିଗି ରାତୋ ମେ, ତୋ ଆଖି ମୋ ଆଇନା., ଛୟୀ ଛବେଲି ରଙ୍ଗ ରଙ୍ଗେଲି, ପ୍ୟାର ହମରା ଅମର ରହେ ଗା, ତୁମ୍ ସେ ମିଲକେ ଏସା ଲଗା, ଲଗ ଯା ଗଲେ, ଆଜା ତୁଝକୋ ପୁକାରେ ମେରେ ଦିଲ ଆଦି ପୁରୁଣା ଗୀତକୁ କଣ୍ଠଶିଳ୍ପୀ ଚିତ୍ତରଞ୍ଜନ ଶତପଥୀ, ଗିରିଜା, ଶଶୀକାନ୍ତ, ଡ଼ ସଞ୍ଜୟ, ବିଷ୍ଣୁ, ଅସ୍ମିତା, ଯୋଗିତା, ଗାୟତ୍ରୀ, ସୁଜାତା, ମମତା, ରାଜ, ଲୋଭା, ଅନେକ ସୋଲ ଓ ଡୁଏଟ୍ ଗୀତ ପରିବେଷଣ କରିଥିଲେ। ଗୁଲସନ ନଦୀମ ଏହି କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ।

# ଓଡ଼ିଶା ପାଇଁ ଗର୍ବ ଆଣିଲେ ସାଇପ୍ରସନ୍ନା



**ଭୁବନେଶ୍ୱର (ପିପିଏସ୍):** ଡ. ସାଇପ୍ରସନ୍ନା ବେହେରା ପୁଣି ଥରେ ଓଡିଶା ପାଇଁ ଇତିହାସ ସୃଷ୍ଟି କରିଛନ୍ତି। ମିସେସ୍ ଗ୍ରାଣ୍ଡ ଇଣ୍ଟରନ୍ୟାସନାଲ ୨୦୨୩-୨୪ ର ଜଣେ ପ୍ରତିଯୋଗୀ ଏବଂ ବିଜେତା ହେବା ପରେ ପୁଣି ଥରେ ଓଡ଼ିଶାକୁ ଗର୍ବିତ କରିଛନ୍ତି। ପ୍ରଥମ ଥର ପାଇଁ ଡ. ସାଇପ୍ରସନ୍ନା ବେହେରା ଶ୍ରୀମତୀ ଗ୍ରାଣ୍ଡ ଇଣ୍ଟରନ୍ୟାସନାଲ ୨୦୨୪-୨୫ ରେ ବିଜୟ ମୁକୁଟ ପିନ୍ଧିଛନ୍ତି। ଏହି ଅବସରରେ ତାଙ୍କୁ ତାଙ୍କୁ ୨୦୨୫-୨୭ ବର୍ଷ ପାଇଁ ମିସେସ ଗ୍ରାଣ୍ଡ ଇଣ୍ଟରନ୍ୟାସନାଲର ମୁଖ୍ୟ ପ୍ରତିନିଧି ଏବଂ ବ୍ରାଣ୍ଡ ଆମ୍ବାସଡର ଭାବରେ ନିଯୁକ୍ତ କରାଯାଇଛି। ଏହି ସମ୍ମାନ ଲାଭ କରିବା ସହିତ ପ୍ରତିଯୋଗୀରୁ ବିଜେତା ହୋଇ ପ୍ରତିନିଧିତ୍ୱ କରିବାରେ ସେ ପ୍ରଥମ ବ୍ୟକ୍ତିତ୍ୱ ଏବଂ ଏହି ସମ୍ମାନଜନକ ଉପାଧିରେ ସମ୍ମାନିତ ହୋଇଥିବା ପ୍ରଥମ ଭାରତୀୟ। ତାଙ୍କର ସଫଳତା ବିଶ୍ୱ ସ୍ତରରେ ପ୍ରତିନିଧିତ୍ୱ, ଦୃଢ଼ତା ଏବଂ ଉତ୍କର୍ଷତାର ଏକ ଶକ୍ତିଶାଳୀ ପ୍ରତୀକ ସହ ସଶକ୍ତିକରଣ ଏକ ଉଦାହାରଣ।

# ଓଡ଼ିଶା ବ୍ରାହ୍ମଣ ମହାସଂଘର ରାଜ୍ୟ କାର୍ଯ୍ୟକାରିଣୀ

**ଭୁବନେଶ୍ୱର (ପିପିଏସ୍):** ଇତି ମଧରେ ଓଡ଼ିଶା ଡପ୍ଲୋମା ଇଞ୍ଜିନିୟର ଆସୋସିଏସନ୍ ସମ୍ମିଳନୀ କକ୍ଷରେ ଓଡ଼ିଶା ବ୍ରାହ୍ମଣ ମହାସଂଘର ୨୪ ତମ କାର୍ଯ୍ୟକାରିଣୀ ଅଧିବେଶନ ଅନୁଷ୍ଠିତ ହୋଇଯାଇଛି। ମହାସଂଘର ରାଜ୍ୟ ସଭପତି ଡକ୍ଟର ସଦାନନ୍ଦ ଦୀକ୍ଷିତଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ସଭାରେ ମୁଖ୍ୟ ଅତିଥି ଭାବେ ପୂର୍ବତନ ଆରକ୍ଷୀ ଅଧୀକ୍ଷକ ରାଜ କିଶୋର ଦାସ ଯୋଗଦେଇ ବ୍ରାହ୍ମଣମାନଙ୍କୁ ସନାତନ ହିନ୍ଦୁ ଧର୍ମର ସୁରକ୍ଷା ପାଇଁ ସକ୍ରିୟ ହେବାକୁ ପରାମର୍ଶ ଦେଇଥିଲେ। ମୁଖ୍ୟବକ୍ତା ଭାବେ ସମ୍ ହସ୍ପିଟାଲର ନିର୍ଦ୍ଦେଶକ ତଥା ପ୍ରସିଦ୍ଧ ଡ଼ାକ୍ତର ଅଶୋକ କୁମାର ମହାପାତ୍ର ଯୋଗଦେଇ ମହାସଂଘ ତରଫରୁ ପୁରୀରେ ମାଳତିପାଟପୁର ବସଷ୍ଟାଣ୍ଡ ନିକଟରେ ବିଶାଳ ବ୍ରାହ୍ମଣ ଭବନ ନିର୍ମାଣ ପାଇଁ କିଣା ଯାଇଥିବା ଜମିରେ ନୂତନ ଭାବେ ନିର୍ମାଣ ହେବାକୁଥିବା ବ୍ରାହ୍ମଣ ଭବନର ଶୁଭାରମ୍ଭ କରି ବ୍ରାହ୍ମଣ ମାନଙ୍କୁ ଧାର୍ମିକ ଓ ସାମାଜିକ କାର୍ଯକ୍ରମର ନେତୃତ୍ୱ ନେବାକୁ ପରାମର୍ଶ ଦେଇଥିଲେ। ଅନ୍ୟତମ ସମ୍ମାନିତ ଅତିଥିଭାବେ ଆକାଶବାଣୀ ଓ ଦୂରଦର୍ଶନର ପୂର୍ବତନ ନିର୍ଦ୍ଦେଶକ ଡକ୍ଟର ଶାନ୍ତନୁ କୁମାର ରଥ ଶ୍ରୀକ୍ଷେତ୍ର ବ୍ରାହ୍ମଣ ଭବନ ଏକ ଧର୍ମଶାଳା ନ ହୋଇ ବ୍ରାହ୍ମଣ ସଂସ୍କୃତି, ପରମ୍ପରା, ଓ କର୍ମକାଣ୍ଡ ର ଏକ ଜ୍ଞାନ ପୀଠ କରିବାକୁ ପରାମର୍ଶ ଦେଇଥିଲେ। ଅନ୍ୟମାନଙ୍କ ମଧରେ ମହାସଂଘର ରାଜ୍ୟ ସାଧାରଣ ସମ୍ପାଦକ ଇଞ୍ଜିନିୟର ଜଗନ୍ନାଥ ପାଢ଼ୀ, କାର୍ଯ୍ୟକାରୀ ସଭାପତି କିଶୋର ଚନ୍ଦ୍ର ପଣ୍ଡା, ଆୟୋଜକ ସୁବ୍ରତ ଦାସ ସମସ୍ତଙ୍କୁ ସ୍ୱାଗତ କରିଥିଲେ।

# 'ବିକାଶ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରେ ଗଣମାଧ୍ୟମ'

**ଭୁବନେଶ୍ୱର (ପିପିଏସ୍):** ଉତ୍କଳ ମେଲ ପକ୍ଷରୁ ରି-ଲଞ୍ଚିଙ୍ଗ କାର୍ଯ୍ୟକ୍ରମ ଜୟଦେବ ଭବନସ୍ଥିତ ଗୀତଗୋବିନ୍ଦ ସଦନ ଠାରେ ଅନୁଷ୍ଠିତ ହୋଇଯାଇଛି। ଅତିଥି ମାନେ ନିଜ ନିଜ ବକ୍ତବ୍ୟରେ ଗଣ ମାଧମର ଭୂମିକା, ଦାୟିତ୍ୱ ସମ୍ପର୍କରେ ବିଭିନ୍ନ ଦିଗରୁ ଆଲୋଚ଼ନା କରି ବିକାଶ ପ୍ରକ୍ରିୟାକୁ ଗଣମାଧମ ହିଁ ତ୍ୱରାନ୍ୱିତ କରିଥାଏ ବୋଲି ମତ ବ୍ୟକ୍ତ କରିଥିଲେ। ସାମ୍ବାଦିକ ମାନେ ସରକାର, ପ୍ରଶାସନ ଓ ଜନସାଧାରଣଙ୍କ ମଧରେ ସେତୁ ଭଳି କାର୍ଯ୍ୟ କରିଥାନ୍ତି ବୋଲି କହିଥିଲେ। ଉତ୍କଳ ମେଲ ଗ୍ରୁପ ଅଫ ପବ୍ଲିକେଶନର ମୁଖ୍ୟ ସମ୍ପାଦକ ଡ଼ ପୀତବାସ ମିଶ୍ର ଅଧକ୍ଷତା କରିବା ସହ ସାଗତ ଅଭିଭାଷଣ ପ୍ରଦାନ କରିଥିଲେ। ଏଥିରେ ପୂର୍ବତନ ମନ୍ତ୍ରୀ ସୁରେଶ କୁମାର ରାଉତରାୟ, ବିଜେପି ମୁଖପାତ୍ର ସଜ୍ଜନ ଶର୍ମା, ବିଜେପି ନେତା ତଥା ସଭାପତି, ପାଇକ ଆଖଡ଼ା ମହାସଂଘ ପ୍ରକାଶ ଶ୍ରୀଚ଼ନ୍ଦନ, ଓଡ଼ିଶା ଡିଜିଟାଲ ମିଡିଆ ଅଧକ୍ଷ ଗିରିଜା ଶଙ୍କର ଦାସ, ଓୟୁଡ଼ବ୍ଲୁଜେର ରାଜ୍ୟ ସଭାପତି ଭାଗବତ ତ୍ରିପାଠୀ, ଏମବିସି ଟିଭିର ସମ୍ପାଦକ ଅଶୋକ ପଣ୍ଡା, ସମାଜସେବୀ ଲକ୍ଷ୍ମୀପ୍ରିୟା ପଣ୍ଡା ପ୍ରମୁଖ ଯୋଗ ଦେଇଥିଲେ।

# ଲିଙ୍ଗରାଜ ବିହାର ପାଠାଗାର ଓ ସୂଚନା କେନ୍ଦ୍ରର ବାର୍ଷିକ ଉତ୍ସବ

**ଭୁବନେଶ୍ୱର (ପିପିଏସ୍):** ଲିଙ୍ଗରାଜ ବିହାର, ପାଠାଗାର ଓ ସୂଚନା କେନ୍ଦ୍ରର ୮ମ ବାର୍ଷିକ ଉତ୍ସବ ପାଠାଗାର କକ୍ଷରେ ଆୟୋଜିତ ହୋଇଯାଇଛି। ପ୍ରଥମେ ବାର୍ଷିକ ନିର୍ବାଚନ ଅନୁଷ୍ଠିତ ହୋଇଥିଲା। ପାଠାଗାର ସଭାପତି ଡ଼. ଶିଶିର କୁମାର ମହାପାତ୍ର ନୂତନ କର୍ମକର୍ତ୍ତାଙ୍କୁ ଅଭିନନ୍ଦନ ଜଣାଇ ସଭା କାର୍ଯ୍ୟ ଆରମ୍ଭ କରିଥିଲେ। ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ବିଧାୟକ ବାବୁ ସିଂ ଯୋଗ ଦେଇଥିଲେ। ସଭା ପ୍ରାରମ୍ଭରେ ସଭାପତି ମହାପାତ୍ର ତାଙ୍କ ସ୍ୱାଗତ ଭାଷଣ ଦେଇ ଅତିଥି ପରିଚୟ ପ୍ରଦାନ କରିଥିଲେ। ଏହି ଅବସରରେ ଚଳିତ ମାସ ଗତ ୬ ତାରିଖରେ ଏକ ବକ୍ତୃତା ପ୍ରତିଯୋଗିତା ଓ ଚିତ୍ରାଙ୍କନ ପ୍ରତଯୋଗିତା ଆୟୋଜିତ ହୋଇଥିଲା। ଏଥିରେ ପ୍ରଥମ ସ୍ଥାନ ଅଧିକାର କରିଥିବା ଛାତ୍ରଛାତ୍ରୀଙ୍କୁ ବାର୍ଷିକ ଉତ୍ସବରେ ପୁରସ୍କାର ପ୍ରଦାନ କରାଯାଇଥିଲା।

# ଏଫ୍ଏମ୍ ଛାତ୍ରୀ ନିର୍ଯାତନା ବିରୋଧରେ ଏସ୍ୟୁସିଆଇର ବିକ୍ଷୋଭ

**ଭୁବନେଶ୍ୱର (ପିପିଏସ୍):** ଏଫ୍ଏମ୍ କଲେଜ ଛାତ୍ରୀ ନିର୍ଯାତନା ଘଟଣା ବିରୁଦ୍ଧରେ ଭୁବନେଶ୍ୱରର ମାଷ୍ଟର କ୍ୟାଣ୍ଟିନ ଛକଠାରେ ଏସ୍ୟୁସିଆଇ (କମ୍ୟୁନିଷ୍ଟ) ପକ୍ଷରୁ ପ୍ରତିବାଦ ବିକ୍ଷୋଭ କରାଯାଁଇଛି। ଅଧ୍ୟାପକଙ୍କ ଦ୍ୱାରା ମାନସିକ ନିର୍ଯାତନାର ଶିକାର ହୋଇ ଆସୁଥିବା କଲେଜ ଛାତ୍ରୀ କଲେଜ କର୍ତ୍ତୃପକ୍ଷ, ପୋଲିସ ତଥା ଏମ୍ଏଲ୍ଏ-ଏମ୍ପି ଠାରୁ ମୁଖ୍ୟମନ୍ତ୍ରୀ ପର୍ଯ୍ୟନ୍ତ ସମସ୍ତ ଜନ ପ୍ରତିନିଧିଙ୍କୁ ଜଣାଇ ଆସୁଥିଲେ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନ ଯିବା ଫଳରେ ଛାତ୍ରୀ ଜଣକ ଆଜି ମୃତ୍ୟୁ ସହିତ ସଂଗ୍ରାମ କରୁଛି। ଘଟଣାର ଏକ ଉଚ୍ଚସ୍ତରୀୟ ତଦନ୍ତ କରି ଏହି ଅପରାଧ ସହିତ ଜଡିତ ସମସ୍ତ ବ୍ୟକ୍ତି ଓ ଅବହେଳା ପ୍ରଦର୍ଶନ କରିଥିବା ସମସ୍ତସ୍ତରର କର୍ତ୍ତୃପକ୍ଷଙ୍କ ବିରୋଧରେ ଏକ ଦୃଷ୍ଟାନ୍ତମୂଳକ ଦଣ୍ଡବିଧାନ ଦାବୀରେ ଆଜି ଏସ୍ୟୁସିଆଇ (କମ୍ୟୁନିଷ୍ଟ) ପକ୍ଷରୁ ରାଜ୍ୟ ବ୍ୟାପି ବିକ୍ଷୋଭ ପ୍ରଦର୍ଶନ କରିବା ପାଇଁ ଆହ୍ୱାନ କରାଯାଇଛି। ଏହି ଡାକରା ଅନୁଯାୟୀ ଭୁବନେଶ୍ୱର ମାଷ୍ଟର କ୍ୟାଣ୍ଟିନ ଛକଠାରେ ପାର୍ଟି ଜିଲ୍ଲା କମିଟି ପକ୍ଷରୁ ଏହି ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଏସ୍.ୟୁ.ସି.ଆଇ.(କମ୍ୟୁନିଷ୍ଟ) ଜିଲ୍ଲା କମିଟି ସମ୍ପାଦକ ପୂର୍ଣ୍ଣଚନ୍ଦ୍ର ବେହେରା, ରାଜ୍ୟ କମିଟି ସଭ୍ୟ ରାଜେନ୍ଦ୍ର ବର୍ମ୍ମା, ଜିଲ୍ଲା କମିଟି ସଭ୍ୟ ସନ୍ତୋଷ ରଥ, ନିରଞ୍ଜନ ମହାନ୍ତି ପ୍ରମୁଖ ଉପସ୍ଥିତ ରହି ଦୋଷୀମାନଙ୍କ ଦଣ୍ଡବିଧାନ ପାଇଁ ଦାବି କରିଛନ୍ତି।

# ରିଲ୍କୁ କରିବାକୁ ନେଇ ଆକ୍ରମଣ ଘଟଣାରେ ୩ ଗିରଫ

**ଭୁବନେଶ୍ୱର (ପିପିଏସ୍):** ଇନ୍ଷ୍ଟା ରିଲ୍ କରିବାକୁ କେନ୍ଦ୍ରକରି ଆକ୍ରମଣ କରିବା ଘଟଣାରେ ସହିଦନଗର ଥାନା ପୁଲିସ ୩ ଅଭିଯୁକ୍ତଙ୍କୁ ଗିରଫ କରିଛି। ସେମାନେ ହେଲେ ଶଙ୍କାରୁ ଓରଫ୍ ଶଙ୍କର ପାତ୍ର, ବିଶ୍ୱନାଥ ଓରଫ୍ ବିଶ୍ୱନାଥ ରାଉତ ଏବଂ କାହ୍ନୁ କିଶୋର କୁମାର ନାୟକ। ଅଭିଯୋଗକାରୀ ଗୀତାରାଣୀ ଜେନାଙ୍କ ଲିଖିତ ରିପୋର୍ଟ ଆଧାରରେ ପୁଲିସ ମାମଲା ରୁଜୁ କରାଯାଇ ତଦନ୍ତ ଆରମ୍ଭ କରିଥିଲା। ସୂଚନାଯୋଗ୍ୟ ଯେ, ଚନ୍ଦନ କୁମାର ଜେନା ଭୁବନେଶ୍ୱରର ସହିଦନଗରରେ ଥିବା ଏଞ୍ଜେଲ ସ୍ପାରେ ଚାକିରି କରୁଥିଲେ। ସେ ତାଙ୍କ ବନ୍ଧୁ ନିଲୟ ଏବଂ କେ. ଅଜୟଙ୍କ ସହିତ ପ୍ରାୟତଃ ଇନଷ୍ଟାଗ୍ରାମ ରିଲ୍ ତିଆରି କରୁଥିଲେ। ଗତ ୨୦୨୨ ମେ ୨୫ ସକାଳ ସମୟରେ, ତିନି ବନ୍ଧୁ ମହର୍ଷି କଲେଜ ପଛରେ ଇନଷ୍ଟାଗ୍ରାମ ରିଲ୍ ସୁଟିଂ କରୁଥିଲେ। ସେହି ସମୟରେ, ଅଜୁ, ମିଟୁ (ଉଭୟ ଶାନ୍ତିପାଲି ବସ୍ତିର ବାସିନ୍ଦା) ଏବଂ ବିଶ୍ୱନାଥ (ସହିଦନଗରର ବାସିନ୍ଦା) ଭାବରେ ପରିଚିତ ବ୍ୟକ୍ତିମାନେ ଚନ୍ଦନଙ୍କ ପାଖକୁ ଆସି ତାଙ୍କୁ ହତ୍ୟା ଧମକ ଦେଇଥିଲେ ଏବଂ ତାଙ୍କୁ ଇନଷ୍ଟାଗ୍ରାମ ରିଲ୍ ତିଆରି ନକରିବାକୁ ଚେତାବନୀ ଦେଇଥିଲେ। ଧମକ ସତ୍ତ୍ୱେ, ଚନ୍ଦନ ସେମାନଙ୍କ ଚେତାବନୀକୁ ଅଣଦେଖା କରି ରିଲ୍ ତିଆରି ଜାରି ରଖିଥିଲେ। ଘଟଣା ଦିନ ଅଜୁ, ମିଟୁ ଏବଂ ବିଶ୍ୱନାଥ ଆହତ ଚନ୍ଦନଙ୍କୁ ଖୋଜିବା ପାଇଁ ଆଞ୍ଜେଲ ସ୍ପାରେ ପହଞ୍ଚିଥିଲେ କିନ୍ତୁ ତାଙ୍କୁ ପାଇପାରି ନ ଥିଲେ। ପରବର୍ତ୍ତୀ ସମୟରେ, ସେହି ଦିନ ରାତି ପ୍ରାୟ ୮:୩୦ ରେ, ସେମାନେ ଚନ୍ଦନଙ୍କୁ ମହର୍ଷି କଲେଜ ଛକକୁ ଆସିବାକୁ କହିଥିଲେ। ଅନୁରୋଧ ରଖି, ଚନ୍ଦନ, ତାଙ୍କ ବନ୍ଧୁ ନିଲୟ ଏବଂ କେ. ଅଜୟଙ୍କ ସହିତ ମହର୍ଷି କଲେଜ ଛକରେ ପହଞ୍ଚିବା ପରେ, ଅଭିଯୁକ୍ତ ଅଜୁ, ମିଟୁ, ଶଙ୍କରୁ, କାରୁ, ବିଶ୍ୱନାଥ ଏବଂ କାହ୍ନୁ ମିଳିତ ଭାବେ ବାଉଁଶ ବାଡ଼ି ଏବଂ ଖଣ୍ଡା ଧରି ଘଟଣାସ୍ଥଳରେ ପହଞ୍ଚିଲେ। ଅସ୍ତ୍ରଶସ୍ତ୍ର ଦେଖି, ନିଲୟ ଏବଂ କେ. ଅଜୟ ସହିଦନଗର ଆଡକୁ ପଳାଇଯିବା ବେଳେ ଚନ୍ଦନ ମହର୍ଷି କଲେଜ ପଛ ପାର୍ଶ୍ୱକୁ ଖସିଯିବାକୁ ଚେଷ୍ଟା କରିଥିଲେ। ଅଭିଯୁକ୍ତମାନେ ଚନ୍ଦନଙ୍କୁ ପିଛା କରିଥିଲେ ଏବଂ ଶେଷରେ ଗୌରାଙ୍ଗ ଆଶ୍ରମ ପଛରେ ତାଙ୍କୁ କାବୁ କରିଥିଲେ। ସେହି ସ୍ଥାନରେ, ଅଜୁ ଓରଫ ଅଜୟ କୁମାର ସେଠି ଚନ୍ଦନଙ୍କୁ ହତ୍ୟା କରିବାକୁ ଚେଷ୍ଟା କରି ତାଙ୍କ ମୁଣ୍ଡରେ ଖଣ୍ଡା ଆଘାତ କରିଥିବା ବେଳେ ଅନ୍ୟ ଜଣେ ଆକ୍ରମଣକାରୀ ଚନ୍ଦନଙ୍କ ହାତକୁ ଖଣ୍ଡାରେ ଆକ୍ରମଣ କରିଥିଲେ, ଯାହା ଫଳରେ ମୁଣ୍ଡରେ ଗୁରୁତର ଭାବରେ ଆଘାତ ବାଜିଥିଲା।

# ହାଇଟେକ୍ରେ କଷ୍ଟବାଧିତ ପ୍ରସୂତି ବିଭାଗ ଉଦ୍ଘାଟିତ



**ଭୁବନେଶ୍ୱର (ପିପିଏସ୍):** ହାଇଟେକ୍ ମେଡିକାଲ କଲେଜ ଓ ହସ୍ପିଟାଲ୍ ପରିସରରେ ନୂତନ ଭାବେ ବିଶ୍ୱରାଜ୍ ଫାର୍ମାସ୍ୟୁଟିକାଲ ଏଲଏଲପି ସହ ପ୍ରସୂତି ବିଭାଗ ଏବଂ ଚର୍ମ, କେଶ ଓ ସ୍କାଲ୍ପ ଡିଟେକ୍ଟର ଉଦ୍ଘାଟିତ ହୋଇଯାଇଛି। ଏଥିରେ ହାଇଟେକ୍ ଗ୍ରୁପ୍ର ପ୍ରତିଷ୍ଠାତା ଅଧକ୍ଷ ଡ. ତିରୁପତି ପାଣିଗ୍ରାହୀ, ଅଧକ୍ଷା ପୁଷ୍ପାଞ୍ଜଳି ପାଣିଗ୍ରାହୀ ଉଦ୍ଘାଟନ କରିଥିବାବେଳେ ସମ୍ମାନିତ ଅତିଥି ଭାବେ ହାଇଟେକ୍ ଗ୍ରୁପ୍ର ସିଇଓ ତଥା ମ୍ୟାନେଜିଙ୍ଗ୍ ଡାଇରେକ୍ଟର ଶୁରେଶ କୁମାର ପାଣିଗ୍ରାହୀ, ପାରଳାଖେମୁଣ୍ଡି ବିଧାୟକ ଇଂ ରୂପେଶ କୁମାର ପାଣିଗ୍ରାହୀ, ନିର୍ଦ୍ଦେଶକ ଡ. ରାକେଶ କୁମାର ପାଣିଗ୍ରାହୀ, ନିର୍ଦ୍ଦେଶକ ବିଶ୍ୱରାଜ ପାଣିଗ୍ରାହୀ ପ୍ରମୁଖ ଯୋଗଦେଇଥିଲେ। ନୂତନ ଜ୍ଞାନ କୌଶଳରେ ନିର୍ମିତ ପ୍ରସୂତି ବିଭାଗରେ ମୁଖ୍ୟତଃ ବର୍ତ୍ତମାନ ସମୟରେ ବଢୁଥିବା ସିଜେରିଆନ ଡେଲିଭେରିକୁ ହ୍ରାସ କରାଯାଇ ନର୍ମାଲ ଡେଲିଭେରି ସହ ପେନ୍ଲେସ୍ ଡେଲିଭେରିକୁ ଗୁରୁତ୍ୱ ଦିଆଯିବ ବୋଲି ପ୍ରତିଷ୍ଠାତା ଡ. ପାଣିଗ୍ରାହୀ କହିଛନ୍ତି। ସେହିପରି ପ୍ରସୂତିଙ୍କୁ ଗୁରୁତ୍ୱ ଦିଆଯିବା ସହ ଶିଶୁମାନଙ୍କ ନିମନ୍ତେ ଉନ୍ନତମାନର ଏନ୍ଆଇସିୟୁ ଓ ପିଆଇସିୟୁର ସୁବିଧା ରହିଥିବା ମ୍ୟାନେଜିଙ୍ଗ୍ ଡାଇରେକ୍ଟର ସୁରେଶ କୁମାର ପାଣିଗ୍ରାହୀ କହିଛନ୍ତି। ଉଦ୍ଘାଟନୀ କାର୍ଯ୍ୟକ୍ରମରେ ମେଡିକାଲ ସୁପରିଟେଣ୍ଡେଣ୍ଟ ଡ. ରବିନ୍ଦ୍ରନାଥ ବେହେରା, ସାଧାରଣ ପ୍ରଶାସକ ଡ. ବାସୁଦେବ ବେହେରା, ଡେପୁଟି ମେଡିକାଲ ସୁପରିଟେଣ୍ଡେଣ୍ଟ ଡ. ଚନ୍ଦନ ସାମନ୍ତରାୟ, ହାଇଟେକ୍ ମେଡିକାଲ କଲେଜ ଓ ହସ୍ପିଟାଲର ପ୍ରିନ୍ସିପାଲ ପ୍ରଫେସର୍ ଡ. ପୂର୍ଣ୍ଣଚନ୍ଦ୍ର ଦାଶ, ଡିନ୍ ଓ ନିର୍ଦ୍ଦେଶକ ପ୍ରଫେସର୍ ଡ. ରାଧାମାଧବ ତ୍ରିପାଠୀଙ୍କ ସହ ବିଭିନ୍ନ ବିଭାଗର ଡାକ୍ତର ଓ ନର୍ସିଂ କର୍ମଚାରୀ ଉପସ୍ଥିତ ଥିଲେ।

# ରାଜ୍ୟବ୍ୟାପୀ ଶୋକଦିବସ ପାଳିବ ଏସ୍ୟୁସିଆଇ

**ଭୁବନେଶ୍ୱର (ପିପିଏସ୍):** ବାଲେଶ୍ୱର ଏଫ୍ଏମ୍ କଲେଜ ଛାତ୍ରୀ ମୃତ୍ୟୁ ଘଟଣା ରାଜ୍ୟବାସୀଙ୍କୁ ସ୍ତବ୍ଧ କରିଦେଇଛି। ମୃତ ଛାତ୍ରୀର ସ୍ମୃତିରେ ମଙ୍ଗଳବାର ଏସ୍ୟୁସିଆଇ(କମ୍ୟୁନିଷ୍ଟ) ପକ୍ଷରୁ ରାଜ୍ୟବ୍ୟାପୀ ଶୋକ ଦିବସ ପାଳନ, କଳାବ୍ୟାଜ୍ ପରିଧାନ, ବିଭିନ୍ନ ସ୍ଥାନରେ ମୃତ ଛାତ୍ରୀଙ୍କ ସ୍ମୃତିସ୍ତମ୍ଭରେ ମାଲ୍ୟାର୍ପଣ, କ୍ୟାଣ୍ଡଲ ଶୋଭାଯାତ୍ରା ଆଦି କାର୍ଯ୍ୟକ୍ରମ ଗ୍ରହଣ କରିବାକୁ ରାଜ୍ୟର ଜନସାଧାରଣଙ୍କୁ ଆହ୍ୱାନ କରାଯାଇଛି। ଯୌନ ନିର୍ଯାତନାର ଶିକାର ହୋଇଥିବା ଛାତ୍ରୀ ଜଣକ ଏଭଳି ଚରମ ନିଷ୍ପତ୍ତି ନେବାକୁ ବାଧ ହେବା ପୂର୍ବରୁ ନ୍ୟାୟ ପାଇବା ଆଶାରେ ଚେଷ୍ଟାକରି ବିଫଳ ହେବା ଓ ଅପମାନିତ ହେବା ଘଟଣା ମଧ ରାଜ୍ୟରେ ଗଭୀର ଆଲୋଡନ ସୃଷ୍ଟି କରିଛି। ମଙ୍ଗଳବାର ଲୋହିଆ ଭବନଠାରେ ଏସ୍ୟୁସିଆଇ (କମ୍ୟୁନିଷ୍ଟ) ଓଡିଶା ରାଜ୍ୟ କମିଟି ପକ୍ଷରୁ ଉକ୍ତ ଘଟଣାରେ ଗଭୀର ଉଦ୍‌ବେଗ ପ୍ରକାଶ କରାଯାଇଛି। ଏହି ମର୍ମାନ୍ତିକ ଘଟଣାର ପ୍ରତିବାଦରେ ଦଳ ପକ୍ଷରୁ ସ୍ତରେ ସ୍ତରେ ଶକ୍ତିଶାଳୀ ଆନ୍ଦୋଳନ ଗଢ଼ି ତୋଳିବାକୁ ନିଷ୍ପତ୍ତି ନିଆଯାଇଛି। ଦଳର ରାଜ୍ୟ ସମ୍ପାଦକ ଶଙ୍କର ଦାସଗୁପ୍ତ ସାମ୍ବାଦିକ ସମ୍ମିଳନୀ ମାଧ୍ୟମରେ କ୍ଷୋଭର ସହ କହିଛନ୍ତି, ଅଭିଯୁକ୍ତ ଅଧାପକଙ୍କୁ ଗିରଫ ଓ ପରେ ସସ୍‌ପେଣ୍ଡ ହୋଇଥିବା ଅଧକ୍ଷକଙ୍କୁ ଗିରଫ କରାଯାଇଥିଲେ ବି ଏହି ଜଘନ୍ୟ ଘଟଣାରେ ଦାୟୀ ଶାସକ ଦଳର ନେତା, ମନ୍ତ୍ରୀ ଓ ଅନ୍ୟାନ୍ୟ ସରକାରୀ ଅଧିକାରୀମାନଙ୍କୁ ଖସାଇ ଦେବାପାଇଁ ସମସ୍ତ ପ୍ରଚେଷ୍ଟା ଜାରି ରହିଛି। ଏହି ପରିସ୍ଥିତିରେ ଏସ୍ୟୁସିଆଇ(କମ୍ୟୁନିଷ୍ଟ) ପକ୍ଷରୁ ମୃତ ଛାତ୍ରୀଙ୍କ ପରିବାରକୁ ୧କୋଟି ଟଙ୍କା ସହାୟତା, ଏକ ଉଚ୍ଚସ୍ତରୀୟ ତଦନ୍ତ କରି ଏହାର ରିପୋର୍ଟ ୭ଦିନ ମଧରେ ସର୍ବସାଧାରଣରେ ପ୍ରକାଶ କରିବା, ସମ୍ପୃକ୍ତ ସମସ୍ତ ଅପରାଧୀ ବିରୁଦ୍ଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଆଦି ।ବିନେଇ ଶକ୍ତିଶାଳୀ ଗଣ ଆନ୍ଦୋଳନ ଗଢ଼ି ତୋଳିବାକୁ ରାଜ୍ୟବାସୀଙ୍କୁ ସଂଘ ଆହ୍ୱାନ କରିଛି।



# ଗଙ୍ଗାଧର ମହାପାତ୍ରଙ୍କ ଯନ୍ତୀ

**ଭୁବନେଶ୍ୱର (ପିପିଏସ୍):** ଗଙ୍ଗାଧର ମହାପାତ୍ର ଫାଉଣ୍ଡେସନ ପକ୍ଷରୁ ସୋମବାର ସନ୍ଧ୍ୟାରେ ସ୍ୱାଧୀନତା ସଂଗ୍ରାମୀ ଗଙ୍ଗାଧର ମହାପାତ୍ରଙ୍କ ୧୧୨ତମ ଜୟନ୍ତୀ ଅନୁଷ୍ଠିତ ହୋଇଯାଇଛି। ଫାଉଣ୍ଡେସନର ଅଧକ୍ଷ ଡ. ଆର୍ଯ୍ୟକୁମାର ଜ୍ଞାନେନ୍ଦ୍ରଙ୍କ ପୌରହିତ୍ୟରେ ବୁଦ୍ଧମନ୍ଦିର ସଭାଗୃହରେ ଏହି ସଭା ଆୟୋଜିତ ହୋଇଥିଲା। ଜୟନ୍ତୀ ଉତ୍ସବକୁ ସୌମ୍ୟରଞ୍ଜନ ପଟ୍ଟନାୟକ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ପୂର୍ବତନ ମନ୍ତ୍ରୀ ଜଗନ୍ନାଥ ପଟ୍ଟନାୟକ, ମୁଖ୍ୟବକ୍ତା ଭାବେ ପ୍ରଫେସର ବିଶ୍ୱରଞ୍ଜନ ଯୋଗ ଦେଇଥିଲେ। ଏହି ଅବସରରେ ବରିଷ୍ଠ ଆଇନଜୀବୀ ବାର୍ ଆସୋସିଏସନର ସଭାପତି ଶିବାନନ୍ଦ ରାୟଙ୍କୁ ମୁଖ୍ୟ ଅତିଥି ଗଙ୍ଗାଧର ମହାପାତ୍ର-୨୦୨୫ ସମ୍ମାନରେ ସମ୍ବର୍ଦ୍ଧିତ କରିଥିଲେ।

# ରାସ୍ତା ପାଲଟିଛି ମରଣଯନ୍ତା, ଲୋକେ ହୀନସ୍ତା

**ଭୁବନେଶ୍ୱର (ପିପିଏସ୍):** ବର୍ଷା ଆସୁ ଆସୁ ସହରର ବିଭିନ୍ନ ରାସ୍ତାର ଅବସ୍ଥା ଖରାପ ହେବାରେ ଲାଗିଛି। ରାସ୍ତା ଉପରେ ଖାଲ ତ ନୁହେଁ ମରଣଯନ୍ତା ମୁଣ୍ଡ ଉଠେଇ ଉପରକୁ ଅନେଇ ରହିଛି। ଟିକିଏ ଅସାବଧାନତା ହେଲେ ଦୁର୍ଘଟଣା ଘଟିବା ସୁନିଶ୍ଚିତ। ଏଥିରେ ପୁଣି ବର୍ଷା ହେଲେ ପାଣି ଜମିବା ସହିତ ଖାଲ ବୋଲି ଜଣା ପଡୁନାହିଁ। ରାସ୍ତାରେ ଖାଲ ହୋଇଯିବାରୁ ଗୋଡ଼ି ବି ଉପରକୁ ଉଠି ରହିଛି। ଯାହାଫଳରେ ଲୋକମାନେ ରାସ୍ତାରେ ବି ଚାଲିକି ଯିବାକୁ ଭୟ କରୁଛନ୍ତି। ରାଜଧାନୀର ବିଭିନ୍ନ ଛକ ଓ କଲୋନୀ ରାସ୍ତା ଏବେ ଅତି ଶୋଚନୀୟ ହୋଇପଡ଼ିଛି। ଏହା ମଧରୁ ଅନ୍ୟତମ ହେଉଛି ଡୁମୁଡୁମା ରାସ୍ତା। ଫେଜ୍ ୨ କଲୋନୀ ଠାରୁ ପାଲାମଣ୍ଡପ ଆଡ଼କୁ ଆସିଥିବା ରାସ୍ତା ଏବେ ଖାଲ ଖମାରେ ଭର୍ତ୍ତି ହୋଇପଡ଼ିଛି। ରାସ୍ତାରେ ଗାତ ସୃଷ୍ଟି ହେବା ସହ ଗୋଡ଼ି ମଧ ବାହାରି ପଡ଼ିଛି। ଯେଉଥିପାଇଁ ଯିବା ଆସିବାରେ ଅସୁବିଧା ସମ୍ମୁଖୀନ ହେଉଛନ୍ତି ସ୍ଥାନୀୟ ବାସିନ୍ଦା। ଏହି ରାସ୍ତାରେ ବିବେକାନନ୍ଦ ସ୍କୁଲ, ଆମ୍ବେଦକର କଲେଜ ଏବଂ କିଡ୍ସ ହସ୍ପିଟାଲ ସହିତ ଆଇଆଇଟିଏମ୍ କଲେଜ ରହିଛି। ପ୍ରତିଦିନ ଶହ ଶହ ଗାଡ଼ି ଏହି ରାସ୍ତା ଦେଇ ଯିବା ଆସିବା କରୁଛନ୍ତି। କିନ୍ତୁ ଏହି ରାସ୍ତା ଖରାପ ପାଇଁ ଲୋକମାନେ ଛୋଟ ବଡ଼ ଦୁର୍ଘଟଣାର ସମ୍ମୁଖୀନ ହେଉଛନ୍ତି। ଯେଉଁଥିପାଇଁ ଏହି ରାସ୍ତାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଉଦ୍‌ବେଗ ପ୍ରକାଶ ପାଇଛି। ।ସ୍ତାରେ ଗାଡ଼ି ମଝିରେ ଆଉ ଯାଉନି। ଏପଟୁ ସେପଟୁ ଆସୁଥିବା ଗାଡ଼ି କେବଳ ରାସ୍ତା କଡ଼ ଦେଇ ଯାଉଛି। ଯେଉଁଥିପାଇଁ ରାସ୍ତା କଡ଼ରେ ଦୋକାନ କରିବାକୁ ଭୟ ଲାଗିଲାଣି ବୋଲି ଡୁମୁଡୁମା ଅଞ୍ଚଳର ଜଣେ ଦୋକାନୀ କହିଛନ୍ତି। ସେ ଆହୁରି ମଧ କହିଛନ୍ତି ଆଗରେ ସ୍କୁଲ୍ ରହିଛି ଛୋଟ ପିଲାମାନେ ଯିବା ଆସିବା ବେଳେ ଅନେକ ଥର ଏହି ରାସ୍ତାରେ ପଡ଼ି ଖଣ୍ଡିଆ ଘାବରା ହେଉଛନ୍ତି ବୋଲି ସେ କହିଛନ୍ତି। ଏନେଇ ବିଭାଗୀୟ ଅଧିକାରୀଙ୍କ ଯୋଗଯୋଗ କରାଯାଇଥିଲେ ମଧ କୌଣସି ଉତ୍ତର ମିଳିପାରିନାହିଁ।



# ଆଞ୍ଚଳିକ ବିଜ୍ଞାନ କେନ୍ଦ୍ରରେ ବିଶ୍ୱ ଯୁବ କୌଶଳ ଦିବସ

**ଭୁବନେଶ୍ୱର (ପିପିଏସ୍):** ଆଞ୍ଚଳିକ ବିଜ୍ଞାନ କେନ୍ଦ୍ର ପକ୍ଷରୁ ବିଶ୍ୱ ଯୁବ କୌଶଳ ଦିବସ ଅନୁଷ୍ଠିତ ହୋଇଛି। ଏହି ଦିବସ ଅବସରରେ ଦୁଇଟି ବିଷୟବସ୍ତୁ ଉପରେ ଆଧରିତ ଦୁଇଟି ଭ୍ରାମ୍ୟମାଣ ବିଜ୍ଞାନ ପ୍ରଦର୍ଶନୀ ବସ୍‌କୁ କେନ୍ଦୁଝର ଏବଂ ନୂଆପଡା ଜିଲ୍ଲାର ବିଭିନ୍ନ ଗ୍ରାମୀଣ ବିଦ୍ୟାଳୟଗୁଡ଼ିକରେ ବିଜ୍ଞାନ ପ୍ରଦର୍ଶନୀ ଆୟୋଜନ କରିବା ପାଇଁ ଶୁଭାରମ୍ଭ କରାଯାଇଥିଲା। ଏହି ଶୁଭାରମ୍ଭ କାର୍ଯ୍ୟକ୍ରମରେ ଟିଇ ଆଣ୍ଡ ଏସସିଇଆରଟି ବିଭାଗର ସହାୟକ ନିର୍ଦ୍ଦେଶିକା ପ୍ରଲିପ୍ତା ମିଶ୍ରଙ୍କ ଉପସ୍ଥିତ ଥିଲେ। ଏହି ଅବସରରେ ଭୁବନେଶ୍ୱରର କିଟ୍ ବିଶ୍ୱବିଦ୍ୟାଳୟର ପଦାର୍ଥ ବିଜ୍ଞାନ ବିଭାଗର ପ୍ରଫେସର ଡ. ଏସ୍‌କେଏସ୍ ପରାଶରଙ୍କ ଦ୍ୱାରା 'ନାନୋ ୱାର୍ଲ୍ଡ' ବିଷୟ ଉପରେ ଏକ ପ୍ରଦର୍ଶନୀ ମଧ୍ୟ ଛାତ୍ରଛାତ୍ରୀମାନଙ୍କ ପାଇଁ ଆୟୋଜିତ ହୋଇଥିଲା। ଡ. ପରାଶର ଉପକରଣ ମାଧ୍ୟମରେ ନାନୋ ସାମଗ୍ରୀର କିଛି ଆକର୍ଷଣୀୟ ଗୁଣ ଏବଂ ଆଚରଣ ବିଷୟରେ ଛାତ୍ରଛାତ୍ରୀଙ୍କୁ ବୁଝାଇ ଥିଲେ। ପ୍ରାରମ୍ଭରେ ଆଞ୍ଚଳିକ ବିଜ୍ଞାନ କେନ୍ଦ୍ରର ପ୍ରକଳ୍ପ ସଂଯୋଜକ କପିଳ ଜୈନ ବିଶ୍ୱ ଯୁବ କୌଶଳ ଦିବସ ପାଳନର ଗୁରୁତ୍ୱ ଏବଂ ଆଭିମୁଖ୍ୟ ଉପରେ ସୂଚନା ଦେଇଥିଲେ। ଏଥିରେ ବିଦ୍ୟାଳୟର ପ୍ରାୟ ୧୦୦ ଜଣ ଛାତ୍ରଛାତ୍ରୀ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ।

# ରାଜଧାନୀରେ ଜଳିଲା 'ବାଲେଶ୍ୱର' ନିଆଁ

**ଭୁବନେଶ୍ୱର (ପିପିଏସ୍):** ବାଲେଶ୍ୱର ଫକୀରମୋହନ ମହାବିଦ୍ୟାଳୟରେ ନିର୍ଯାତନା ସହି ନ ପାରି ଛାତ୍ରୀ ଆତ୍ମାହୁତି ଘଟଣାକୁ ନେଇ ରାଜଧାନୀର ବିଭିନ୍ନ ରାଜନୈତିକ ଦଳ ସମେତ ବିଭିନ୍ନ ସାମାଜିକ ସଂଗଠନ ଓ ଛାତ୍ରସଂଗଠନ ପ୍ରତିବାଦର ସ୍ୱର ଉଠାଇଛନ୍ତି। ଛାତ୍ରୀଙ୍କୁ ନ୍ୟାୟ ଦାବିରେ ରାଜଧାନୀର ବିଭିନ୍ନ ସ୍ଥାନରେ ପ୍ରତିବାଦ ସଭା କରାଯାଇଛି।

# ସୌମ୍ୟାଶ୍ରୀଙ୍କ ଜୀବନ ନେଲା ସୋସିଆଲ ମିଡିଆ ଅଭିଯୋଗକୁ ଅଣଦେଖା

**ଭୁବନେଶ୍ୱର (ପିପିଏସ୍):** ବାଲେଶ୍ୱର ଝିଅ ସୌମ୍ୟାଙ୍କ ଜୀବନ ଚାଲିଯାଇଛି। ଏଥିପାଇଁ କେତେ ଆରୋପ ପ୍ରତ୍ୟାରୋପ ସୃଷ୍ଟି ହେଉଛି। ମାତ୍ର ଡିଜିଟାଲ ଇଣ୍ଡିଆର ଅଣଦେଖା ଆଜି ଏଭଳି ଏକ ଘଟଣାର ସୃଷ୍ଟି କରିଛି ଏକଥା କେହି ଅସବୀକାର କରିପାରିବେ ନାହିଁ। ଯଦି କେହି ଠକାମି କିମ୍ବା ଅପରାଧର ଶିକାର ହୁଅନ୍ତି, ସେମାନେ ସୋସିଆଲ ମିଡ଼ିଆରେ ଅଭିଯୋଗ କଲେ ପୁଲିସ ଶୁଣୁ ନ ଥିବା ଅଭିଯୋଗ ହେଉଛି। ବରଂ ଜାଣିଶୁଣି ଏହାକୁ ଦେଖି ଏଡାଇ ଦିଆଯାଉଛି। ବଡ଼କଥା ହେଲା ଏଫ୍ଏମ୍ କଲେଜ ଛାତ୍ରୀ ସୌମ୍ୟାଶ୍ରୀ ବିଶି ଯେଉଭଳି ନିଜର ନିର୍ଯାତନାର ଅଭିଯୋଗ କଲେଜ କର୍ତ୍ତୃପକ୍ଷଙ୍କୁ କରିଥିଲେ। ସେମାନେ ନ ଶୁଣିବାରୁ ପ୍ରଶାସନ ଏବଂ ସରକାରୀଙ୍କୁ 'ଏକ୍ସ'(ପୂର୍ବରୁ ଟ୍ୱିଟ୍)ରେ ଲେଖି ଜଣାଇଥିଲେ। ହେଲେ କେହି ତାଙ୍କୁ ଏହି ଅଭିଯୋଗକୁ ଶୁଣିନଥିଲେ। ସମସ୍ତେ ସୋସିଆଲ ମିଡିଆ ଟିମ୍ ରଖିଥିଲେ ମଧ ଜାଣିଶୁଣି ଏହାକୁ ଦେଖି ଗାଲେଇ ଯାଇଥିଲେ। ସେହିପରି କମିସନରେଟ୍ ପୁଲିସର ଏକାଧିକ ସୋସିଆଲ ମିଡ଼ିଆ ଆକାଉଣ୍ଟ ରହିଛି। ଏପରିକି ଏହାକୁ ଚଳାଇବାକୁ ଏକ ଟିମ୍ ମଧ ରହିଛି। କିନ୍ତୁ ଏହି ଟିମ୍ ଏବେ ଠିକ୍ ଢଙ୍ଗରେ କାମ କରୁନି। ଯେଉଁମାନେ ଅପରାଧର ଶିକାର ହୋଇ ଅଭିଯୋଗ କରୁଛନ୍ତି ବା ଏକ୍ସ'ରେ ଟ୍ୟାଗ୍ କରି ଜଣାଉଛନ୍ତି। ସେହି ଅଭିଯୋଗୁ ଗୁରୁତ୍ୱ ଦିଆଯାଉନି କି ଉପରିସ୍ଥ ଅଧିକାରୀଙ୍କୁ ସେମାନଙ୍କ ଟିମ୍ ଜଣାଉନାହାନ୍ତି। ଫଳରେ ଉକ୍ତ ଅଭିଯୋଗ ଆଧାରରେ କାର୍ଯ୍ୟାନୁଷ୍ଠାନ ହେଉନି। କି ପୁଲିସ ଅଭିଯୋଗ କରିଥିବା ବ୍ୟକ୍ତି କିମ୍ବା ମହିଳାଙ୍କୁ ଯୋଗାଯୋଗ କରୁନି। ଫଳରେ ସୌମ୍ୟାଶ୍ରୀ ଭଳି ଅନେକ ଛାତ୍ରୀ ଏବଂ ମହିଳାମାନେ ନ୍ୟାୟ ପାଇପାରୁ ନାହାନ୍ତି। କମିସନରେଟ୍ ପୁଲିସ ଏବଂ ଓଡ଼ିଶା ପୁଲିସର ଏକ୍ସରେ ଆକାଉଣ୍ଟ ରହିଛି। କିନ୍ତୁ ଏଥିରେ କେବଳ ପର୍ବପର୍ବାଣୀରେ ଅଭିନନ୍ଦନ ଜଣାଯାଉଛି। ଲୋକଙ୍କୁ ନା ତଥ୍ୟ ଦିଆଯାଉନି, ନା ଅପରାଧରୁ ବର୍ତ୍ତିବା ପାଇଁ ସଚେତନ କରାଯାଉଛି। ଦୁଇ ମାସରୁ ୩ମାସ ପରେ ଏହାକୁ ଅପଡେଟ୍ କରାଯାଉଛି। ଲୋକେ ନିଜର ଅଭିଯୋଗକୁ ଟ୍ୟାଗ୍ କଲେ ମଧ ଶୁଣାଯାଉନି। ସେହିବାଟରେ ମଧ କମିସନରେଟ୍ ପୁଲିସ ଯାଉଛି। ସେମାନେ ମଧ ଖବର କାଗଜରେ ବାହାରୁ ଥିବା ନିଜ ପ୍ରଶଂସା ପୋଷ୍ଟ କରୁଥିବା ବେଳେ ତଥ୍ୟ ନାହିଁ। ୨ରୁ ୩ମାସରେ ଥରେ ଏହାକୁ ଅପ୍‌ଡେଟ୍ କରାଯାଉଛି। ଓଡ଼ିଶା ଡିଜିପି ଆକାଉଣ୍ଟ ହେଉ ଅବା କମିସନରେଟ୍ ପୁଲିସର ଆକାଉଣ୍ଟ ହେଉ, ଏହାକୁ ଲକ୍ଷାଧିକ ଲୋକ ଫଲୋ କରୁଥିଲେ ମଧ ସେମାନେ କିଛିବି ସୂଚନା ପାଇ ପାରୁନାହାନ୍ତି। କମିଶନରେଟ୍ ପୁଲିସ ଏବେ ଅନ୍ୟ ବଡ଼ ବଡ଼ ସହର ପୁଲିସ ଅପେକ୍ଷା ଢେର ପଛରେ ପଡ଼ିଛି। କାରଣ ଅନ୍ୟ ରାଜ୍ୟ ପୁଲିସ ସୋସିଆଲ ମିଡ଼ିଆ ଉପରେ ଅଧିକ ଗୁରୁତ୍ୱ ଦେଉଛି। ଏଥିରେ ଲୋକଙ୍କୁ ସୂଚନା ଦେବା ସହ ଅଭିଯୋଗ ହେଲେ ଏହାକୁ ତୁରନ୍ତ ଗ୍ରହଣ କରାଯାଉଛି। ଅଭିଯୋଗ କରିଥିବା ଲୋକଙ୍କ ସହ ଯୋଗାଯୋଗ କରିବା ସହ ଅଭିଯୋଗ ଆଧାରରେ ପଦେକ୍ଷପ ନିଆଯାଉଛି। ଏପରିକି ସବୁ ଥାନାର ସୋସିଆଲ ମିଡ଼ିଆରେ ଆକାଉଣ୍ଟ ରହିଛି। ଏଥିରେ ମଧ ଥାନା ଅଧିକାରୀ ସମସ୍ତ ତଥ୍ୟ ଏବଂ ଥାନା ଅଞ୍ଚଳରେ ହେଉଥିବା ଚୋରିରୁ ବର୍ତ୍ତିବା ଏବଂ ଠକେଇ ବର୍ତ୍ତିବା ସମ୍ପର୍କରେ ସଚେତନ କରନ୍ତି। କିନ୍ତୁ କମିଶନରେଟ୍ ପୁଲିସ ସ୍ମାର୍ଟ ହେଲେ ମଧ ସୋସିଆଲ ମିଡ଼ିଆରେ ପଛରେ। କମିସନରେଟ୍ ପୁଲିସର ୟୁ୍ୟଟ୍ୟୁବ୍ ଆକାଉଣ୍ଟ ଥିଲେ ମଧ ଏଥିରେ ସଚେତନ ଭିଡ଼ିଓ ଛଡ଼ାଯାଉନି। ଝାଡ଼ଖଣ୍ଡ, ଛତିଶଗଡ଼, ଦିଲ୍ଲୀ ଭଳି ବଡ଼ ବଡ଼ ସହର ପୁଲିସର ୟୁ୍ୟଟ୍ୟୁବ୍‌ରେ ଅପରାଧରୁ ବର୍ତ୍ତିବା ଏକାଧିକ ଭିଡ଼ିଓ ପୋଷ୍ଟ କରାଯାଉଥିବା ବେଳେ କମିସନରେଟ୍ ପୁଲିସର ନାହିଁ। ସ୍ମାର୍ଟ ଯୁଗରେ ଏବେ ଛୋଟରୁ ବଡ଼ ସ୍ମାର୍ଟ ଫୋନ୍ ବ୍ୟବହାର କରୁଛନ୍ତି। ବିଶେଷ କରି ସୋସିଆଲ ମିଡ଼ିଆ ଅଧିକ ବ୍ୟବହାର କରାଯାଉଛି। ଲୋକଙ୍କ ସହିତ କିଛି ଅଘଟଣ କିମ୍ବା ଅପରାଧ ହେଲେ ସେମାନେ ଏଥିରେ ଅଭିଯୋଗ କରୁଛନ୍ତି। ହେଲେ ସେମାନେ ଏହି ସିସିଟିଏନ୍ଏସ୍ ବିଷୟରେ କିଭଳି ଜାଣିବେ। ଏହାକୁ ଖୋଲିଲେ କିପରି ଅଭିଯୋଗ କରିବେ। ସେ ବିଷୟରେ କିଛିବି ଜାଣି ନାହାନ୍ତି ସାଧାରଣ ଲୋକ। ତେଣୁ ପୁଲିସ ସୋସିଆଲ ମିଡ଼ିଆ ଟିମ୍‌କୁ ଅଧିକ ସୁଦୃଢ କଲେ ଲୋକ ସଠିକ୍ ସମୟରେ ନ୍ୟାୟ ପାଇବେ ବୋଲି ଏକାଧିକ ଆଇନ୍‌ଜୀବୀ ସୂଚନା ଦେଇଛନ୍ତି।



# ଭାରତ ପାଇଁ ଚେତାବନି ଜାରିକଲେ ନାଟୋ ମୁଖ୍ୟ

ନୂଆଦିଲ୍ଲୀ: ନାଟୋ ମହାସଚିବ ମାର୍କ ରୁଟେ ଭାରତ, ଚୀନ ଏବଂ ବ୍ରାଜିଲକୁ ରୁଷ ସହ ବାଣିଜ୍ୟ, ବିଶେଷତଃ ତେଲ ଓ ଗ୍ୟାସ କ୍ରୟ ଜାରି ରଖିବା ଉପରେ କଡ଼ା ଚେତାବନୀ ଦେଇଛନ୍ତି। ସେ କହିଛନ୍ତି ଯେ, ଏହି ଦେଶଗୁଡ଼ିକ ରୁଷ ସହ ବାଣିଜ୍ୟ ବନ୍ଦ ନକଲେ ୧୦୦% ସେକେଣ୍ଡାରୀ ନିର୍ବନ୍ଧନ (secondary sanctions) ଲାଗୁ କରାଯାଇପାରେ। ଏହି ଚେତାବନୀ ଆମେରିକୀ ସିନେଟରମାନଙ୍କ ସହ ଏକ ବୈଠକ ପରେ ଦିଆଯାଇଛି। ଏହା ପୂର୍ବରୁ ଆମେରିକୀୟ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ୟୁକ୍ରେନ ପାଇଁ ନୂଆ ଅସ୍ତ୍ର ପ୍ୟାକେଜ ଘୋଷଣା କରିବା ସହ ରୁଷ ସହ ବାଣିଜ୍ୟ ଜାରି ରଖୁଥିବା ଦେଶଗୁଡ଼ିକ ଉପରେ ୧୦୦% ପାଲଟା ଶୁଳ୍କ ଲଗାଇବା ନେଇ ଧମକ ଦେଇଥିଲେ। ଯଦି ୫୦ ଦିନ ମଧ୍ୟରେ ୟୁକ୍ରେନ ସହ ଶାନ୍ତି ଚୁକ୍ତି ହୁଏ ନାହିଁ ତେବେ ରୁଷ ଏହାର ପରିଣାମ ଭୋଗିବ ବୋଲି ଟ୍ରମ୍ପ ଚେତାବନୀ ଜାରି କରିଛନ୍ତି। ମାର୍କ ରୁଟେ କହିଛନ୍ତି ଯେ, 'ଯଦି ଆପଣ ଚୀନର



ରାଷ୍ଟ୍ରପତି, ଭାରତର ପ୍ରଧାନମନ୍ତ୍ରୀ କିମ୍ବା ବ୍ରାଜିଲର ରାଷ୍ଟ୍ରପତି ଅଟନ୍ତି ଏବଂ ରୁଷ ସହ ବାଣିଜ୍ୟ ଜାରି ରଖନ୍ତି, ତେବେ ଜାଣି ରଖନ୍ତୁ: ଯଦି ମସ୍କୋର ନେତା (ପୁଟିନ) ଶାନ୍ତି ଆଲୋଚନାକୁ ଗମ୍ଭୀରତାର ସହ ଗ୍ରହଣ ନକରନ୍ତି, ତେବେ ମୁଁ ୧୦୦% ସେକେଣ୍ଡାରୀ ନିର୍ବନ୍ଧନ ଲାଗୁ କରିବି।' ସେ ଦିଲ୍ଲୀ, ବେଜିଂ ଓ ବ୍ରାସିଲିଆର ନେତାମାନଙ୍କୁ ରୁଷ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନଙ୍କୁ ଶାନ୍ତି ଆଲୋଚନା ପାଇଁ ଚାପ ପ୍ରୟୋଗ କରିବାକୁ ଆହ୍ୱାନ ଦେଇଛନ୍ତି। ନଚେତ ଏହି ଦେଶଗୁଡ଼ିକ ରୁଷିଆ ନିକଟତର ହୋଇଥିବାରୁ ଏହି ନିଷ୍ପତ୍ତି ପ୍ରଭାବ ପକାଇବ ବୋଲି ସେ ଅନୁମାନ କରୁଛନ୍ତି। ଏହି ଚେତାବନୀ ଆମେରିକୀ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଘୋଷଣା ପରେ ଆସିଛି। ଯେଉଁଥିରେ ସେ ୟୁକ୍ରେନକୁ ପ୍ୟାଟ୍ରିଅଟ ମିସାଇଲ ସିଷ୍ଟମ ଭଳି ଉନ୍ନତ ଅସ୍ତ୍ରଶସ୍ତ୍ର ଯୋଗାଇବାର ଯୋଜନା ପ୍ରକାଶ କରିଛନ୍ତି। ଏହା ରୁଷର ବାୟୁ ଆକ୍ରମଣକୁ ପ୍ରତିହତ କରିବା ପାଇଁ ୟୁକ୍ରେନ ପାଇଁ ଗୁରୁତ୍ୱପୂର୍ଣ୍ଣ ବୋଲି ବିବେଚନା କରାଯାଉଛି। ଟ୍ରମ୍ପ ମଧ୍ୟ ରୁଷର ରପ୍ତାନୀ ଉପରେ ୧୦୦% ଟାରିଫ ଏବଂ ରୁଷ ସହ ବାଣିଜ୍ୟ ଜାରି ରଖୁଥିବା ଦେଶଗୁଡ଼ିକ ଉପରେ ସେକେଣ୍ଡାରୀ ନିର୍ବନ୍ଧନ ଲାଗୁ କରିବାର ଧମକ ଦେଇଛନ୍ତି। ଯଦି ଆସନ୍ତା ୫୦ ଦିନ ମଧ୍ୟରେ ଶାନ୍ତି ଚୁକ୍ତି ସମ୍ପାଦନ ନ ହୁଏ ତେବେ ଆମେରିକା ଏହି ପାଲଟା ଶୁଳ୍କ ଲାଗୁ କରିବ ବୋଲି ଧମକ ଦେଇଛି। ଆମେରିକାର ସିନେଟରମାନଙ୍କ ମଧ୍ୟରେ ୮୫ ଜଣ 'ସାଙ୍କସନିଂ ରଶିଆ ଆକ୍ଟ ୨୦୨୫' ନାମକ ଏକ ବିଧେୟକକୁ ସମର୍ଥନ କରୁଛନ୍ତି। ଯାହା ରୁଷ ସହ ବାଣିଜ୍ୟ କରୁଥିବା ଦେଶଗୁଡ଼ିକ ଉପରେ ୫୦୦% ପର୍ଯ୍ୟନ୍ତ ଟାରିଫ ଲାଗୁ କରିବା ନେଇ ପ୍ରସ୍ତାବ ଦେଇଛି। ଏହି ବିଧେୟକର ନେତୃତ୍ୱ ସିନେଟର ଲିଣ୍ଡସେ ଗ୍ରାହାମ ଏବଂ ରିଚାର୍ଡ ବ୍ଲୁମେନଥାଲ ନେଇଛନ୍ତି। ଏହା ଭାରତ, ଚୀନ ଓ ବ୍ରାଜିଲ ଭଳି ଦେଶଗୁଡ଼ିକୁ ରୁଷ ସହ ଅର୍ଥନୈତିକ ସମ୍ପର୍କ ଉପରେ ପୁନର୍ବିଚାର କରିବାକୁ ଚାପ ସୃଷ୍ଟି କରିଛି। ଭାରତ, ଚୀନ ଓ ବ୍ରାଜିଲ ରୁଷରୁ ତେଲ ଓ ଗ୍ୟାସ କ୍ରୟ ଜାରି ରଖିଛନ୍ତି, ଯାହା ସେମାନଙ୍କ ଅର୍ଥନୀତି ପାଇଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଏହି ଚେତାବନୀ ଏବଂ ସମ୍ଭାବ୍ୟ ନିର୍ବନ୍ଧନ ଏହି ଦେଶଗୁଡ଼ିକର ଅର୍ଥନୈତିକ ନୀତି ଏବଂ ବୈଦେଶିକ ସମ୍ପର୍କ ଉପରେ ଗଭୀର ପ୍ରଭାବ ପକାଇପାରେ। ରୁଟେଙ୍କ ଏହି ବୟାନ ରୁଷ-ୟୁକ୍ରେନ ଯୁଦ୍ଧର ବିଶ୍ୱବ୍ୟାପୀ ପ୍ରଭାବକୁ ଆହୁରି ଜୋରଦାର କରୁଛି।

## ସ୍କୁଲରେ ପଢ଼ାଯିବ ରାମାୟଣ ଓ ଗୀତା

ଏଣିକି ସ୍କୁଲରେ ପିଲାମାନଙ୍କ ପାଠ୍ୟକ୍ରମରେ ପଢାଯିବ ରାମାୟଣ ଓ ଗୀତା । ଏନେଇ ନିର୍ଦ୍ଦେଶନାମା ଜାରି କରାଯାଇଛି । ଉତ୍ତରଖଣ୍ଡରେ ଥିବା ସ୍କୁଲଗୁଡ଼ିକରେ ପିଲାମାନେ ଏବେ ରାମାୟଣ ଓ ଗୀତା ପଢାଯିବ । ଏନେଇ ଉତ୍ତରାଖଣ୍ଡର ଶିକ୍ଷା ମନ୍ତ୍ରୀ ଧନ ସିଂହ ରାୱତ ସୂଚନା ଦେଇଛନ୍ତି । ସେ କହିଛନ୍ତି ଯେ ପ୍ରାୟ ୧୭,୦୦୦ ସରକାରୀ ସ୍କୁଲ ପାଇଁ ଏହି ନିର୍ଦ୍ଦେଶନାମା ଜାରି କରାଯାଇଛି । ଏହା ବ୍ୟତୀତ ସକାଳ ପ୍ରାର୍ଥନା ସମୟରେ ଛାତ୍ରଛାତ୍ରୀମାନେ ଶ୍ଲୋକ ପାଠ କରିବେ । ସ୍କୁଲ ପାଠ୍ୟକ୍ରମରେ ପରିବର୍ତ୍ତନ କରିବାକୁ ନିର୍ଦ୍ଦେଶ ଦିଆଯାଇଛି । ଏଥିପାଇଁ ଶିକ୍ଷା ବିଭାଗ ମୁଖ୍ୟମନ୍ତ୍ରୀ ପୁଷ୍କର ସିଂହ ଧାମିଙ୍କ ସହ ଏକ ବୈଠକ ମଧ୍ୟ କରିଛନ୍ତି । ଏହି ବୈଠକରେ ହିଁ ଏନସିଇଆରଟିକୁ ପାଠ୍ୟକ୍ରମରେ ପରିବର୍ତ୍ତନ କରିବାକୁ ଦାୟିତ୍ୱ ଦିଆଯାଇଛି । ରାଜ୍ୟରେ ଥିବା ୧୭ହଜାର ସରକାରୀ ସ୍କୁଲରେ ଭଗବତ୍ ଗୀତା ଏବଂ ରାମାୟଣକୁ ପାଠ୍ୟକ୍ରମରେ ସାମିଲ କରାଯିବ ।

## ପ୍ରବଳ ବର୍ଷା ଯୋଗୁଁ ଅମରନାଥ ଯାତ୍ରା ସ୍ଥଗିତ

ଆଜି ପ୍ରବଳ ବର୍ଷା ହେଉଥିବାରୁ ଅମରନାଥ ଯାତ୍ରାକୁ ସ୍ଥଗିତ କରାଯାଇଛି । ପ୍ରବଳ ବର୍ଷା ପାଇଁ ଯାତାୟାତରେ ଅସୁବିଧା ହେବା ସହ ବାଲଥାଲ ଏବଂ ପହଲଗାଓଁରୁ ତୀର୍ଥଯାତ୍ରୀଙ୍କ ଆଗମନକୁ ବର୍ତ୍ତମାନ ପାଇଁ ବନ୍ଦ କରାଯାଇଛି । ସୂଚନା ଅନୁସାରେ ଜମ୍ମୁ ଏବଂ କାଶ୍ମୀରରେ ପାଗ ବହୁତ ଖରାପ ରହିଛି ଏବଂ ଗତକାଲିଠାରୁ ପ୍ରବଳ ବର୍ଷା ଜାରି ରହିଛି । ପ୍ରବଳ ବର୍ଷା ଯୋଗୁଁ ନଦୀ ଏବଂ ନାଳଗୁଡ଼ିକ ଉଛୁଳି ପଡିଛି। ଅନେକ ଜିଲାରେ ଅଣ୍ଡରପାସ୍ ବର୍ଷା ପାଣିରେ ପୂର୍ଣ୍ଣ ହୋଇଛି । ପାହାଡ ଫାଟିବା ଏବଂ ଭୂସ୍ଖଳନର ଆଶଙ୍କା ମଧ୍ୟ ରହିଛି । ଭାରତୀୟ ପାଣିପାଗ ବିଭାଗର ଆଗାମୀ ୫ଦିନ ଅର୍ଥାତ୍ ୨୧ ଜୁଲାଇ ପର୍ଯ୍ୟନ୍ତ ଜମ୍ମୁ ଏବଂ କାଶ୍ମୀରରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବାର ଆକଳନ କରାଯାଇଛି ।ପହଲଗାଓଁ ମାର୍ଗ ଅନନ୍ତନାଗ ଜିଲାରୁ ଆରମ୍ଭ ହୁଏ ଏବଂ ଏହି ମାର୍ଗ ଦେଇ ତୀର୍ଥଯାତ୍ରୀମାନେ ବାବା ଅମରନାଥଙ୍କ ଗୁମ୍ଫାରେ ପହଞ୍ଚିବା ପାଇଁ ୩୬ରୁ ୪୮କିଲୋମିଟର ଦୂରତା ଅତିକ୍ରମ କରିଥାନ୍ତି । ଏହି ରାସ୍ତାରେ ଖାଲଖମା କମ ଥିବାରୁ ବୟସ୍କ ତୀର୍ଥଯାତ୍ରୀଙ୍କ ପାଇଁ ଉପଯୁକ୍ତ ହୋଇଥାଏ। ଅନ୍ୟପକ୍ଷରେ ବାଲଥାଲ ମାର୍ଗ ଗାନ୍ଦେରବଲ ଜିଲାରୁ ଆରମ୍ଭ ହୁଏ । ଏହି ମାର୍ଗ ଦେଇ ବାବା ଅମରନାଥଙ୍କ ଗୁମ୍ଫାରେ ପହଞ୍ଚିବା ପାଇଁ ୧୬ କିଲୋମିଟର ଅତିକ୍ରମ ପଡିବାକୁ ପଡେ । ଏହି ମାର୍ଗରେ ଅଧିକ ଖାଲଖମା ରହିଛି । ଏହି ମାର୍ଗରେ ସୁରକ୍ଷା ପାଇଁ ସେନା କର୍ମଚାରୀ, ଅର୍ଦ୍ଧସାମରିକ ବାହିନୀ, ସିଆରପିଏଫ୍ ଏବଂ ପୁଲିସ ନିୟୋଜିତ ରହିଛନ୍ତି ।

## ସେଲିବ୍ରେସନ କରିଥିଲେ ପହଲଗାମ ଆତଙ୍କୀ

ପହଲଗାମରେ ପର୍ଯ୍ୟଟକଙ୍କ ଉପରେ ହମଲା ପରେ ସେଲିବ୍ରେସନ କରିଥିଲେ ଆତଙ୍କୀ। ତାଙ୍କ ମିଶନରେ ସଫଳ ହେବା ପରେ ଆତଙ୍କୀ ଉତ୍ସବ ପାଳନ କରିଥିଲେ। ଜାମ୍ମୁକଶ୍ମୀରର ପହଲଗାମରେ ୨୨ ଏପ୍ରିଲରେ ହୋଇଥିବା ଆତଙ୍କବାଦୀ ଆକ୍ରମଣରେ ୨୬ ଜଣ ନିରୀହ ଲୋକଙ୍କ ଜୀବନ ଯାଇଥିଲା। ଏହି ଆକ୍ରମଣର ଜଣେ ପ୍ରତ୍ୟକ୍ଷଦର୍ଶୀ ଜାତୀୟ ତଦନ୍ତ ସଂସ୍ଥା (ଏନଆଇଏ)କୁ ଦେଇଥିବା ସୂଚନା ସମସ୍ତଙ୍କୁ ଚକିତ କରିଛି। ପ୍ରତ୍ୟକ୍ଷଦର୍ଶୀ କହିଛନ୍ତି ଯେ ଆକ୍ରମଣ ପରେ ଆତଙ୍କବାଦୀ ଉତ୍ସବ ପାଳନ କରିବା ସହ ୪ ରାଉଣ୍ଡ ଫାଙ୍କା ଗୁଳି ଚାଳନା କରିଥିଲେ।ତଦନ୍ତକାରୀ ସଂସ୍ଥା ଏନଆଇଏ ସ୍ଥାନୀୟ ପ୍ରତ୍ୟକ୍ଷଦର୍ଶୀଙ୍କୁ 'ଫଷ୍ଟାର ପ୍ରୋଟେକ୍ଟେଡ୍ ୱିଟନେସ' ଘୋଷଣା କରିଛି । ଜାମ୍ମୁକଶ୍ମୀର ପୋଲିସ ଓ କେନ୍ଦ୍ରୀୟ ଗୁଇନ୍ଦା ସଂସ୍ଥାଙ୍କ ସହାୟତାରେ ଏନଆଇଏକୁ ଏହି ସାକ୍ଷୀ ମିଳିଥିଲେ । ସେ ଆକ୍ରମଣ ସମୟରେ ଘଟଣାସ୍ଥଳର ଅତି ନିକଟରେ ଥିଲେ। ଜଣେ ତଦନ୍ତକାରୀ ଅଧିକାରୀଙ୍କ କହିବା କଥା, ଆତଙ୍କବାଦୀଙ୍କ ସହ ପ୍ରତ୍ୟକ୍ଷଦର୍ଶୀଙ୍କର ସାମ୍ନାସାମ୍ନି ମଧ୍ୟ ହୋଇଯାଇଥିଲା। ଆତଙ୍କୀ ତାଙ୍କୁ ଅଟକାଇ କଲମା ପଢ଼ିବାକୁ କହିଥିଲେ। ସେ ସ୍ଥାନୀୟ କାଶ୍ମୀରୀ ଉଚ୍ଚାରଣରେ କଲମା ପଢ଼ିଥିଲେ। ଫଳରେ ଆତଙ୍କୀଙ୍କୁ ଆଉ ସନ୍ଦେହ ହୋଇନଥିଲା ଏବଂ ତାଙ୍କୁ ଛାଡ଼ି ଦେଇଥିଲେ। ଏହାପରେ ସେମାନେ ଫାଙ୍କାରେ ଚାରି ରାଉଣ୍ଡ ଗୁଳି ଚଳାଇଥିଲେ। ସାକ୍ଷୀଙ୍କ ବୟାନ ଆଧାରରେ ଏନଆଇଏ ଘଟଣାସ୍ଥଳରୁ ଖାଲି କାର୍ତ୍ତୁସ ଜବତ କରିଛି।ପହଲଗାମ ହମଲାର ଜଣେ ସାକ୍ଷୀ ଚାଞ୍ଚଲ୍ୟକର ଖୁଲାସା କରିଛନ୍ତି। ଏନଆଇଏକୁ କହିଛନ୍ତି ଯେ ପରଭେଜ ଅହମଦ ଜୋଠାର ଓ ବଶୀର ଅହମଦ ନାମକ ଦୁଇ ସ୍ଥାନୀୟ ବ୍ୟକ୍ତି ପାହାଡ଼ିଆ ଅଞ୍ଚଳରେ ଆତଙ୍କୀଙ୍କ ସାମଗ୍ରୀ ଲୁଚାଇ ରଖିଥିଲେ । ପରେ ଆତଙ୍କବାଦୀମାନେ ସେହି ସାମଗ୍ରୀ ନେଇ ଚାଲିଯାଇଥିଲେ। ତଦନ୍ତରୁ ଜଣାପଡ଼ିଛି ଯେ ପରଭେଜ ଓ ବଶୀରଙ୍କୁ ଆତଙ୍କୀଙ୍କୁ ସହାୟତା କରିବା ଅଭିଯୋଗରେ ପୂର୍ବରୁ ଗିରଫ କରାଯାଇଛି।

## ଭାରତକୁ ମିଳିବ ୩ ଲଢୁଆ ଆପାଚି ହେଲିକପ୍ଟର

ନୂଆଦିଲ୍ଲୀ : ବଢ଼ିବ ସେନାର ବଳ। ଆସନ୍ତା ସପ୍ତାହ ସୁଦ୍ଧା ଭାରତକୁ ମିଳିବ ୩ ଲଢୁଆ ଆପାଚି ହେଲିକପ୍ଟର । ଏହି ଲଢୁଆ ହେଲିକପ୍ଟରକୁ ପାକିସ୍ତାନ ସୀମାରେ ମୁତୟନ କରାଯିବ ବୋଲି ସୂଚନା ମିଳିଛି । ଆସନ୍ତା ୨୧ରେ ଏହି ଲଢୁଆ ହେଲିକପ୍ଟର ଭାରତରେ ପହଞ୍ଚିବ ବୋଲି ସୂଚନା ମିଳିଛି । ନୂଆଦିଲ୍ଲୀ ସ୍ଥିତ ହିଣ୍ଡନ ଏୟାରଫୋର୍ସ ଷ୍ଟେସନରେ ପହଞ୍ଚିବା ପରେ ଏହାକୁ ପାକ୍ ସୀମାରେ ମୁତୟନ କରାଯିବ । ଆପାଚି ହେଲିକପ୍ଟରକୁ ଆକାଶ ମାର୍ଗରେ ଟ୍ୟାଙ୍କ ବୋଲି କୁହାଯାଏ। ଏବେ ଭାରତୀୟ ସେନାରେ ଆପାଚି ହେଲିକପ୍ଟରର ୨ଟି ସ୍କ୍ୱାର୍ଡନ ରହିଛି । ୨୦୨୦ରେ ଆମେରିକାଠାରୁ ଭାରତ ୨୨ଟି ଆପାଚି ହେଲିକପ୍ଟର କିଣିଥିଲା । ତେବେ ଆଉ ୬ଟି ଆପାଚି ହେଲିକପ୍ଟର କିଣିବାକୁ ଆମେରିକା ସହ ଡିଲ କରିଥିଲା ଭାରତ । ସେହି ୬ ହେଲିକପ୍ଟର ମଧ୍ୟରୁ ଆସନ୍ତା ୨୧ରେ ୩ଟି ଆପାଚି ଆଟାକ୍ ହେଲିକପ୍ଟର ପହଞ୍ଚିବ ବୋଲି ସୂଚନା ମିଳିଛି । ଯେକୌଣସି ପାଣିପାଗରେ ଆପାଚି ହେଲିକପ୍ଟର ଶତ୍ରୁ ଉପରେ ଆକ୍ରମଣ କରିପାରିବ। ଏଥିରେ ନାଇଟ୍ ଭିଜନ ନାଭିଗେସନ ସିଷ୍ଟମ ରହିଛି । ଏଥିରେ ଅତ୍ୟାଧୁନିକ କମ୍ୟୁନିକେସନ, ନାଭିଗେସନ, ସେନସର ଓ ଅସ୍ତ୍ରଶସ୍ତ୍ର ଲାଗି ପାରିବ।

## ଜମ୍ମୁକାଶ୍ମୀର ପ୍ରସଙ୍ଗରେ ମୋଦୀଙ୍କୁ ଚିଠି ଲେଖିଲେ ରାହୁଲ ଗାନ୍ଧୀ

ନୂଆଦିଲ୍ଲୀ: କଂଗ୍ରେସ ଅଧକ୍ଷ ମଲ୍ଲିକାର୍ଜୁନ ଖଡ଼ଗେ ଏବଂ ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ପତ୍ର ଲେଖି ଜମ୍ମୁ-କାଶ୍ମୀରକୁ ପୂର୍ଣ୍ଣ ରାଜ୍ୟ ମାନ୍ୟତା ଦାବି କରିଛନ୍ତି। ମୁଖ୍ୟମନ୍ତ୍ରୀ ଓମାର ଅବଦୁଲ୍ଲା ଏହି ପଦକ୍ଷେପକୁ ସ୍ୱାଗତ କରିଛନ୍ତି। କଂଗ୍ରେସକୁ ଅବଦୁଲ୍ଲା ସରକାରଙ୍କ ସମର୍ଥନ ମିଳିଛି, ଯଦିଓ ଦଳର କୌଣସି ନେତା ମନ୍ତ୍ରିମଣ୍ଡଳରେ ସାମିଲ ନାହାନ୍ତି। ଓମାର ଅବଦୁଲ୍ଲା କହିଛନ୍ତି ଯେ ଆମେ କେନ୍ଦ୍ରଠାରୁ ଏପରି କିଛି ମାଗୁନାହୁଁ ଯାହା ପ୍ରତିଶ୍ରୁତି ଦିଆଯାଇନଥିଲା । ଜମ୍ମୁର ଏକ ସରକାରୀ ସ୍କୁଲର ଏକ କାର୍ଯ୍ୟକ୍ରମରେ ଭାଷଣ ଦେଇ ଓମାର ଅବଦୁଲ୍ଲା କହିଛନ୍ତି, 'ଏହା ଏକ ଭଲ କଥା। ଆମେ ଏହି ଦିନକୁ ଅପେକ୍ଷା କରିଥିଲୁ ଯେତେବେଳେ ବିରୋଧୀ ଦଳ ପକ୍ଷରୁ ସଂସଦ ଏବଂ ଦିଲ୍ଲୀରେ ଆମର ସ୍ୱର ଉଠିବ। ମୁଁ ମଲ୍ଲିକାର୍ଜୁନ ଖଡ଼ଗେ ଏବଂ ରାହୁଲ ଗାନ୍ଧୀଙ୍କ ପ୍ରତି କୃତଜ୍ଞ ଯେ ସେମାନେ କେନ୍ଦ୍ର ନିକଟରେ ଜମ୍ମୁ-କାଶ୍ମୀରର ରାଜ୍ୟ ମାନ୍ୟତା ପ୍ରସଙ୍ଗ ଉଠାଇଥିଲେ।'

## ଦିଲ୍ଲୀର ୧୦ ସ୍କୁଲ୍‌କୁ ବୋମା ଧମକ

ନୂଆଦିଲ୍ଲୀ: ଦିଲ୍ଲୀର ୫ ସ୍କୁଲକୁ ବୋମା ଧମକ। ବୁଧବାର ଦିଲ୍ଲୀର ୫ଟି ସ୍କୁଲକୁ ବୋମା ମାଡ଼ ନେଇ ଧମକ ମିଳିଛି । ଲଗାତାର ତିନି ଦିନ ଧରି ଜାତୀୟ ରାଜଧାନୀର ଶିକ୍ଷାନୁଷ୍ଠାନ ଗୁଡିକୁ ଧମକ ମିଳିଛି। ଗତ ୩ ଦିନରେ ୧୦ ଟି ସ୍କୁଲକୁ ଏଭଳି ଧମକ ମିଳିବା ପରେ ଉଭୟ ଛାତ୍ରଛାତ୍ରୀ ଓ ଅଭିଭାବକଙ୍କ ମଧ୍ୟରେ ଭୟର ବାତାବରଣ ଖେଳିଯାଇଛି ।୨୪ ଘଣ୍ଟା ମଧ୍ୟରେ ଦିଲ୍ଲୀର ସେଣ୍ଟ ଥୋମାସ, ବସନ୍ତ ଭେଲି, ମଦର ଇଣ୍ଟରନ୍ୟାସନାଲ, ରିଚମୋଣ୍ଡ ଗ୍ଲୋବାଲ ଏବଂ ସର୍ଦ୍ଦାର ପଟେଲ ସ୍କୁଲକୁ ବୋମା ଧମକ ମିଳିଛି । ଧମକ ମିଳିବା ପରେ ଛାତ୍ରଛାତ୍ରୀଙ୍କୁ ସ୍କୁଲରୁ ବାହାର କରିବା ସହ ସାରା ରାତି ସ୍କୁଲ ଷ୍ଟାଫ ବିଦ୍ୟାଳୟ ପରିସର ଭିତରେ ଜଗି ରହିଛନ୍ତି । ବୋମା ଧମକ ମିଳିଥିବା ସ୍କୁଲଗୁଡିକରେ ବୋମା ନିଷ୍କ୍ରିୟକାରୀ ଟିମ୍, ଡଗ ସ୍କ୍ୱାଡ୍, ସାଇବର ଏକ୍ସପର୍ଟ ଟିମ୍ ସହ ଦିଲ୍ଲୀ ପୁଲିସ ସ୍କୁଲଗୁଡିକରେ ଯାଞ୍ଚ କରିଛନ୍ତି। ଘଟଣାର ତଦନ୍ତ ଚାଲିଥିବାରେ ସ୍କୁଲ କର୍ତ୍ତୃପକ୍ଷ ଘଟଣା ଉପରେ ନଜର ରଖିଛନ୍ତି । ପିଲାଙ୍କ ମଧ୍ୟରେ ଭୟ ବଢୁଥିବାରୁ ପାଠପଢାରେ ବାଧା ସୃଷ୍ଟି ହେବାର ଆଶଙ୍କା ସୃଷ୍ଟି ହୋଇଛି।

## ଭାରତକୁ ଧମକ ଦେଲା ଚୀନ୍

ନୂଆଦିଲ୍ଲୀ: ୨୨ ଏପ୍ରିଲରେ ଜମ୍ମୁ-କଶ୍ମୀରର ପହଲଗାମରେ ଆତଙ୍କବାଦୀ ଆକ୍ରମଣରେ ୨୬ ଜଣ ନୀରିହ ନାଗରିକଙ୍କ ମୃତ୍ୟୁପରେ, ଭାରତ ୧୯୬୦ ମସିହାରୁ ବଳବତ୍ତର ଥିବା ସିନ୍ଧୁ ଜଳ ଚୁକ୍ତିନାମାକୁ ସ୍ଥଗିତ ରଖିବାକୁ ନିଷ୍ପତ୍ତି ନେଇଥିଲା। ଭାରତ ଏହି ଆକ୍ରମଣ ପାଇଁ ପାକିସ୍ତାନକୁ ଦାୟୀ କରିଥିଲା ଏବଂ ଏହା ପରେ, ଚାରି ଦିନିଆ ସାମରିକ ଅଭିଯାନ 'ଅପରେଶନ ସିନ୍ଦୂର' ଅଧୀନରେ, ପାକିସ୍ତାନ ଏବଂ ପିଓକେରେ ଥିବା ଆତଙ୍କବାଦୀ ଶିବିରଗୁଡ଼ିକ ଉପରେ ଆକ୍ରମଣ କରିଥିଲା। ପାକିସ୍ତାନର ଭୟର ଏକ କାରଣ ହେଉଛି ଯେ ଏହି ଚୁକ୍ତିନାମା ଅନୁଯାୟୀ, ସେ ଭାରତଠାରୁ ତିନୋଟି ପ୍ରମୁଖ ନଦୀରୁ ପାଣି ପାଏ। ଚୁକ୍ତିନାମା ସ୍ଥଗିତ ହେବା ଦ୍ୱାରା ଏହି ଯୋଗାଣ ଉପରେ ସିଧାସଳଖ ପ୍ରଭାବ ପଡ଼ିପାରେ। ଚାଇନା ମଧ୍ୟ ଏହି ପ୍ରସଙ୍ଗରେ ଆଗ୍ରହ ଦେଖାଇଛି। ଚାଇନା ସିନ୍ଧୁ ଜଳ ଚୁକ୍ତିନାମାରେ ହସ୍ତକ୍ଷେପ କରିପାରେ, ଯାହା ଆଞ୍ଚଳିକ ଉତ୍ତେଜନାକୁ ଆହୁରି ବୃଦ୍ଧି କରିପାରେ। ଭାରତ ଭୟ କରୁଛି ଯେ, ଚାଇନା ତା'ର ସୀମାରୁ ଭାରତକୁ ପ୍ରବାହିତ ନଦୀଗୁଡ଼ିକର ପ୍ରବାହକୁ ବାଧା ଦେଇପାରେ। ଚାଇନା ଗଣମାଧ୍ୟମ ଭାରତକୁ 'ଆକ୍ରମଣାତ୍ମକ' ବୋଲି ବର୍ଣ୍ଣନା କରିଛି ଏବଂ ପାଣିକୁ ଏକ ଅସ୍ତ୍ର ଭାବରେ ବ୍ୟବହାର କରିବାର ଆଶଙ୍କା ପ୍ରକାଶ କରିଛି। ଏହା ସହିତ, ଚାଇନା ମଧ୍ୟ ଘୋଷଣା କରିଛି ଯେ, ସେ ସିନ୍ଧୁ ନଦୀର ଉପନଦୀ ଉପରେ ମୋହମନ୍ଦ ନଦୀବନ୍ଧ ପ୍ରକଳ୍ପକୁ ତ୍ୱରାନ୍ୱିତ କରିବ, ଯାହା ପାକିସ୍ତାନକୁ ଲାଭ ଦେବ ଏବଂ ଭାରତ ଉପରେ ରଣନୈତିକ ଚାପ ବୃଦ୍ଧି କରିପାରେ। ଭାରତର ଅନେକ ବିଶେଷଜ୍ଞ ବିଶ୍ୱାସ କରନ୍ତି ଯେ, ସିନ୍ଧୁ ଜଳ ଚୁକ୍ତିନାମାର ସର୍ତ୍ତାବଳୀ ପାକିସ୍ତାନ ପାଇଁ ଆବଶ୍ୟକତାଠାରୁ ଅଧିକ ଉଦାର ହୋଇଛି। ପାକିସ୍ତାନର ପ୍ରାୟ ୬୫% ଜନସଂଖ୍ୟା ସିନ୍ଧୁ ଅବବାହିକାରେ ବାସ କରନ୍ତି, ଯେତେବେଳେ ଭାରତରେ ଏହି ସଂଖ୍ୟା ମାତ୍ର ୧୪%। ଏପରି ପରିସ୍ଥିତିରେ, ଭାରତର ଏହି କଠୋର ମନୋଭାବ ପାକିସ୍ତାନକୁ ଏକ ରଣନୈତିକ ଭାବରେ ଅସହଜ ସ୍ଥିତିରେ ପକାଇଛି। ଚାଇନା ଏବେ ନିଜକୁ ସିନ୍ଧୁ ଜଳ ଚୁକ୍ତିନାମାର ଏକ ଗୁରୁତ୍ୱପୂର୍ଣ୍ଣ ପକ୍ଷ ବୋଲି ବିଚାର କରିବା ଆରମ୍ଭ କରିଛି। ଚାଇନା ଗଣମାଧ୍ୟମ ଭାରତକୁ ଏହି ପ୍ରସଙ୍ଗରେ ଆକ୍ରମଣାତ୍ମକ ବୋଲି ବର୍ଣ୍ଣନା କରିଛି ଏବଂ ଚେତାବନୀ ଦେଇଛି ଯେ, ଯଦି ଭାରତ 'ଜଳକୁ ଏକ ଅସ୍ତ୍ର ଭାବରେ' ବ୍ୟବହାର କରେ, ତେବେ ଏହାର ଗମ୍ଭୀର ପରିଣାମ ହୋଇପାରେ। ରିପୋର୍ଟରେ ଏହା ମଧ୍ୟ ଉଲ୍ଲେଖ ଅଛି ଯେ, ସିନ୍ଧୁ ନଦୀର ଉତ୍ସ ଚାଇନାର ପଶ୍ଚିମ ତିବ୍ବତ ଅଞ୍ଚଳରେ ଅଛି, ଯାହା ଏହି ବିବାଦକୁ ଅଧିକ ସମ୍ବେଦନଶୀଳ କରିଥାଏ। ଏହା ସହିତ, ଚାଇନା ପାକିସ୍ତାନରେ ସିନ୍ଧୁ ନଦୀର ଉପନଦୀରେ ମୋହନଦ ଜଳ ପ୍ରକଳ୍ପ ନିର୍ମାଣକୁ ତ୍ୱରାନ୍ୱିତ କରିବ ବୋଲି ମଧ୍ୟ ଘୋଷଣା କରିଛି। ଏହି ପଦକ୍ଷେପକୁ ଭାରତ ପାଇଁ ଏକ କୂଟନୈତିକ ବାର୍ତ୍ତା ମଧ୍ୟ ବିବେଚନା କରାଯାଉଛି।

## ଭୋଟର ଲିଷ୍ଟ୍‌ରେ ନାମ ନାହିଁ: ଜେଲ୍ ଯିବ

କୋଲକାତା: ବୁଧବାର ଭାଜପା ଶାସିତ ରାଜ୍ୟଗୁଡ଼ିକରେ ବଙ୍ଗଳା ଭାଷାଭାଷୀ ପ୍ରବାସୀମାନଙ୍କ ଉପରେ ହୋଇଥିବା ଅତ୍ୟାଚାର ବିରୋଧରେ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ପ୍ରତିବାଦ ଶୋଭାଯାତ୍ରାରେ ଯୋଗ ଦେଇଥିଲେ। ମୁଖ୍ୟମନ୍ତ୍ରୀ କୋଲକାତାରେ ତୃଣ-ମୂଳ କଂଗ୍ରେସର ଏକ ବିଶାଳ ପଦଯାତ୍ରାର ନେତୃତ୍ୱ ନେଇଥିଲେ।



ମମତାଙ୍କ ସହ ତାଙ୍କ ଏମପି ଭଣଜା ଏବଂ ତୃଣମୂଳ ଜାତୀୟ ସାଧାରଣ ସମ୍ପାଦକ ଅଭିଷେକ ବାନାର୍ଜୀ ଏବଂ ଅନ୍ୟାନ୍ୟ ବରିଷ୍ଠ ଦଳର ନେତାମାନେ ଥିଲେ। ପଦଯାତ୍ରା ପରେ ମମତା ଏକ ସମାବେଶକୁ ମଧ୍ୟ ସମ୍ବୋଧିତ କରିଥିଲେ। ମୁଖ୍ୟମନ୍ତ୍ରୀ କହିଥିଲେ ଯେ ଭୋଟର ତାଲିକାରେ ଯେଉଁମାନଙ୍କର ନାମ ନାହିଁ ସେମାନଙ୍କୁ ଜେଲ ପଠାଯିବ।

ତୃଣମୂଳ କଂଗ୍ରେସ ଦ୍ୱାରା ଆୟୋଜିତ ବିଶାଳ ପଦଯାତ୍ରାର ନେତୃତ୍ୱ ନେବା ସମୟରେ ମମତା ଭାଜପା ଏବଂ କେନ୍ଦ୍ର ସରକାରଙ୍କ ଉପରେ କଡ଼ା ଆକ୍ରମଣ କରିଥିଲେ ଏବଂ କହିଥିଲେ ଯେ ମୁଁ ବଙ୍ଗାଳୀମାନଙ୍କ ଉପରେ ଅତ୍ୟାଚାର ସହ୍ୟ କରିବି ନାହିଁ। ମୁଖ୍ୟମନ୍ତ୍ରୀ ଅଭିଯୋଗ କରିଥିଲେ ଯେ ଭାଜପା ଶାସିତ ରାଜ୍ୟଗୁଡ଼ିକରେ ବଙ୍ଗଳା ଭାଷାଭାଷୀ ଲୋକମାନଙ୍କୁ ବାଂଲାଦେଶୀ ଏବଂ ବିଦେଶୀ କହି ନିର୍ଯାତନା ଦିଆଯାଉଛି ଏବଂ ଜେଲ ଏବଂ ଡିଟେନସନ କ୍ୟାମ୍ପକୁ ପଠାଯାଉଛି। ସେ ପଚାରିଥିଲେ ଯେ ବଙ୍ଗଳା ଦେଶର ଏକ ଅଂଶ ନୁହେଁ କି? ଏହା ବ୍ୟତୀତ ସେ ଅଭିଯୋଗ କରିଥିଲେ ଯେ ଅନ୍ୟ ରାଜ୍ୟରେ ବସି ବଙ୍ଗଳା ଭୋଟରଙ୍କ ନାମ ବାଦ ଦିଆଯାଉଛି। ସେ ନିର୍ବାଚନ କମିଶନଙ୍କୁ ଭାଜପା ପାଇଁ ଦଲାଲ ଭାବରେ କାର୍ଯ୍ୟ କରୁଥିବା ଅଭିଯୋଗ କରିଥିଲେ। ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ କହିଛନ୍ତି, ପଶ୍ଚିମବଙ୍ଗ କ'ଣ ଭାରତରେ ନାହିଁ? ଏହା କ'ଣ ଦେଶର ଏକ ଅଂଶ ନୁହେଁ? ଏପରି ଅନେକ ରାଜ୍ୟ ଅଛି ଯେଉଁଠାରେ କେବଳ ଗୋଟିଏ ଭାଷା କୁହାଯାଏ। ଏହାର ଅର୍ଥ ନୁହେଁ ଯେ ସେହି ଲୋକମାନଙ୍କୁ ଜେଲରେ ପକାଇବା ଉଚିତ। ଦିଦି କହିଥିଲେ ଯେ ଯେତେବେଳେ ହିନ୍ଦୀ ଭାଷାଭାଷୀମାନଙ୍କୁ ମହାରାଷ୍ଟ୍ରରୁ ବାହାର କରାଯାଇଥିଲା, ଆମେ ପ୍ରଥମେ ଆମର ସ୍ୱର ଉଠାଇଥିଲୁ। ଆମେ ଏଠାରେ ରହୁଥିବା ବିଭିନ୍ନ ରାଜ୍ୟର ସମସ୍ତ ଲୋକଙ୍କୁ ସମ୍ମାନ କରୁ, ସେମାନେ ଶ୍ରମିକ, ବ୍ୟବସାୟୀ, ଦୋକାନୀ, ହକର କିମ୍ବା କର୍ମଚାରୀ ହେଉ। ଆମେ କେବେ ସେମାନଙ୍କ ଉପରେ ଆକ୍ରମଣ କରିବୁ ନାହିଁ କାରଣ ସେମାନେ ଆମର ଏବଂ ଆମ ଦେଶର ଅଂଶ। ଆମେ ସେମାନଙ୍କୁ ଭଲ ପାଉ। ଆମେ ପ୍ରତ୍ୟେକ ଭାଷାକୁ ସମ୍ମାନ କରୁ।

## ସ୍କୁଲରେ ଲାଗିବ 'ଅଏଲ୍ ବୋର୍ଡ': ସିବିଏସ୍‌ଇ

ନୂଆଦିଲ୍ଲୀ: CBSEର ବଡ଼ ପଦକ୍ଷେପ। ଛାତ୍ରଛାତ୍ରୀଙ୍କ ସ୍ୱାସ୍ଥ୍ୟଗତ ସମସ୍ୟାକୁ ନେଇ ଏକ ବଡ଼ ପଦକ୍ଷେପ ଗ୍ରହଣ କରିଛି କେନ୍ଦ୍ରୀୟ ମାଧ୍ୟମିକ ଶିକ୍ଷା ବୋର୍ଡ। ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ବଢୁଥିବା ମୋଟାପଣ ସମସ୍ୟାକୁ ଗମ୍ଭୀରତାର ସହ ନେଇ ସମସ୍ତ ସହବନ୍ଧିତ ବିଦ୍ୟାଳୟଗୁଡ଼ିକୁ ଗୁରୁତ୍ୱପୂର୍ଣ୍ଣ ନିର୍ଦ୍ଦେଶ ଜାରି କରିଛି। ଏହି ପଦକ୍ଷେପର ଲକ୍ଷ୍ୟ ହେଉଛି ଛାତ୍ରଛାତ୍ରୀଙ୍କ ସ୍ୱାସ୍ଥ୍ୟକୁ ଶିକ୍ଷା ପରି ପ୍ରାଥମିକତା ଦେବା, ଯାହା ଦ୍ୱାରା ଏକ ସୁସ୍ଥ ଏବଂ ସକ୍ରିୟ ଜୀବନଶୈଳୀକୁ ପ୍ରୋତ୍ସାହିତ କରାଯାଇପାରିବ।ନୂଆ ନିର୍ଦ୍ଦେଶାବଳୀ ଅନୁଯାୟୀ, ଏବେ ସମସ୍ତ ସ୍କୁଲରେ 'ତେଲ ବୋର୍ଡ' ଲଗାଯିବ। ଏହି ବୋର୍ଡ ଗୁଡ଼ିକର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ଖାଦ୍ୟରେ ତେଲର ପରିମାଣ ବିଷୟରେ ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ସଚେତନତା ବୃଦ୍ଧି କରିବା। ସ୍କୁଲଗୁଡ଼ିକ ସେମାନଙ୍କର ସୁବିଧା ଏବଂ ସୃଜନଶୀଳତା ଅନୁସାରେ ଏହି ବୋର୍ଡଗୁଡିକୁ ଡିଜାଇନ୍ କରିପାରିବେ। ଯାହାଦ୍ୱାରା ପିଲାମାନେ ସହଜରେ ବୁଝିପାରିବେ ଯେ ସୁସ୍ଥ ଖାଦ୍ୟ କାହିଁକି ସ୍ୱାସ୍ଥ୍ୟ ପ୍ରତି ଗୁରୁତ୍ୱପୂର୍ଣ୍ଣ। ଏବେ ସମସ୍ତ ସରକାରୀ ଡକ୍ୟୁମେଣ୍ଟରେ ମୋଟାପଣ ହ୍ରାସ ସମ୍ପର୍କିତ ବାର୍ତ୍ତା ଉଲ୍ଲେଖ ରହିବ। ଜଙ୍କଫୁଡ୍ ଅପେକ୍ଷା ପୁଷ୍ଟିକର ଖାଦ୍ୟକୁ ପ୍ରାଥମିକତା ଦିଆଯିବ ଏବଂ ନିୟମିତ ବ୍ୟାୟାମକୁ ପ୍ରୋତ୍ସାହିତ କରାଯିବ। ଛାତ୍ରମାନଙ୍କୁ ଲିଫ୍ଟ ବଦଳରେ ଚାଲିବା ଏବଂ ସିଡ଼ି ବ୍ୟବହାର କରିବାକୁ ଉତ୍ସାହିତ କରାଯିବ। ସ୍କୁଲଗୁଡ଼ିକ ସେମାନଙ୍କ ସୁବିଧା ଅନୁସାରେ 'ତେଲ ବୋର୍ଡ' ଡିଜାଇନ୍ କରିପାରିବେ।

## ବଦଳିଲା ୮ମ ଶ୍ରେଣୀର ଏନ୍‌ସିଇଆର୍‌ଟି ବହି

ନୂଆଦିଲ୍ଲୀ : ବଦଳିଲା ୮ମ ଶ୍ରେଣୀର ଏନସିଇଆରଟି ବହି । ନୂଆ ସାମାଜିକ ବିଜ୍ଞାନ ପୁସ୍ତକରେ ମୋଗଲ ଶାସକମାନଙ୍କ ବିଷୟରେ କିଛି କଠୋର କଥା ଉଲ୍ଲେଖ । ପୁସ୍ତକରେ ବାବରଙ୍କୁ ଜଣେ 'ଅତ୍ୟନ୍ତ ନିଷ୍ଠୁର ଏବଂ କ୍ରୁର ଶାସକ' ଭାବରେ ବର୍ଣ୍ଣନା କରାଯାଇଛି। ଯିଏ ଅନେକ ସହରର ଲୋକଙ୍କୁ ହତ୍ୟା କରିଥିଲେ। ସେହିପରି, ଆକବରଙ୍କ ଶାସନ ଗୋଟିଏ ପଟେ ସହିଷ୍ଣୁ ଥିଲା କିନ୍ତୁ ଏଥିରେ ନିଷ୍ଠୁର ନିଷ୍ପତ୍ତି ମଧ୍ୟ ଥିଲା। ଏହା ବ୍ୟତୀତ, ଔରଙ୍ଗଜେବଙ୍କ ମଧ୍ୟ କ୍ରୁର ଶାସକର ଆଖ୍ୟା ଦିଆଯାଇଛି। ସେ ଅନେକ ମନ୍ଦିର ଏବଂ ଗୁରୁଦ୍ୱାର ଭାଙ୍ଗି ଦେଇଥିଲେ। ଏହା ସହିତ, ପୁସ୍ତକରେ ଏକ ଗୁରୁତ୍ୱପୂର୍ଣ୍ଣ ଚେତାବନୀ ମଧ୍ୟ ଦିଆଯାଇଛି ଯେ, ଇତିହାସରେ ଘଟିଥିବା ଭୁଲ କିମ୍ବା ଘଟଣା ପାଇଁ କାହାକୁ ଦାୟୀ କରାଯିବା ଉଚିତ୍ ନୁହେଁ, ଅର୍ଥାତ୍ ଆଜିର ପିଢ଼ୀ ଅତୀତର ଲଢ଼େଇକୁ ପୁନରାବୃତ୍ତି କରିବା ଉଚିତ୍ ନୁହେଁ। ମୋଗଲ ଏବଂ ଦିଲ୍ଲୀ ସୁଲତାନ ସମୟକୁ 'ଧାର୍ମିକ ଅସହିଷ୍ଣୁତା' ଏବଂ ହିଂସାର ସମୟ ଭାବରେ ବର୍ଣ୍ଣନା କରାଯାଇଛି । ଯେଉଁଥିରେ ଗ୍ରାମ ଏବଂ ସହରଗୁଡ଼ିକୁ ଅନେକ ଥର ଲୁଟ୍ କରାଯାଇଥିଲା, ମନ୍ଦିର ଏବଂ ଜ୍ଞାନ କେନ୍ଦ୍ରଗୁଡ଼ିକୁ ଧ୍ୱଂସ କରାଯାଇଥିଲା। ପୁସ୍ତକରେ କୁହାଯାଇଛି ଯେ, ଏହି ସମୟ ଇତିହାସର ଏକ 'ଅନ୍ଧକାର ଯୁଗ' ଥିଲା। ଏହା ସହିତ, ଏକ ବିଶେଷ ଟିପ୍ପଣୀରେ କୁହାଯାଇଛି ଯେ,'ଇତିହାସକୁ ବୁଝିବା ଗୁରୁତ୍ୱପୂର୍ଣ୍ଣ, କିନ୍ତୁ ଏଥିପାଇଁ ଆଜିର ଲୋକଙ୍କୁ ଦୋଷ ଦିଆଯିବା ଉଚିତ୍ ନୁହେଁ'। ତେବେ ଏହି ପୁସ୍ତକର ନାମ 'ଏକ୍ସପ୍ଲୋରିଂ ସୋସାଇଟି: ଇଣ୍ଡିଆ ଆଣ୍ଡ୍ ବିୟଣ୍ଡ' ଏବଂ ଏହାକୁ ଏହି ସପ୍ତାହରେ ସ୍କୁଲଗୁଡ଼ିକରେ ପାଠପଢ଼ା ପାଇଁ ଜାରି ହୋଇଛି । ପୂର୍ବରୁ ମୋଗଲ ଏବଂ ଦିଲ୍ଲୀ ସୁଲତାନଙ୍କ ବିଷୟରେ ୭ମ ଶ୍ରେଣୀରେ ସୂଚନା ଦିଆଯାଉଥିଲା, କିନ୍ତୁ ଏବେ ନୂତନ ପାଠ୍ୟକ୍ରମରେ ଏସବୁ ୮ମ ଶ୍ରେଣୀରେ ଅଣାଯାଇଛି।

## ଯୁଦ୍ଧ ଜିତିବା ପାଇଁ ଆଧୁନିକ ଅସ୍ତ୍ରଶସ୍ତ୍ରର ଆବଶ୍ୟକ: ସିଡିଏସ୍



ନୂଆଦିଲ୍ଲୀ: ଜମ୍ମୁ-କଶ୍ମୀରରେ ପହଲଗାମରେ ନିରୀହ ପର୍ଯ୍ୟଟକଙ୍କୁ ଗୁଳି କରି ହତ୍ୟା କରିଥିଲେ ପାକ୍ ଆତଙ୍କବାଦୀ। ଏହାର ଜବାବ ଦେବା ପାଇଁ ପାକିସ୍ତାନ ବିରୋଧରେ ଅପରେସନ ସିନ୍ଦୂର ଆରମ୍ଭ କରିଥିଲେ ଭାରତ ସରକାର। ଏଥିରେ ଅନେକ ଆତଙ୍କବାଦୀ ନିହତ ହେବା ସହ ଧନସମ୍ପତ୍ତି ନଷ୍ଟ ହୋଇଥିଲା। ଏହି ଯୁଦ୍ଧ ଭାରତ ଏକପ୍ରକାର ଜିତିଥିଲେ ବି ଗୋଟାଏ କଥା ହୃଦୟଙ୍ଗମ କରିଥିଲା, ତାହା ଥିଲା ଆଧୁନିକ ଅସ୍ତ୍ରଶସ୍ତ୍ରର ଆବଶ୍ୟକତା।ଏବେ ପ୍ରତିରକ୍ଷା ବିଭାଗର ମୁଖ୍ୟ ଜେନେରାଲ ଅନିଲ ଚୌହାନ ସଶସ୍ତ୍ର ବାହିନୀରେ ଅସ୍ତ୍ରଶସ୍ତ୍ର ପ୍ରଣାଳୀର ଆଧୁନିକୀକରଣର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଛନ୍ତି। ବୁଧବାର ଦିନ ଏକ ସଭାକୁ ସମ୍ବୋଧିତ କରି ସେ କହିଥିଲେ ଯେ, 'ଆଜିର ଯୁଦ୍ଧକୁ ଆସନ୍ତାକାଲିର ପ୍ରଯୁକ୍ତିବିଦ୍ୟା ସହିତ ଲଢ଼ିବାକୁ ପଡିବ। ଗତକାଲିର ଅସ୍ତ୍ରଶସ୍ତ୍ର ପ୍ରଣାଳୀ ସାହାଯ୍ୟରେ ଆଜିର ଯୁଦ୍ଧ ଜିତିବା ଅସମ୍ଭବ। ଅପରେସନ୍ ସିନ୍ଦୁର ଆମକୁ ଶିଖାଇଛି ଯେ, ଆମ ଭୂଖଣ୍ଡ ପାଇଁ ନିର୍ମିତ ସ୍ୱଦେଶୀ କାଉଣ୍ଟର-ୟୁଏଏସ୍ ସିଷ୍ଟମଗୁଡ଼ିକ କାହିଁକି ଗୁରୁତ୍ୱପୂର୍ଣ୍ଣ। ଆମକୁ ନିଜକୁ ସୁରକ୍ଷିତ ରଖିବା ପାଇଁ ନିବେଶ ଏବଂ ନୂତନ ଅସ୍ତ୍ର ନିର୍ମାଣ କରିବାକୁ ପଡିବ' ବୋଲି ଏକ କର୍ମଶାଳାକୁ ସମ୍ବୋଧିତ କରି ସିଡିଏସ୍ ଚୌହାନ କହିଥିଲେ।

## ୨୦୨୪ରେ ୧.୪ କୋଟି ଶିଶୁଙ୍କୁ ଦିଆଯାଇନାହିଁ କୌଣସି ଟୀକା

ଲଣ୍ଡନ: ଜାତିସଂଘର ସ୍ୱାସ୍ଥ୍ୟ ଅଧିକାରୀମାନେ ଏକ ଆଶ୍ଚର୍ଯ୍ୟଜନକ ପ୍ରକାଶ କରିଛନ୍ତି। ଗତ ବର୍ଷ, ବିଶ୍ୱର ୧୪ ନିୟୁତ (୧ କୋଟି ୪୦ଲକ୍ଷ) ରୁ ଅଧିକ ପିଲା ଏହି ଟୀକା ପାଇବାରୁ ବଞ୍ଚିତ ହୋଇଥିଲେ। ଏହି ପିଲାମାନଙ୍କ ମଧ୍ୟରୁ ଅଧିକାଂଶ କେବଳ ୯ ଟି ଦେଶର, ଯେଉଁମାନେ ଗତ ବର୍ଷ ଗୋଟିଏ ବି ଟୀକା ପାଇ ନାହାଁନ୍ତି। ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ (WHO) ଏବଂ ୟୁନିସେଫ ମଙ୍ଗଳବାର ପ୍ରକାଶିତ ଏକ ରିପୋର୍ଟରେ କହିଛନ୍ତି ଯେ ୧ ବର୍ଷରୁ କମ ବୟସର ୮୯ ପ୍ରତିଶତ ପିଲାଙ୍କୁ ଡିପଥେରିଆ, ଟିଟାନସ ଏବଂ ହୁପିଂ କାଶର ପ୍ରଥମ ଡୋଜ ଦିଆଯାଇଛି। ସେହି ସମୟରେ, ୮୫ ପ୍ରତିଶତ ପିଲା ସମସ୍ତ ତିନୋଟି ଡୋଜ ପାଇଛନ୍ତି। ଏହି ସଂଖ୍ୟା ୨୦୨୩



ପାଖାପାଖି। ଟଘର ସ୍ୱାସ୍ଥ୍ୟ ଅଧିକାରୀଙ୍କ ଅନୁଯାୟୀ, ଅନ୍ତର୍ଜାତୀୟ ସହାୟତା ବନ୍ଦ ହେବା ଯୋଗୁ ଏହି ସଂଖ୍ୟା ଚଳିତ ବର୍ଷ ହ୍ରାସ ପାଇପାରେ। ପ୍ରକୃତରେ, ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ କ୍ଷମତାକୁ ଆସିବା ମାତ୍ରେ WHOକୁ ପାଣ୍ଠି ଦେବା ବନ୍ଦ କରିଦେଇଛନ୍ତି, ଯାହା ଯୋଗୁ ବର୍ତ୍ତମାନ ଅନେକ ପିଲା ଟୀକା ପାଇବାରୁ ବଞ୍ଚିତ ହୋଇପାରନ୍ତି। ଜାତିସଂଘ ଅନୁଯାୟୀ, ଡିପଥେରିଆ, ଟିଟାନସ ଏବଂ ହୁପିଂ କାଶ ପାଇଁ ପ୍ରତିବର୍ଷ ୩୫-୫୦ ଲକ୍ଷ ଜୀବନ ରକ୍ଷା କରାଯାଏ। ଡଐଙ୍ଗ ନିର୍ଦ୍ଦେଶକ ଜେନେରାଲ ଟେଡ୍ରୋସ ଆଧାନମଙ୍କ ଅନୁଯାୟୀ, ପାଣ୍ଠି ବନ୍ଦ ହେବା ଏବଂ ଟୀକା ବିଷୟରେ ଦ୍ୱନ୍ଦ୍ୱ ପ୍ରସାରିତ ହେବା ଯୋଗୁ ଦଶନ୍ଧି ଧରି ଚାଲିଥିବା ପ୍ରଗତି ବିପଦରେ ପଡ଼ିଛି। ତଥ୍ୟ ଅନୁଯାୟୀ, ଗତ ବର୍ଷ ୧୪ ନିୟୁତରୁ ଅଧିକ ପିଲା ଗୋଟିଏ ବି ଟୀକା ପାଇ ନଥିଲେ। ୫୨ ପ୍ରତିଶତ ପିଲା କେବଳ ୯ଟି ଦେଶର। ଏହି ତାଲିକାରେ ନାଇଜେରିଆ, ଭାରତ, ସୁଡାନ, କଙ୍ଗୋ, ଇଥିଓପିଆ, ୟେମେନ, ଆଫଗାନିସ୍ତାନ, ଅଙ୍ଗୋଲା ଏବଂ ଇଣ୍ଡୋନେସିଆ ଅନ୍ତର୍ଭୁକ୍ତ। ସ୍ୱାସ୍ଥ୍ୟ ବିଶେଷଜ୍ଞଙ୍କ ଅନୁଯାୟୀ, ଅତି କମରେ ୯୫ ପ୍ରତିଶତ ଲୋକଙ୍କୁ ଟୀକା ମିଳିବା ଦରକାର। ତଥାପି, WHO ଅନୁଯାୟୀ, ଏହାର ହାର ମାତ୍ର ୬୦ ପ୍ରତିଶତ। ଏହି କାରଣରୁ ପ୍ରାୟ ତିନି ଦଶନ୍ଧି ପରେ ଆମେରିକାରେ ପୁଣି ମିଳିମିଳା ଦେଖାଦେଲା। ୨୦୨୪ ରେ, ସାରା ବିଶ୍ୱରୁ ୧୨୫,୦୦୦ ମିଳିମିଳା ସଂକ୍ରମିତ ମିଳିଲା, ଯାହା ୨୦୨୩ ତୁଳନାରେ ଦୁଇଗୁଣ।

# ପଟ୍ଟାମୁଣ୍ଡାଇରେ ବନ୍ୟା ପରିସ୍ଥିତି ଗମ୍ଭୀର, ବ୍ୟାପକ ଅଞ୍ଚଳ ଜଳମଗ୍ନ

## ■ ସିଂହଗାଁ, ଶ୍ରୀରାମପୁର, ଡାମରପୁର ■ ବାଛରା, ତନୁପୁର ବାହ୍ୟଜଗତରୁ ବିଚ୍ଛିନ୍ନ ■ କୁମ୍ଭୀର ଆତଙ୍କରେ ଥରହର ଧୋୟାଞ୍ଚଳ ■ ଡଙ୍ଗା, ଗୋଖାଦ୍ୟ, କିରୋସିନ, ବ୍ଲିଚିଙ୍ଗ ଦାବି



କେନ୍ଦ୍ରାପଡ଼ା,(ପିପିଏସ): ପଟ୍ଟାମୁଣ୍ଡାଇ ଅଞ୍ଚଳରେ ବାରମ୍ବାର ଲଘୁଚାପ ଜନିତ ଲଗାଣବର୍ଷା ଓ ରେଙ୍ଗାଲି ପାଣି ଛାଡିବା ଯୋଗୁଁ ବ୍ରାହ୍ମଣୀ, ବୈତରଣୀ ଓ କାଣୀ ନଦୀରେ ବନ୍ୟା ଆସିବା ଫଳରେ ପଟ୍ଟାମୁଣ୍ଡାଇ ବ୍ଲକର ୧୪ ପଂଚାୟତ ଓ ପୌରାଞ୍ଚଳର ୧୧ଟି ୱାର୍ଡର ପ୍ରାୟ ୫୦ହଜାରରୁ ଉର୍ଦ୍ଧ ଲୋକ। ୧୫ହଜାର ଗୃହ ପାଳିତ ପଶୁ ଜଳବନ୍ଦୀ ହୋଇପଡିଛନ୍ତି ଓ ପଟ୍ଟାମୁଣ୍ଡାଇ ବ୍ଲକର ସବୁଠାରୁ ଦୁର୍ଗମ ଅଂଚଳ ଭାବେ ପରିଚିତ ସିଂହଗାଁ ପଂଚାୟତ ବାହ୍ୟଜଗତରୁ ବିଚ୍ଛିନ୍ନ ହୋଇପଡିଛିଓ ଅଳପୁଆ ପଂଚାୟତ ଗୋଜିଆକଣ, ବିଲମଲିକସାହି, ବେହେରାସାହି, ମିଶ୍ରବାଗ, ସେଠୀସାହି, ଜେନାସାହି, ପାହାନ୍ତାସିଂହ ସାହି, ତରଡ଼ିପାଳ ପଂଚାୟତରପୋଖରୀକୂଳ,ଗୋପାଳପୁର, ଜେନାସାହି, ବିଶ୍ୱାଳ ସାହି, ନାଥସାହି, ମଲିକସାହି,ଘାଗରାଡିଆ ପେଣ୍ଠପାଳ ପଂଚାୟତର କୂଳସାହି, କୋଳଥିଆ, ବାଲିକିରା,ଦାଣ୍ଡିସାହି ଦାଣ୍ଡିସାହି,ଅଣରା ପଂଚାୟତର ବ୍ରହ୍ମପୁର,ବିଷ୍ଣୁପୁର, ବ୍ରାହ୍ମଣସାହି, ଦାଣ୍ଡିଉପର, ଅମୃତମଣୋହି ପଂଚାୟତର ନୂଆଡିଆ,ଜଗନ୍ନାଥ ପୁର, ଶାନ୍ତିପଡା, ସିଦ୍ଧବାଲି, ବଲୁରିଆ ପଂଚାୟତର ଫୁଲପାଟଣା ଆଦି ବହୁ ଗ୍ରାମ ଓ ହଜାର ହଜାର ଏକର ଚାଷଜମି ଜଳମଗ୍ନ ହୋଇ ପଡିଛିଓ ଦାଣ୍ଡିସାହି ହାଇସ୍କୁଲ ଓ କଲେଜ ସମ୍ମୁଖ ରାସ୍ତାରେ ବନ୍ୟା ସୁଅ ଛୁଟିଛି ଓନିକଟ ଅତୀତରେ ପଟ୍ଟାମୁଣ୍ଡାଇ ଧୋୟାଞ୍ଚଳରେ କୁମ୍ଭୀର ଆକ୍ରମଣ ଘଟଣାରେ ଦୁଇ ଜଣଙ୍କ ମୃତ୍ୟୁ ଘଟିଥିବା। ସମ୍ପ୍ରତି ବନ୍ୟା ବିପନ୍ନ ବିଭିନ୍ନ ଅଂଚଳରେ କୁମ୍ଭୀର ଦେଖାଯାଉଥିବା ଖବର ଜଣାପଡିବା ପରେ ଲୋକମାନଙ୍କ ମଧ୍ୟରେ ଘୋର ଆତଙ୍କ ସୃଷ୍ଟି ହୋଇଛି ଓ ଫଳରେ ଲୋକମାନେ ଘରୁ ବାହାରିବା ପାଇଁ ଭୟ କରୁଛନ୍ତି ଓ ଅଳପୁଆ ପଂଚାୟତର ସୁବଳପୁର ସମେତ ବିଭିନ୍ନ ଅଂଚଳରେ ବନ୍ୟା ଜଳରେ କୁମ୍ଭୀର ଭାସୁଥିବା ଖବର ସାଧାରଣରେ ଆତଙ୍କ ସୃଷ୍ଟି କରିଛି। କୋଳଥିଆ ଓ ଶାସନ ସ୍କୁଲ ବନ୍ୟାଜଳରେ ବୁଡି ରହିଛି। ସୁବଳପୁର -ଗୋଜିଆକଣ ରାସ୍ତାରେ ବନ୍ୟାଜଳ ସୁଅ ଛୁଟୁଛି ଓ ସେହିପରି ପଟ୍ଟାମୁଣ୍ଡାଇ ବ୍ଲକର ଶ୍ରୀରାମପୁର, ଡାମରପୁର, ନୀଳକଣ୍ଠପୁର, ବାଲିପାଟଣା, ବାଛରା, ବଳଭଦ୍ରପୁର ଶାସନ ଆଦି ପଂଚାୟତର ବିଭିନ୍ନ ଅଂଚଳ ଓ ଚାଷଜମି ଜଳମଗ୍ନ ହୋଇପଡିଛି। ବନ୍ୟା ବିପନ୍ନ ବିଭିନ୍ନ ପଂଚାୟତର ରାସ୍ତା ଗୁଡିକ ବୁଡି ଯାଇଥିବାରୁ ଯାତାୟାତ କ୍ଷେତ୍ରରେ ଅସୁବିଧା ସୃଷ୍ଟି ହୋଇଛି ଓ ରାଜନଗର ବିଧାୟକ ଧ୍ରୁବ ସାହୁ ଓ କେନ୍ଦ୍ରାପଡ଼ା ବିଧାୟକ ଗଣେଶ୍ୱର ବେହେରା ବନ୍ୟାବିପନ୍ନ ଲୋକମାନଙ୍କୁ ସମସ୍ତ ସରକାରୀ ସହାୟତା ଯୋଗାଇ ଦେବା ପାଇଁ ରାଜ୍ୟ ସରକାରଙ୍କ ନିକଟରେ ଦାବୀ କରିବା ସହିତ ବନ୍ୟା ମୁକାବିଲା ରେ ଜିଲ୍ଲା ପ୍ରଶାସନ ନିଷ୍ଠାର ସହ କାର୍ଯ୍ୟ କରିବାକୁ ପରାମର୍ଶ ଦେଇଛନ୍ତି ଓ ବିପନ୍ନଲୋକମାନେ ଜଳବନ୍ଦୀ ହୋଇ ଅତ୍ୟାବଶ୍ୟକ ସାମଗ୍ରୀ ପାଇବାରୁ ବଂଚିତ ହୋଇଥିବା ବେଳେ ଗୃହପାଳିତ ପଶୁମାନେ ଗୋ-ଖାଦ୍ୟ ପାଇଁ ଡହଳବିକଳ ହେଉଛନ୍ତି। କେନ୍ଦ୍ରାପଡ଼ା ପୂର୍ବତନ ବିଧାୟକ କିଶୋର ତରାଇ ବନ୍ୟା ବିପନ୍ନ ଧୋୟାଞ୍ଚଳର ଅଳପୁଆ, ତରଡ଼ି ପାଳ, ପେଣ୍ଠପାଳ, ସିଂହଗାଁ ଆଦି ବିଭିନ୍ନ ପଂଚାୟତ ବୁଲି ବନ୍ୟା ସ୍ଥିତି ଅନୁଧ୍ୟାନ କରିବା ସହିତ ଗୋ ଖାଦ୍ୟ କିରୋସିନ ଯୋଗାଇ ଦେବା ପାଇଁ ଜିଲ୍ଲା ପ୍ରଶାସନ ନିକଟରେ ଦାବୀ କରିଛନ୍ତି। ପଟ୍ଟାମୁଣ୍ଡାଇ ବ୍ଲକରେ ଦେଖା ଦେଇଥିବା ବନ୍ୟା ପରିସ୍ଥିତିର ସଫଳ ମୁକାବିଲା ପାଇଁ ବ୍ଲକ ସମ୍ମିଳନୀ କକ୍ଷରେ ଏକ ପ୍ରସ୍ତୁତି ବୈଠକ କରାଯାଇ ୨୪ ଘଣ୍ଟିଆ କଣ୍ଟ୍ରୋଲ ରୁମ ଖୋଲାଯିବା ସହିତ ଆବଶ୍ୟକ ଡ଼ଙ୍ଗା, ଗୋଖାଦ୍ୟ, କିରୋସିନ, ବ୍ଲିଚିଙ୍ଗ ଆଦି ସମ୍ପର୍କ ରେ ପଂଚାୟତ ୱାରୀ ତଥ୍ୟ ସଂଗ୍ରହ କରି ରିପୋର୍ଟ ଦେବା ସହିତ ସଦର ମହକୁମା ନଛାଡିବା ପାଇଁ ବିଡ଼ିଓ ସମସ୍ତ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ପଟ୍ଟାମୁଣ୍ଡାଇ ପୌରାଞ୍ଚଳର ବାଲିପଡ଼ା, ତଳବାଲିପଡ଼ା, ବଳଦେବନଗର, ସିଦ୍ଧପାଟଣା, କଷଣଅଣ୍ଡା, ନୂଆଗାଁ, କାକୁଡିପଲ୍ଲୀ, ତନୁପୁର, ନନ୍ଦିନୀନଗର, କ୍ଷଣପଲ୍ଲୀ, ଅଳଭା ଆଦି ବିଭିନ୍ନ ଗ୍ରାମ ଓ ୧୧ଟି ୱାର୍ଡ ଜଳମଗ୍ନ ହୋଇପଡିବା ସହିତ ଶହ ଶହ ଏକର ଚାଷଜମି ମଧ୍ୟ ବୁଡି ରହିଛି ଓ କଷଣ ଅଣ୍ଡା, ତଳବାଲିପଡ଼ା ଓ ବଳଦେବନଗର ସମେତ ପୌରାଞ୍ଚଳର ବିଭିନ୍ନ ଅଂଚଳରେ ବନ୍ୟା ପାଣିରେ କୁମ୍ଭୀର ଭାସୁଥିବାରୁ ଲୋକମାନେ ଭୟଭୀତ ହୋଇ ପଡିବା ସହିତ ବନ୍ୟା ଜଳରେ ପଶି ଯାତାୟାତ ପାଇଁ ଭୟ କରୁଛନ୍ତି ଓ ବନ୍ୟା ସ୍ଥିତି ଗମ୍ଭୀର ହୋଇ ଥିବାରୁ ଦୁର୍ବଳ ନଦୀବନ୍ଧ କ୍ଷତିଗ୍ରସ୍ତ ହୋଇ ଘାଇ ସୃଷ୍ଟି ହେବା ଆଶଙ୍କା ଥିବାରୁ ଲୋକମାନେ ଦିବାରାତ୍ର ସଜାଗ ହୋଇ ରହିଛନ୍ତି ଓ ଜଳସମ୍ପଦ ବିଭାଗ ସହକାରୀ ଯନ୍ତ୍ରୀ ଇଂ ମନୋରଞ୍ଜନ ସାହୁ ପ୍ରମୁଖ ଦୁର୍ବଳ ନଦୀବନ୍ଧ ଗୁଡିକ ପରିଦର୍ଶନ କରି ବିଭାଗୀୟ କର୍ମଚାରୀ ସହାୟତାରେ ବାଲିବସ୍ତା ପକାଇ ପରିସ୍ଥିତି ପ୍ରତି ସତର୍କ ଦୃଷ୍ଟି ରଖିଛନ୍ତି ଓବନ୍ୟାବିପନ୍ନ ଅଂଚଳରେ ବ୍ଲକ ଓ ପୌର ଅଧକ୍ଷ ଓ ପ୍ରଶାସନିକ ଟିମ, ପଟ୍ଟାମୁଣ୍ଡାଇ ବ୍ଲକ ଓ ପୌରାଞ୍ଚଳର ବନ୍ୟାବିପନ୍ନ ଅଂଚଳରେ ବ୍ଲକ ଅଧକ୍ଷ ପ୍ରଦ୍ୟୁମ୍ନ ସାମନ୍ତରାୟ ଓ ପୌରାଧକ୍ଷ ହେମନ୍ତ ସାହୁ ପହଂଚି ସ୍ଥିତି ଅନୁଧ୍ୟାନ କରିଛନ୍ତି ଓ ଜିଲ୍ଲାପାଳଙ୍କ ନିର୍ଦ୍ଦେଶରେ ବ୍ଲକ। ପୌର ପ୍ରଶାସନ ବନ୍ୟା ମୁକାବିଲା ପାଇଁ ସଜାଗହୋଇ ପଡିଛନ୍ତି ଓ ବନ୍ୟାବିପନ୍ନ ଲୋକଙ୍କ ସ୍ୱାସ୍ଥ୍ୟ ସମସ୍ୟା ଦୂର ପାଇଁ ନିୟମିତ ଡାକ୍ତରୀ ଟିମ ବନ୍ୟାଞ୍ଚଳ ପରିଦର୍ଶନ ସହ ପର୍ଯ୍ୟାପ୍ତ ଔଷଧ, ସାଲାଇନ, ସାପ କାମୁଡା ଇଞ୍ଜେକ୍ସନ ମହଜୁଦ ରଖିବାକୁ ସ୍ୱାସ୍ଥ୍ୟ ବିଭାଗକୁ ବ୍ଲକ ଅଧକ୍ଷ ପରାମର୍ଶ ଦେଇଥିଲେ। ପୌର ଅଧକ୍ଷ ହେମନ୍ତ ସାହୁ ଓ ନିର୍ବାହୀ ଅଧିକାରୀ ରଞ୍ଜନ ଦାଶ ବନ୍ୟାବିପନ୍ନ ପୌରାଞ୍ଚଳର ବିଭିନ୍ନ ୱାର୍ଡ ବୁଲି ବନ୍ୟା ସ୍ଥିତି ଅନୁଧ୍ୟାନ କରିବା ସହିତ ଆବଶ୍ୟକ ପଦକ୍ଷେପ ନେବାକୁ ପୌର କର୍ମଚାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ ଓ ପଟ୍ଟାମୁଣ୍ଡାଇ ବ୍ଲକର ୧୪ ପଂଚାୟତର ୫୦ ହଜାରରୁ ଉର୍ଦ୍ଧ ଲୋକ ଓ ପୌରାଞ୍ଚଳର ୧୧ଟି ୱାର୍ଡର ୧୧ହଜାର ଲୋକ ବନ୍ୟା ଜଳ ଘେରରେ ରହିଛନ୍ତି ଓ ପ୍ରାୟ ୧୫ ହଜାରରୁ ଉର୍ଦ୍ଧ ଗୃହପାଳିତ ପଶୁ ଗୋ ଖାଦ୍ୟ ପାଇଁ ଡହଳ ବିକଳ ହେଉଛନ୍ତି। ରାସ୍ତାଘାଟ ବୁଡି ଯାଇଥିବାରୁ ଅତ୍ୟାବଶ୍ୟକ ସାମଗ୍ରୀର ଅଭାବ ପରିଲକ୍ଷିତ ହେଉଛି ଓ ସମ୍ପ୍ରତି ବନ୍ୟା ସ୍ଥିତି ଗମ୍ଭୀର ହୋଇଥିଲେ ମଧ୍ୟ ବନ୍ୟା ପ୍ରାୟ ୧ସପ୍ତାହ ହେବ ଲାଗି ରହିଥିବାରୁ ପରିବେଶ ଦୂଷିତ ହୋଇ ଚାରିଆଡେ ଝାଡା ବାନ୍ତି, ଅଣ୍ଡା, ଜ୍ୱର ବ୍ୟାପିବାରେ ଲାଗିଛି ଓ ରିପୋର୍ଟ ଲେଖା ହେବା ପର୍ଯ୍ୟନ୍ତ ଅଳଭା ଠାରେ ବନ୍ୟା ଜଳ ୧୭. ୫ ଫୁଟ ରହିଛି ଓ ସରକାରୀ ଭାବେ ବିପଦ ସଂକେତ ୧୬ ଫୁଟ ରହିଛି ଓସରକାର ତଥା ଜିଲ୍ଲା ପ୍ରଶାସନ ପର୍ଯ୍ୟାପ୍ତ ଔଷଧ ସାଲାଇନ, ବ୍ଲିଚିଙ୍ଗ, ଗୋ ଖାଦ୍ୟ କିରୋସିନ ଓ ଅତ୍ୟାବଶ୍ୟକ ସାମଗ୍ରୀ ଯୋଗାଇ ଦେବାକୁ ସାଧାରଣରେ ଦାବି ହେଉଛି।

### ଏଫ୍‌ଏମ୍ ଛାତ୍ରୀ ମୃତ୍ୟୁ ଘଟଣା

## ତଦନ୍ତ କରିବ କ୍ରାଇମ୍‌ବ୍ରାଞ୍ଚ

ଭୁବନେଶ୍ୱର,(ପିପିଏସ୍): ବାଲେଶ୍ୱର ଏଫ୍‌ଏମ୍ ଛାତ୍ରୀ ସୌମ୍ୟାଶ୍ରୀ ବିଶିଙ୍କ ମୃତ୍ୟୁ ଘଟଣାରେ ରାଜ୍ୟ ସରକାର ନେଇଛନ୍ତି ବଡ଼ ନିଷ୍ପତ୍ତି। ଏନେଇ କ୍ରାଇମ୍‌ବ୍ରାଞ୍ଚକୁ ତଦନ୍ତ ନିର୍ଦ୍ଦେଶ ଦିଆଯାଇଛି। କ୍ରାଇମ୍‌ବ୍ରାଞ୍ଚ ଡିଜି ବିନୟତୋଷ ମିଶ୍ର ଡିଏସ୍‌ପି ଇମନ କଲ୍ୟାଣ ନାୟକଙ୍କୁ ତଦନ୍ତ ଦାୟିତ୍ୱ ଦେଇଥିବା ବେଳେ ତାଙ୍କୁ ଇନ୍‌ସପେକ୍ଟର ପାଞ୍ଚାଳି ରାଉତ ସହଯୋଗ କରିବେ ବୋଲି ଜଣାପଡ଼ିଛି।

## କଖଡ଼ି ମହାବିଦ୍ୟାଳୟରେ ବିକ୍ଷୋଭ



ଚୌଦ୍ୱାର,(ପିପିଏସ୍): କଖଡ଼ି ଡିଗ୍ରୀ ମହାବିଦ୍ୟାଳୟର ବିଜୁ ଛାତ୍ର ଜନତା ତରଫରୁ ସୌମ୍ୟାଶ୍ରୀଙ୍କ ମୃତ୍ୟୁର ଉଚିତ୍ ତଦନ୍ତ ଓ ନ୍ୟାୟ ପ୍ରଦାନ ଦାବିରେ ଏକ ପ୍ରତିବାଦ ସଭା ଅନୁଷ୍ଠିତ ହୋଇ ଯାଇଛି। କଲେଜର ଶତାଧିକ ଛାତ୍ରଛାତ୍ରୀ କଲେଜ ମୁଖ୍ୟ ଫାଟକ ସମ୍ମୁଖରେ ଏକତ୍ରିତ ହୋଇ ସରକାରଙ୍କ ବିରୋଧରେ ଧ୍ୱନୀ ମାନ ଦେଇଥିଲେ। ସୌମ୍ୟାଶ୍ରୀଙ୍କ ମୃତ୍ୟୁର ସଠିକ୍ କାରଣ ସମ୍ପର୍କରେ ନିରପେକ୍ଷ ତଦନ୍ତ କରିବା ଓ ତାଙ୍କ ପରିବାରକୁ ଉଚିତ୍ କ୍ଷତିପୂରଣ ପ୍ରଦାନ ପାଇଁ ଛାତ୍ରଛାତ୍ରୀମାନେ ଦାବି କରିଥିଲେ। ଛାତ୍ର ସମ୍ପାଦକ ଦିନେଶ କୁମାର ପ୍ରଧାନଙ୍କ ନେତୃତ୍ୱରେ ନରେନ୍ଦ୍ର କୁମାର ସାହୁ, ନାରାୟଣ ସାହୁ,ରଞ୍ଜନ କୁମାର ମୁଦୁଲି, ରବୀନ୍ଦ୍ର ଦଳାଇ, ସତ୍ୟପ୍ରିୟ ମହାନ୍ତି,ଶକ୍ତିକାନ୍ତ ସାହୁ, ଅଭିଜିତ୍ ସାହୁଙ୍କ ସମେତ ବହୁ ଛାତ୍ରଛାତ୍ରୀ ଏଥିରେ ସାମିଲ ହୋଇଥିଲେ।

## ଭାପୁର ବ୍ଲକରେ ଅନାଥ ଶିଶୁମାନଙ୍କ ସର୍ଭେ ଆରମ୍ଭ



ଭାପୁର, (ପିପିଏସ): ମହିଳା ଓ ଶିଶୁ ବିକାଶ ବିଭାଗ ନିର୍ଦ୍ଦେଶ କ୍ରମେ ଜୁଲାଇ ୧୧ ରୁ ୨୧ ତାରିଖ ମଧ୍ୟରେ ସମସ୍ତ ଅଙ୍ଗନୱାଡ଼ି କର୍ମୀ ମାନେ ଘର କୁ ଘର ଯାଇ ଅନାଥ ଶିଶୁ ମାନଙ୍କ ସର୍ଭେ କରିବା ପାଇଁ ସ୍ୱତନ୍ତ୍ର ମାର୍ଗଦର୍ଶିକା ଜାରି ହୋଇଛି। ସର୍ଭେ ମାଧ୍ୟମରେ ପ୍ରତ୍ୟେକ ପିତୃମାତୃ ହୀନ ଓ ଏକକ ଅଭିଭାବକ ଥିବା ଶିଶୁମାନଙ୍କୁ ଚିହ୍ନଟ ସହ ସେମାନଙ୍କ ଅବସ୍ଥାକୁ ତର୍ଜମା କରି ସରକାରଙ୍କ ବିଭିନ୍ନ ଯୋଜନାରେ ସାମିଲ କରାଯିବା ସହିତ ସେମାନଙ୍କୁ ଆର୍ଥିକ ଅନୁଦାନ ଦେଇ ଥଇଥାନ କରାଯିବ। ଏକକ ଅଭିଭାବକ ଶିଶୁଙ୍କ ପିତା କିମ୍ବା ମାଙ୍କ ମୃତ୍ୟୁ ଅଥବା ଜୀବିତ ଥିବା ପିତା ୪୦% ଅଧିକ ଭିନ୍ନକ୍ଷମ ହୋଇଥିବେ କିମ୍ବା କିଛି ଅସାଧ ରୋଗରେ ଶିକାର ହୋଇଥିବେ ସେହି ଶିଶୁ ମାନଙ୍କୁ ଚିହ୍ନଟିକରଣ କରି ଏହି ଯୋଜନା ପରିସରଭୁକ୍ତ କରାଯିବା ପାଇଁ ସର୍ବେକ୍ଷଣର ମୂଳ ଲକ୍ଷ୍ୟ। ଭାପୁର ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପ ଅଧିକାରିଣୀଙ୍କ ନିର୍ଦ୍ଦେଶ କ୍ରମେ ବ୍ଲକରେ ଥିବା ୧୫୫ଟି ଅଙ୍ଗନୱାଡ଼ି କେନ୍ଦ୍ରରେ ସର୍ଭେ ଚାଲୁ ରହିଛି। ଏହି ପରିପ୍ରେକ୍ଷୀରେ ରାକମା -୧ ର ଅଙ୍ଗନୱାଡ଼ି କର୍ମୀ ନମିତା ପଟ୍ଟଜୋଷି ତାଙ୍କ ପରିଧି ଭିତରେ ଥିବା ସମସ୍ତ ଘରକୁ ଘର ବୁଲି ଆବଶ୍ୟକୀୟ ତଥ୍ୟ ସଂଗ୍ରହ କରୁଥିବା ଜଣା ପଡିଛି।

## ବରିଷ୍ଠ ନାଗରିକ ମଞ୍ଚ ତରଫରୁ ଶ୍ରଦ୍ଧାଞ୍ଜଳି



କେନ୍ଦ୍ରାପଡା, (ପିପିଏସ୍): ଫକିର ମୋହନ କଲେଜର ଛାତ୍ରୀ ସୌମ୍ୟାଶ୍ରୀ ବିଶିଙ୍କ ଆତ୍ମହତ୍ୟା ଜନିତ ମୃତ୍ୟୁରେ ଜିଲ୍ଲା ବରିଷ୍ଠ ନାଗରୀକ ମଞ୍ଚ ତରଫରୁ ଏକ ଶ୍ରଦ୍ଧାଞ୍ଜଳୀ ସଭା ଖଡିଅଙ୍ଗସ୍ଥିତ କାର୍ଯ୍ୟାଳୟଠାରେ ଅନୁଷ୍ଠିତ ହୋଇଯାଇଛି। ଉପସ୍ଥିତ ସଦସ୍ୟମାନେ ଗୋଟିଏ ଗୋଟିଏ ଦୀପଦାନ ସହ ନୀରବ ପ୍ରାର୍ଥନା କରି ଅମର ଆତ୍ମାର ସଦଗତି କାମନା କରିଥିଲେ। ସୌମ୍ୟାଶ୍ରୀଙ୍କ ଭଳି ଜଣେ ମେଧାବୀ ସମ୍ପନ୍ନା ଏବଂ ଉଚ୍ଚମନା ବିଦ୍ୟାର୍ଥୀ କଲେଜ କର୍ତ୍ତୃପକ୍ଷଙ୍କ ଆକ୍ରୋଶର ଶିକାର ହୋଇ ଅକାଳରେ ପ୍ରାଣ ହରାଇଲେ। ସେଥିପାଇଁ ଜିଲ୍ଲା ବରିଷ୍ଠନାଗରୀକ ମଞ୍ଚ ନିନ୍ଦା ପ୍ରସ୍ତାବ ଗ୍ରହଣ କରି ଦୋଷୀଙ୍କ ବିରୋଧରେ ଦୃଷ୍ଟାନ୍ତମୁଳକ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଂ ଦାବି କରାଯାଇଥିଲା। ମଞ୍ଚର ସଭାପତି ବରିଷ୍ଠ ଆଇନଜୀବୀ ଅକ୍ଷୟ କୁମାର ମହାନ୍ତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଶ୍ରଦ୍ଧାଞ୍ଜଳି ସଭାରେ କାର୍ଯ୍ୟକାରୀ ସଭାପତି ସମାଜସେବୀ ଫକିର ଚରଣ ଖଟୁଆ, ଉପସଭାପତି ପ୍ରହଲ୍ଲାଦ ମଲ, ସାଧାରଣ ସମ୍ପାଦକ ନରୋତ୍ତମ ଜେନା, ଯୁଗ୍ମ ସମ୍ପାଦକ ଅକ୍ଷୟ କୁମାର ନାୟକ, ଅର୍ଥ ସମ୍ପାଦକ ରବିନ୍ଦ୍ର ନାଥ ବାରିକ, ଉପ ସଭାପତି ଅକମଲ ଅଲ୍ଲୀ, ସଂଗଠନର ବରିଷ୍ଠ ସଭ୍ୟ ପରମା ନନ୍ଦ ସେଠୀ, ଅଦ୍ୱୈତ କୁମାର ଦାସ, ବୈଷ୍ଣବ ଚରଣ ପ୍ରଧାନ, ନିତ୍ୟାନନ୍ଦ ସୁଆର, ନୁରୁଲ ଅମିନ, କିଶୋର ଚନ୍ଦ୍ର ପରିଡା ପ୍ରମୁଖ ସ୍ୱର୍ଗତା ଛାତ୍ରୀ ବିଶିଙ୍କ ଗୁଣଗାନ କରି ସ୍ମୃତି ଚାରଣ କରିବା ସହ ଶ୍ରଦ୍ଧାଞ୍ଜଳୀ ଅର୍ପଣ କରିଥିଲେ। ମୁଖ୍ୟ ସଂଗଠକ ଶୈଳେନ୍ଦ୍ର କୁମାର ମହାନ୍ତି ସଂଯୋଜନା କରିବା ବେଳେ ସଭ୍ୟ ବସନ୍ତ କୁମାର ଓଝା ଧନ୍ୟବାଦ ଅର୍ପଣ କରିଥିଲେ।

## ଫୁଲୁଛି ବୈତରଣୀ ଓ କୋଚିଲା: ଆତଙ୍କିତ ତଳିଆ ଅଞ୍ଚଳର ଲୋକେ




ଧୂଷୁରୀ (ପିପିଏସ): ବୈତରଣୀ ନଦୀ ଓଡ଼ିଶାର ଏକ ଗୁରୁତ୍ୱପୂର୍ଣ୍ଣ ନଦୀ ଯାହା କେନ୍ଦୁଝର, ଭଦ୍ରକ ଓ ଜାଜପୁର ଜିଲ୍ଲା ମାଧ୍ୟମରେ ପ୍ରବାହିତ ହୁଏ। ବର୍ଷା ଋତୁରେ ଉପରମୁଣ୍ଡ ଅଞ୍ଚଳରେ ଅତିରିକ୍ତ ବର୍ଷା ହେବା ଫଳରେ ଏହି ନଦୀର ଜଳସ୍ତର ବୃଦ୍ଧି ହୁଏ ଓ ବନ୍ୟା ପରିସ୍ଥିତି ସୃଷ୍ଟି କରେ।୨୦୨୫ ଜୁଲାଇ ମାସରେ ଉପର ମୁଣ୍ଡରେ ହେଉଥିବା ଅତିବୃଷ୍ଟି ଓ ଲଘୁଚାପ ବର୍ଷା ପ୍ରଭାବରେ ବୈତରଣୀ ନଦୀର ଜଳସ୍ତର ଅସାଧାରଣ ଭାବରେ ବୃଦ୍ଧି ପାଇଛି। ଭଦ୍ରକ ଜିଲ୍ଲାର ଆଖୁଆପଦା ଆନିକଟ ନିକଟରେ ବିପଦ ସଙ୍କେତ ୧୮.୩୩ ମିଟର ଥିବା ବେଳେ ଏବେ ଏହି ଜଳସ୍ତର ୧୮.୬ମିଟରକୁ ଉଠିଛି। ଏହି ବୃଦ୍ଧି ତଳିଆ ଅଞ୍ଚଳରେ ବନ୍ୟା ଆଶଙ୍କାକୁ ଜନ୍ମ ଦେଇଛି।ତଳ ନଈ କୁଳିଆ ଗାଁ ଯଥା ହସନାବାଦ, ଅର୍ଜୁନ ପୁର, ନଦିଗାଁ, ଧୁଷୁରି,ସାହସ ପୁର, ବମ କୁରା, ପାଳସାହି, ରହିପୁ୍ର, ଭଟ୍ଟସାହି ପ୍ରମୁଖ ପଞ୍ଚାୟତ ବାସୀ ଆତଙ୍କିତ ଅବସ୍ଥାରେ ଅଛନ୍ତି।ଜିଲ୍ଲା ପ୍ରଶାସନ ପକ୍ଷରୁ ବିଡିଓ ଓ ତହସିଲଦାରମାନଙ୍କୁ ତୀବ୍ର ଦୃଷ୍ଟି ରଖିବାକୁ ନିର୍ଦ୍ଦେଶ ଦିଆଯାଇଛି। ବନ୍ଧ ଭାଙ୍ଗିବା ଆଶଙ୍କା ରହିଥିବାରୁ ବାଉଁଶ ଓ ବାଲିବସ୍ତା ଦ୍ୱାରା ରାସ୍ତା ସୁରକ୍ଷା କାର୍ଯ୍ୟ ଆରମ୍ଭ ହୋଇଛି। ଅତ୍ୟାବଶ୍ୟକ ସାମଗ୍ରୀ ମହଜୁଦ୍ ରଖାଯାଇଛି ଓ ତଳିଆ ଅଞ୍ଚଳରୁ ସ୍ଥାନାନ୍ତର କରିବା ପାଇଁ ଯୋଜନା ଚାଲିଛି।ବୈତରଣୀ ନଦୀର ବନ୍ୟା ଜଳ ଚାଷୀମାନଙ୍କ ପାଇଁ ଅତ୍ୟନ୍ତ ଚିନ୍ତାଜନକ। ଶତାଧିକ ଏକର ଧାନ ଜମି ବୁଡ଼ିଯାଇଛି। ଏହି ବନ୍ୟା ଚାଷୀମାନଙ୍କ ଆର୍ଥିକ ଅବସ୍ଥାକୁ ଗଭୀର ଭାବେ ପ୍ରଭାବିତ କରିପାରେ। ଜଳ ସମ୍ପଦ ବିଭାଗର ଅଧିକାରୀ କିଶୋର ଦାସଙ୍କ କହିବା ଅନୁଯାୟୀ ବୈତରଣୀର ଜଳ ସ୍ତର ଉପର ମୁଣ୍ଡରେ କିଛି କମିବାରେ ଲାଗିଚି ମାତ୍ର ତଳିଆ ଅଞ୍ଚଳରେ ଏବେ ବି ବୈତରଣୀର ଜଳ ସ୍ତର ଅଧିକ ରହିଛି। ଆଗାମୀ ଦିନରେ ଲଗାଣ ବର୍ଷା ହେଲେ ସମ୍ଭାବ୍ୟ ବନ୍ୟା ଆଶଙ୍କାକୁ ଟାଳି ଦିଆ ଯାଇ ନ ପାରେ।ଯଦି ଉପରମୁଣ୍ଡରେ ଅଧିକ ବର୍ଷା ହେବା ଜାରି ରହିଥାଏ, ତେବେ ବୈତରଣୀ ନଦୀର ଜଳସ୍ତର ଆହୁରି ବୃଦ୍ଧି ପାଇପାରେ। ଏହା ତଳିଆ ଅଞ୍ଚଳରେ ଜଳମଗ୍ନତା, ରୋଗ ବ୍ୟାପନ, ଓ ଜନସ୍ଥାନାନ୍ତର ଅବସ୍ଥାକୁ ଉଦ୍ଭବ କରିପାରେ। ବୈତରଣୀ ନଦୀର ଜଳସ୍ତର ବୃଦ୍ଧି ଏକ ପ୍ରାକୃତିକ ଘଟଣା ହେଲେ ମଧ୍ୟ, ଏହାର ପ୍ରଭାବ ମାନବ ଜୀବନ ଓ ଆର୍ଥିକତା ଉପରେ ଗଭୀର ଭାବେ ପଡ଼ିଛି।

### ଓଡିଶା ବନ୍ଦକୁ ସଫଳ କରିବା ପାଇଁ ଜିଲ୍ଲାବାସୀଙ୍କୁ

## କଂଗ୍ରେସ ଓ ବାମପନ୍ଥୀ ଦଳ ପକ୍ଷରୁ ନିବେଦନ



କେନ୍ଦ୍ରାପଡ଼ା, (ପିପିଏସ୍): ବାଲେଶ୍ୱର ଫକୀରମୋହନ କଲେଜର ଛାତ୍ରୀ ସୌମ୍ୟଶ୍ରୀ ବିଶିଙ୍କ ବ୍ୟବସ୍ଥାକୃତ ହତ୍ୟାର ନ୍ୟାୟିକ ତଦନ୍ତ ଓ ଦୋଷୀମାନଙ୍କ ବିରୋଧରେ କଠୋର ଦଣ୍ଡ ବ୍ୟବସ୍ଥା ଦାବିରେ ଆସନ୍ତା କାଲି ଆହୁତ ଓଡିଶା ବନ୍ଦକୁ ସଫଳ କରିବା ପାଇଁ ବୁଧବାର ପୂର୍ବାହ୍ନରେ କଜଳାସ୍ଥିତ କଂଗ୍ରେସ ଭବନରେ କଂଗ୍ରେସ ,ସିପିଆଇ(ଏମ୍) ଓ ସିପିଆଇ ପକ୍ଷରୁ ମିଳିତ ସାମ୍ବାଦିକ ସମ୍ମିଳନୀ ଆୟୋଜିତ ହୋଇଥିଲା। କେନ୍ଦ୍ରାପଡା ଜିଲ୍ଲାର ସମସ୍ତ ଜନସାଧାରଣ, ବାମପନ୍ଥୀ ଓ ଗଣତାନ୍ତ୍ରିକ ଦଳ, ଟ୍ରେଡ୍ ୟୁନିୟନ, କୃଷକ ସଂଗଠନ, ମହିଳା, ଯୁବକ, ଛାତ୍ର ଏବଂ ସମାଜର ସମସ୍ତ ବର୍ଗଙ୍କୁ ଜୁଲାଇ ୧୭ରେ ଓଡ଼ିଶା ବନ୍ଦକୁ ସଫଳ କରିବାକୁ ନିବେଦନ କରାଯାଇଛି। ଡବଲ ଇଞ୍ଜିନ ବିଜେପି ସରକାରଙ୍କ କୁଶାସନ ବିରୁଦ୍ଧରେ ଏହି ବନ୍ଦ ଓଡ଼ିଶା ଲୋକଙ୍କର ବନ୍ଦ ହେଉ ବୋଲି ମିଳିତ ବିରୋଧୀ ଦଳ ନିବେଦନ କରିଛନ୍ତି। ଏହି ସାମ୍ବାଦିକ ସମ୍ମିଳନୀରେ କଂଗ୍ରେସ ଦଳ ପକ୍ଷରୁ ଜିଲ୍ଲା ସଂଯୋଜକ ପ୍ରଫୁଲ୍ଲ ଦାସ, ପୂର୍ବତନ ବିଧାୟିକା ସିପ୍ରା ମଲ୍ଲିକ, ପୂର୍ବତନ ନଗରପାଳ ମହମ୍ମଦ ଆକବର ଅଲ୍ଲୀ, କଂଗ୍ରେସ ସଂଖ୍ୟାଲଘୁ ସେଲ ନେତା ସୟଦ ଅବଦୁଲ ସତ୍ତାର, ଯୁବକଂଗ୍ରେସ ନେତା ଉମେଶ ପାତ୍ରୀ,ସି ପି ଆଇ(ଏମ୍) ଜିଲ୍ଲା ସମ୍ପାଦକ ଗୟାଧର ଧଳ, ଅନ୍ୟତମ ନେତା ଜଗତଜୀବନ ଦାଶ, ସି ପି ଆଇ ରାଜ୍ୟ ସମ୍ପାଦକମଣ୍ଡଳୀ ସଭ୍ୟ ରମଣୀରଞ୍ଜନ ରାଉତରାୟ ପ୍ରମୁଖ ଜିଲ୍ଲା ନେତୃବୃନ୍ଦ ବନ୍ଦକୁ ସଫଳ କରିବା ପାଇଁ ନିବେଦନ କରିଥିଲେ।

## ଜିଲ୍ଲା ସ୍ୱାସ୍ଥ୍ୟ ସମିତି ପକ୍ଷରୁ ବିଶ୍ୱ ଜନସଂଖ୍ୟା ଦିବସ



କେନ୍ଦ୍ରାପଡ଼ା,(ପିପିଏସ):କେନ୍ଦ୍ରାପଡ଼ା ଜିଲ୍ଲା ସ୍ୱାସ୍ଥ୍ୟ ସମିତି ପକ୍ଷରୁ ବିଶ୍ୱ ଜନସଂଖ୍ୟା ପକ୍ଷ ପାଳନ -୨୦୨୫ ଅବସରରେ ଜିଲ୍ଲା ତାଲିମ୍ ୟୁନିଟ୍ ରେ ବିଶ୍ୱ ଜନସଂଖ୍ୟା ଦିବସ ପାଳିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ତଥା ଜିଲ୍ଲା ମିଶନ ନିର୍ଦ୍ଦେଶକ ଡ. ମନୋରଞ୍ଜନ ରାଉତ ଅଧକ୍ଷତା କରିଥିଲେ। ଚଳିତ ବର୍ଷର ଶୀର୍ଷକ -'ମା' ହେବାର ବୟସ ଠିକ- ଯେତେବେଳେ ଶରୀର ଓ ମନର ପ୍ରସ୍ତୁତି ଠିକ୍ ଉପରେ ଗୁରୁତ୍ୱ ରଖିଥିଲେ ଡ. ରାଉତ। ଅତିରିକ୍ତ ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ (ପରିବାର କଲ୍ୟାଣ) ଡ. ସଚ୍ଚିଦାନନ୍ଦ ମିଶ୍ର, ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡ. ଗୌରାଙ୍ଗ ଚରଣ ଗିରୀ, ଏଡିଏମ ଓ ମେଡ଼ିକାଲ ଡ. ପ୍ରମୋଦ କୁମାର ପ୍ରହରାଜ, ଡି. ପି. ଏମ ମନୋରଞ୍ଜନ ସାହୁ, ଡେପୁଟି ମ୍ୟାନେଜର, ପ୍ରଜନନ ଓ ଶିଶୁ ସ୍ୱାସ୍ଥ୍ୟ, ସୁକାନ୍ତ କୁମାର ପ୍ରଧାନ, ଜିଲ୍ଲା ଜନସ୍ୱାସ୍ଥ୍ୟ ଯୋଗାଯୋଗ ଅଧିକାରୀ ଶୁଭ ନାରାୟଣ ନାୟକ ପ୍ରମୁଖ ଉପସ୍ଥିତ ରହି ପରିବାର ନିୟୋଜନ ସ୍ଥାୟୀ ଓ ଅସ୍ଥାୟୀ ପଦ୍ଧତି ସାଙ୍ଗକୁ ପରାମର୍ଶ ସେବା ବିଷୟରେ ସମ୍ପୂର୍ଣ୍ଣ ଆଲୋଚନା କରିଥଲେ କ୍ଷ ଉପସ୍ଥିତ ସମସ୍ତ ମେଡ଼ିକାଲ ଅଫିସର ଇନ୍-ଚାର୍ଜମାନଙ୍କୁ ପରିବାର ନିୟୋଜନ ପଦ୍ଧତି ଉପରେ ଅଧିକ ସଚେତନତା ମୂଳକ କାର୍ଯ୍ୟକ୍ରମ କରିବା ପାଇଁ ଜିଲ୍ଲା ତରଫରୁ ପରାମର୍ଶ ଦିଆଯାଇଛି। ଏ ବର୍ଷ ମହିଳା ବନ୍ଧ୍ୟାକରଣ ସର୍ଜ୍ଜନ ଭାବେ ଡ.ଆର.କେ ପାତ୍ରଙ୍କୁ ରାଜ୍ୟସ୍ତରରେ ମାନ୍ୟବର ସ୍ୱାସ୍ଥ୍ୟମନ୍ତ୍ରୀ ଡ. ମୁକେଶ ମାହଲିଂଗଙ୍କ ଦ୍ୱାରା ତା. ୧୧.୦୭.୨୦୨୫ରେ ସମ୍ବର୍ଦ୍ଧିତ କରାଯାଇଛି।

ଗତବର୍ଷ ୨୦୨୪-୨୦୨୫ରେ ପୁରୁଷ ବନ୍ଧ୍ୟାକରଣ ୬୨ ଟି କେସ କରିଥିବାରୁ ଡ. ସଚ୍ଚିଦାନନ୍ଦ ମିଶ୍ର ଏବଂ ଡ. ଆର. କେ. ପାତ୍ର ଙ୍କୁ ୧୫୩୮ଟି ମହିଳା ବନ୍ଧ୍ୟାକରଣ ଅପରେସନ କରିଥିବାରୁ ଉଭୟଙ୍କୁ ଜିଲ୍ଲାସ୍ତରରେ ସମ୍ବର୍ଦ୍ଧିତ କରାଯାଇଛି। ବ୍ଲକ ସ୍ତରରେ ଅଧିକ ମହିଳା ବନ୍ଧ୍ୟାକରଣ ଅପରେସନ କରିଥିବାରୁ ମହାକାଳପଡା, ରାଜନଗର ଏବଂ ପଟ୍ଟାମୁଣ୍ଡାଇଙ୍କୁ, ପୁରୁଷ ବନ୍ଧ୍ୟାକରଣରେ ଗରଦପୁର, ମହାକାଳପଡା ଏବଂ ପଟ୍ଟାମୁଣ୍ଡାଇଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ପରିବାର ନିୟୋଜନର ଅନ୍ୟାନ୍ୟ ପଦ୍ଧତି ଯଥା କପର୍ଟି, ଇଞ୍ଜେକସନ ଅନ୍ତରା ପାଇଁ ମଧ୍ୟ ଇନ୍ଦୁପୁର, ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ, ଆଳୀ, ଡେରାବିଶ, ମହାକାଳପଡା, ରାଜକନିକା ଏବଂ ରାଜନଗରଙ୍କୁ ଜିଲ୍ଲା ସ୍ତରରେ ସମ୍ବର୍ଦ୍ଧନା କରାଯାଇଥିଲାକ୍ଷ ବ୍ଲକ ସ୍ତରରୁ ମେଡ଼ିକାଲ ଅଫିସର ଇନ୍ - ଚାର୍ଜ, ବିପିଏମ୍ ଓ ପିଏଚ୍ଇ ମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ଅଂଶଗ୍ରହଣକାରି ଭାବେ ଆସିଷ୍ଟାଣ୍ଟ ମ୍ୟାନେଜର ଜ୍ୟୋତି ଜେନା, ମମତା ଦାଶ, ଜ୍ୟୋସ୍ନାରାଣୀ ନାୟକ, ଏ୍ଏନ୍ଏମ ତାଲିମ କେନ୍ଦ୍ରର ପ୍ରିନ୍ସିପଲ୍, ନର୍ସିଂଛାତ୍ରୀ, ପରାମର୍ଶଦାତ୍ରୀ ସସ୍ମିତା ଦାସ ପ୍ରମୁଖ ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମକୁ ଡି.ପି. ଏଚ୍. ସି.ଓ ଶୁଭ ନାରାୟଣ ଶେଷରେ ପ୍ରସ୍ତୁତି କରିଥିବା ବେଳେ ଶେଷରେ ଡେପୁଟି ମ୍ୟାନେଜର ସୁକାନ୍ତ କୁମାର ପ୍ରଧାନ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

## ଜୁଆ ଆଡ୍ଡା ଉପରେ ଧୂଷୁରୀ ପୁଲିସର ଚଢ଼ଉ, ୫ ଜଣ ଅଟକ

ଧୂଷୁରୀ (ପିପିଏସ): ଜୁଆ ଆଡ୍ଡା ଉପରେ ଧୁଷୁରି ଥାନାଧିକାରୀଙ୍କ ଚଢ଼ଉ। ବିଗତ ୩ ମାସ ଧରି ରହିପୁର୍ ପଞ୍ଚାୟତ ଅନ୍ତର୍ଗତ କଣ୍ଟିକା ଠାରେ ଜୁଆଡିମାନଙ୍କର ସ୍ୱର୍ଗ ପାଲଟିଥିଲା। ସନ୍ଧ୍ୟା ୪ରୁ ସନ୍ଧ୍ୟା ୬ ପର୍ଯ୍ୟନ୍ତ ଜାଗା ବର ଜାଗା ଜୁଆ ଖେଳ ଅବିରତ ଭାବେ ଚାଲୁ ରହୁଥିଲା। ଖବର ପାଇ ଧୁଶୁରି ଥାନା ଅଧିକାରୀ ଅଜୟ ସୁଦର୍ଶନ ବାଗେ ତାଙ୍କ ଟିମ୍ ସହ ଚଢ଼ାଉ କରିଥିଲେ। ଚଢ଼ାଉ ସମୟରେ ୩ ଟି ମଟର ସାଇକେଲ,୩ ଟି ସାଇକେଲ, ଗୋଟିଏ ମୋବାଇଲ୍,ପାଲି, ୩୨୧୦ ଟଙ୍କା ଜବତ କରା ଯାଇଛି। ଚଢାଉ ସମୟରେ ଏସ ଆଇ ତ୍ରିନାଥ ଭୋଇ, କନେଷ୍ଟବଲ ଆର୍ତ୍ତ ତ୍ରାଣ ବିଶ୍ୱାଳ, ପ୍ରଦ୍ୟୁମ୍ନ ମହାପାତ୍ର, ବାବୁଲ ସୋରେନ୍, ରାଜୀବ ପହି ପ୍ରମୁଖ ଉପସ୍ଥିତ ରହି ଘଟଣା ସ୍ଥଳରୁ ୫ ଜଣ ସୁଶାନ୍ତ ପ୍ରଧାନ (୪୫), ସୁକାନ୍ତ ପ୍ରଧାନ (୪୦), ବିଜୟା ନନ୍ଦ ରାଉତ (୬୩), ପ୍ରମୋଦ ରାଉତ (୫୮) ଓ ବଳରାମ ପ୍ରଧାନ (୫୧)ଙ୍କୁ ଗିରଫ କରାଯାଇ ଥାନା ରେ ଅଟକ। ଅନିୟନ୍ତ୍ରିତ ଜୁଆ ଖେଳ ଅନେକଙ୍କୁ ଋଣ ଓ ଦିନକୁ ଦିନ ଅର୍ଥ ହାନିକୁ ଠେଲିଦିଏ,ଅନଲାଇନ ବେଟିଂ ପ୍ଲାଟଫର୍ମ ମାଧ୍ୟମରେ ଅନେକ ଯୁବକ ଅଳ୍ପ ସମୟରେ ଅଧିକ ଅର୍ଥ ଉପାର୍ଜନ କରିବା ଆଶାରେ ନିଜ ଅର୍ଥ ହରାଇଦିଅନ୍ତିଜୁଆ ନିଶା ମାନସିକ ଅସ୍ଥିରତା, ଉନ୍ମାଦନା ଓ ଆତ୍ମବିଭୋରତା ଆଣିପାରେ।ହାରିବା ପରେ ଅନେକ ଲୋକ ଆତ୍ମହତ୍ୟା ପର୍ଯ୍ୟନ୍ତ ଚିନ୍ତା କରନ୍ତି, ଯାହା ଏକ ଗମ୍ଭୀର ସାମାଜିକ ଅନର୍ଥ। ଯୁବପିଢି ଓ ପିଲାମାନେ ଏହାର ନିଶାରେ ଆସି ଶିକ୍ଷା ଓ ନୈତିକତାରେ ଅବହେଳା କରନ୍ତି। ଏହି କାର୍ଯ୍ୟ ପାଇଁ ଧୁଷୁରି ଥାନାଧିକାରୀ ଅଜୟ ସୁଦର୍ଶନ ବାଗେ ଓ ତାଙ୍କ ଟିମ୍ କୁ ଉକ୍ତ ବିପୁଳ ସଫଳ ଚଢ଼ାଉ ପାଇଁ ବୁଦ୍ଧିଜୀବୀ ମହଲ ରେ ଢେର ସାରା ପ୍ରଶଂସା କରା ଯାଇଛି।

## ଫୈଜାନେ କଞ୍ଜୁଲ ଇମାନରେ ଚାରା ରୋପଣ

ଭଦ୍ରକ, (ପିପିଏସ୍): ଭଦ୍ରକ ଆର.ଏମ.ସି. ମାର୍କେଟ ସ୍ଥିତ ଦ୍ୱିତେ ଇସଲାମୀ ଇଣ୍ଡିଆ ପକ୍ଷରୁ ମଦରସା ଜମିଆତୁଲ ମଦିନା ଫୈଜାନେ କଞ୍ଜୁଲ ଇମାନରେ ଚାରା ରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଯାଇଛି। ଆୟୋଜିତ କାର୍ଯ୍ୟକ୍ରମରେ ମଦରସାର ଅଧକ୍ଷ ସୈୟଦ ମକବୁଲ ସାହେବ ଚାରା ରୋପଣ ଶୁଭାରମ୍ଭ ଓ ମଦରସା ର ଛାତ୍ରମାନଙ୍କ ଦ୍ୱାରା ଏକ ପଦଯାତ୍ରା ବାହାରି ପୁରୁଣା ବଜ଼ାର ପରିକ୍ରମା କରି ପୁଣି ମଦରସା କୁ ଫେରିବା ସହିତ ବୃକ୍ଷରୋପଣ ଅଭିଯାନ ସମ୍ପର୍କରେ ଜନସାଧାରଣଙ୍କୁ ସଚେତନା ବାର୍ତ୍ତା ଦେଇଥିଲେ।

## ସୋମ୍ୟାଶ୍ରୀଙ୍କ ଉଦ୍ଦେଶ୍ୟରେ ଏବିଭିପି ଭଦ୍ରକ କଲେଜ ପକ୍ଷରୁ ବିଶାଳ ଶ୍ରଦ୍ଧାଞ୍ଜଳି ଶୋଭାଯାତ୍ରା



ଭଦ୍ରକ (ପିପିଏସ୍): ସୋସିଆଲ ମିଡ଼ିଆରେ ମାନସିକ ନିର୍ଯାତନା ଏବଂ ଚରିତ୍ର ସଂହାର କରିଥିବା ଉଭୟ ଛାତ୍ର କଂଗ୍ରେସ ଓ ଛାତ୍ର ବିଜେଡି କର୍ମୀଙ୍କୁ ଗିରଫ କରାଯାଉ। ଏବିଭିପି, ଭଦ୍ରକ ସ୍ୱୟଂଶାସିତ ମହାବିଦ୍ୟାଳୟ ଶାଖା ପକ୍ଷରୁ ଏଫଏମ କଲେଜର ଛାତ୍ରୀ ତଥା ବିଦ୍ୟାର୍ଥୀ ପରିଷଦର କାର୍ଯ୍ୟକର୍ତ୍ତା ସ୍ୱର୍ଗତ ସୌମ୍ୟାଶ୍ରୀ ବିଶିଙ୍କ ଦେହାନ୍ତ ପରୀପ୍ରେକ୍ଷୀରେ କଲେଜ ପରିସରରୁ ଏକ ବିଶାଳ ଶ୍ରଦ୍ଧାଞ୍ଜଳି ଶୋଭାଯାତ୍ରା ବାହାରି ସହର ମଧ୍ୟରେ ଥିବା ଟାଉନ ହଲ ପରିସରରେ ଶେଷ ହୋଇଥିଲା। ସେଠାରେ ୰ସୋମ୍ୟାଶ୍ରୀଙ୍କ ଫଟୋ ଚିତ୍ର ଆଗରେ ଛାତ୍ର ଛାତ୍ରୀମାନେ ସାମୁହିକ ପ୍ରଦୀପ ପ୍ରଜ୍ୱଳନ କରି ଦୁଇ ମିନିଟ ନୀରବ ପ୍ରାର୍ଥନା କରିଥିଲେ। ଘଟିଥିବା ଅଭାବନୀୟ ଘଟଣାରେ ସମସ୍ତ ଅଭିଯୁକ୍ତମାନଙ୍କ ସହ ଯେଉଁ ଛାତ୍ର କଂଗ୍ରେସ ଓ ଛାତ୍ର ବିଜେଡ଼ିର କର୍ମୀମାନେ ସ୍ୱର୍ଗତ ଛାତ୍ରୀଙ୍କୁ ମାନସିକ ଭାବେ ବିଭିନ୍ନ ନିର୍ଯାତନା ଦେଉଥିଲେ ଏବଂ ସୋସିଆଲ ମିଡ଼ିଆରେ ଚରିତ୍ର ସଂହାର କରୁଥିଲେ ସେମାନଙ୍କୁ ତୁରନ୍ତ ଗିରଫ କରିବା ପାଇଁ ଏବିଭିପି ପକ୍ଷରୁ ରାଜ୍ୟ ସରକାରଙ୍କ ନିକଟରେ ଦାବି ରଖାଯାଇଛି। ଏତତ୍ ବ୍ୟତୀତ ଏଫଏମ କଲେଜର ଗଠିତ ଥିବା ଆଇସିସି କମିଟିର ସମସ୍ତ ସଦସ୍ୟଙ୍କୁ ତଦନ୍ତର ପରିସର ଭୁକ୍ତ କରି ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ସହ ରାଜ୍ୟର ଥିବା ଅନ୍ୟାନ୍ୟ କଲେଜର ଆଇସିସି କମିଟିକୁ ତର୍ଜମା ରାଜ୍ୟ ସରକାର କରନ୍ତୁ ବୋଲି ଏବିଭିପିର ଜିଲ୍ଲା ପ୍ରମୁଖ ସ୍ୱାଧୀନ ସୁନ୍ଦର ଦାସ ପ୍ରକାଶ କରିଛନ୍ତି। ଏହି ଶ୍ରଦ୍ଧାଞ୍ଜଳି ଶୋଭାଯାତ୍ରାରେ ଭଦ୍ରକ କଲେଜର ଛାତ୍ର ନେତା ତଥା ଏବିଭିପିର ଜିଲ୍ଲା ସଂଯୋଜକ ଓଁକାର ମହାନ୍ତି, ରୁଦ୍ର ପ୍ରତାପ ଆଚାର୍ଯ୍ୟ, ପ୍ରିତିମା ପଣ୍ଡା, ତ୍ରିଲୋଚନ ବାରିକ, ତନୁଶ୍ରୀ ବେହେରା, ଶୁଭମ୍ ପାଢ଼ୀ, ଦେବାଶିଷ ପାଣିଗ୍ରାହୀ, ଶୁଭଶ୍ରୀ ଦେବର୍ଚ୍ଚନା, ସାହିଲ୍ ବେହେରା, ମନୋରଞ୍ଜନ ନାୟକ, ସାହିଲ ସମାନି, ମିତାଲି ଦାସ, ଦୁର୍ଗା ଶଙ୍କର ଜେନା, ମୁକେଶ ବାରିକ, ଦେବୀ ପ୍ରସାଦ ଦାଶ, ରବି ରେଡ୍ଡି, ଗୌତମୀ ପାଢ଼ୀ, ଦିବ୍ୟ କାନୁନଗୋ , ରଞ୍ଜୁଲତା ପୁଟିଆ, ସୁମିତ୍ରା ସେଠୀ, ସିଦ୍ଧାର୍ଥ ଶଙ୍କର ମହାନ୍ତିଙ୍କ ସମେତ ଶତାଧିକ ଛାତ୍ର ଛାତ୍ରୀ ଉପସ୍ଥିତ ଥିଲେ। ଜିଲ୍ଲାର ବିଭିନ୍ନ କଲେଜରେ ଶୋକସଭା, ଦୀପ ପ୍ରଜ୍ୱଳନ ଆଦି କାର୍ଯ୍ୟକ୍ରମ ଆୟୋଜନ ହେବ ବୋଲି ଜିଲ୍ଲା ସହ ପ୍ରମୁଖ ଜ୍ୟୋତି ପ୍ରକାଶ ସାହୁ କହିଛନ୍ତି।

**SUPERINTENDENT ODISHA STATE ARCHAEOLOGY GOVERNMENT OF ODISHA DEPARTMENT OF ODIA LANGUAGE, LITERATURE & CULTURE BHUBANESWAR**

**CORRIGENDUM NOTICE**


**Bhubaneswar Dt. 03.07.2025**

In continuation of the advertisement dated 03.07.2025 for empanelment of vendors/suppliers/contractors, it is clarified that only C & D class licensed contractors are eligible. Applications with fee must reach the Superintendent, Odisha State Archaeology, 1st Floor, Sanskruti Bhawan, Bhubaneswar - 14 by 17.07.2025, 4:00 PM. Opening will be on 18.07.2025 at 11:30 AM in the Office Chamber of the Superintendent. Other terms remain unchanged. Forms available at www.culture.odisha.gov.in.

**Sd/- Superintendent, Odisha State Archaeology, Bhubaneswar**

**RR-** OIPR- **03019/11/0004/2526**

# ଲର୍ଡସ୍ ଟେଷ୍ଟ୍ ପରାଜୟର ୬ ପ୍ରମୁଖ କାରଣ



ଲଣ୍ଡନ: ଲର୍ଡସ୍ ଟେଷ୍ଟ୍‌କୁ ଭାରତ ୨୨ ରନ୍‌ରେ ହାରିବା ସହ ୧୪୫ କୋଟି ଭାରତୀୟଙ୍କ ହୃଦୟ ଭାଙ୍ଗି ଚୂରମାର୍ ହୋଇଯାଇଛି। ଏକଦା ଭଲ ସ୍ଥିତିରେ ଥିଲେ ମଧ ପଞ୍ଚମ ତଥା ଶେଷ ଦିନରେ ଏହି ମ୍ୟାଚ୍ ଜିତିବା ଲାଗି ଆବଶ୍ୟକ ମାତ୍ର ୧୩୫ ରନ୍ କରି ନପାରି ଶୁବମନ୍ ଗିଲ୍‌ଙ୍କ ଦଳ ପରାଜିତ ହେବା ପ୍ରଶଂସକଙ୍କୁ ବ୍ୟଥିତ କରିଛି। ଏହି ଚର୍ଚ୍ଚିତ ମୁକାବିଲାକୁ ଭାରତ ଅନ୍ୟୂନ ୬ଟି କାରଣ ପାଇଁ ହାରିଲା ବୋଲି ବିଶେଷଜ୍ଞମାନେ ମତ ପ୍ରକାଶ କରିଛନ୍ତି।

**ପନ୍ତଙ୍କ ରନ୍‌ଆଉଟ୍ :** ପ୍ରଥମ ପାଳିରେ ୱିକେଟ୍‌ରକ୍ଷକ ଋଷଭ ପନ୍ତଙ୍କ ରନ୍ ?ଆଉଟ୍ ଏହି ମ୍ୟାଚ୍‌ର ଅନ୍ୟତମ ନିର୍ଣ୍ଣାୟକ ମୋଡ଼ ଥିଲା। ଏକଥା ଅଧିନାୟକ ଶୁବମନ ଗିଲ୍ ମଧ ମ୍ୟାଚ୍ ପରବର୍ତ୍ତୀ ସାମ୍ବାଦିକ ସମ୍ମିଳନୀରେ ସ୍ୱୀକାର କରିଥିଲେ। ଚମତ୍କାର ବ୍ୟାଟିଂ କରୁଥିଲା ବେଳେ ସିଙ୍ଗଲ୍ ଚୋରାଇ ନେଇ କେଏଲ୍ ରାହୁଲଙ୍କୁ ଶତକ ପୂରଣ କରିବା ସୁଯୋଗ ଦେବା ପ୍ରୟାସରେ ପନ୍ତ ନିଜ ୱିକେଟ୍ ହରାଇଥିଲେ। ଇଂଲଣ୍ଡ ଅଧିନାୟକ ବେନ୍ ଷ୍ଟୋକ୍ସଙ୍କ ସିଧା ଥ୍ରୋ ଷ୍ଟମ୍ପକୁ ଭାଙ୍ଗିବା ବେଳକୁ ସେ କ୍ରିଜ୍‌ରେ ପହଞ୍ଚି ନଥିଲେ। ଫଳରେ ୭୪ ରନ୍‌ରେ ରନ୍ ?ଆଉଟ୍ ହୋଇ ପ୍ୟାଭିଲିୟନ୍ ଫେରିଥିଲେ। ରାହୁଲଙ୍କ ସହ ଚତୁର୍ଥ ୱିକେଟ୍‌ରେ ସେ ୧୪୧ ରନ୍ ଯୋଡ଼ିଥିଲେ। ତେବେ ପନ୍ତ ଭଲ ଫର୍ମରେ ଥିବାରୁ ସେ ରନ୍‌ଆଉଟ୍ ହୋଇ ନଥିଲେ ଏହି ଯୋଡ଼ି ଆହୁରି ବଡ଼ ଭାଗୀଦାରି କରିପାରିଥା'ନ୍ତେ। କାରଣ ରାହୁଲ ଓ ପନ୍ତ ଓଭର ପିଛା ସାଢ଼େ ୪ରୁ ଅଧିକ ହାରରେ ରନ୍ ସଂଗ୍ରହ କରୁଥିଲେ। ପନ୍ତଙ୍କ ରନ୍‌ଆଉଟ୍ ପରେ ଏକଦା ଚାପରେ ଥିବା ଇଂଲଣ୍ଡ ଚମତ୍କାର ପ୍ରତ୍ୟାବର୍ତ୍ତନ କରି ଭାରତକୁ ୩୮୭ ରନ୍‌ରେ ଅଲଆଉଟ୍ କରି ଦେଇଥିଲା। ଇଂଲଣ୍ଡ ମଧ ୩୮୭ ରନ୍ କରିଥିବାରୁ ପ୍ରଥମ ପାଳି ଟାଇ ରହିଥିଲା।

**ଗିଲ୍‌ଙ୍କ ଯୁଗଳ ବିଫଳତା :** ଭାରତ ଏଜ୍‌ବାଷ୍ଟନ୍ ଟେଷ୍ଟ୍ ଜିତିବାରେ ଅଧିନାୟକ ଶୁବମନ୍ ଗିଲ୍ ପ୍ରମୁଖ ଭୂମିକା ତୁଲାଇଥିଲେ। ଏକାକୀ ୪୩୦ ରନ୍ କରିଥିଲେ ସେ। ହେଲେ ଲର୍ଡସ୍‌ରେ ଏହି ରନ୍ ମେସିନ୍‌ଙ୍କୁ ଇଂଲଣ୍ଡ ସଫଳତାର ସହ ରୋକିଥିଲା। ଯୋଜନାବଦ୍ଧ ଭାବେ ବୋଲିଂ କରିବା ସହ ୱିକେଟ୍‌ରକ୍ଷକଙ୍କୁ ଉପରେ ରଖି ଗିଲ୍‌ଙ୍କୁ ବଡ଼ ସ୍କୋର୍ କରିବାର ସୁଯୋଗ ଦେଇ ନଥିଲା। ଉଭୟ ପାଳିରେ ଗିଲ୍ ୧୬ ଓ ୬ ରନ୍ କରିଥିଲେ। ଯାହା ଭାରତ ପାଳି ଉପରେ ପ୍ରତିକୂଳ ପ୍ରଭାବ ପକାଇଥିଲା। ସେହିଭଳି ବଲ୍ ପରିବର୍ତ୍ତନ ନେଇ ଅମ୍ପାୟାରଙ୍କ ସହ ଯୁକ୍ତିତର୍କ କରିବା ମଧ ଗିଲ୍‌ଙ୍କ ପ୍ରଦର୍ଶନକୁ ପ୍ରଭାବିତ କରିଥିଲା।

**ନାୟରଙ୍କ ସଂଘର୍ଷ :** ଇଂଲଣ୍ଡ ବିପକ୍ଷ ଶୃଙ୍ଖଳା ଆରମ୍ଭ ହେବା ପୂର୍ବରୁ କରୁଣ ନାୟରଙ୍କୁ ନେଇ ଅନେକ ଚର୍ଚ୍ଚା ହୋଇଥିଲା। ଘରୋଇ କ୍ରିକେଟ୍ ?ରେ ଚମତ୍କାର ପ୍ରଦର୍ଶନ କରି ୮ବର୍ଷ ପରେ ଭାରତୀୟ ଟେଷ୍ଟ୍ ଦଳକୁ ଫେରିଥିବା ନାୟରଙ୍କ ଉପରେ ଦଳୀୟ ଅଧିକାରୀମାନେ ପୂର୍ଣ୍ଣ ଆସ୍ଥା ପ୍ରକଟ କରିଥିଲେ। ତାଙ୍କୁ ଗୁରୁତ୍ୱପୂର୍ଣ୍ଣ ୩ ନମ୍ବର ସ୍ଥାନରେ ବି ଖେଳାଇଥିଲେ। ତେବେ ତିନିଟି ଟେଷ୍ଟ୍ ପରେ ବି ସେ ଗୋଟିଏ ହେଲେ ବି ଅର୍ଦ୍ଧଶତକ ଅର୍ଜନ କରିପାରି ନାହାନ୍ତି। ଲିଡ୍‌ସରେ ଖେଳାଯାଇଥିବା ପ୍ରଥମ ଟେଷ୍ଟ୍‌ର ପ୍ରଥମ ପାଳିରେ ଖାତା ଖୋଲି ପାରି ନଥିଲେ ସେ। ଦ୍ୱିତୀୟରେ ୨୦ ରନ୍ କରି ନିଜ ୱିକେଟ୍ ଫିଙ୍ଗି ଦେଇଥିଲେ। ସେହିଭଳି ବର୍ମିଂହାମରେ ୩୧ ଓ ୨୬ ରନ୍ କରିଥିଲେ ବି ଏହାକୁ ବଡ଼ ସ୍କୋରରେ ରୂପାନ୍ତର କରିପାରି ନଥିଲେ। ଲର୍ଡସ ଟେଷ୍ଟ୍‌ର ପ୍ରଥମ ପାଳିରେ ଲଢୁଆ ୪୦ ରନ୍ କରିବା ପରେ ଦ୍ୱିତୀୟରେ ମାତ୍ର ୧୪ ରନ୍ କରିଥିଲେ।

**କିଙ୍ଗ୍ସ ଚାର୍ଲସଙ୍କୁ ଭେଟିଲେ ଭାରତୀୟ ଖେଳାଳି :** ଭାରତୀୟ ପୁରୁଷ ଓ ମହିଳା ଦଳର କ୍ରିକେଟରମାନେ ମଙ୍ଗଳବାର ଇଂଲଣ୍ଡର ରାଜା କିଙ୍ଗ୍ ଚାର୍ଲସ୍‌ଙ୍କୁ ତାଙ୍କ ଲଣ୍ଡନସ୍ଥିତ କ୍ଲିଅରାନ୍ସ ହାଉସ୍ ବାସଭବନରେ ଭେଟିଥିଲେ। ଏହି ଅବସରରେ ଲର୍ଡସ ଟେଷ୍ଟ୍ ଫଳାଫଳକୁ ନେଇ କିଙ୍ଗ୍ ଚାର୍ଲସ ଗିଲ୍ ବାହିନୀ ସହ ଆଲୋଚନା କରିଥିଲେ। ମହମ୍ମଦ ସିରାଜ ଯେଉଁଭଳି ଭାବେ ଆଉଟ୍ ହେଲେ, ତାହା ଦୁର୍ଭାଗ୍ୟଜନକ ବୋଲି ଭାରତୀୟ ଖେଳାଳିଙ୍କୁ ସାନ୍ତ୍ୱନା ଦେବାକୁ ଯାଇ କହିଥିଲେ। କିଙ୍ଗ୍ ଚାର୍ଲସଙ୍କୁ ଭେଟିବା ସମ୍ମାନର ବିଷୟ। ସେ ଆମ ସହ ଲର୍ଡସ ଟେଷ୍ଟ୍‌କୁ ନେଇ ସଂକ୍ଷିପ୍ତ ଆଲୋଚନା କରିଥିଲେ ବୋଲି ପରେ ଗିଲ୍ ସାମ୍ବାଦିକମାନଙ୍କୁ କହିଥିଲେ।

**ଜୟସ୍ୱାଲଙ୍କ ବେପରୁଆ ଆଭିମୁଖ୍ୟ :** ଓପନର୍ ଯଶସ୍ୱୀ ଜୟସ୍ୱାଲଙ୍କ ବେପରୁଆ ସଟ୍ ଚୟନ ମଧ ଭାରତର ଲର୍ଡସ୍ ପରାଜୟର ଅନ୍ୟତମ କାରଣ ବୋଲି କୁହାଯାଇପାରେ। ବିଶେଷ କରି ଦ୍ୱିତୀୟ ପାଳିରେ ଜୋଫ୍ରା ଆର୍ଚରଙ୍କ ଦ୍ରୁତ ଗତିକୁ ସମ୍ମୁଖୀନ ହେବା ତାଙ୍କ ପାଇଁ କାଠିକର ପାଠ ହୋଇଥିଲା। ଶେଷରେ ଏକ ଦୁର୍ବଳ ସଟ୍ ଖେଳି ଖାତା ଖୋଲିବା ପୂର୍ବରୁ ପ୍ୟାଭିଲିୟନ ଫେରି ଯାଇଥିଲେ। ସେହିଠାରୁ ହିଁ ଭାରତର ଅଧୋପତନ ଆରମ୍ଭ ହୋଇଥିଲା। କରୁଣ ନାୟର, ଅଧିନାୟକ ଶୁବମନ ଗିଲ୍ ଏବଂ ରାତ୍ର ଜଗୁଆଳି ଆକାଶ ଦୀପଙ୍କୁ ହରାଇ ଚତୁର୍ଥ ଦିନର ଷ୍ଟମ୍ପ ଅପସାରଣ ବେଳକୁ ହିଁ ଭାରତ ସଙ୍କଟରେ ପଡ଼ିସାରିଥିଲା। ପ୍ରଥମ ପାଳିରେ ମଧ ଅନୁରୂପ ଭାବେ ଏକ ଦୁର୍ବଳ ସଟ୍ ଖେଳି ମାତ୍ର ୧୩ ରନ୍‌ରେ ଆଉଟ ହୋଇଯାଇଥିଲେ।

**ଅପ୍ରତ୍ୟାଶିତ ବିପର୍ଯ୍ୟୟ :** ଦ୍ୱିତୀୟ ପାଳିରେ ଲଢ଼ିଥିଲେ ମଧ ପ୍ରଥମରେ ଭାରତ ନିମ୍ନକ୍ରମ ପୂରା ନିରାଶ କରିଥିଲା। ଇଂଲଣ୍ଡର ୩୮୭ ରନ୍ ଜବାବରେ ଭାରତ ୬ ୱିକେଟ୍ ବିନିମୟରେ ୩୭୬ ରନ୍ କରି ନେଇଥିଲା। ଫଳରେ ପ୍ରଥମ ପାଳିରେ ଅଗ୍ରଣୀ ପାଇବ ବୋଲି ଆଶା କରାଯାଉଥିଲା। ହେଲେ ନିମ୍ନକ୍ରମ ବ୍ୟାଟରଙ୍କ ଘୋର ବିଫଳତା ପାଇଁ ମାତ୍ର ୧୧ ରନ୍‌ରେ ଶେଷ ୪ ୱିକେଟ୍‌ରେ ହରାଇ ୩୮୭ ରନ୍‌ରେ ହିଁ ଅଲଆଉଟ୍ ହୋଇଯାଇଥିଲା। ପ୍ରଥମ ପାଳି ସ୍କୋର ଟାଇ ରହିବା ଇଂଲଣ୍ଡ ପାଇଁ ମନସ୍ତାତ୍ତ୍ୱିକ ବିଜୟ ଥିଲା। ଏହାର ପ୍ରତିଫଳନ ଦ୍ୱିତୀୟ ପାଳିରେ ବି ଦେଖିବାକୁ ମିଳିଥିଲା। ଭାରତୀୟ ବ୍ୟାଟରଙ୍କ ଉପରେ ଅସହ୍ୟ ଚାପ ସୃଷ୍ଟି କରି ଇଂଲଣ୍ଡ ୮୨ ରନ୍ ?ରେ ୭ ୱିକେଟ୍ କରାୟତ୍ତ କରି ନେଇଥିଲା। ଶେଷରେ ଭାରତକୁ ୧୭୦ ରନ୍‌ରେ ଅଲଆଉଟ୍ କରି ଦେଇଥିଲା। ରବୀନ୍ଦ୍ର ଜାଡ଼େଜାଙ୍କ ଲଢୁଆ ୬୧* ରନ୍ ବି ବେକାର ଯାଇଥିଲା।

**କ୍ୟାଚ୍ ଡ୍ରପ୍ ଓ ଦୁର୍ବଳ ଫିଲ୍ଡିଂ :** ଭାରତୀୟ କ୍ରିକେଟ୍ ଦଳ ପୁଣି ଥରେ ଏକାଧିକ କ୍ୟାଚ୍ ହାତଛଡ଼ା କରି ଇଂଲଣ୍ଡକୁ ସମ୍ମାନଜନକ ସ୍କୋର୍ କରିବାର ସୁଯୋଗ ଦେଇଥିଲା। ଇଂଲଣ୍ଡର ପ୍ରଥମ ପାଳିରେ ହିଁ ଭାରତ ଅନ୍ୟୂନ ଚାରିଟି କ୍ୟାଚ୍ ଛାଡ଼ିଥିଲା। କେଏଲ୍ ରାହୁଲ ପ୍ରତିପକ୍ଷ ୱିକେଟ୍‌ରକ୍ଷକ ଜାମି ସ୍ମିଥ୍‌ଙ୍କ କ୍ୟାଚ୍ ଛାଡ଼ିବା ଭାରତକୁ ବେଶ୍ ବାଧିଥିଲା। ସେ ୫୧ ରନ୍‌ର ମହତ୍ତ୍ୱପୂର୍ଣ୍ଣ ପାଳି ଖେଳିଥିଲେ। ଅଷ୍ଟମ ୱିକେଟ୍‌ରେ ବ୍ରାଏଡନ୍ କାର୍ସଙ୍କ ସହ ମିଶି ୮୪ ରନ୍ ଯୋଡ଼ିଥିଲେ ସ୍ମିଥ୍। ଫଳରେ ଇଂଲଣ୍ଡ ସ୍କୋର୍ ୩୮୭ରେ ପହଞ୍ଚି ଯାଇଥିଲା। କାର୍ସ ମଧ ଦୁଇଟି ଜୀବନ ଦାନ ପାଇ ୫୬ ରନ୍ କରିଥିଲେ। ଏହି ଦୁଇ ଅର୍ଦ୍ଧଶତକ ଭାରତ ପରାଜୟର ଅନ୍ୟତମ କାରଣ ଥିଲା।

## ଇତିହାସ ରଚିଲେ ବୈଭବ ସୂର୍ଯ୍ୟବଂଶୀ

# ଭାଙ୍ଗିଲେ ୩୪ ବର୍ଷର ରେକର୍ଡ



ଲଣ୍ଡନ : ବୈଭବ ସୂର୍ଯ୍ୟବଂଶୀ ପୁଣିଥରେ ଇତିହାସ ରଚିଛନ୍ତି। ଏଥର ସେ ୩୪ ବର୍ଷର ପୁରୁଣା ବିଶ୍ୱ ରେକର୍ଡ ଭାଙ୍ଗିବାର ସାକ୍ଷୀ ହୋଇଛନ୍ତି। ପୁରୁଷ ସିନିୟର ଏବଂ ମହିଳା ଦଳ ପରି ଭାରତର ୧୯ ବର୍ଷରୁ କମ ଦଳ ମଧ ଇଂଲଣ୍ଡ ଗସ୍ତରେ ଅଛି। ବୈଭବ ସୂର୍ଯ୍ୟବଂଶୀ ସେହି ଦଳର ଏକ ଅଂଶ। ଭାରତୀୟ ଦଳ ଇଂଲଣ୍ଡର ୧୯ ବର୍ଷରୁ କମ ଦଳ ବିପକ୍ଷରେ ଏକ ଦିନିକିଆ ସିରିଜ ସହିତ ତା'ର ଗସ୍ତ ଆରମ୍ଭ କରିଥିଲା। ଭାରତର ୧୯ ବର୍ଷରୁ କମ ଦଳ ୫ ଟି ଦିନିକିଆ ସିରିଜ ୩-୨ ରେ ଜିତିଥିଲା, ଯେଉଁଥିରେ ବୈଭବ ସୂର୍ଯ୍ୟବଂଶୀ ୧୪୩ ରନର ବିସ୍ଫୋରକ ଇନିଂସ ସହିତ ସର୍ବାଧିକ ରନ କରିଥିଲେ।

ବର୍ତ୍ତମାନ ଭାରତ ଏବଂ ଇଂଲଣ୍ଡର ୧୯ ବର୍ଷରୁ କମ ଦଳ ମଧ୍ୟରେ ୨ଟି ଟେଷ୍ଟ ସିରିଜ ଖେଳାଯାଉଛି। ବେକେନହାମରେ ଖେଳାଯାଇଥିବା ପ୍ରଥମ ୪ ଦିନିଆ ଯୁବ ଟେଷ୍ଟ ଡ୍ର ଥିଲା, କିନ୍ତୁ ଏଥିରେ ହୋଇଥିବା ରନ ୩୪ ବର୍ଷର ପୁରୁଣା ବିଶ୍ୱରେକର୍ଡ ଭାଙ୍ଗିଛି। ବୈଭବ ସୂର୍ଯ୍ୟବଂଶୀ ଏହାର ସାକ୍ଷୀ ହୋଇଛନ୍ତି। ବେକେନହାମରେ ଭାରତ ଏବଂ ଇଂଲଣ୍ଡର ୧୯ ବର୍ଷରୁ କମ ଦଳ ମଧ୍ୟରେ ଖେଳାଯାଇଥିବା ପ୍ରଥମ ଯୁବ ଟେଷ୍ଟରେ, ଉଭୟ ଦଳ ମିଶି ୧୫ ଛକା ସହିତ ମୋଟ ୧୪୯୭ ରନ କରିଥିଲେ, ଯାହା ଏକ ନୂତନ ବିଶ୍ୱ ରେକର୍ଡ। ଏଥିରେ ଭାରତର ୧୯ ବର୍ଷରୁ କମ ଦଳ ଉଭୟ ଇନିଂସରେ ୧୦ଟି ଛକା ସହିତ ୭୪୮ ରନ କରିଥିଲା। ଇଂଲଣ୍ଡ ୭୦୯ ରନ କରିଥିଲା। ଭାରତ ଏବଂ ଇଂଲଣ୍ଡର ୧୯ ବର୍ଷରୁ କମ ଦଳ ଏକ ଯୁବ ଟେଷ୍ଟରେ ୧୪୯୭ ରନ କରି ୩୪ ବର୍ଷ ପୁରୁଣା ବିଶ୍ୱ ରେକର୍ଡ ଭାଙ୍ଗିଛି, ଯାହା ୧୯୯୧ ମସିହାରେ ଚେମସଫୋର୍ଡରେ ଅଷ୍ଟ୍ରେଲିଆ ଏବଂ ଇଂଲଣ୍ଡ ମଧ୍ୟରେ ଖେଳାଯାଇଥିବା ମ୍ୟାଚ୍‌ରେ କରାଯାଇଥିଲା। ତା'ପରେ ଉଭୟ ଦଳ ମିଶି ୧୪୩୦ ରନ କରିଥିଲେ।

# ଲର୍ଡସ ଟେଷ୍ଟ ହାରିବା ପରେ ଗିଲ୍ କହିଲେ ଆଗାମୀ ଦୁଇଟି ଟେଷ୍ଟ ଜିତିବାକୁ ପଡ଼ିବ

ନୂଆଦିଲ୍ଲୀ : ରୋମାଞ୍ଚକର ଲର୍ଡସ ଟେଷ୍ଟ ମ୍ୟାଚରେ ଭାରତୀୟ କ୍ରିକେଟ ଦଳକୁ ୨୨ଟି ପରାଜୟର ସାମ୍ନା କରିବାକୁ ପଡ଼ିଥିଲା। ଏହି ପରାଜୟ ଯୋଗୁ ଟିମ ଇଣ୍ଡିଆ ସିରିଜରେ ୧-୨ ପଛରେ ପଡ଼ିଯାଇଛି ଏବଂ ଏବେ ଯଦି ସିରିଜ ଜିତିବାକୁ ହୁଏ, ତେବେ ବାକି ଦୁଇଟି ଟେଷ୍ଟ ଲଗାତାର ଜିତିବାକୁ ପଡ଼ିବ। ତଥାପି, ଲର୍ଡସ ଟେଷ୍ଟ ଥରେ ଭାରତର କବ୍‌ଜାରେ ଥିବା ପରି ମନେ ହେଉଥିଲା। କିନ୍ତୁ ଇଂଲଣ୍ଡ ଭଲ ପ୍ରଦର୍ଶନ କରି ମ୍ୟାଚ ଛଡ଼ାଇ ନେଇଥିଲା। ତେବେ ତୃତୀୟ ଟେଷ୍ଟ ମ୍ୟାଚ ହାରିବା ପରେ ଭାରତୀୟ ଅଧିନାୟକ ଶୁବମନ ଗିଲ ଯାହା କହିଥିଲେ, ତାକୁ ନେଇ ଏବେ ଚର୍ଚ୍ଚା ଜୋର ଧରିଛି।/

ଟିମ୍ ଇଣ୍ଡିଆ ଲର୍ଡସରେ ଉତ୍କୃଷ୍ଟ କ୍ରିକେଟ ଖେଳିଥିଲା ଏବଂ ବିଜୟ ପାଇଁ ମାତ୍ର ୨୨ ରନ ପଛରେ ପଡ଼ିଯାଇଥିଲା।



ଚତୁର୍ଥ ଇନିଂସରେ ଭାରତ ସମ୍ମୁଖରେ ୧୯୩ ରନର ଟାର୍ଗେଟ ଥିଲା, ଯାହାକୁ ପିଛା କରି ଟିମ ଇଣ୍ଡିଆ ଦୃଢ଼ ନିଶ୍ଚିତ ଥିଲା, କିନ୍ତୁ ଦଳ ୧୭୦ ରନରେ ଅଲ ଆଉଟ ହୋଇଯାଇଥିଲା ଏବଂ ୨୨ ରନରେ ପରାଜୟର ସମ୍ମୁଖୀନ ହେବାକୁ ପଡ଼ିଥିଲା।

ପୋଷ୍ଟ ମ୍ୟାଚ ପ୍ରେଜେଣ୍ଟେସନରେ ଅଧିନାୟକ ଶୁବମନ ଗିଲ କହିଛନ୍ତି, 'ମୁଁ ବହୁତ ଗର୍ବିତ। ପାଞ୍ଚ ଦିନର କଠିନ କ୍ରିକେଟ ପରେ, ଏବେ ମୁଁ ଶେଷ ଅଧିବେଶନ, ଶେଷ ୱିକେଟ ଏବଂ ମୋର କଠିନ ପରିଶ୍ରମ ପାଇଁ ବହୁତ ଗର୍ବିତ।' ମୋର ପୂର୍ଣ୍ଣ ଆତ୍ମବିଶ୍ୱାସ ଥିଲା (ଲକ୍ଷ୍ୟ ପିଛା କରିବାରେ)।

'ବ୍ୟାଟିଂ ପାଇଁ ବହୁତ ସ୍ଥାନ ବାକି ଥିଲା, ତେଣୁ ମୁଁ ବହୁତ ଆତ୍ମବିଶ୍ୱାସୀ ଥିଲି, କିନ୍ତୁ ଇଂଲଣ୍ଡ ଯେଉଁଭଳି ଭାବରେ ଲଗାତାର ଆକ୍ରମଣ କରୁଥିଲା, ଆମେ ଆମର ଶୀର୍ଷ କ୍ରମରେ ହୁଏତ କିଛି ୫୦ ରନର ଭାଗୀଦାରି କରିବାକୁ ଚାହୁଁଥିଲୁ, କିନ୍ତୁ ଆମେ ତାହା କରିପାରିଲୁ ନାହିଁ ଏବଂ ସେମାନେ ଆମଠାରୁ ଭଲ ଖେଳିଲେ। ଯେ ପର୍ଯ୍ୟନ୍ତ ଜଣେ ବ୍ୟାଟସମ୍ୟାନ ବ୍ୟାଟିଂ କରୁଛନ୍ତି, ସର୍ବଦା ଆଶା ରହିଥାଏ, କାରଣ ଲକ୍ଷ୍ୟ ବହୁତ ବଡ଼ ନଥିଲା ଏବଂ ଆମେ ଜାଣିଥିଲୁ ଯେ ୫୦-୬୦ ରନର ଭାଗୀଦାରି ସହିତ ଆମେ ଫେରି ଆସିବୁ।'


ସପ୍ତାହର ଶେଷରେ ସାପ୍ତାହିକୀ ହାତରେ

ପ୍ରଜାତନ୍ତ୍ର ସାପ୍ତାହିକୀ

୧୩ - ୨୦ ଜୁଲାଇ ୨୦୨୫




ଦଲାଇଲାମାଙ୍କ ଉତ୍ତରାଧିକାରୀ ?

ତିବ୍ବତୀୟ ଆତ୍ମିକ ନେତା ଦଲାଇ ଲାମାଙ୍କ ଉତ୍ତରାଧିକାରୀ ପ୍ରସଙ୍ଗକୁ ନେଇ ଏବେ ଆରମ୍ଭ ହୋଇଛି ବିତର୍କ ଓ ବିବାଦ। ଏହି ମାମଲାରେ କେବଳ ଦଲାଇ ଲାମା ହିଁ କୌଣସି ନିଷ୍ପତ୍ତି ନେଇ ପାରିବେ ବୋଲି ଭାରତ କହିଛି। ଏଥିରେ ଚୀନ୍‌ର କୌଣସି ପ୍ରକାରର ଦଖଲକୁ ଭାରତ ଅଗ୍ରାହ୍ୟ କରି ଏହା ତିବ୍ବତୀୟ ବୌଦ୍ଧ ପରମ୍ପରାଙ୍କର ଅନ୍ତରୀଣ ମାମଲା ବୋଲି କହିଛି।

**ଜାତୀୟ:** ଟେମ୍ପୁଲ ଟ୍ରାଜେଡି
**ଅନ୍ତର୍ଜାତୀୟ:** ଚୀନ୍‌କୁ ଗୁହାରି
**ବିଶେଷ ପ୍ରସଙ୍ଗ:** ଛିଡୁନି ଅଡୁଆ
**ନାରୀ:** : ଘରେ ବନାନ୍ତୁ ଚକୋଲେଟ୍ ଇଡ଼ଲି
**କ୍ଷୁଦ୍ରଗଳ୍ପ:** କାନ୍‌ଭାସ୍
**ଚଳଚ୍ଚିତ୍ର:** ୩ ବର୍ଷ ପରେ, ଚଳଚ୍ଚିତ୍ର: ଇତିହାସ ରଚିଲେ ଦୀପିକା
**ଖେଳ:** : ମାର୍କ୍ୱେଜ୍‌ଙ୍କ ଇସ୍ତଫା, ପେରିକାର୍ଡ କଲେ ଦ୍ରୁତତମ ସର୍ଭିସ୍ ରେକର୍ଡ
**ମୀନାବଜାର:** ମୀନାବଜାର: ନିମ୍ବ ଦାରୁ, ଚର୍ଚ୍ଚାରେ: ଦେଶର ପ୍ରଥମ ଗୁରୁଦ୍ୱାର, ବିଜ୍ଞାନ: ବ୍ଲାକ୍ ବକ୍ସ କଣ ? କିପରି କହେ ଦୁର୍ଘଟଣାର କାରଣ, ପର୍ଯ୍ୟଟନ: ପର୍ଯ୍ୟଟକଙ୍କ ମୁଖ୍ୟ ଆକର୍ଷଣ ଚନ୍ଦ୍ରଗିରି, ଧର୍ମ: ମାନସରୋବରରେ ସ୍ନାନର ରହସ୍ୟ, କବିତା: ପ୍ରେମର ରଙ୍ଗ, ଜାଣନ୍ତି କି ? : ପାହାଡ଼ ଛାତିରେ ତ୍ରିଶୂଳ, ସ୍ୱାସ୍ଥ୍ୟ: ଖାଲିପାଦରେ ଚାଲିବାର ଫାଇଦା ଏହିଭଳି ଆହୁରି ଅନେକ ଉପାଦେୟ ପ୍ରସଙ୍ଗ ଏଥିରେ ପାଇବେ।

ନିକଟସ୍ଥ ଏଜେଣ୍ଟଙ୍କଠାରୁ ଶୀଘ୍ର ସଂଗ୍ରହ କରି ନିଅନ୍ତୁ


# ସାଇନାଙ୍କ ପରେ ମହିଳା ମଲ୍ଲଯୋଦ୍ଧା ଦିବ୍ୟା କାକରନ୍‌ଙ୍କ ଛାଡ଼ପତ୍ର

ନୂଆଦିଲ୍ଲୀ : କିଛି ଦିନ ପୂର୍ବରୁ, ଭାରତୀୟ ବ୍ୟାଡମିଣ୍ଟନ ଷ୍ଟାର ସାଇନା ନେହୱାଲଙ୍କ ଛାଡପତ୍ର ଖବର ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଦେଇଥିଲା। ୭ ବର୍ଷର ବିବାହ ପରେ ତାଙ୍କ ସ୍ୱାମୀ ପରୁପଲ୍ଲୀ କଶ୍ୟପଙ୍କଠାରୁ ଅଲଗା ହୋଇଛନ୍ତି ସାଇନା। ଏବେ ମହିଳା ମଲ୍ଲଯୋଦ୍ଧା ଦିବ୍ୟା କାକରନ ମଧ ତାଙ୍କ ସ୍ୱାମୀଙ୍କଠାରୁ ଅଲଗା ହେବାର ଖବର ଆସିଛି। ଦିବ୍ୟା କାକରନ ୨୦୨୩ରେ ବିବାହ କରିଥିଲେ,



ଏହି ସମୟରେ ତାଙ୍କର ବୟସ ୨୫ ବର୍ଷ ଥିଲା। ବିବାହର ପ୍ରାୟ ୨ ବର୍ଷ ପରେ ତାଙ୍କର ଛାଡପତ୍ର ହୋଇଥିବା ଖବର ଆସିଛି। ସେ ସୋସିଆଲ ମିଡିଆ ମାଧ୍ୟମରେ ଏହି ସୂଚନା ଦେଇଛନ୍ତି। ଏହି ଭାବପ୍ରବଣ ପୋଷ୍ଟରେ ସେ କହିଛନ୍ତି, ସେ ତାଙ୍କ ସ୍ୱାମୀ ସଚିନ ପ୍ରତାପ ସିଂହଙ୍କଠାରୁ ଅଲଗା ହେବାକୁ ନିଷ୍ପତ୍ତି ନେଇଛନ୍ତି।

ଦିବ୍ୟା କାକରନ କହିଛନ୍ତି , ଏହା ତାଙ୍କ ଜୀବନର ସବୁଠାରୁ କଷ୍ଟକର ସମୟ। ସେ ଯନ୍ତ୍ରଣାରେ ଅଛନ୍ତି, କିନ୍ତୁ ସେ କିଛି କଥା ଜାଣିପାରିଲେ ଯାହା ବିଷୟରେ ସେ ଚିନ୍ତା କରିନଥିଲେ। ଆପଣଙ୍କୁ କହି ରଖୁଛୁ ଯେ ଦିବ୍ୟା ଜଣେ ଜଣାଶୁଣା ମଲ୍ଲଯୋଦ୍ଧା ଏବଂ ଭାରତ ଏବଂ ବିଦେଶରେ ଅନେକ ପଦକ ଜିତିଛନ୍ତି। ସେ ପୋଷ୍ଟ କରିଛନ୍ତି , ଏହା ଏପରି କିଛି ନୁହେଁ ଯାହା ସେ ସହଜରେ କହିପାରିବେ କିନ୍ତୁ ତାଙ୍କୁ ଲାଗୁଛି ଯେ ଲୋକମାନେ ଏହା ବିଷୟରେ ଜାଣିବା ଉଚିତ।

# ଏସିଆନ୍ ୟୁଥ୍ ଗେମ୍ ଖେଳିବେ ନରେନ୍ଦ୍ରପୁରର ଟିକୁ

ବ୍ରହ୍ମପୁର (ପିପିଏସ୍): କବାଡ଼ି ଖେଳରେ ବ୍ରହ୍ମପୁର ଉପକଣ୍ଠ ନରେନ୍ଦ୍ରପୁର ପାଇଁ ଗର୍ବ ଆଣିଲେ ଟିକୁ ସେଠୀ। ଆସନ୍ତା ଅକ୍ଟୋବର ମାସରେ ବାହାରିନ୍‌ରେ ହେବାକୁ ଥିବା କବାଡ଼ି ଖେଳର ଏସିଆନ ୟୁଥ୍ ଗେମ୍-୨୦୨୫ରେ ଚୟନ ହୋଇଛନ୍ତି ଟିକୁ। ନିକଟରେ ଉତ୍ତରାଖଣ୍ଡରେ ହୋଇଥିବା ଜାତୀୟ ସ୍ତରୀୟ କବାଡ଼ି ପ୍ରତିଯୋଗୀତାରେ ଭଲ ପ୍ରଦର୍ଶନ କରିଥିବା ଯୋଗୁଁ ବାହାରିନ୍‌ରେ ହେବାକୁ ଥିବା ଆନ୍ତର୍ଜାତୀୟ କବାଡ଼ି ପ୍ରତିଯୋଗୀତାରେ ଭାଗ ନେବା ପାଇଁ ଟିକୁକୁ ସୁଯୋଗ ମିଳିଛି । ଟିକୁ ଗରୀବ ପରିବାରର ହୋଇଥିବା ବେଳେ ଏଭଳି ଆନ୍ତର୍ଜାତୀୟ ପ୍ରତିଯୋଗୀତାରେ ଭାଗ ନେବାକୁ ଯାଉଥିବା ଯୋଗୁଁ ତାଙ୍କୁ ବିଭିନ୍ନ ମହଲରେ ଶୁଭେଚ୍ଛାର ସୁଅ ଛୁଟୁଛି। ପ୍ରତିଦିନ ଟିକୁ ସକାଳ ଓ ସନ୍ଧ୍ୟା ସମୟରେ ୨ଘଣ୍ଟା ଲେଖାଏଁ ନିଜ ଗାଁ ସ୍କୁଲ ଖେଳପଡ଼ିଆରେ କବାଡ଼ି ଅଭ୍ୟାସ



କରିଥାନ୍ତି। ଗାଁର କିଛି ସାଙ୍ଗସାଥି ମାନଙ୍କୁ ନେଇ କବାଡ଼ି ଅଭ୍ୟାସ କରିଥାନ୍ତି ଟିକୁ । ପିଲାଟି ବେଳରୁ କବାଡ଼ି ପ୍ରତି ଆଗ୍ରହ ରହିଥିବା ବେଳେ ଗତ ୩ବର୍ଷ ହେଲା କବାଡ଼ି ଖେଳ ପ୍ରତି ଅଧିକ ସମୟ ଦେଉଛନ୍ତି ଟିକୁ । ଉତ୍ତରାଖଣ୍ଡ ଭଳି ବାହାରିନ୍‌ରେ ମଧ ଭଲ ପ୍ରଦର୍ଶନ କରି ଓଡ଼ିଶାର ତଥା ନରେନ୍ଦ୍ରପୁରର ସୁନାମ ଅର୍ଜନ କରିବି ବୋଲି କହିଛନ୍ତି ଟିକୁ । ସେପଟେ ଟିକୁ ଏଭଳି ଆନ୍ତର୍ଜାତୀୟ କବାଡ଼ି ପ୍ରତିଯୋଗୀତାରେ ଭାଗ ନେଉଥିବା ଯୋଗୁଁ ତାଙ୍କ ସାଙ୍ଗ ଖେଳାଳି ମାନଙ୍କ ମଧ୍ୟରେ ଖୁସୀର ଲହରି ଖେଳିଯାଇଥିବା ବେଳେ ନିଶ୍ଚିତ ଭାବେ ଭଲ ପ୍ରଦର୍ଶନ ଟିକୁ କରିବ ବୋଲି କହିଛନ୍ତି ଟିକୁର ସାଥିଖେଳାଳୀ। ଟିକୁଙ୍କ ବାପା ଜଣେ ଚାଷୀ । ଚାଷ କାମ କରି ଯାହା ମିଳେ ସେଥିରେ ଟିକୁଙ୍କ ଛୋଟ ପରିବାର ଚଳିଥାଏ । ଇତି ମଧ୍ୟରେ ଟିକୁ ଯୁକ୍ତ ତିନି ପାଠ ପଢୁଥିବା ବେଳେ କବାଡ଼ି ପ୍ରତି ତାହାର ପ୍ରବଳ ଆଗ୍ରହକୁ ଦେଖି ତାଙ୍କ ବାପା ମା' ମଧ ବେଶ ଖୁସି। ଟିକୁ ପାଠପଢ଼ିବା ସହ କବାଡ଼ି ମଧ ଭଲ ଖେଳିଥାଏ।

କବାଡ଼ି ଖେଳି ପୂର୍ବରୁ ଉତ୍ତରାଖଣ୍ଡ ଯାଇଥିବା ବେଳେ ବର୍ତ୍ତମାନ ଦେଶ ବାହାରକୁ ଯିବ। ତାକୁ ସରକାରୀ ସହାୟତା ଦେଲେ ସେ ଆଗକୁ ଯାଇ ଖେଳିବ ଓ ଗାଁ ତଥା ଓଡ଼ିଶାର ନାମ ରଖିବ ବୋଲି କହିଛନ୍ତି ଟିକୁ। ସେପଟେ ଟିକୁଙ୍କ ଏଭଳି ସଫଳତା ସମ୍ପର୍କରେ ଜାଣିବା ପରେ ନରେନ୍ଦ୍ରପୁର ସରପଞ୍ଚ ଜ୍ୟୋତି ରଞ୍ଜନ ସାହୁ ଟିକୁଙ୍କୁ ସାବାସି ଦେଇଛନ୍ତି । ଟିକୁଙ୍କୁ ନିଜ ପଞ୍ଚାୟତ କାର୍ଯ୍ୟାଳୟକୁ ଡ଼ାକି ସମ୍ବର୍ଦ୍ଧନା କରିଛନ୍ତି ସରପଞ୍ଚ। ଟିକୁ ଗରୀବ ଶ୍ରେଣୀର ହୋଇଥିଲେ ସୁଦ୍ଧା କବାଡ଼ି ଖେଳ ପ୍ରତି ତାହାର ଆଗ୍ରହ ରହିଥିବା ବେଳେ ପ୍ରଥମେ ଜାତୀୟ ସ୍ତରୀୟ ଖେଳରେ ସଫଳତା ପାଇବା ପରେ ବର୍ତ୍ତମାନ ଆନ୍ତର୍ଜାତୀୟ ସ୍ତରୀୟ ପ୍ରତିଯୋଗିତାରେ ଭାଗ ନେବା ପାଇଁ ଯାଉଛି ।

ତେଣୁ ଟିକୁକୁ ଯଥାପୂର୍ବ ସହାୟତା ନିଜ ହାତରୁ ଯୋଗାଇଦେବି ବୋଲି କହିଛନ୍ତି ସରପଞ୍ଚ। ଏହା ସହିତ ସ୍ଥାନୀୟ ବିଧାୟକଙ୍କୁ ମଧ ଟିକୁର ସଫଳତାକୁ ନେଇ ଜଣାଇବା ସହିତ ସେ କିଭଳି ବାହାରିନ ଯାଇ ଭଲ ପ୍ରଦର୍ଶନ କରି ନରେନ୍ଦ୍ରପୁର ଗାଁ ତଥା ଓଡ଼ିଶା ପାଇଁ ଗର୍ବ ଆଣିବ ସେ ନେଇ ବ୍ୟବସ୍ଥା କରାଯିବ ବୋଲି ସରପଞ୍ଚ ଜ୍ୟୋତି ରଞ୍ଜନ ସାହୁ କହିଛନ୍ତି ।


ସଂପାଦକ : ଭର୍ତ୍ତୃହରି ମହତାବ ❒ Printed and Published by Sri Bhartruhari Mahtab on behalf of Prajatantra Prachar Samity and Printed at Prajatantra Press, Biharibag, Chandinichowk, Cuttack- 753002, Phone-2508111, E-mail- prajatantra2003@yahoo.com/prajatantra2014@gmail.com, ❒ Regional Office- BBSR, Ph- 2393583